# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୧/୨୦୨୧ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 21/2021 | ★★★★★★

୪୭ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





ଇସ୍ପାତ ମନ୍ତ୍ରଣାଳୟ
ଭାରତ ସରକାର



## ପୂର୍ବୋଦୟରୁ ହେଉଛି ନୂତନ ଭାରତର ଉଦୟ

**ଏକ ଇସ୍ପାତୀ ସଂକଳ୍ପ
ସଭିଙ୍କ ପାଇଁ ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟସେବା
ସୁନିଶ୍ଚିତ କରିବା ନିମନ୍ତେ**

**ସେଲ୍, ରାଉରକେଲା ଇସ୍ପାତ କାରଖାନାର**

# ଇସ୍ପାତ ସ୍ନାତକୋତ୍ତର ପ୍ରତିଷ୍ଠାନ

ଏବଂ

# ସୁପର ସ୍ପେଶାଲିଟି ହସ୍ପିଟାଲ

ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ

## ଶ୍ରୀ ରାମ ନାଥ କୋବିନ୍ଦ

ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ
**କରକମଳରେ**

### ଉପକାରିତା

- ହସ୍ପିଟାଲରେ ଉପଲବ୍ଧ ବିବିଧ ସୁପର ସ୍ପେଶାଲିଟି ସୁବିଧା ଏବଂ ଅତ୍ୟାଧୁନିକ ଉପକରଣ ଯାହା ଏହି ଅଞ୍ଚଳ ପାଇଁ ଅନନ୍ୟ
- ରାଉରକେଲାରେ ବସବାସ କରୁଥିବା ପ୍ରାୟ ୬ ଲକ୍ଷ ଲୋକଙ୍କ ସମେତ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟର ଲକ୍ଷ ଲକ୍ଷ ଜନସାଧାରଣଙ୍କ ପାଇଁ ଏହା ବରଦାନ ସାବ୍ୟସ୍ତ ହେବ
- ଦେଶର ଏହି ପ୍ରାନ୍ତର ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ନେବା ପାଇଁ ବଡ଼ ସହରକୁ ଯିବାର ଆଉ ଆବଶ୍ୟକତା ରହିବ ନାହିଁ

### ସୁପର ସ୍ପେଶାଲିଟି ସୁବିଧା ସମୂହ

ଏହି ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଉପଲବ୍ଧ ସୁପର ସ୍ପେଶାଲିଟି ସୁବିଧାମାନ ହେଉଛି:

• ନ୍ୟୁରୋଲୋଜି • ନ୍ୟୁରୋ ସର୍ଜରୀ • କାର୍ଡିଓଲୋଜି • କାର୍ଡିଓ ଥୋରାସିକ ଓ ଭାସ୍କୁଲାର ସର୍ଜରୀ • ନେଫ୍ରୋଲୋଜି

ଏହି ହସ୍ପିଟାଲ ଏମଆରଆଇ ୩ ଟେସ୍ଲା, ସିଟି ସ୍କାନ ୨୫୬ ସ୍ଲାଇସ, ୨ କ୍ୟାଥ ଲ୍ୟାବ (ୟୁନିପ୍ଲେନ ଓ ବାଇପ୍ଲେନ), ସିଆରଆରଟି ମେସିନ ଭଳି ଅତ୍ୟାଧୁନିକ ଉଚ୍ଚ ସ୍ତରୀୟ ମେଡିକାଲ ଯନ୍ତ୍ରୋପକରଣରେ ସୁସଜ୍ଜିତ ଅଟେ । ଏତଦବ୍ୟତୀତ ହସ୍ପିଟାଲରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ୫ ଟି ମଡ୍ୟୁଲର ଅପରେସନ ଥିଏଟର ରହିଛି ।

### ଗରିମାମୟୀ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ରମନ୍ତ୍ରୀ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଓ ଇସ୍ପାତ

**ଫଗନ୍ ସିଂହ କୁଲସ୍ତେ**
କେନ୍ଦ୍ର ଇସ୍ପାତ ରାଜ୍ୟ ମନ୍ତ୍ରୀ

**ନବ କିଶୋର ଦାସ**
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ
ଓଡ଼ିଶା ସରକାର

**ଜୁଏଲ ଓରାମ**
ସାଂସଦ

**୨୧ ମାର୍ଚ୍ଚ ୨୦୨୧, ଅପରାହ୍ଣ ୩ଟା ୩୦ ମିନିଟ୍ ସମୟରେ, ରାଉରକେଲା**






## ଏଲିଜାବେଥ୍‌ଙ୍କ ଜନ୍ମଦିନ ପରେଡ ବାତିଲ

ବ୍ରିଟେନ ମହାରାଣୀ ଏଲିଜାବେଥ୍‌ଙ୍କ ଜନ୍ମଦିନ ପାଳନ ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ମିଲିଟାରୀ ପରେଡ୍ ବାତିଲ କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସେଣ୍ଟ୍ରାଲ ଲଣ୍ଡନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ବାତିଲ କରାଯାଇଥିବା ବକିଂହାମ୍ ପ୍ୟାଲେସ ପକ୍ଷରୁ କୁହାଯାଇଛି। ଗତ ବର୍ଷ ମଧ ମହାମାରୀ ଯୋଗୁ ପରେଡ ଅନୁଷ୍ଠିତ ହୋଇ ନ ଥିଲା। ଏଥିପାଇଁ ୱିନସର୍ କାଷ୍ଟଲେରେ ଏହାର ବିକଳ୍ପ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଚିନ୍ତା କରାଯାଉଥିବା ଏକ ବିବୃତ୍ତିରେ କୁହାଯାଇଛି।

## ସଂକ୍ଷେପରେ

### ପାକିସ୍ତାନରେ ହିନ୍ଦୁ ଖବରଦାତାଙ୍କୁ ହତ୍ୟା

**କରାଚି, ୨୦।୩:** ପାକିସ୍ତାନର ସିନ୍ଧ ପ୍ରଦେଶରେ ଜଣେ ୩୧ ବର୍ଷୀୟ ହିନ୍ଦୁ ଖବରଦାତା ଅଜୟ ଲାଲ୍‌ଭାନିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସୁକ୍କୁର ସହରର ଏକ ସେଲୁନ୍‌ରେ ଥିବାବେଳେ ଗତ ଗୁରୁବାର କେତେଜଣ ଦୁର୍ବୃତ୍ତ ବାଇକ୍ ଓ କାର୍‌ରେ ସେହି ବାଟ ଦେଇ ଯିବା ସମୟରେ ଅଜୟଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା।

### ଗଞ୍ଜେଇ ଖାଇ ହ୍ୱାଇଟ୍ ହାଉସ୍‌ରୁ ୫ ବିଦା

**ୱାଶିଂଟନ୍, ୨୦।୩:** ଗଞ୍ଜେଇ ଓ ଡ୍ରଗ୍ସ ସେବନ ଅଭିଯୋଗରେ ହ୍ୱାଇଟ୍ ହାଉସ୍‌ର ୫ ଜଣ ଷ୍ଟାଫ୍‌ଙ୍କୁ ବହିଷ୍କାର କରାଯାଇଛି। ସେମାନେ ପୂର୍ବରୁ ଡ୍ରଗ୍ସ ବ୍ୟବହାର କରିଥିବା ନେଇ ଜଣାପଡ଼ିବା ପରେ ଜୋ ବାଇଡେନ୍ ପ୍ରଶାସନ ଏହି ପଦକ୍ଷେପ ନେଇଛି। ଗଞ୍ଜେଇ ଉପରେ କଟକଣା ସତ୍ତ୍ୱେ ୱାଶିଂଟନ୍ ଡିସି ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଏହାର ବ୍ୟବହାର ବଢୁଥିବାରୁ ତାହା ବାଇଡେନ୍ ସରକାରଙ୍କ ମୁଣ୍ଡବଥା ବଢ଼ାଇଛି।

### ସିଂଘୁ ସୀମାରେ ଚାଷୀଙ୍କ ଟେଣ୍ଟରେ ନିଆଁ

**ନୂଆଦିଲ୍ଲୀ, ୨୦।୩:** କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଦିଲ୍ଲୀର ସିଂଘୁ ସୀମାଠାରେ ଆନ୍ଦୋଳନରତ ଚାଷୀଙ୍କ ଟେଣ୍ଟରେ ଶନିବାର ନିଆଁ ଲାଗିଯାଇଛି। ଏ ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି। ମୋର୍ଚ୍ଚାର ସୁଖବିନ୍ଦର ସିଂଙ୍କ କହିଛନ୍ତି, ଏକ ନିର୍ମାଣାଧୀନ ଫ୍ଲାଏଓଭର ନିକଟରେ ଟେଣ୍ଟ ବନ୍ଧା ଯାଇଥିବାବେଳେ ସକାଳ ପ୍ରାୟ ୧୦ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଏକ ଗ୍ୟାସ୍ ସିଲିଣ୍ଡର୍‌ରେ ନିଆଁ ଲାଗିଯିବା ଯୋଗୁ ଦୁର୍ଘଟଣା ଘଟିଥିବା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏଥିଯୋଗୁ ଟେଣ୍ଟିଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଜଣେ ଆହତ ହୋଇଛନ୍ତି। ଭିତରେ ଥିବା ୫ଟି ମୋବାଇଲ ଫୋନ୍, ୨୦ ଚେୟାର ଓ ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ପୋଲିସ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଗତ ନଭେମ୍ବରରୁ ଦିଲ୍ଲୀର ଗାଜିପୁର, ସିଂଘୁ ଓ ଟିକ୍ରି ସୀମାରେ ଶତାଧିକ ଚାଷୀ ଆନ୍ଦୋଳନ ଜାରି ରଖିଛନ୍ତି।

### ଦତ୍ତାତ୍ରେୟ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ

**ବେଙ୍ଗାଲୁରୁ, ୨୦।୩ :** ଦତ୍ତାତ୍ରେୟ ହୋସବାଲେ ଶନିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସରକାର୍ଯ୍ୟବାହ (ସାଧାରଣ ସମ୍ପାଦକ) ନିର୍ବାଚିତ ହୋଇଛନ୍ତି। ସେ ୨୦୦୯ରୁ ଆର୍‌ଏସ୍‌ଏସ୍‌ରେ ସହ-ସରକାର୍ଯ୍ୟବାହ ରହିଆସିଥିଲେ। ବେଙ୍ଗାଲୁରୁରେ ସଂଘର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ଅଖିଳ ଭାରତୀୟ ପ୍ରତିନିଧି ସଭା (ଏବିପିଏସ୍)ର ଦୁଇଦିନିଆ ବାର୍ଷିକ ସଭା ଅବସରରେ ନିର୍ବାଚନ ହୋଇଥିଲା। ସୁରେଶ ଭୟାଜୀ ଜୋଷୀଙ୍କ ଉତ୍ତରାଧିକାରୀ ଭାବେ



ଦତ୍ତାତ୍ରେୟ ହୋସବାଲେ

ଦତ୍ତାତ୍ରେୟ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ଆରଏସ୍‌ଏସ୍‌ରେ ସରସଂଘଚାଳକ (ମୁଖ୍ୟ) ପରେ ସରକାର୍ଯ୍ୟବାହ ହେଉଛି ଦ୍ୱିତୀୟ ସର୍ବୋଚ୍ଚ ପଦବୀ।

# ଚାଇନା ଟିକା ନେଇଥିବା ଇମ୍ରାନଙ୍କୁ କରୋନା



**ଇସ୍‌ଲାମାବାଦ:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ସେ ଚାଇନା ଦ୍ୱାରା ପ୍ରସ୍ତୁତ କୋଭିଡ୍ ଟିକାର ପ୍ରଥମ ଡୋଜ୍ ନେଇଥିବାବେଳେ ସେହିଦିନ ହିଁ ତାଙ୍କ ଶରୀରରେ କରୋନା ଲକ୍ଷଣ ଦେଖାଦେଇଥିଲା। ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ନିଜକୁ ଆଇସୋଲେଶନରେ ରଖିଥିବା ପାକିସ୍ତାନ ସ୍ୱାସ୍ଥ୍ୟମନ୍ତ୍ରୀ ଫୈଜଲ ସୁଲ୍‌ତାନ ଟୁଇଟ୍ କରି ସୂଚନା ଦେଇଛନ୍ତି। ପାକିସ୍ତାନରେ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ଟିକାକରଣ କରାଯାଉଛି।

# ସୋନୁଙ୍କୁ ସ୍ପାଇସ୍‌ଜେଟ୍‌ର ସାଲ୍ୟୁଟ୍

**ନୂଆଦିଲ୍ଲୀ:** କରୋନା ସଙ୍କଟ କାଳରେ ଅସୁବିଧାରେ ପଡ଼ିଥିବା ଅନେକ ଲୋକଙ୍କୁ ସହାୟତାର ହାତ ବଢ଼ାଇ ଅଭିନେତା ସୋନୁ ସୁଦ୍ ଉଦାହରଣ ପାଲଟିଛନ୍ତି। ସୋନୁଙ୍କର ଏହି ମହନୀୟ ଉଦ୍ୟମ ଲାଗି ଘରୋଇ ଏୟାରଲାଇନ୍ସ ସ୍ପାଇସ୍‌ଜେଟ୍ ଏହାର ବୋଇଂ ୭୩୭ ବିମାନରେ ତାଙ୍କ ଫଟୋ ଲଗାଇ ସମ୍ମାନିତ କରିଛି। ବିମାନରେ ଉକ୍ତ ଫଟୋ ଫିଚର ସହ 'ରକ୍ଷାକର୍ତ୍ତା ସୋନୁ ସୁଦ୍‌ଙ୍କୁ ସାଲୁଟ୍' ଲେଖାଯାଇଛି। କୌଣସି ଘରୋଇ ବିମାନ ଲାଇଭେରିରେ ସ୍ଥାନ ପାଇବାରେ ସୋନୁ ହେଉଛନ୍ତି




ପ୍ରଥମ ଭାରତୀୟ ଅଭିନେତା। ଏଭଳି ସମ୍ମାନ ପାଇଁ ସେ ସ୍ପାଇସ୍‌ଜେଟ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୧୧୧ ଦିନର ରେକର୍ଡ ଭାଙ୍ଗିଲା



ଦିନକୁ ଦିନ ରେକର୍ଡ ଭାଙ୍ଗି ଚାଲିଛି କରୋନା ସଂକ୍ରମଣ। ଗତ ୩ ମାସ ହେଲା ଦେଶରେ ଥୟ ପଡ଼ିଥିବା ଏହି ଭୂତାଣୁ ପୁଣି ଥରେ ତାର କାୟା ମେଲାଇ ୧୧୧ ଦିନରେ ନୂଆ ରେକର୍ଡ କରିଛି। ମହାରାଷ୍ଟ୍ରରେ ସର୍ବାଧିକ ସଂକ୍ରମଣ ହାର ଏବେ ଏହାର ସୀମା ସଂଲଗ୍ନ ରାଜ୍ୟଗୁଡ଼ିକର ଚିନ୍ତା ବଢ଼ାଇଛି। ଏହି କାରଣରୁ ମଧ୍ୟପ୍ରଦେଶ ସରକାର ୩ ସହରକୁ ଫେରାଇ ଆଣିଛନ୍ତି ଲକ୍‌ଡାଉନ। ଏଥିସହ ଦିଲ୍ଲୀରେ ମଧ ଚିନ୍ତାଜନକ ଭାବେ ସଂକ୍ରମଣ ବଢ଼ିବାରେ ଲାଗିଛି। ଗତ ବର୍ଷ ମାର୍ଚ୍ଚରେ ଭାରତରେ ଯେପରି ସ୍ଥିତି ଉପୁଜିଥିଲା ଏବେ ତାହାର ପୁନରାବୃତ୍ତି ହେଉଥିବା ପରି ମନେ ହେଉଛି। ଲୋକେ କୋଭିଡ୍-୧୯ କଟକଣା ମାନୁ ନ ଥିବାରୁ ପରିସ୍ଥିତି ବିଗିଡ଼ିବାରେ ଲାଗିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

## ନଭେମ୍ବର ୨୯ ପରେ ସର୍ବାଧିକ

- ଦିନକରେ ୪୧ ହଜାର ସଂକ୍ରମିତ
- ମହାରାଷ୍ଟ୍ରରେ ୨୫,୬୮୧ ■ ଦିଲ୍ଲୀରେ ୮୦୦ ଚିହ୍ନଟ
- ମଧ୍ୟପ୍ରଦେଶର ୩ ସହର ଲକ୍‌ଡାଉନ

**ନୂଆଦିଲ୍ଲୀ, ୨୦।୩**

ଭାରତରେ କରୋନା ସଂକ୍ରମଣ ପ୍ରତିଦିନ ନୂଆ ରେକର୍ଡ କରୁଛି। ଶନିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ ୪୦,୯୫୩ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି ଯାହା କି, ଗତ ନଭେମ୍ବର ୨୯ ପରଠାରୁ କୌଣସି ଦିନରେ ସର୍ବାଧିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧.୧୫ କୋଟି ଟପିଛି। ସେହିପରି ଗତ ୨୪ ଘଣ୍ଟାରେ ୧୮୮ ଜଣଙ୍କ ମୃତ୍ୟୁ ଘଟିଛି। କରୋନାଜନିତ ମୃତକଙ୍କ ସଂଖ୍ୟା ୧.୫୯ ଲକ୍ଷ ଟପିଛି। ମହାରାଷ୍ଟ୍ର, ପଞ୍ଜାବ, କେରଳ, କର୍ଣାଟକ ଏବଂ ଗୁଜରାଟ ଗୋଟିଏ ଦିନରେ ସର୍ବାଧିକ ସଂକ୍ରମଣର ରେକର୍ଡ କରିଛି। ଶୁକ୍ରବାର ମହାରାଷ୍ଟ୍ରରେ ୨୫,୬୮୧ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। କେବଳ ମୁମ୍ବାଇରେ ଗୋଟିଏ ଦିନରେ ୩,୦୬୨ କେସ୍ ସାମ୍ନାକୁ ଆସିଛି। ସେହିପରି ଦିଲ୍ଲୀରେ ମଧ ସଂକ୍ରମଣ ହାର ବଢ଼ିବାରେ ଲାଗିଛି। ଶନିବାର ଦିଲ୍ଲୀରେ ୮ଶହରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାସହ ଆଉ ୨ ଜଣଙ୍କ ମୃତ୍ୟୁ ପରେ ଦିଲ୍ଲୀରେ ମୋଟ ମୃତକଙ୍କ ସଂଖ୍ୟା ୧୦,୯୫୫ରେ ପହଞ୍ଚିଛି। ସଂକ୍ରମଣ ରୋକିବାକୁ ମଧ୍ୟପ୍ରଦେଶ ସରକାର ରାଜଧାନୀ ଭୋପାଳ, ଇନ୍ଦୋର ଏବଂ



ଜବଲପୁରରେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ରାତି ୧୦ଟାରୁ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ୩ ସହରରେ କଟକଣା ଲାଗୁ ହେବ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସେଠାରେ ସମସ୍ତ ସ୍କୁଲ, କଲେଜ ବନ୍ଦ ରହିବ। ମହାରାଷ୍ଟ୍ରରେ ସଂକ୍ରମଣ ବୃଦ୍ଧି ଯୋଗୁ ଏହାର ସୀମାକୁ ଲାଗିଥିବା ମଧ୍ୟପ୍ରଦେଶ ସରକାର ଏହି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଦେଶରେ ଟିକାକରଣ ଚାଲିଥିବାବେଳେ ୪ କୋଟିରୁ ଅଧିକ ଲୋକ ଟିକା ନେଇସାରିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଭାଜପା ବିଶ୍ୱର ବଡ଼ ଲୁଟେରା: ମମତା

**କୋଲକାତା, ୨୦।୩**

ଭାଜପା ବିଶ୍ୱରେ ସବୁଠୁ ବଡ଼ ଲୁଟେରା ବୋଲି ଶନିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିବା ସହ ଏହି ଦଳକୁ ରାଜ୍ୟରେ କଦାପି ଶାସନ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। ପୂର୍ବ ମିଦନାପୁର ଜିଲାର ହଲଦିଆଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ମମତା କହିଥିଲେ, ଗୈରିକ ଦଳ ଦଙ୍ଗା, ହତ୍ୟା, ଦଳିତଙ୍କୁ ନିର୍ଯାତନା ଆଦି କରାଉଛି। ଏହା ବିଶ୍ୱରେ ସର୍ବାଧିକ ଅର୍ଥ ଅସୁଲ କରୁଥିବା ଦଳ। କେବଳ ପିଏମ୍ କେୟାର ପାଣ୍ଠି ନାଁରେ ସେମାନେ ବହୁ କୋଟି ଅସୁଲ କରିଛନ୍ତି। ପଶ୍ଚିମବଙ୍ଗ ଜନସାଧାରଣ ଶାନ୍ତି ଏବଂ ଦଙ୍ଗାମୁକ୍ତ ରାଜ୍ୟ ଚାହୁଁଥିଲେ ତୃଣମୂଳ କଂଗ୍ରେସ ଏକମାତ୍ର ବିକଳ୍ପ ବୋଲି ମମତା କହିଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଦେଶର ସମ୍ପତ୍ତି ବିକ୍ରି କରିଚାଲିଛନ୍ତି। ଭାରତୀୟ ଅର୍ଥନୀତିକୁ ମୋଦି ବିପର୍ଯ୍ୟସ୍ତ କରିଛନ୍ତି। ରେଲୱେ, କୋଇଲା ସେକ୍ଟର, ବିଏସ୍‌ଏନ୍‌ଏଲ୍, ବୀମା, ବ୍ୟାଙ୍କ ସବୁକୁ ଘରୋଇକରଣ କରିସାରିଲେଣି। କିଛିଦିନ ମଧ୍ୟରେ ହଳଦିଆ ପୋତାଶ୍ରୟ ମଧ ବିକ୍ରି ହୋଇଯିବ ବୋଲି ଟିଏମ୍‌ସି ସୁପ୍ରିମୋ କହିଥିଲେ। ପ୍ରତି ପର୍ଯ୍ୟାୟ ଭୋଟ ଶେଷରେ ଇଭିଏମ୍‌ଗୁଡ଼ିକୁ ଜଗିବା ଲାଗି ସେ ସମର୍ଥକମାନଙ୍କୁ ପରାମର୍ଶ ଦେଇଥିଲେ।



ଭାରତ ଗସ୍ତରେ ଆସିଥିବା ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଜେମ୍ସ ଅଷ୍ଟିନ୍ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା ପାଇଁ ନୂଆଦିଲ୍ଲୀର ବିଜ୍ଞାନଭବନକୁ ଯାଉଛନ୍ତି।

# ଜାପାନରେ ବଡ଼ ଭୂକମ୍ପ

**ଟୋକିଓ, ୨୦।୩**

## ସୁନାମି ସତର୍କତା ଜାରି

ଜାପାନର ଉତ୍ତର-ପୂର୍ବ ଭାଗରେ ଶନିବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୨ ରେକର୍ଡ କରାଯାଇଛି। ଭୂକମ୍ପ ପରେ ସୁନାମି ସତର୍କ ସୂଚନା ଜାରି ହୋଇଛି। ୨୦୧୧ରେ ଉକ୍ତ ଅଞ୍ଚଳ ଭୂକମ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ଜାପାନ ପାଣିପାଗ ସଂସ୍ଥା ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୨୬ରେ ମିୟାଗି ପ୍ରିଫେକ୍ଚର ଉପକୂଳରେ ଭୂକମ୍ପ ସୃଷ୍ଟି ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ୬୦ କିଲୋମିଟର ଗଭୀରରେ ରହିଛି। ଭୂକମ୍ପ ପରେ ଟୋକୋକୁ ଇଲେକ୍ଟ୍ରିକ୍ ପାୱାର କମ୍ପାନୀ ଓନାଗାୱା ଆଣବିକ କେନ୍ଦ୍ରକୁ ବନ୍ଦ କରିଦେବା ସହ ଯାଞ୍ଚ କରୁଛି। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।

# ଉତ୍ତରାଧିକାରୀ ବାଛିବାକୁ ସିଜେଆଇଙ୍କୁ ଦାୟିତ୍ୱ

**ନୂଆଦିଲ୍ଲୀ, ୨୦।୩ (ପି.ଟି.)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ଆଉ ମାସେ ପରେ ଅବସର ନେବାକୁ ଯାଉଥିବାବେଳେ ପରବର୍ତ୍ତୀ ସିଜେଆଇ ନିଯୁକ୍ତି ଲାଗି ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବା ଲାଗି ସରକାର ସିଜେଆଇ ବୋବ୍‌ଡେଙ୍କୁ କହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏପ୍ରିଲ ୨୩ରେ ଅବସର ନେବାକୁ ଥିବା ଜଷ୍ଟିସ୍ ବୋବ୍‌ଡେଙ୍କ ପାଖକୁ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର



ଏସ୍.ଏ. ବୋବ୍‌ଡେ

ଏକ ପତ୍ର ଲେଖି ପରବର୍ତ୍ତୀ ସିଜେଆଇଙ୍କ ନାମ ସୁପାରିସ କରିବାକୁ କହିଥିବା ଜଣାପଡ଼ିଛି। ସାଧାରଣତଃ ସିଜେଆଇ ପଦବୀରେ ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଥାଏ। ତେବେ ଆଇନମନ୍ତ୍ରୀ ପରବର୍ତ୍ତୀ ସିଜେଆଇ ନିଯୁକ୍ତି ଲାଗି ଜଷ୍ଟିସ୍ ବୋବ୍‌ଡେଙ୍କ ସୁପାରିସ ପାଇବା ପରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବେ। ପ୍ରଧାନମନ୍ତ୍ରୀ ସିଜେଆଇ ନିଯୁକ୍ତି ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବେ। ସିଜେଆଇ ପଦବୀ ପାଇଁ ସର୍ବବରିଷ୍ଠ ଆଇନଜୀବୀଙ୍କ ଫିଟ୍‌ନେସ୍‌କୁ ନେଇ ସନ୍ଦେହ ପ୍ରକାଶ ପାଇଲେ ଅନ୍ୟ ବିଚାରପତିମାନଙ୍କ ସହ ପରାମର୍ଶ କରାଯାଇଥାଏ। ବୋବ୍‌ଡେଙ୍କ ପରେ ଏବେ ଜଷ୍ଟିସ ଏନ୍.ଭି. ରମାନା ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତି।




# ଆମେରିକାରେ କମିଛନ୍ତି ବିଦେଶୀ ବିଦ୍ୟାର୍ଥୀ

**ୱାଶିଂଟନ୍, ୨୦।୩**

ଆମେରିକାରେ ୨୦୨୦ରେ ଅଧ୍ୟୟନ କରୁଥିବା ବାହାର ଦେଶର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦୧୯ଠାରୁ କମ୍ ରହିଛି। ଗତ ବର୍ଷ ସେଠାରେ ପଢୁଥିବା ବିଦେଶୀ ପିଲାଙ୍କ ମଧ୍ୟରୁ ୪୭ ପ୍ରତିଶତ କେବଳ ଭାରତ ଓ ଚାଇନାର ବୋଲି ଏକ ରିପୋର୍ଟରେ କୁହାଯାଇଛି। ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟର ପ୍ରୋଗ୍ରାମ (ଏସ୍‌ଇଭିପି) ପକ୍ଷରୁ ସଦ୍ୟ ପ୍ରକାଶିତ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୧୯ ତୁଳନାରେ ୨୦୨୦ରେ ଏହି ସଂଖ୍ୟା ୧୭.୮୬ ପ୍ରତିଶତ କମିଛି।



ଆମେରିକାର କଲେଜ କିମ୍ବା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏଫ୍-୧ ଭିସା ଏବଂ ଭୋକେଶନାଲ ଓ ଟେକ୍ନିକାଲ ସ୍କୁଲ ପାଇଁ ଏମ୍-୧ ଭିସା ଆବଶ୍ୟକ। ଉକ୍ତ

- ୪୭% ଛାତ୍ରୀଛାତ୍ର ଭାରତ, ଚାଇନାର
- ମୋଟ ପିଲାଙ୍କ ସଂଖ୍ୟା ୧୭% ହ୍ରାସ

ରିପୋର୍ଟ ଅନୁଯାୟୀ, କେବଳ ଆମେରିକୀୟ ସ୍କୁଲଗୁଡ଼ିକରେ ୨୦୧୯ଠାରୁ ୨୦୨୦ରେ ବିଦେଶୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୨ ପ୍ରତିଶତ ହ୍ରାସ ପାଇଛି। ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ତଥ୍ୟ ରଖୁଥିବା ୱେବ-ଆଧାରିତ ସଂସ୍ଥା ଏସ୍‌ଇଭିପି ଅନୁସାରେ, ମୋଟ ପିଲାଙ୍କ ମଧ୍ୟରୁ ୩ ଲକ୍ଷ ୮୨ ହଜାର ୫୬୧ ଜଣ ଚାଇନାର ହୋଇଥିବାବେଳେ ୨ ଲକ୍ଷ ୭ ହଜାର ୪୬୦ ଜଣ ଭାରତର। ଏହା ତଳକୁ ଦକ୍ଷିଣ କୋରିଆର ୬୮ ହଜାର ୨୧୭ ଜଣ, ସାଉଦି ଆରବର ୩୮ ହଜାର ୩୧୯, କାନାଡାର ୩୫ ହଜାର ୫୦୮ ଏବଂ ବ୍ରାଜିଲର ୩୪ ହଜାର ୮୯୨ ଜଣ ଛାତ୍ରୀଛାତ୍ର ଆମେରିକାରେ ଅଧ୍ୟୟନରତ। ସେମାନଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ୪୪ ପ୍ରତିଶତ ହୋଇଥିବାବେଳେ ଛାତ୍ରଙ୍କ ସଂଖ୍ୟା ୫୬ ପ୍ରତିଶତ। ଆମେରିକାରେ ପାଠ ପଢୁଥିବା ଭାରତୀୟଙ୍କ ମଧ୍ୟରେ ୩୫ ପ୍ରତିଶତ ଛାତ୍ରୀ ଏବଂ ୬୫ ପ୍ରତିଶତ ଛାତ୍ର। ୨୦୧୯ରେ କରୋନା ମହାମାରୀ ଯୋଗୁ ଆମେରିକାରେ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇଥିବା ଏସ୍‌ଇଭିପି କହିଛି।

ଧରିତ୍ରୀ
DHARITRI
ରବିବାର, ମାର୍ଚ୍ଚ ୨୧/୨୦୨୧ | Sunday, March 21/2021 | ପୃଷ୍ଠା-୧

# ଧରିତ୍ରୀ ଏକ ସାମାଜିକ ଆନ୍ଦୋଳନ

## ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ



'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ।

- **ପରିବର୍ତ୍ତନର ନେତୃତ୍ୱ ନେଉ 'ଧରିତ୍ରୀ': ଧର୍ମେନ୍ଦ୍ର**
- **ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

୧୯୭୪ରୁ ୪୭ ବର୍ଷ ଧରି ଆଗଧାଡ଼ିର ଗଣମାଧ୍ୟମ ଭାବେ 'ଧରିତ୍ରୀ' ଓଡ଼ିଶାରେ ବିଭିନ୍ନ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପ୍ରସଙ୍ଗକୁ ନେଇ ଏକ ନିର୍ଦ୍ଦିଷ୍ଟ ମତ ପରିବେଷଣ କରିଆସୁଛି। ବର୍ତ୍ତମାନର ଆବଶ୍ୟକତାକୁ ଦେଖି 'ଧରିତ୍ରୀ' ନିଜକୁ ଏକ ଦାୟିତ୍ୱସମ୍ପନ୍ନ ସାମାଜିକ ଅନୁଷ୍ଠାନ ବୋଲି ପ୍ରମାଣିତ କରିଛି। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' ଦୁଇଚାରି ଜଣ ବନ୍ଧୁଙ୍କ ସଫଳତା ନୁହେଁ, ଏହା ସମଗ୍ର ଓଡ଼ିଆ ସମାଜର ଉପଲବ୍ଧି। 'ଧରିତ୍ରୀ' ଏକ ସାମାଜିକ ଆନ୍ଦୋଳନ। ଆଗକୁ ଏହି ଖବରକାଗଜ ସମାଜରେ ପରିବର୍ତ୍ତନର ନେତୃତ୍ୱ ନେଉ ବୋଲି ଶନିବାର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହା ନିଶ୍ଚିତ ଭାବରେ ରାଜ୍ୟର ବ୍ୟବସାୟ ସମୁଦାୟର ମାନସିକତାକୁ ପ୍ରୋତ୍ସାହିତ କରିବ ବୋଲି କହିଥିଲେ। ସମ୍ମାନିତ ଉଦ୍ୟୋଗୀମାନେ କେବଳ ଯେ ମହାମାରୀ ସମୟରେ ସେମାନଙ୍କ ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହୋଇ ନ ଥିଲେ, ବରଂ ଏକ ଭୟଙ୍କର ପରିସ୍ଥିତିରେ ସକାରାତ୍ମକ ଦୃଷ୍ଟିକୋଣ ମଧ୍ୟ ତିଆରି କରିପାରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ଅର୍ଥ ବ୍ୟବସ୍ଥା ଓ ନିଯୁକ୍ତି କ୍ଷେତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ଥିବା ସଫଳ ଉଦ୍ୟୋଗୀମାନଙ୍କୁ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗତ ୭୦ବର୍ଷ ହେଲା ହରେକୃଷ୍ଣ ମହତାବଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ଏହା ହିଁ ସତ**






**ଆଜିର ମନ୍ତବ୍ୟ**

"କୌଣସି ଜରୁରୀ ସେବା କେତେ ସମୟ ମଧ୍ୟରେ ଉପଲବ୍ଧ ହୋଇପାରିବ ତାହା ସିଟିଜେନ୍ ଚାର୍ଟର୍ସରେ ସ୍ପଷ୍ଟ ଭାବେ ଉଲ୍ଲେଖ ହେବା ଆବଶ୍ୟକ।

**-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କୈଳାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୁକୁଚି ଖା' ସାରୁକୁଚି ଖା'**
**ଅନ୍ନ ପରି କିଏ ହୋଇବ**
**ମାଉସୀ ବୋଲ ପିଉସୀ ବୋଲ**
**ମା' ପରି କିଏ ହୋଇବ ?**

ଯେତେ ଜଳଖିଆ ଖାଇଥିଲେ ମଧ୍ୟ ଭାତ ଯଦି ଖିଆଯାଇନଥାଏ, ତେବେ ପେଟ ପୂରିଲା ଭଳି ଲାଗିନଥାଏ। ସେହିପରି ମାଉସୀ ଏବଂ ପିଉସୀ ଯେତେ ସ୍ନେହ ଶ୍ରଦ୍ଧା କଲେ ମଧ୍ୟ ସେମାନେ ମା' ପରି କେବେ ହୋଇପାରି ନ ଥାଆନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଆଜି ମଙ୍ଗନ କାଲି ବାହା**
**କ'ଣ କରୁଚୁଲୋ କନିଆ ମା ?**

ଆଜି ମଙ୍ଗନ, ରାତି ପାହିଲେ ବାହାଘର। ବାହାଘରରେ ଝିଅ ପକ୍ଷର ବେଶି ଦାୟିତ୍ୱ। ଝିଅର ବାପା ମା' ବେଶି ବ୍ୟସ୍ତ। କିନ୍ତୁ କିଛି ଯୋଗାଡ଼ ଯନ୍ତ୍ର ହୋଇନି। କନିଆ ର ବାପା ମା' କ'ଣ କରୁଛନ୍ତି କିଛି ଜାଣି ହେଉନି। ତାଙ୍କର ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେଭଳି କିଛି ତତ୍ପରତା ନାହିଁ ବୋଲି ଆଶଙ୍କା ଏବଂ ଆଶ୍ଚର୍ଯ୍ୟ ପ୍ରକଟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:**

## ପ୍ରଥମ ପୃଷ୍ଠାରୁ...

### ଧରିତ୍ରୀ ଏକ ସାମାଜିକ ...

ସମସ୍ତେ ନିଜ ସ୍ତରରେ ଓଡ଼ିଶାର ବିକାଶ ପାଇଁ ଚେଷ୍ଟା କରିଛନ୍ତି। ବର୍ତ୍ତମାନ ଏଭଳି ଏକ ସମୟ ପହଞ୍ଚିଛି, ଯେତେବେଳେ ବିଶ୍ୱର ଅର୍ଥନୀତି ସ୍ଥାଣୁ ଅବସ୍ଥାକୁ ଚାଲିଯାଇଛି। ମହାମାରୀ କେବଳ ଭାରତ ନୁହେଁ, ସାରା ବିଶ୍ୱ ଉପରେ ପ୍ରଭାବ ପକାଇଛି। ବ୍ୟକ୍ତିଗତ ସ୍ତରଠାରୁ ଆରମ୍ଭ କରି ସବୁ ବ୍ୟବସାୟିକ ଅନୁଷ୍ଠାନ ମଧ୍ୟ ବ୍ୟାପକ ପ୍ରଭାବିତ ହୋଇଛନ୍ତି। ୨୦୨୧ରୁ ନୂଆ ଯାତ୍ରା ଆରମ୍ଭ ହୋଇଛି। ଆଗାମୀ ଦୁଇ ଦଶନ୍ଧିରେ ବହୁତ କିଛି ପରିବର୍ତ୍ତନ ହେବ। ୨୦୩୬ ବେଳେ ଆମେ ସମସ୍ତେ ଏକ ସାମାଜିକ ଖସଡ଼ା ତିଆରି କରିପାରିବା। ଏଥିରେ ସରକାର ସହଯୋଗୀ ହେବେ ଓ ସମାଜ ନେତୃତ୍ୱ ନେବ। ସମାଜ ଓ ସରକାର ଭିତରେ 'ଧରିତ୍ରୀ' ଭଳି ସଙ୍ଗଠନ ସେତୁ ବାନ୍ଧିବେ ବୋଲି ସେ କହିଛନ୍ତି। ଆମ ରାଜ୍ୟରେ ମଧ୍ୟବିତ୍ତଙ୍କ ସଂଖ୍ୟା ବଢ଼ିବା ଦରକାର। ଏକ ସମାଜରେ ମଧ୍ୟବିତ୍ତଙ୍କ ସଂଖ୍ୟା ନ ବଢ଼ିବା ଯାଏ ଅର୍ଥନୈତିକ ବୃଦ୍ଧି ପ୍ରଶ୍ନବାଚୀ ହୋଇ ରହିଯିବ। ୧୫ ବର୍ଷ ପରେ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ ହେବାର ୧୦୦ ବର୍ଷ ପୂରଣ କରିବ। ଏହି ସମୟରେ ଆମକୁ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗଙ୍କୁ ମୌଳିକ ସୁବିଧା ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ସୁବିଧା ଦେଇ ସେମାନଙ୍କୁ ଶକ୍ତିଶାଳୀ କରିବାକୁ ହେବ। ରେଳ, ସଡ଼କ ପଥ, ଆକାଶ ପଥ, ସାମୁଦ୍ରିକ ଅର୍ଥନୀତି ନେଇ ଓଡ଼ିଶାରେ ଥିବା ସମ୍ଭାବନା କେବଳ ସାଢ଼େ ୪ କୋଟି ଲୋକଙ୍କ ପାଇଁ ନୁହେଁ, ବରଂ ସମଗ୍ର ପୂର୍ବ ଭାରତର ଆବଶ୍ୟକତାକୁ ପୂରଣ କରିବ। ଭାରତ ପାଇଁ ଏହି ଦଶକ ରୋରିଂ-୨୦ ହେବାକୁ ଯାଉଥିବା ବେଳେ ଓଡ଼ିଶା ବ୍ୟବସାୟ କ୍ଷେତ୍ରର ପେଣ୍ଠସ୍ଥଳୀ ହେବା ନିଃସନ୍ଦେହ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରିଛି। ଏକ ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ସକ୍ଷମ ଶିଳ୍ପନୀତି ରାଜ୍ୟର ଶିଳ୍ପ ଇକୋ-ସିଷ୍ଟମକୁ ଆଗକୁ ବଢ଼ାଇଛି। ମହାମାରୀ ସମୟରେ ମଧ୍ୟ ଆମେ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ଲକ୍ଷ୍ୟସ୍ଥଳ ହୋଇ ରହିଛୁ। ଏ କ୍ଷେତ୍ରରେ ଆମର ରେକର୍ଡ ମଧ୍ୟ ବହୁତ ଉତ୍ସାହଜନକ। ୨୦୨୦ ବର୍ଷ ଆମ ଜୀବନ ଶୈଳୀରେ ଅନେକ ପରିବର୍ତ୍ତନ ଆଣିଛି ଏବଂ ସବୁ କ୍ଷେତ୍ରରେ ବଡ଼ ପ୍ରଭାବ ପକାଇଛି। କୋଭିଡ୍-୧୯ର ମୁକାବିଲାକୁ ଗୁରୁତ୍ୱ ଦେଇ ବାରମ୍ବାର ଲକ୍‌ଡାଉନ୍ ଓ କୋଭିଡ୍ ସମ୍ବନ୍ଧୀୟ ପ୍ରୋଟୋକଲ ପାଳନ ଯୋଗୁ ରାଜ୍ୟର ଅର୍ଥନୈତିକ କ୍ଷେତ୍ର ଅଣଦେଖା ହୋଇପଡ଼ିଥିଲା। ଏଭଳି ଏକ ଅପ୍ରତ୍ୟାଶିତ ତଥା କଠିନ ସମୟ ମଧ୍ୟରେ ରାଜ୍ୟ ସରକାର ଉଦ୍ୟୋଗୁଡ଼ିକୁ ଉତ୍ସାହିତ କରିବା ପାଇଁ ବହୁମୁଖୀ ଉପାୟ ଅବଲମ୍ବନ କରିଛନ୍ତି। ସରକାର ଉଦ୍ୟୋଗୀମାନଙ୍କୁ ସହାୟତାର ହାତ ବଢ଼ାଇବା ସହ ସେମାନଙ୍କୁ ନିଜ ଗୋଡ଼ରେ ପୁଣି ଠିଆ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କୃଷି ପରେ ଏମ୍ଏସ୍ଏମ୍ଇ ସବୁଠୁ ବଡ଼ ନିଯୁକ୍ତି କ୍ଷେତ୍ର। ତେଣୁ ଏହି କ୍ଷେତ୍ର ପାଇଁ ୪୬୫ କୋଟି ଟଙ୍କା ବର୍ଦ୍ଧିତ ଆବଣ୍ଟନ ପ୍ରସ୍ତାବ ଦେଇଛୁ, ଯାହା ଗତ ବର୍ଷର ଆବଣ୍ଟନର ପ୍ରାୟ ଦୁଇଗୁଣ। ଭିତ୍ତିଭୂମି ଓ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯାଇଛି। କେତେକ ଐତିହ୍ୟସ୍ଥଳରେ ଆମେ ବିଶ୍ୱସ୍ତରୀୟ ସୁବିଧା ସୃଷ୍ଟି କରିବା ପ୍ରକ୍ରିୟାରେ ଅଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପର୍ଯ୍ୟଟନ ତଥା କ୍ରୀଡ଼ା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ପର୍ଯ୍ୟଟନର ବିକାଶ ଏବଂ କରୋନା ଯୋଗୁ କ୍ଷତିଗ୍ରସ୍ତ ପର୍ଯ୍ୟଟନ କ୍ଷେତ୍ରରେ ସୁଧାର ଆଣିବା ପାଇଁ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ୨୦୦୦ମସିହାରେ ଓଡ଼ିଶାର ଛବି ଏକ ଗରିବ ରାଜ୍ୟ ଭାବେ ଥିଲା। ବିଗତ ଦୁଇ ଦଶନ୍ଧିରେ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଅନେକ କିଛି ହାସଲ କରିପାରିଛି। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ସମ୍ଭବ ହୋଇଛି। ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଯୋଜନାଗୁଡ଼ିକୁ ଆମେ କାର୍ଯ୍ୟକାରୀ କରିଛୁ। ଫଳରେ ମହାମାରୀ ଭଳି ଏକ କଠିନ ସମୟରେ ମଧ୍ୟ ସକାରାତ୍ମକ ପଦକ୍ଷେପ ନିଆଯାଇପାରିଛି ବୋଲି ବିଶାଳ ଦେବ କହିଛନ୍ତି।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। କରୋନା ଯୋଗୁ ଭାରତ ନୁହେଁ, ସାରା ବିଶ୍ୱ ଦୋହଲିଯାଇଛି। ସବୁ କ୍ଷେତ୍ର ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ସମ୍ମାନିତ ହୋଇଥିବା ଉଦ୍ୟୋଗୀମାନେ ଭାଙ୍ଗି ନ ପଡ଼ି ନିଜ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ କାର୍ଯ୍ୟ ଜାରି ରଖିଛନ୍ତି। ତେଣୁ ସେମାନେ ସମସ୍ତେ ଜଣେ ଜଣେ କୋଭିଡ୍ ଯୋଦ୍ଧା। ସେହି ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ଆମର ଏହା ଏକ ପ୍ରୟାସ ବୋଲି ସତପଥୀ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପିକା ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ନିଛକ ସତ୍ୟ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କାହାର ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅର୍ଥ ଲାଭ ସହିତ ଶାରୀରିକ ସୁସ୍ଥତା ରହିବା କାରଣରୁ ମନ ପ୍ରଫୁଲ୍ଲ ରହିବ।

**ବୃଷ**
ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ପଛକଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ। ଉଦ୍ୟମ ସଫଳ ଦିଗରେ ଜଣେ ଦୂର ସମ୍ପର୍କୀୟ ବ୍ୟକ୍ତି ସାହାଯ୍ୟ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିଥିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କୌଣସି ବିଶେଷ କାରଣର ତର୍ଜମା ସକାଶେ ବନ୍ଧୁଦ୍ୱାରକୁ ଗମନ କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**
ସହକର୍ମୀ କିମ୍ବା ବନ୍ଧୁଙ୍କଠାରୁ ଅଯାଚିତ ସାହାଯ୍ୟ ପାଇ ଖୁସି ହେବେ। ଆଲୋଚନା ପରିସରରେ ବିଜ୍ଞ ବ୍ୟକ୍ତିଙ୍କ ନିକଟରୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ କିମ୍ବା ପ୍ରଶାସନିକ, ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ସାମୟିକ ଅସହଯୋଗ କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଘରେ ବନ୍ଧୁ ମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିବ।

**କନ୍ୟା**
କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ରବନ୍ଧୁ ମଧ୍ୟରେ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ। ଅଚାନକ ଭାବରେ ଶୁଭ ଖବର ଶୁଣି ବିସ୍ମୟାଭିଭୂତ ହୋଇପାରନ୍ତି। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ,ଏଣୁ ସତର୍କତା ରକ୍ଷା କରିବା ଭଲ।

**ତୁଳା**
ନିଜ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ପ୍ରତ୍ୟେକ କାର୍ଯ୍ୟ ଦରଖଣ୍ଡିଆ ରହିଯାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ ସମସ୍ତେ ଶୁଣି ମଧ୍ୟ ନ ଶୁଣୁଥିବାର ଅଭିନୟ କରିବେ। ଆଜିର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା।

**ଧନୁ**
ପାରିବାରିକ ସମସ୍ୟା ଆପୋସ ମିଳାମିଶାରୁ ସମାଧାନ ଘଟିବ। ଆପଣଙ୍କ ରୁକ୍ଷ ବ୍ୟବହାର, ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ତଥାପି ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପଡୋଶୀଙ୍କ ଈର୍ଷା ଓ ଅସୂୟା ହେତୁ ସ୍ୱରୂପ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ଆଜି ଦିନଟିରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସଙ୍ଗକୁ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ହୋଇପାରେ। ନିଜର ହିତୈଷୀମାନଙ୍କୁ ବୃଥା ସନ୍ଦେହ କରି ଭୁଲ୍‌ଠିକ୍‌ର ସୁବିଚାର କରିପାରିବେ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଧାର କରଜ କରି ପରିବାରର ଆବଶ୍ୟକତା ଚଳାଇ ନେବେ।

**କୁମ୍ଭ**
ଆଜି କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ସାଙ୍ଗସାଥୀଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ**
ପରିବାରରୁ ପୂର୍ଣ୍ଣ ସମର୍ଥନ ନ ପାଇବା କାରଣରୁ କାମଟି ପୂର୍ଣ୍ଣାଙ୍ଗ ହେବା ସହଜସାଧ୍ୟ ନ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ରେବତୀ ନକ୍ଷତ୍ର ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

ଆଜି ଫାଲଗୁନ ଶୁକ୍ଳ ଅଷ୍ଟମୀ ରବିବାର, ମାର୍ଚ୍ଚ ୨୧ ତାରିଖ, ବିଶ୍ୱ କାବ୍ୟ ଦିବସ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ରାଶି ନକ୍ଷତ୍ର- ମୃଗଶିରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୪୧ମି. ଗତେ ଘ.୦୯.୫୩ମି. ମଧ୍ୟେ, ରାତ୍ରି ଘ.୦୭.୩୦ମି. ଗତେ ଘ.୦୯.୦୫ମି. ମଧ୍ୟେ ଅମୃତବେଳା। ସକାଳ ୦୫.୫୩ମି. ଗତେ ଘ.୦୬.୪୧ମି. ମଧ୍ୟେ, ଘ.୦୧.୦୬ମି. ଗତେ ଘ.୦୧.୫୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୨୪ମି. ଗତେ ଘ.୦୫.୫୪ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**BRIDE WANTED**

Match for my M.Tech (IIT Bombay) internship (Steinbeis University Germany) qualified commander son in Indian Navy. Contact: +919438183860. D-20244

Wanted brahmin brides for brahmin grooms 25-35yrs B.Tech/ MBA, Bhubaneswar. 7978736177. D-68275

Kaibarta Boy Age 30, Diploma Engineer Private Job, Salary 15000 Month. Bhubaneswar Resident. Contact: 8249089785. D-20300

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-**32, Private Company**ରେ ଚାକିରି କରନ୍ତି। ଯୋଗାଯୋଗ- **7847867570.** D-20291

**GROOM WANTED**

Wanted a boy for 33 years mangalik girl. For discussion- 7978003909. D-20253




**SALE**

2BHK simplex 28,00,000/-, finishing Hanspal, gharabari plot Atala, Bhingarpur. 8093465134. D-70902

**Bhubaneswar, Hanspal residential Colony**ରେ **1500sqft. @ 23,25,000**ରେ **plot** ମିଳୁଛି। **9853415415, 7008351926.** D-20248

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA- 9853150290. D-70812

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି **plot boundarywall, road, electricity** ସହିତ **NH** ଠାରୁ **500'** ଦୂରତାରେ ବିକ୍ରିହେବ। **9861428475.** D-70814

50acres plotting township project @ Bhubaneswar, Contact Shree Krishna developer. 8984366148. D-70561

**Ready to move 2BHK, 3BHK, Apartment Hanspal, Jharpada, Nayapalli, Sum Hospital, Forestpark, duplex Hanspal, Padasahi and Patia. 8455036260.** D-20278

1450sqft. sthitiban residential plot for sale at Pathargadia, near KIIMS Hospital, Bhubaneswar. Price: 35lakh. Contact: 8260595320 (No brokers). D-70563

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Booking Open !! 40acres Plotting Township near SUMHospital. We providing facilities are 3feet Concrete Road, Park, Temple, Plantation, Electric Connection, Water Pipeline Connection. Contact: Shree Krishna Developer, 8337900880/8337900881 /8337900882.** D- 70906

3BHK independent house for sale behind AMRI Hospital, 2BHK flat at Gudia Pokhari, Uttara Square. 9937066926. D-70232

**Bhubaneswar AIIMS and Sum Hospital** ନିକଟରେ ଘରବାରି **plot sale. 7847882596.** D-70815

Sum Hospitalରୁ ୪କି.ମି. ଘଂଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-20218

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

ଭୁବନେଶ୍ୱର ପଟିଆ ରେଲୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**Demarcated** ପ୍ଲଟ୍ **KEC,** ଗୁଡ଼ିଆପୋଖରୀ ପାଖରେ **immediate registration & possession** ଅଗ୍ରିମ **boundarywall, electricity, with 30ft. road, sqft.650/-**ରେ ମିଳୁଛି। **Contact: 7008045582, 7749800648.** D-20177

**Residential land/ plot 3000sft. immediately sale at Jharpada (near Puri By-pass) 3500sft. BDA plot sale at Patrapada (near DN Regalia Mall), 2500sft. plot sale at Pokhariput & 12000sft. IDCO plot sale at Mancheswar, Bhubaneswar, please contact: DEEPAK - 9937329999.** D-69980

Bhubaneswar ସମ୍‌ହସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed gharabari boundary** ଥାଇ ପ୍ଲଟ୍ କିଣନ୍ତୁ। **7008492511.** D-69388

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

**Require, 2Acre YellowZone Homestead Land with 30/40 feet road on Outright/ Sharing basis across Bhubaneswar for Plotting and Housing Projects. Contact- 9861022055/ 9938219397.** D-20282

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୂପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। **8249776268, 8327774136.** D-69389




Ground floor available at Sisupal Chhaka near Royal Play School main road side for Office/ Godown. Contact: 9438303202. D-67587

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

ପିପିଲି ହାଟ ଛକ ବସ୍ ଷ୍ଟାଣ୍ଡ ଉପରେ ଥିବା ଦୋକାନ ଘର ଭଡ଼ା ଦିଆଯିବ। ଯୋଗାଯୋଗ- ୭୦୦୮୩୬୯୧୪୧. ଧ-୨୦୨୯୭

Rent for Office/ Shop/ Others 2000sqft. area. Prime location on NH- Cosmopolis Chhaka, near Khandagiri, Bhubaneswar- 751019. Contact: 9871816986. D-59984

Tolet for 1BHK house Rajarani Colony, Bhubaneswar. Contact: 9437516391. D-63998

3BHK flat available on rent at LIC Homecare, Kolathia, Bhubaneswar, Adjoining AMRI Hospital. Contact: 9937306968. D-70230




Shivam logistic packers movers. Household/ car relocation countrywide. 9777044177, 9338461133. D-20160




New opening Saikrupa Panchakarma and SPA jointpain, fullbody massage, 8984068077. D-65913

Get good massage for your health the best therapy. 7749997224. D-70438

Zen SPA positively health benefits with experts therapeutic genuinely massage. 7205084157. D-70560

Swarna SPA newly open positively health benefits with expert therapist. 9556978408. D-70559

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




ରୋଜଗାର ରୋଜଗାର:- **AEPS & Mobile recharge portal** ନିଅନ୍ତୁ। **Daily 1000/-** ରୁ **1500/- income** କରନ୍ତୁ। **Contact: 7852932323.** D-20271

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଓଡ଼ିଶାରେ ରାଷ୍ଟ୍ରପତି, ଆଜି ରାଉରକେଲା ଗସ୍ତ

**ରାଉରକେଲା ଅଫିସ/ ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସ୍ୱତନ୍ତ୍ର ବାୟୁସେନା ବିମାନରେ ଆସି ପହଞ୍ଚିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ବିମାନବନ୍ଦରରୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ଭିତରେ ରାଷ୍ଟ୍ରପତି ସିଧାସଳଖ ଆସି ରାଜଭବନରେ ପହଞ୍ଚିଛନ୍ତି। ସେ ସେଠାରେ ରାତ୍ରିଯାପନ କରିବେ। ରବିବାର ରାଜଭବନରୁ ସକାଳ ୯ଟାରେ ଭୁବନେଶ୍ୱର ଏୟାରପୋର୍ଟ ହୋଇ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ଝାରସୁଗୁଡାଠାରୁ ରାଷ୍ଟ୍ରପତି ରାଉରକେଲା ଗସ୍ତ କରିବେ। ସକାଳ ୧୧ଟାରେ ରାଉରକେଲା ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏନ୍‌ଆଇଟିରେ ପହଞ୍ଚି ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ଏକ ଦୀକ୍ଷାନ୍ତ ସମାରୋହରେ ୬ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୭୦ ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରିବେ। ଏହା ସହ ୫ ଜଣଙ୍କୁ ଏଣ୍ଡୋର୍ସମେଣ୍ଟ ସ୍ୱର୍ଣ୍ଣ ଓ ୫ଜଣଙ୍କୁ ଏଣ୍ଡୋର୍ସମେଣ୍ଟ ରୌପ୍ୟ, ୮ଜଣଙ୍କୁ ଆଲୁମିନି ଆୱାର୍ଡ ପ୍ରଦାନ କରିବେ ବୋଲି ଶନିବାର ରାଉରକେଲା ଏନ୍‌ଆଇଟି ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଫେସର ଅନିମେଶ ବିଶ୍ୱାସ, ପ୍ରଫେସର ଆର.କେ. ପଟେଲ ପ୍ରମୁଖ ସୂଚନା ଦେଇଛନ୍ତି। ଏହା ସହ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ କୁମାର ମଙ୍ଗଳମ୍ ବିର୍ଲା, ସମାଜ ଗଠନ ଓ ସାଧାରଣ ପ୍ରଶାସନ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ଡକ୍ଟର ପ୍ରମୋଦ କୁମାର ମିଶ୍ର ଓ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ପାଇଥିବା ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କୁ ଡକ୍ଟର ଅଫ୍ ସାଇନ୍ସ ଡିଗ୍ରୀ ସମ୍ମାନରେ ସମ୍ମାନିତ କରିବେ। ଉକ୍ତ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏବଂ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିବା ସହ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବେ।

ଅପରାହ୍ନ ୧୨ଟାରେ ରାଉରକେଲା ଏନ୍‌ଆଇଟି ଛାଡ଼ିବେ ଏବଂ ମଧ୍ୟାହ୍ନଭୋଜନ କରି ରାଉରକେଲା ହାଉସରେ ୩ଟା୩୦ ପର୍ଯ୍ୟନ୍ତ ରହିବେ। ୩ଟା ୪୦ରେ ସେଠାରୁ ବାହାରି ଏହାପରେ ସେ ଆଇଜିଏଚ୍‌ର ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲକୁ ମଧ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଯୋଗଦେବେ। ଏହାପରେ ରାଉରକେଲା ଏୟାରଷ୍ଟ୍ରିପ୍‌ରୁ ୪ଟା୪୦ରେ ବାହାରିବେ ଏବଂ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚି ସେଠାରୁ ୫ଟା ୪୦ରେ ବାହାରିବେ। ସେହିଦିନ ରାଷ୍ଟ୍ରପତି ସନ୍ଧ୍ୟା ୬ଟା ୧୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ୬ଟା ୩୦ ମିନିଟ୍‌ରେ ରାଜଭବନରେ ପହଞ୍ଚି ସେଠାରେ ରାତ୍ରିଯାପନ କରିବେ। ୨୨ ତାରିଖରେ ରାଷ୍ଟ୍ରପତି ପୁରୀ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଶନିବାର ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।




## ବ୍ରହ୍ମପୁର ଆଇଟିଆଇକୁ ସ୍କଚ୍ ଆୱାର୍ଡ

**ବ୍ରହ୍ମପୁର ଅଫିସ୍,୨୦।୩**

କରୋନା ସମୟରେ ସଂକ୍ରମଣରୁ ଦୂରେଇ ରହିବା ନିମନ୍ତେ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ କରି ବ୍ରହ୍ମପୁର ଶିଳ୍ପ ତାଲିମ୍ ବୈଷୟିକ ଅନୁଷ୍ଠାନ ୭୨ତମ ସ୍କଚ୍ ସମିତିରେ ଶନିବାର ସ୍ୱର୍ଣ୍ଣ ବିଜେତା ଭାବେ ସ୍କଚ୍ ଆୱାର୍ଡ଼ ହାସଲ କରିଛି। ଛାତ୍ରୀଛାତ୍ରମାନେ ସ୍ମାର୍ଟ ସ୍ୱାବ୍ ସଂଗ୍ରହ, ସ୍ମାର୍ଟ ୟୁଭିସି ସୋଲ୍ ସାନିଟାଇଜର୍, ୟୁଭିସି ରୋବୋ ୱାରିଅର୍, ୟୁଭିସି ସାନିଟାଇଜର୍, ଏରୋସୋଲ୍ ବକ୍ସ ଓ ସ୍ୱୟଂଚାଳିତ ସାନିଟାଇଜର୍ ମେଶିନ୍ ନିର୍ମାଣ କରିଥିଲେ। ଏଥିମଧ୍ୟରୁ ୟୁଭିସି ରୋବୋ ୱାରିଅର୍, ମୋବାଇଲ୍ ସ୍ୱାବ୍ ସଂଗ୍ରହ କିସୋକ୍, ୟୁଭିସି ସୋଲ୍ ସାନିଟାଇଜର୍ ଓ କୋଭିଡ୍ ସିକ୍ୟୁରିଟି ସିଷ୍ଟମ୍ ପ୍ରମୁଖ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତରେ ୨୦୨୦ମେରେ ସ୍ଥାନ ପାଇଥିଲା। ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ୟାବିନେଟ୍ ମନ୍ତ୍ରୀ (ଦକ୍ଷତା ବିକାଶ) ଡ.ମହେନ୍ଦ୍ର ନାଥ ପାଣ୍ଡେ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଥିଲେ। ଶନିବାର ସ୍କଚ୍ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ଭର୍ଚୁଆଲ୍ ବୈଠକରେ ଆଇଟିଆଇକୁ ସ୍କଚ୍ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଏ ନେଇ ଅନୁଷ୍ଠାନର ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସଫଳତାର ଶ୍ରେୟ ସମସ୍ତ କୋଭିଡ୍ ଯୋଦ୍ଧାଙ୍କୁ ଦେଇଛନ୍ତି।




ଆଇଟିଆଇକୁ ମିଳିଥିବା ସ୍କଚ୍ ଆୱାର୍ଡ଼।

## ସରକାରୀ ହଷ୍ଟେଲ୍‌ରେ ସଂକ୍ରମଣ ହୋଇନି : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

କଟକର ଏକ ଘରୋଇ ଶିକ୍ଷାନୁଷ୍ଠାନ ହଷ୍ଟେଲରେ କରୋନା ସଂକ୍ରମଣ ବ୍ୟାପିବା ପରେ ଏବେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏ ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର ପ୍ରତିକ୍ରିୟା ରଖି କହିଛନ୍ତି, ଉଭୟ ଘରୋଇ ଓ ସରକାରୀ କଲେଜର ହଷ୍ଟେଲ ପାଇଁ କରୋନା କଟକଣା ଲାଗୁ ହୋଇଛି। ତେବେ ସରକାରୀ ହଷ୍ଟେଲରେ ସଂକ୍ରମଣ ହୋଇ ନ ଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଗାଇଡ୍‌ଲାଇନ୍ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ କେତେକ ଘରୋଇ ହଷ୍ଟେଲରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ପରେ ସେସବୁକୁ ୧୦ଦିନ ପର୍ଯ୍ୟନ୍ତ ବନ୍ଦ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ସଂକ୍ରମଣ ଦେଖାଯିବା ସ୍ଥାନରେ ଜିଲା ପ୍ରଶାସନକୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମିତଙ୍କ ଲୋକାଲ ଟ୍ରେସିଂ ମଧ୍ୟ କରାଯାଉଛି। କରୋନା କଟକଣା ମଧ୍ୟରେ ରାଜ୍ୟରେ ସବୁକିଛି ଚାଲିଛି। ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀର ପିଲାମାନେ ହଷ୍ଟେଲରେ ରହୁଛନ୍ତି, ଅନ୍ୟମାନେ ନାହାନ୍ତି। କରୋନାକୁ ନେଇ ଆମେ ସଚେତନ ଅଛୁ। ଆଜି ସୁଦ୍ଧା ଆମ ବିଭାଗ ପକ୍ଷରୁ ଯେଉଁ ହଷ୍ଟେଲ ରହିଛି ସେଠାରୁ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। କରୋନାକୁ ନେଇ ସରକାର ଓ ଗଣଶିକ୍ଷା ବିଭାଗ ଯେଉଁ ଗାଇଡଲାଇନ ଜାରି କରିଛନ୍ତି ତାହା ସମସ୍ତଙ୍କ ପାଇଁ ଲାଗୁ ହେବ ଏବଂ ତାହାକୁ ସମସ୍ତେ ମାନିବାକୁ ବାଧ୍ୟ ବୋଲି ମନ୍ତ୍ରୀ କହିଛନ୍ତି।

## ୨ ମାସରେ ୧୬,୮୨୦ ଲାଇସେନ୍ସ ବାତିଲ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ନୂତନ ମୋଟର ଯାନ ଆଇନ ଲାଗୁ କରାଯିବା ପରେ ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ ନିୟମକୁ କଡାକଡି ପାଳନ କରାଯାଉଛି। ନିୟମ ଉଲ୍ଲଂଘନ କରୁଥିବା ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ଯାଏ ରଦ୍ଦ କରାଯାଉଛି। କେବଳ ଜାନୁୟାରୀ ଓ ଫେବୃୟାରୀରେ ରାଜ୍ୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡିକ ପକ୍ଷରୁ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୬,୮୨୦ଜଣ ଚାଳକଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଏନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଶନିବାର ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

ଜାନୁୟାରୀରେ ମୋଟ୍ ୭୯୬୦ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବାବେଳେ ଫେବୃୟାରୀରେ ଏଥିରେ ବୃଦ୍ଧି ଘଟି ୮୮୬୦ରେ ପହଞ୍ଚିଥିଲା। ଏଥିମଧ୍ୟରେ ଦ୍ରୁତ ଗାଡ଼ି ଚାଳନା ପାଇଁ ୧୯୨୨, ମଦ୍ୟପାନ କରି ଗାଡି ଚଳାଉଥିବାରୁ

**ଡବଲ ହେଲ୍‌ମେଟ୍ ପାଇଁ ସର୍ବାଧିକ ରଦ୍ଦ**

୩୧୬, ଗାଡି ଚଳାଉଥିବା ସମୟରେ ମୋବାଇଲ ଫୋନ୍‌ରେ କଥା ହେଉଥିବା ନେଇ ୧୩୨୨, ରେଡ୍ ଲାଇଟ୍ ନିୟମ ଉଲ୍ଲଂଘନ ନେଇ ୨୮୨, ଓଭର ଲୋଡିଂ ପାଇଁ ୩୮୭ , ମାଲବାହୀ ଗାଡିରେ ଯାତ୍ରୀଙ୍କୁ ନେଉଥିବାରୁ ୩୧୩, ଡବଲ ହେଲମେଟ୍ ପିନ୍ଧି ନ ଥିବାରୁ ସର୍ବାଧିକ ୧୧୬୧୩ଜଣ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ତେବେ ବାଇକରେ ଯାଉଥିବା ସମୟରେ ଉଭୟ ଚାଳକ ଓ ପଛରେ ବସିଥିବା ଯାତ୍ରୀ ହେଲମେଟ୍ ପିନ୍ଧି ନ ଥିବାରୁ ଗତ ଦୁଇମାସ ମଧ୍ୟରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୧ ପକ୍ଷରୁ ୩୦୧୬, କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ୩୦୦୩ ଓ ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୧୪୮୩ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।




## ପୋଲିସ- ଆନ୍ଦୋଳନକାରୀ ମୁହାଁମୁହିଁ

**ବିସ୍ଥାପିତଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ**

- ଜିଲା ପ୍ରଶାସନ ସହ ହୋଇଥିବା ଆଲୋଚନା ବିଫଳ
- ଆନ୍ଦୋଳନକାରୀ ୫୩ ମହିଳାଙ୍କୁ ଉଠାଇ ନେଇଛି ପୋଲିସ

**କୋରାପୁଟ/ଦାମନଯୋଡି, ୨୦।୩(ସ୍ୱ.ପ୍ର./ଡି.ଏନ.ଏ.)**

କୋରାପୁଟ ଜିଲା ନାଲ୍‌କୋ ବିସ୍ଥାପିତ ପରିବାର ପକ୍ଷରୁ ନିଯୁକ୍ତି ଓ ବିଭିନ୍ନ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଚାଲିଥିବା ରାସ୍ତାରୋକୋ ଆନ୍ଦୋଳନ ଶନିବାର ୪ର୍ଥ ଦିନରେ ପହଞ୍ଚିଛି। ଆନ୍ଦୋଳନକାରୀଙ୍କ ଦାବି ସମ୍ପର୍କରେ କୌଣସି ସମାଧାନର ପନ୍ଥା ବାହାରି ପାରିନାହିଁ। ଶୁକ୍ରବାର ରାତିରେ ଆନ୍ଦୋଳନକାରୀ ଏବଂ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଜିଲାପାଳ ଜିଲାପାଳ ମହମ୍ମଦ ଅବଦାଲ ଅଖତାର ବିଧବା ମହିଳାଙ୍କ ଥଇଥାନ ସମ୍ପର୍କରେ ସହମତି ପ୍ରକାଶ କରିଥିଲେ। ତେବେ ପୁରୁଷାନୁକ୍ରମିକ ଭାବେ ଚାକିରି ପ୍ରଦାନ ନେଇ ନିଜର ଅସାମର୍ଥ୍ୟତା ପ୍ରକାଶ କରିଥିଲେ। ଏଭଳି ନିଷ୍ପତ୍ତି କେବଳ କେନ୍ଦ୍ର ସରକାର ନେଇପାରିବେ ବୋଲି କହିଥିଲେ। ଫଳରେ ଆନ୍ଦୋଳନକାରୀ ଏବଂ ଜିଲା ପ୍ରଶାସନ ମଧ୍ୟରେ ଚାଲିଥିବା ଆଲୋଚନା ବିଫଳ ହୋଇଥିଲା। ଗତ ୩ ଦିନ ଧରି ଏଠାରେ ବିସ୍ଥାପିତମାନେ ଧାରଣାରେ ବସିଥିଲେ ମଧ୍ୟ ନାଲକୋର କୌଣସି ଅଧିକାରୀ ଘଟଣାସ୍ଥଳକୁ ଆଲୋଚନା ପାଇଁ ଯାଇ ନ ଥିଲେ। ଫଳରେ ପରିସ୍ଥିତି ବିଗିଡିଯାଇଥିଲା ଶନିବାର ସକାଳେ ଜିଲା ପ୍ରଶାସନ ପକ୍ଷରୁ ମାଥାଲପୁଟ ହାଟପଦାଠାରୁ ପଞ୍ଚପଟମାଳି ଖଣି ରାସ୍ତା ପ୍ରାୟ ୪ କି.ମି. ପର୍ଯ୍ୟନ୍ତ ୧୪୪ ଧାରା



ଜଣେ ଆନ୍ଦୋଳନକାରୀ ମହିଳାଙ୍କୁ ପୋଲିସ ଧରି ନେଉଛି।

**୧୪୪ ଧାରା ଜାରି**

ଲାଗୁ କରାଯାଇଥିଲା। ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଘଉଡାଇବା ସହ ପ୍ରାୟ ୫୩ ଜଣ ମହିଳାଙ୍କୁ ଉଠାଇ ଆଣି ଅଟକ ରଖିଥିଲା। ଏହା ଜାଣିବା ପରେ ଜନସାଧାରଣ ଉତ୍ତେଜିତ ହୋଇ ପୋଲିସ ଉପରକୁ ଟେକାପଥର ମାଡ କରିଥିଲେ। ପୋଲିସ ମଧ୍ୟ ପାଲଟା ଜବାବରେ ଲୁହବୁହା ଗ୍ୟାସ, ଗ୍ରେନେଟ, ରବର ଗୁଳିଚାଳନା କରିଥିଲା। ଏଥିରେ କେତେ ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ଜଣାପଡିଛି। ଆନ୍ଦୋଳନକାରୀଙ୍କ ଟେକାପଥର ମାଡ଼ରେ ୭ ଜଣ ପୋଲିସ ଆହତ ହୋଇଛନ୍ତି। ପୋଲିସ ଗାଡିର କାଚ ଭାଙ୍ଗିଛି। ଘଟଣାସ୍ଥଳରେ ୮ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ମାଥିଲିପୁଟ ବଜାର ବନ୍ଦ ରହିଛି। ଜିଲାପାଳ ଅବଜଲ ଅଖତର ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଆନ୍ଦୋଳନ ଯୋଗୁ ୪ଦିନ ହେବ ପଞ୍ଚପଟମାଳି ଖଣି ସମ୍ପୂର୍ଣ୍ଣ ବନ୍ଦ ରହିଛି। ଦୈନିକ ୨୫ ହଜାର ମେଟ୍ରିକ ଟନ୍ ହିସାବରେ ୪ ଦିନରେ ଏକଶହ ମେଟ୍ରିକ ଟନ୍ ବକ୍‌ସାଇଟ୍ ଉତ୍ତୋଳନ ବାଧାପ୍ରାପ୍ତ ହୋଇଛି। ଏହାର ମୂଲ୍ୟ ୧୨ କୋଟିରୁ ଉର୍ଦ୍ଧ୍ୱ ହେବ। ଆନ୍ଦୋଳନ ଯୋଗୁ ନାଲକୋ ଏହି କ୍ଷତି ସହିଲାଣି। ଖବର ଲେଖା ହେବା ବେଳକୁ ଆନ୍ଦୋଳନକାରୀମାନେ ନାଲକୋ ବିସ୍ଥାପିତ କଲୋନୀ ଛକଠାରେ ବସି ରହିଥିବା ଜଣାପଡିଛି। ପୋଲିସ ମାଥାଲପୁଟ ବସଷ୍ଟାଣ୍ଡଠାରେ ଜଗି ରହିଛି। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି। ପୋଲିସ ଉଠାଇ ନେଇଥିବା ମହିଳାଙ୍କୁ ଶୀଘ୍ର ଛାଡିବାକୁ ଆନ୍ଦୋଳନକାରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ୪ ଦିନ ଧରି ଖଣି ଅଞ୍ଚଳକୁ ଯାଇପାରୁ ନ ଥିବା କର୍ମଚାରୀ ଶନିବାର ସନ୍ଧ୍ୟାରେ ଗୋଟିଏ ବସ୍‌ରେ ସେଠାକୁ ଯାଇଛନ୍ତି। ଖବର ଲେଖା ହେବା ବେଳକୁ ବିସ୍ଥାପିତଙ୍କ ଦାବି ନେଇ ପ୍ରଶାସନ, ନାଲକୋ କର୍ତ୍ତୃପକ୍ଷ ଓ ବିସ୍ଥାପିତ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି । ପରିସ୍ଥିତି ଉପରେ ପୋଲିସ କଡା ନଜର ରଖିଛି ।



ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା । ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ । -ଶ୍ରୀମା



# ଏହା ହିଁ ସତ



ଆକାର ପଟେଲ

ସାମ୍ପ୍ରତିକ ସମୟରେ ଲେଖାର କମ୍ ତାତ୍ପର୍ଯ୍ୟ ରହୁଛି । ଏହା ହିଁ ଏକ ସମସ୍ୟା । ପ୍ରକୃତରେ ନ୍ୟୁଜ ବା ଖବରର ବାସ୍ତବତା ସହିତ ସମ୍ପର୍କ ରହୁନାହିଁ । ଏଣୁ ଏଭଳି ନ୍ୟୁଜ୍ ଉପରେ ଏଠାରେ ଯାହା ମୁଁ ମନ୍ତବ୍ୟ ଦେଉଛି ତାହା ବି ନିରର୍ଥକ । ନ୍ୟୁଜର ଯୁକ୍ତିଯୁକ୍ତତା ଏବଂ ବିଚାର ବା ସିଦ୍ଧାନ୍ତ ରହୁ ନ ଥିବାରୁ ବିଶ୍ଳେଷଣ କରିବାକୁ କିଛି ବି ରହୁନାହିଁ । ଏଥିପାଇଁ ଜଣେ ବିଶ୍ଳେଷକଙ୍କର କୌଣସି ଭୂମିକା ରହୁନାହିଁ । ନିମ୍ନରେ କେତୋଟି ନ୍ୟୁଜର ଉଦାହରଣ ଦେଇ ଏହା ସ୍ପଷ୍ଟ କରିବାକୁ ଚାହୁଁଛି । ପ୍ରଥମ ନ୍ୟୁଜଟି ରବିବାର, ମାର୍ଚ୍ଚ ୧୪ର । ଶୀର୍ଷକ ଥିଲା 'ଭାରତ ବନାମ ଇଂଲଣ୍ଡ: କୋଭିଡ୍-୧୯ ପରେ ପ୍ରଥମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ରେକର୍ଡ ସଂଖ୍ୟକ ଦର୍ଶକ ଉପସ୍ଥିତ' । ଏଥିରେ କୁହାଯାଇଛି, ବିଶ୍ୱର ସର୍ବବୃହତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ୫୭ ହଜାର ଦର୍ଶକ ଉପସ୍ଥିତ ଥିଲେ । ସେହି ମାର୍ଚ୍ଚ ୧୪ରେ ପ୍ରକାଶିତ ଦ୍ୱିତୀୟ ନ୍ୟୁଜର ଶୀର୍ଷକ ହେଉଛି 'କୋଭିଡ୍-୧୯ ଭୟ: ଆଗକୁ ହେବାକୁ ଥିବା ଅବଶିଷ୍ଟ ଟି୨୦ ମ୍ୟାଚ୍ ବିନାଦର୍ଶକରେ ଅହମଦାବାଦରେ ଖେଳାଯିବ' । ଏହି ରିପୋର୍ଟ ଦର୍ଶାଇଛି ଯେ, ମହାମାରୀ ସମୟରେ ଏକ ଆବଦ୍ଧ କ୍ଷେତ୍ର ମଧ୍ୟରେ ହଜାର ହଜାର ଲୋକ ଉପସ୍ଥିତ ରହିବା ଭଲ ନୁହେଁ ବୋଲି ବିସିସିଆଇ ତା'ର ଶେଷ ସିଦ୍ଧାନ୍ତରେ ପହଞ୍ଚିଥିଲା । ଫେବୃୟାରୀ ଶେଷଆଡ଼କୁ କୋଭିଡ୍‌ର ଦ୍ୱିତୀୟ ଲହର ଆରମ୍ଭ ହୋଇଥିଲା । ଏଣୁ କାହିଁକି ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦର୍ଶକଙ୍କୁ ଅନୁମତି ଦିଆଗଲା । ଏ କଥା ଏହି ନ୍ୟୁଜ୍ ପ୍ରକାଶ କଲା ନାହିଁ । କିନ୍ତୁ ଗୁଜରାଟରେ ୪ ଦିନରେ କୋଭିଡ୍ କେସ୍ ୪୦% ବଢ଼ିଗଲା ।

ଶନିବାର, ମାର୍ଚ୍ଚ ୨୦ର ତୃତୀୟ ଶୀର୍ଷକଟି ଥିଲା- 'କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ନେଇ ସତର୍କ ରହିବାକୁ ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚିଠି ଲେଖି ଜଣାଇ ସବୁ ମାନଦଣ୍ଡ ପାଳନ କରିବାକୁ କହିଛି' । କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା କୋଭିଡ୍‌ର ଦ୍ୱିତୀୟ ଲହର ସମ୍ପର୍କରେ ସବୁ ରାଜ୍ୟକୁ ଚିଠି ଲେଖିଛନ୍ତି ବୋଲି ଏଥିରେ ପ୍ରକାଶ ପାଇଛି । ବିପୁଳ ସଂଖ୍ୟାରେ ସମାବେଶ ହେବା ବିପଦ ବୋଲି ସେଥିରେ ସେ ଉଲ୍ଲେଖ କରିଛନ୍ତି । ସେ ମଧ୍ୟ କହିଛନ୍ତି ଯେ, ନିୟମ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ରାଜ୍ୟଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବା ଉଚିତ । ମାର୍ଚ୍ଚ ୨୦ରେ ଚତୁର୍ଥ ଶୀର୍ଷକରେ ପ୍ରକାଶ ପାଇଥିଲା ଯେ, 'ସ୍ପଷ୍ଟ ହୋଇଛି: କାହିଁକି ଉତ୍ତରାଖଣ୍ଡ ନୂଆ ମୁଖ୍ୟମନ୍ତ୍ରୀ କୁମ୍ଭ ସମାଗମ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହୁଁନାହାନ୍ତି' । ଏହି ରିପୋର୍ଟରେ କୁହାଯାଇଛି, ରାଜ୍ୟରେ କୁମ୍ଭମେଳା ସମସ୍ତଙ୍କ ପାଇଁ ଖୋଲା ରହୁ ବୋଲି ଭାଜପା ସରକାର ଚାହୁଁଥିଲା । ମାର୍ଚ୍ଚ ୧୧ ସୁଦ୍ଧା ପାଖାପାଖି ୩୨ ଲକ୍ଷ ଲୋକ କୁମ୍ଭରେ ସମାଗମ ହୋଇସାରିଥିଲେ । ଗତ ଦୁଇ ସପ୍ତାହ ମଧ୍ୟରେ ପ୍ରତିଦିନ ହରିଦ୍ୱାରରେ କୋଭିଡ୍ କେସ୍ ଦୁଇଗୁଣ ହୋଇଥିଲା । ସେହି ଏକା ଦିନରେ କେନ୍ଦ୍ର ସରକାର ଦେଇଥିବା ନିର୍ଦ୍ଦେଶ ସହ ଏହି କାର୍ଯ୍ୟର କି ସମ୍ପର୍କ ରହିଥିଲା ତାହା ଅସ୍ପଷ୍ଟ । ମାର୍ଚ୍ଚ ୨୦ର ଆଉ ଶୀର୍ଷକ ଥିଲା- 'ବିଧାନସଭା ନିର୍ବାଚନ ୨୦୨୧: ଆଜି ପ୍ରଧାନମନ୍ତ୍ରୀ ମୋଦି ଖଡଗ୍‌ପୁରରେ ର୍‍ୟାଲିକୁ ସମ୍ବୋଧିତ କରିବେ, ୧୦ ଦିନ ମଧ୍ୟରେ ୪ଟି ରାଲି କରିବାର କାର୍ଯ୍ୟକ୍ରମ ରହିଛି' । ଏହା ପରେ ଆଉ ଏକ ଖବରରେ ପ୍ରକାଶ ପାଇଛି ଯେ, ପଶ୍ଚିମବଙ୍ଗରେ ମୋଦି ୨୦ ଏବଂ ଅମିତ ଶାହା ୫୦ଟି ରାଲି କରିବେ । ମାର୍ଚ୍ଚ ୭ରେ କୋଲକାତାରେ ମୋଦିଙ୍କ 'ବ୍ରିଗେଡ଼ ଚଲୋ' ରାଲିରେ ୫ରୁ ୧୦ ଲକ୍ଷଙ୍କ ସମାଗମ ହୋଇଥିଲା । ସେହିଦିନଠାରୁ ବଙ୍ଗଳାରେ ମଧ୍ୟ କୋଭିଡ୍ କେସ୍ ବଢ଼ି ଦୁଇଗୁଣରେ ପହଞ୍ଚିଲା । ମାର୍ଚ୍ଚ ୨୦ର ଶେଷ ଶୀର୍ଷକ ଆଡ଼କୁ ନଜର ଦେବା । ଶୀର୍ଷକଟି ଥିଲା- '୧୧ଦିନ ପରେ କୋଭିଡ କେସ୍ ୪୦ ହଜାରରେ ପହଞ୍ଚିଛି, ସେପ୍ଟେମ୍ବର ପରଠାରୁ ସକ୍ରିୟ କେସ ବୃଦ୍ଧିରେ ଏହା ସବୁଠୁ ଅଧିକ' । ଶୁକ୍ରବାର ଭାରତରେ ୪୦,୦୦୦ ନୂଆ କେସ୍ ଚିହ୍ନଟ କରାଯାଇଛି ।

ବର୍ଷେ ପୂର୍ବରୁ, ୨୦୨୦ ମାର୍ଚ୍ଚ ୨୪ରେ ମୋଦି ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଥିଲେ । ସେତେବେଳେ ଭାରତରେ ୧୦୦ରୁ କମ୍ ନୂଆ କେସ୍ ଚିହ୍ନଟ ହୋଇଥିଲା । ପରେ ପ୍ରତିଦିନ ୧୧୦ଟି କେସ୍ ଯୋଡ଼ି ହେଉଥିବାବେଳେ କାହିଁକି ଆମେ ଦେଶସାରା ଲକ୍‌ଡାଉନ ଲାଗୁ କଲୁ । ଏବେ ଦର୍ଶକଙ୍କୁ କ୍ରିକେଟ ଷ୍ଟାଡିୟମରେ ଖେଳ ଦେଖିବାକୁ ଅନୁମତି ଦେଇ, ରାଜନୈତିକ ର୍‍ୟାଲି ଏବଂ କୁମ୍ଭମେଳାର ଆୟୋଜନ କରି ଦିନକୁ ୪୦ ହଜାର ନୂଆ କେସ୍ ସାମ୍ନାକୁ ଆଣୁଥିବାବେଳେ ଲକ୍‌ଡାଉନ କରାଯାଉନାହିଁ କାହିଁକି ? ମୋଦି ନିଜେ ବିରାଟ ରାଲି କରୁଛନ୍ତି, ଅଥଚ ରାଜ୍ୟ ସରକାରଗୁଡ଼ିକୁ ଚିଠି ଦେଇ ଭିଡ଼ ନିୟନ୍ତ୍ରଣ କରିବାକୁ କଡ଼ା ନିୟମ ଲାଗୁ କରିବାକୁ କହୁଛନ୍ତି ? ସଂକ୍ରମଣ ରୋକିବା ଲାଗି ଜରୁରିକାଳୀନ ପଦକ୍ଷେପ ନେବା ଉଚିତ୍ ବୋଲି କାହିଁକି ସରକାରଙ୍କୁ କହୁଛନ୍ତି ? ସେମାନଙ୍କ ପାଖରେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନାହିଁ । ପ୍ରଧାନମନ୍ତ୍ରୀ ନିକଟରେ ପଶ୍ଚିମବଙ୍ଗରେ ସ୍ଲୋଗାନ ଦେଇଛନ୍ତି ଯେ, ସେ ଖେଳକୁ ଅନୁମତି ଦେବେ ନାହିଁ, କେବଳ ବିକାଶକୁ ଦେବେ । ତାଙ୍କ ନିଜସ୍ୱ ତଥ୍ୟରୁ ଜଣାଯାଏ, ୨୦୧୮ ଜାନୁୟାରୀରୁ ଭାରତର ମୋଟ ଘରୋଇ ଉତ୍ପାଦ ଲାଗାତର ହ୍ରାସ ପାଇ ୨୦୧୯ ଶେଷସୁଦ୍ଧା ୩%ରେ ପହଞ୍ଚିଥିଲା । ଏହାପରେ ଏହା ବିଯୁକ୍ତାତ୍ମକ ସ୍ତରକୁ ଖସିଥିଲା । ସ୍ୱାଧୀନୋତ୍ତର ଭାରତର ଇତିହାସରେ କୋଭିଡ୍ ମହାମାରୀ ପୂର୍ବରୁ ୨୦୧୯ରେ ବେରୋଜଗାରୀ ସବୁଠୁ ଉଚ୍ଚ ସ୍ତରରେ ଥିଲା । ଚାଇନା ଏବଂ ଆମେରିକା ତୁଳନାରେ ୨୦%ରୁ କମ୍ ବୟସ୍କ ଭାରତୀୟ କାର୍ଯ୍ୟ କ୍ଷେତ୍ରରେ ରହିଛନ୍ତି । କାର୍ଯ୍ୟ କ୍ଷେତ୍ରରେ ଆମ ପାଖରେ ଅତ୍ୟଧିକ ଲୋକ ଥିବାବେଳେ ଆମେ ସେ ସମୟକୁ ନଷ୍ଟ କରିଛୁ । ନିକଟରେ କର୍ମକ୍ଷେତ୍ରକୁ ଅଧିକ ଲୋକ ଆସିବା ଭଳି ପରିସ୍ଥିତି ଉପୁଜିବାର ସମ୍ଭାବନା ନାହିଁ, କାରଣ ସେମାନଙ୍କ ପାଇଁ କାମ ନାହିଁ । ଏହା କ'ଣ ବିକାଶ ? କିନ୍ତୁ ପ୍ରଧାନମନ୍ତ୍ରୀ କହୁଛନ୍ତି, ଏହା ହୋଇଛି । ଏଣୁ ଏହା ପଛରେ ସତ୍ୟାସତ୍ୟ ରହିବା ଉଚିତ । ଭାରତରେ ବିଶ୍ଳେଷକମାନେ ଅପ୍ରାସଙ୍ଗିକ ହୋଇପଡ଼ିଛନ୍ତି । ସେମାନେ ବିଶ୍ଳେଷଣ କରିବା ଲାଗି ବ୍ୟର୍ଥ ହେଉଛନ୍ତି କାରଣ ଲୋକମାନଙ୍କ ଉପରେ ଘଟଣାଗୁଡ଼ିକର କୌଣସି ଫରକ ପଡୁନାହିଁ । ଏଭଳି ମନ୍ତବ୍ୟ ଦେବାକୁ ପଡୁଥିଲେ ବି ଏହା ହିଁ ନିରାଟ ସତ ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | 5 | | | 6 | | | | | | E | | | 1 |
| | 8 | | | A | | 9 | | | 2 | 6 | | | 5 | |
| | | | | | | | | 0 | | 3 | 5 | | A | |
| A | | E | 7 | | 2 | | | 3 | | | 1 | | | 0 |
| | D | 6 | B | | 0 | 2 | 7 | | | | C | | | |
| | | | 9 | 2 | | 8 | 4 | | 7 | | B | E | | 5 |
| | 9 | | | | | | B | | 1 | | 0 | | 4 | |
| B | 7 | | 5 | 6 | | | | | | | 4 | | | |
| | | | | | E | | | | 3 | | | C | | 8 |
| | E | 2 | | | | | | | | | | | | |
| 1 | | | | | | | 3 | | E | | | | B | |
| | | D | E | 1 | | C | | | | | | 8 | | |
| | | A | | 0 | | 7 | | | 6 | 1 | 2 | | | |
| 4 | 3 | C | 2 | D | | | | | | | 7 | 5 | | 9 |
| | B | | A | 7 | | | | 6 | 9 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 8 | 5 | 9 | A | C | 6 | 3 | 0 | 2 | B | D | 1 | 4 | E |
| 6 | C | E | 4 | 0 | D | 9 | 8 | A | 5 | 3 | 1 | B | 7 | 2 |
| 2 | 0 | 1 | 6 | 7 | 3 | 5 | D | B | C | 4 | E | A | 8 | 9 |
| 9 | B | 3 | 1 | E | 5 | 4 | 7 | 2 | 6 | 8 | A | C | 0 | D |
| D | 4 | A | B | 2 | 8 | E | C | 1 | 0 | 7 | 9 | 6 | 3 | 5 |
| 4 | 1 | 2 | A | 9 | 7 | C | 5 | D | B | E | 0 | 8 | 6 | 3 |
| 3 | 7 | C | 5 | D | 2 | B | 0 | 4 | 1 | 6 | 8 | E | 9 | A |
| E | D | B | 8 | 1 | 0 | 3 | 6 | 9 | 4 | A | 5 | 7 | 2 | C |
| 0 | 6 | 9 | E | 4 | B | 8 | A | 7 | 3 | 2 | C | 5 | D | 1 |
| 5 | A | 8 | 3 | C | 6 | 2 | 1 | E | 9 | D | 7 | 0 | B | 4 |
| 1 | 3 | D | 0 | 6 | 9 | 7 | B | 5 | A | C | 2 | 4 | E | 8 |
| C | 9 | 0 | D | B | E | A | 2 | 8 | 7 | 1 | 4 | 3 | 5 | 6 |
| A | 2 | 4 | 7 | 8 | 1 | 0 | E | 3 | D | 5 | 6 | 9 | C | B |
| B | E | 6 | 2 | 5 | 4 | 1 | 9 | C | 8 | 0 | 3 | D | A | 7 |
| 8 | 5 | 7 | C | 3 | A | D | 4 | 6 | E | 9 | B | 2 | 1 | 0 |

ଗତକାଲିର ଉତ୍ତର

# ଜଙ୍ଗଲ ଯାହାର, ଅଧିକାର ତାହାର



ପ୍ରଫେସର ଡ. ଅଜୟ କୁମାର ପାତ୍ର

ଜୀବଜଗତରେ ବିଭିନ୍ନ ସ୍ତରରେ ବୃକ୍ଷଲତା, କୀଟପତଙ୍ଗ, ଜୀବଜନ୍ତୁ ଓ ସର୍ବୋପରି ମଣିଷ ମଧ୍ୟରେ ଏକ ମଧୁର ସମ୍ପର୍କ ଏପରି ସମତୁଲ ଭାବରେ ଜଡ଼ିତ ଯେ ଗୋଟିକର କ୍ଷୟକ୍ଷତି ଓ ବିକାଶରେ ଅନ୍ୟଟିର କ୍ଷୟକ୍ଷତି ଓ ବିକାଶ ଜଡ଼ିତ ଥାଏ । ଏହା ହିଁ ପ୍ରକୃତିର ଏକ ରହସ୍ୟମୟ ଦିଗ । ଆଜି ପୃଥିବୀ ସାରା ପ୍ରକୃତି ବିରୋଧରେ ବିଚାରବିହୀନ ଆକ୍ରମଣ ଚାଲିଛି । ଫଳତଃ ବହୁବିଧ ଉଦ୍ଭିଦ, ପ୍ରାଣୀଙ୍କର ସମ୍ପୂର୍ଣ୍ଣ ବିଲୋପ ଘଟିଛି ଓ ଆହୁରି ଅନେକ ଅବଲୁପ୍ତ ଅବସ୍ଥାରେ ରହିଛନ୍ତି । ଅରଣ୍ୟ ଧ୍ୱଂସ ପାଇବା ଫଳରେ ମୃତ୍ତିକା କ୍ଷୟ, ବନ୍ୟା, ମରୁଡ଼ି ଓ ବହୁବିଧ ମାରାତ୍ମକ ରୋଗ ବ୍ୟାପକ ହେଲାଣି । ପ୍ରାୟ ପଚାଶ ବର୍ଷ ତଳେ ଭାରତବର୍ଷର ଯେଉଁ ଘନ ସବୁଜ ଅରଣ୍ୟ ଥିଲା ତାହା ଆଜି ନାହିଁ । ବାଘ, ସିଂହ, ଗଣ୍ଡା, କୃଷ୍ଣସାର ମୃଗ, ବନ୍ୟଗାଈ, ଗୟଳ, ନାନାଦି ସରୀସୃପ, ନାନା ଜାତିର ପକ୍ଷୀ ଓ କୀଟପତଙ୍ଗ ଯେଉଁଗୁଡ଼ିକ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଥିଲେ ତାହା ଆଜି ଦୁର୍ଲଭ ।

ଆମେ ଯଦି ଆମର ଚତୁଃପାର୍ଶ୍ୱ ବନ୍ୟ ପରିବେଶକୁ ଅନୁଧ୍ୟାନ କରିବା, ତା'ହେଲେ ଜାଣିପାରିବା ଯେ ଅନ୍ତତଃ ୩୫୦,୦୦୦ ପ୍ରକାରର ବୃକ୍ଷଲତା, ପ୍ରାୟ ୬୬୦,୦୦୦ ପ୍ରକାରର ପୋକଜୋକ, ୨୧୦୦ ପ୍ରକାରର କୀଟପତଙ୍ଗଙ୍କୁ ମିଶାଇ ଅନ୍ୟୂନ ଦଶଲକ୍ଷରୁ ଅଧିକ ବିବିଧ ପ୍ରକାରର ପ୍ରାଣୀ ବାସ କରୁଛନ୍ତି । ଏହି ବନ୍ୟଜାତକ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ବନ୍ୟ ସମ୍ପଦର ସୁରକ୍ଷା ଅପରିହାର୍ଯ୍ୟ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ପ୍ରାୟ ୨୦ ହେକ୍ଟର ଜଙ୍ଗଲ ପ୍ରତି ମିନିଟ୍‌ରେ ଧ୍ୱଂସ ପାଉଛି । ଅନେକ ବନ୍ୟ ଉଦ୍ଭିଦର ଉପକାରିତା ଆବିଷ୍କୃତ ହେବା ପୂର୍ବରୁ ବିଲୁପ୍ତ ହୋଇ ଯାଉଛନ୍ତି । ଆମେରିକାର ମିଶୋରୀ ଉଦ୍ଭିଦ୍ ବିଜ୍ଞାନ ବଗିଚାର ନିର୍ଦ୍ଦେଶକ ଡ. ପିଟର ଓ ଡ. ରାବେନଙ୍କ ମତରେ ଗୋଟିଏ ବୃକ୍ଷ ଉପରେ ୧୦ଟିରୁ ୩୦ଟି ପର୍ଯ୍ୟନ୍ତ କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭର କରିଥିବାରୁ ଏହି ବୃକ୍ଷର ବିଲୋପ ସହ ସେହିସବୁ ଜୀବମାନେ ମଧ୍ୟ ବିଲୋପଗାମୀ ହୁଅନ୍ତି । ଏକ ବୈଜ୍ଞାନିକ ତଥ୍ୟରୁ ଜଣାଯାଏ ଯେ, ଭାରତରେ ପ୍ରାୟ ୨୫,୦୦୦ ଶ୍ରେଣୀୟ ପୁଷ୍ପଜାତୀୟ ଉଦ୍ଭିଦ ତଥା ୧୧୦୦ ପ୍ରଜାତିର ବିଭିନ୍ନ ପ୍ରକାରର ଅର୍କିଡ ଗଛ ଦେଖିବାକୁ ମିଳେ । ଆସାମ, ତ୍ରିପୁରା, ମେଘାଳୟ, ଉତ୍ତରାଞ୍ଚଳ ତଥା ଓଡ଼ିଶାର ଶିମିଳିପାଳରେ ପ୍ରାୟ ୭,୦୦୦ ପ୍ରକାର ଏହି ଜାତୀୟ ଉଦ୍ଭିଦ ରହିଛନ୍ତି । ଏପରି କି ଗାଙ୍ଗେୟ ସମତଳ ଉତ୍ତରାଞ୍ଚଳରେ ଗୋଟିଏ ଜିଲାରେ ୬୦୦ରୁ ୭୦୦ ପ୍ରକାର ଏବଂ ଉତ୍ତର ଭାରତର ହିମାଳୟ ପାଦଦେଶର ଏକ କ୍ଷୁଦ୍ର ଅଞ୍ଚଳରେ ୧୦୦୦ରୁ ୧୫୦୦ ପ୍ରକାର ଏହି ଜାତୀୟ ଉଦ୍ଭିଦ ରହିଛନ୍ତି । ଏଗୁଡ଼ିକ ମଧ୍ୟ ଲୋପ ପାଇବାରେ ଲାଗିଛି ।।

ସ୍ୱାଧୀନତା ପରେ ଆମ ଦେଶରେ ପ୍ରାୟ ୫୦ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଗଲାଣି ।

୨୦୧୨ ନଭେମ୍ବର ୨୮ରେ ସର୍ବପ୍ରଥମେ ଜାତିସଂଘ ସାଧାରଣ ଅଧିବେଶନରେ ବନ୍ୟ ସମ୍ପଦର ସୁରକ୍ଷା ଓ ସୁପରିଚାଳନାର ସଂକଳ୍ପ ସର୍ବସମ୍ମତିକ୍ରମେ ନିଆଯାଇଥିଲା । ଠିକ୍ ତା'ପର ବର୍ଷ ମାର୍ଚ୍ଚ ୨୧ ଦିନ ଏହି ସଂକଳ୍ପକୁ ଯଥାବିଧି ପାଳନ ନିମନ୍ତେ ସରକାରୀ ସ୍ତରରେ ଘୋଷଣା କରାଗଲା । ସେବେଠାରୁ ବନ୍ୟ ସମ୍ପଦର ଅତୁଳନୀୟ ଅବଦାନକୁ ଦୃଷ୍ଟିରେ ରଖି ଏବଂ ପ୍ରତିବର୍ଷ ନୂତନ ବିଷୟବସ୍ତୁକୁ ନେଇ ମାର୍ଚ୍ଚ ୨୧କୁ 'ବିଶ୍ୱ ବନ୍ୟ ଦିବସ' ରୂପେ ପାଳନ କରାଯାଇ ଆସୁଅଛି । ତଦନୁଯାୟୀ ଚଳିତ ବର୍ଷର ବିଷୟବସ୍ତୁ ହେଉଛି, 'ଜଙ୍ଗଲ ପୁନରୁଦ୍ଧାର': ପୁନର୍ଲାଭ ଏବଂ ସନ୍ତୋଷଜନକ ଓ ସୁସ୍ଥତାର ଅଂଶ ବିଶେଷ ।

ଜୈବ ବିବିଧତାରେ ଭରପୂର, ଜୈବ ସମ୍ପଦର ଗନ୍ତାଘର ଆଜି ସୌନ୍ଦର୍ଯ୍ୟ-ରହିତ ଓ କାନ୍ତିହୀନ ହୋଇପଡ଼ିଛି । ଏହାର ମୁଖ୍ୟ କାରଣ ହେଉଛି ମଣିଷର ଅବିବେକପଣିଆ, ଅପରିଣାମଦର୍ଶିତା, ଆକ୍ରୋଶ

**ବିଶ୍ୱ ବନ୍ୟ ଦିବସ ଉପଲକ୍ଷେ**

ମନୋଭାବ । ଆଜିର ଜଙ୍ଗଲ ବୋଇଲେ କେତେକ ହାତଗଣତି ହାତୀ ଓ ହରିଣଭରା ଜଙ୍ଗଲ । ପଶୁରାଜ ବାଘ, ସିଂହ ଆଜି ଦୁର୍ଲଭ । ସେମାନେ ଚିଡ଼ିଆଖାନା, ପାର୍କ ଓ ଜୀବମଣ୍ଡଳ ଆଦି ସୁରକ୍ଷିତ ଅଞ୍ଚଳରେ ବନ୍ଦୀ ଜୀବନଯାପନ କରୁଛନ୍ତି । ହାତୀ ଆଜି ସମ୍ପୂର୍ଣ୍ଣ ଏକଲା । ସେମାନଙ୍କର ବାସସ୍ଥଳୀ ମଣିଷ ଦ୍ୱାରା ଧ୍ୱଂସ ହେବା କାରଣରୁ ସେମାନେ ଆଜି ରକ୍ତମୁଖା ହୋଇଉଠିଛନ୍ତି । ଜଙ୍ଗଲର ବାଘ, ସିଂହ ଓ ଭାଲୁ ବିନା ଏକଲା ହାତୀ ଆଜି ନିଜକୁ ଅସହାୟ ମନେକରୁଛି, ଅସହାୟ ହୋଇପଡ଼ିଛି ଜଙ୍ଗଲ ସୁରକ୍ଷା କରିବାରେ । ଏକଦା ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ, ''ଲୋଭ ପାଇଁ ଆମର ଏ ବିଶାଳ ପୃଥିବୀ ଅତ୍ୟନ୍ତ କ୍ଷୁଦ୍ର, ଅତ୍ୟନ୍ତ ସୀମିତ ; ମାତ୍ର ଅଭାବ ଓ ଅନଟନ ପୂରଣ ପାଇଁ, ଦୁଃଖ ଓ ଦାରିଦ୍ର୍ୟ ଦୂର ଲାଗି ଆମ ପୃଥିବୀ ବହୁତ ବଡ଼ ଓ ବିଶାଳ । ସମ୍ବଳର ଅଭାବ ନାହିଁ, ଏପରି କି ଆଗାମୀ ସହସ୍ର ବର୍ଷ ପର୍ଯ୍ୟନ୍ତ ଆମ ପୃଥିବୀ ଜୀବମଣ୍ଡଳର ଦୁଃଖ ଓ ଅଭାବ ଦୂରକରିବାକୁ ସମ୍ପୂର୍ଣ୍ଣ ସମର୍ଥ ।

ବିଶ୍ୱ ପରିସଂଖ୍ୟାନ ତତ୍ତ୍ୱ ଅନୁଯାୟୀ ପୃଥିବୀର ସମୁଦାୟ ସ୍ଥଳ ଭାଗର ଅନ୍ୟୂନ ୩୩ ପ୍ରତିଶତ ଜଙ୍ଗଲ ଦ୍ୱାରା ଆବୃତ୍ତ ହେବା ନିହାତି ଦରକାର । ଏଥିରୁ ଅନ୍ୟଥା ହେଲେ ଜୈବ ବିବିଧତାରେ ଘୋର ବିଶୃଙ୍ଖଳା ଦେଖାଦେବ । ଜୀବଜଗତର ଜୀବନ ପ୍ରଣାଳୀରେ ପରିବର୍ତ୍ତନ ଘଟିବ । ଦୁଃଖର ବିଷୟ ଯେ, ଆଜି ପୃଥିବୀରେ ମାତ୍ର ୧୯ ପ୍ରତିଶତ ସ୍ଥଳରେ ଜଙ୍ଗଲ ସୀମିତ ଅଛି, ଯାହା କି ପରିବେଶର ଭାରସାମ୍ୟ ରଖିବାରେ ସମ୍ପୂର୍ଣ୍ଣ ଅକ୍ଷମ ।

ଜଙ୍ଗଲ ଧ୍ୱଂସ ହେବାର ପ୍ରମୁଖ କାରଣ ମଧ୍ୟରେ ଜଙ୍ଗଲ ପୋଡ଼ି, ପୋଡୁ ଚାଷ, ଶିଳ୍ପକାରଖାନା ସ୍ଥାପନ ପାଇଁ ଜମି ଅଧିକରଣ, ଅବିଚ୍ଛିନ୍ନ ଓ ବେନିୟମ ଭାବେ ପଶୁ, ପକ୍ଷୀ ଶିକାର, ଜାଳେଣି ଅଙ୍ଗାର ସଂଗ୍ରହ, ସର୍ବୋପରି ଗୃହ ନିର୍ମାଣ ତଥା ଅନ୍ୟାନ୍ୟ ଗୃହ ଉପକରଣ ତିଆରି କରିବା ପାଇଁ ଉପଯୋଗୀ କାଠ ସମୂହର ଚୋରାଚାଲାଣ ଇତ୍ୟାଦି ।

ଆଜିନିଆଁର ଆଁରେ ଓଡ଼ିଶାର ଜଙ୍ଗଲ ସମ୍ପଦ । ପ୍ରାୟ ୬୯୭ଟି ସ୍ଥାନରେ ଜଙ୍ଗଲ ଜଳୁଛି । ଶିମିଳିପାଳରେ ସ୍ଥିତି ଅଣାୟତ୍ତ ହୋଇଥିବା ବେଳେ ସୁନାବେଡ଼ା ଅଭୟାରଣ୍ୟ ଏବେ ନିଆଁ କବଳରେ । କପିଳାସ, କୁଲଡିହା ମଧ୍ୟ ନିଆଁର ଆଁ ଭିତରକୁ ଆସିଲାଣି । ନୃସିଂହନାଥ, ହରିଶଙ୍କର ରେଞ୍ଜରେ ଜଳୁଛି ଜଙ୍ଗଲ । ମୟୂରଭଞ୍ଜରୁ ମାଲକାନଗିରି ହେଉ କି କଳାହାଣ୍ଡିରୁ କନ୍ଧମାଳ ସବୁଠି ଜଙ୍ଗଲ ନିଆଁ ଆଜି ଭୟଙ୍କର ରୂପ ଧାରଣ କରିଛି । ଭୟଙ୍କର ଆତଙ୍କରେ ଭୟଭୀତ ଜଙ୍ଗଲୀ ଜୀବ । ଅସୁମାରି ଜୀବନଙ୍କର ଅକାଳ ମୃତ୍ୟୁ ଘଟିଲାଣି । ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ(ଏଫ୍‌ଏସ୍‌ଆଇ)ର ତଥ୍ୟ କହୁଛି ଯେ, ଦେଶରେ ପାଖାପାଖି ୧୫୨୨ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଛି । ଏଥିରେ ଓଡ଼ିଶାରୁ କେବଳ ୯୧୮ଟି ରହିଛି ଅର୍ଥାତ୍ ୬୦% ନିଆଁ କେବଳ ଓଡ଼ିଶାରେ ଲାଗିଛି । ଅତୁଳନୀୟ ଜଙ୍ଗଲ ସମ୍ପଦ ଆଜି ପାଉଁଶ ପାଲଟିଯାଇଛି । ସବୁଠାରୁ ବଡ଼ କଥା ହେଉଛି, ଏତେ ଭୟଙ୍କର ଦୁଃଖଦ ଘଟଣା ସତ୍ତ୍ୱେ ଜଙ୍ଗଲୀ ପଶୁ, ପକ୍ଷୀ, ସରୀସୃପ ସେହି ଜଙ୍ଗଲର କୌଣସି ଏକ ନିଭୃତ ଓ ନିରାପଦ ସ୍ଥାନରେ ଆଶ୍ରୟ ନେଇଛନ୍ତି ହେଲେ ନିଜ ବାସସ୍ଥାନ ତ୍ୟାଗ କରି ମଣିଷର ଶରଣ ନେଇନାହାନ୍ତି । ନିଜ ନିଜର ସାଥୀକୁ କିଏ ହରାଇଛନ୍ତି ତ ନିଜର ଶାବକକୁ କିଏ ହରାଇଛନ୍ତି ଅଥବା ଶାବକ ବିନା ନିଜ ଜୀବନକୁ ବଳି ଦେଉଛନ୍ତି । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପକ୍ଷୀ ବିଶାରଦ ଡ. ସାଲିମ ଅଲ୍ଲୀ ତାଙ୍କର ଗବେଷଣା ସନ୍ଦର୍ଭରେ ପ୍ରକାଶ କରିଥିଲେ ଯେ, ଏକଦା ଏକ ଜଙ୍ଗଲରେ ପକ୍ଷୀ ଓ ପକ୍ଷିଣୀ ସେମାନଙ୍କର ଶାବକ ଦ୍ୱୟକୁ ନୀଡ଼ରେ ଛାଡ଼ି ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି ବହୁ ଆଶା ଓ ଉଦ୍ଦୀପନାର ସହ । ସାନ୍ଧ୍ୟକାଳ ଉପନୀତ ହୁଅନ୍ତେ, ଆହାର ସହ ଫେରି ଦେଖନ୍ତି, ମଣିଷ ସୃଷ୍ଟ ନିଆଁରେ ଶାବକ ଦ୍ୱୟ ପୋଡ଼ି ପାଉଁଶ ହୋଇଯାଇଛନ୍ତି । ଦୁଃଖର ଅନଳରେ, ବିରହ ବେଦନାରେ ପକ୍ଷୀ ଓ ପକ୍ଷିଣୀ ନିଆଁକୁ ଡେଇଁ ଆତ୍ମହତ୍ୟା କରି ସମଗ୍ର ମଣିଷଜାତିକୁ ଚେତାଇ ଦେଇଛନ୍ତି 'ହେ ମଣିଷ ! ନିଜେ ବଞ୍ଚ ଓ ଆମ୍ଭମାନଙ୍କୁ ବଞ୍ଚିବାକୁ ଦିଅ । ଜଙ୍ଗଲ ଆମର, ଆମ ଅଧିକାର ଆମକୁ ଫେରାଇଦିଅ । ଅତୀତରେ କେତେ ସୁଖୀ ନ ଥିଲୁ ଆମେ, ତୁମ ବଂଶଧର ଆଦିବାସୀଙ୍କ ସହିତ ମିଳିମିଶି ଚଳିବାରେ । ସେମାନେ ଜଙ୍ଗଲକୁ ମା' ସମାନ ପୂଜା କରୁଥିଲେ । ଆମକୁ ଶିକାର କରୁଥିଲେ ସତ ହେଲେ ଖାଦ୍ୟ ପାଇଁ, ସ୍ୱାର୍ଥ ପାଇଁ ନୁହେଁ କି ଲୋଭ ପାଇଁ ନୁହେଁ । ଶିକାର-ଶିକାରୀ, ଖାଦ୍ୟ-ଖାଦକ ସମ୍ପର୍କ ସୁମଧୁର ଓ ସମତୁଲ ଥିଲା । ଜଙ୍ଗଲର ପ୍ରକୃତ ଦାୟାଦ ଆମେ ଜୀବଜନ୍ତୁ ଓ ଆମ ଆଦିବାସୀ ଭାଇ, ତୁମେ ସଭ୍ୟ ମଣିଷ ନୁହେଁ । ହେ ମଣିଷ ! ତୁମେ ଜାଣ ଓ ଶିଖ ମଧ୍ୟ... ।

ଦିନ ଥିଲା, ସମୟ ବି ଥିଲା, ପ୍ରକୃତି ଅରଣ୍ୟର ସ୍ୱଚ୍ଛ, ନିର୍ମଳ, ମନୋହର, ନିଷ୍ପାପ ଓ ସୁନ୍ଦର ରୂପରେ ବିମୁଗ୍ଧ ହୋଇ ସାରୁଗଛ ମୂଳେ ବସି ବେଙ୍ଗ ବେଙ୍ଗୁଲୀକୁ କହିଥିଲା ' ପୃଥିବୀ କ୍ଷଣ କ୍ଷଣକେ ଆନ' । ଆଜି ସବୁକିଛି ବଦଳି ଯାଇଛି, ଶ୍ରୀହୀନ ହୋଇଛି ବନ୍ୟ ସମ୍ପଦ । ବେଙ୍ଗ ଆଜି ନୀରବ, ବେଙ୍ଗୁଲି ନୀରବରେ ଅଶ୍ରୁପାତ କରୁଛି । ଆଜି ଜଙ୍ଗଲ ସମ୍ପଦର ପୁନରୁଦ୍ଧାର ଅତ୍ୟନ୍ତ ଜରୁରୀ ହୋଇପଡିଛି । ବୃହତ ଜଙ୍ଗଲ ରୂପରେ ବର୍ଦ୍ଧିତ ଜନସଂଖ୍ୟାର ଚାପ କମାଇବାକୁ ହେଲେ, ପ୍ରତି ଗ୍ରାମ କିମ୍ବା ୩-୪ଟି ଗ୍ରାମକୁ ନେଇ ଛୋଟ ଜଙ୍ଗଲ ସୃଷ୍ଟିକୁ ପ୍ରାଥମିକତା ଦେବା ଉଚିତ । ଜଙ୍ଗଲର ମାହାତ୍ମ୍ୟ ବିଷୟରେ ତୃଣମୂଳ ସ୍ତରରୁ ଅର୍ଥାତ୍ ବିଦ୍ୟାଳୟ ସ୍ତରରୁ, ପରିବାର ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନ କରିବା ଉଚିତ । ଗ୍ରୀଷ୍ମ ଋତୁ ଆରମ୍ଭ ହେବାର ଅନ୍ତତଃ ଦୁଇମାସ ଆଗରୁ ଜନସଚେତନତା ସୃଷ୍ଟି କରିବା ଉଚିତ । ଉଇକାଲିପଟାସ୍ ଓ ଆକାଶିଆ ଭଳି ଏକକ ବିଦେଶୀ ବୃକ୍ଷ ଜଙ୍ଗଲରେ ରୋପଣ ନ କରି ମିଶ୍ରିତ ଦେଶୀୟ ବୃକ୍ଷ ରୋପଣର ଯତ୍ନବାନ ହେବା ଉଚିତ । ''ଜଙ୍ଗଲ ଯାହାର, ଅଧିକାର ତାହାର'' ଏହା ଆମକୁ ସାବ୍ୟସ୍ତ କରିବାକୁ ପଡ଼ିବ । ଯେଉଁ ଆଦିବାସୀ ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ସମୂହ ସହଯୋଗରେ ଜଙ୍ଗଲ ସମ୍ପଦର ଅହେତୁକ ଅଭିବୃଦ୍ଧି ଘଟିଥିଲା, ଆଜିର ଏ ଘୋର ଦୁଃସମୟରେ ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଫେରାଇ ଦିଆଯାଉ । ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ ମାଧ୍ୟମରେ ଆଦିବାସୀଙ୍କୁ ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ଦିଆଯାଉ ଓ ସମସ୍ତ ଜଙ୍ଗଲୀ ଜୀବଜନ୍ତୁଙ୍କୁ ସେମାନଙ୍କ ପ୍ରକୃତି କୋଳକୁ ଫେରାଇ ଦିଆଯାଉ ।

ମନେରଖିବାକୁ ହେବ ଯେ, ଆମେ ପୃଥିବୀବାସୀ ଅତ୍ୟନ୍ତ ଭାଗ୍ୟବାନ । କେବଳ ପୃଥିବୀ ଯୋଗୁ ଆମର ପରିଚୟ, ଆମର ଭବିଷ୍ୟ, ଆମର କୃତି ଓ ଇତିହାସ । ମନେରଖନ୍ତୁ ଧୀର ପାଣି ପଥର କାଟେ । ଏକ ଏକ ବିନ୍ଦୁ ଜଳର ଉପଯୋଗରେ ମହାସମୁଦ୍ର ସୃଷ୍ଟି ହୋଇପାରେ । ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କର ଛୋଟ ଛୋଟ ସହଯୋଗରେ ମହାଦ୍ରୁମ ସୃଷ୍ଟି କରାଯାଇପାରେ । ପ୍ରତ୍ୟେକ ନିଜ ନିଜର ବାଡ଼ି- ବଗିଚାକୁ ଛୋଟ ଜଙ୍ଗଲରେ ପରିଣତ କରନ୍ତୁ । ଜଙ୍ଗଲର ପୁନରୁଦ୍ଧାର ଓ ପୁନଃନବୀକରଣର କଲ୍ୟାଣକାରୀ ଦିଗ ଉପରେ ଅଧିକ ଗୁରୁତ୍ୱ ଦେବା ହିଁ 'ବିଶ୍ୱ ବନ୍ୟ ଦିବସ'ର ବାର୍ତ୍ତା ହେଉ ।

ମୋ: ୯୪୩୮୬୨୧୩୯୧

# ବର୍ମାର ବୀରା କନ୍ୟା

ବ୍ୟକ୍ତିତ୍ୱ



ଫିଓ ଫିଓ ଅଙ୍ଗ୍

ମ୍ୟାନ୍‌ମାର (ବର୍ମା)ରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରକୁ ୧ ଫେବୃୟାରୀ ୨୦୨୧ରେ ପ୍ରତ୍ୟାଖ୍ୟାନ କରି ସେନା ଶାସନକୁ ହାତକୁ ନେବା ପରଠାରୁ ସେଠାକାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗଣତାନ୍ତ୍ରିକ ସପକ୍ଷବାଦୀ ନେତାଙ୍କୁ ଗିରଫ କରାଯିବା ସହ ସେନାକୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ନିର୍ଯାତନା ଦିଆଯାଉଛି ଓ ସ୍ଥଳବିଶେଷରେ ଅନେକଙ୍କୁ ହତ୍ୟା କରାଗଲାଣି । ନିକଟରେ ସେନା ଅଧିକାରୀଙ୍କ ସମ୍ମୁଖରେ ଜଣେ ନନ୍ ଆଣ୍ଠୁମାଡ଼ି ଦୁଇ ହାତ ପ୍ରସାରିତ କରି ଶିଶୁମାନଙ୍କୁ ନିର୍ଯାତନା କିମ୍ବା ହତ୍ୟା ନ କରିବାକୁ ନିବେଦନ କରିଥିଲେ । ଏପରି କି ସେନା ତାଙ୍କ ଜୀବନ ନେଇଯାଉ ପଛେ ଏଭଳି ହିଂସା ବନ୍ଦ କରାଯାଉ ବୋଲି କହୁଥିବା ଭିଡିଓ ବିଶ୍ୱବ୍ୟାପୀ ଭାଇରାଲ ହୋଇଥିଲା । ଏହା ସତ୍ତ୍ୱେ ସେନା ଲୋକଙ୍କୁ ନିର୍ଯାତନା ଦେଇଚାଲିଛି । ଏଭଳି ସମୟରେ ଯେଉଁମାନେ ଦେଶ ପାଇଁ ଲଢ଼େଇ କରୁଛନ୍ତି, ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସମର୍ଥନ ଓ ସ୍ୱୀକୃତି ମିଳୁଛି । ଏବେ ଯୁବପିଢ଼ିଙ୍କ ମଧ୍ୟରେ ଫିଓ ଫିଓ ଅଙ୍ଗ୍‌ଙ୍କ ନାମ ଆଗରେ ରହିଛି । ମାନବ ଅଧିକାର କର୍ମୀ ଫିଓଙ୍କ ସଂଗ୍ରାମୀ ଜୀବନ ଆମେରିକା ପରରାଷ୍ଟ୍ର ବିଭାଗର ଦୃଷ୍ଟି ଆକର୍ଷଣ କରିବାରୁ ସେ ୨୦୨୧ ମସିହା ପାଇଁ ଅନ୍ତର୍ଜାତୀୟ ସହସିନୀ ମହିଳା ପୁରସ୍କାର ପାଇଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୦୭ରେ ଅନ୍ତର୍ଜାତୀୟ ମହିଳା ଦିବସରେ ଏହି ସମ୍ମାନ ତତ୍କାଳୀନ ପରରାଷ୍ଟ୍ର ସଚିବ କଣ୍ଡୋଲିଜା ରାଇସ୍‌ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ନିଃସ୍ୱାର୍ଥପର ଭାବେ ସାହସ ଦେଖାଇ ଅନ୍ୟମାନଙ୍କ ପାଇଁ ବିଶେଷକରି ମହିଳାଙ୍କ ଅଧିକାର ସକାଶେ ଜୀବନକୁ ଉତ୍ସର୍ଗ କରୁଥିବା ମହିଳାଙ୍କ ନେତୃତ୍ୱକୁ ଏହି ସମ୍ମାନ ଦିଆଯାଇଆସୁଛି ।

ଫିଓ ୨୫ ଅଗଷ୍ଟ ୧୯୮୮ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ନି ଉଇନ୍ ମଧ୍ୟ ଜଣେ ମାନବ ଅଧିକାରୀ କର୍ମୀ । ସେନା ଶାସନକୁ ବିରୋଧ କରିଥିବାରୁ ୧୯୮୯ରେ ଉଇନ୍‌ଙ୍କୁ ଦୀର୍ଘ ୨୦ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା । ସେଭଳି ଏକ ପରିବାରରୁ ଆସିଥିବାରୁ ଫିଓ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଚାଲିଛନ୍ତି । ୨୦୦୭ରେ ଗୈରିକ ବିପ୍ଳବରେ ସେ ନିଜକୁ ସାମିଲ କରିବା ପରେ ତାଙ୍କ ନାମ ବେଶ୍ ଚର୍ଚ୍ଚାକୁ ଆସିଥିଲା । ୨୦୦୮ରେ ଯେତେବେଳେ ଡେଲ୍‌ଟା ଅଞ୍ଚଳରେ ବାତ୍ୟା ଘଟି ବହୁ ଲୋକଙ୍କ ଜୀବନ ଯାଇଥିଲା, ସେତେବେଳେ ସେ ପିତାଙ୍କ ସହ ମିଶି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ । ପରେ ପିତାଙ୍କ ସହ ୟାଙ୍ଗୁନ୍ ଫେରୁଥିବା ବେଳେ ସେନା ଦ୍ୱାରା ଗିରଫ ହୋଇଥିଲେ । ସେହି ସମୟରେ ଫିଓ ସିଭିଲ୍ ଇଞ୍ଜିନିୟରିଂ ପଢୁଥିଲେ । ୨୦୧୧ ଅକ୍ଟୋବରରେ ମାଓଲାମିଇଙ୍ଗ ଜେଲରୁ ସେ ମୁକ୍ତ ହୋଇଥିଲେ । ସେହି ସମୟରୁ ତାଙ୍କ ସଂଘର୍ଷମୟ ଜୀବନ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା । ଫଳରେ ତାଙ୍କୁ ଅଲ୍ ବର୍ମା ଫେଡେରେଶନ ଅଫ୍ ଷ୍ଟୁଡେଣ୍ଟ ୟୁନିୟନସ୍ (ଏବିଏଫ୍‌ଏସ୍‌ୟୁ)ର ସାଧାରଣ ସମ୍ପାଦକ କରାଯାଇଥିଲା । ୨୭ ବର୍ଷ ବୟସରେ ଡେମୋକ୍ରାଟିକ୍ ଏଜୁକେଶନ ମୁଭ୍‌ମେଣ୍ଟ ଲିଡରିଂ କମିଟିର ସଦସ୍ୟ ହେବା ମଧ୍ୟ ଥିଲା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି । ୨୦୧୪-୧୫ରେ ହୋଇଥିବା ଶିକ୍ଷା ସଂସ୍କାର ଅଭିଯାନର ସେ ମଧ୍ୟ ପ୍ରମୁଖ ନେତ୍ରୀ ପାଲଟି ଯାଇଥିଲେ । ସେତେବେଳେ ନୂତନ ଜାତୀୟ ଶିକ୍ଷା ବିଲ୍‌କୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା । ଏଥିପାଇଁ ମାଣ୍ଡଲୟଠାରୁ ୟାଙ୍ଗୁନ ପର୍ଯ୍ୟନ୍ତ ହୋଇଥିବା ଯାତ୍ରାରେ ସେ ଅନ୍ୟତମ ଛାତ୍ର ନେତା ଭାବେ ନେତୃତ୍ୱ ନେଇଥିଲେ । ସେହି ସମୟରେ ଏହି ଯାତ୍ରାକୁ ଦବାଇ ଦେବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା । ପରବର୍ତ୍ତୀ ସମୟରେ ସରକାରଙ୍କ ସହ ଶିକ୍ଷା ବିଲ୍‌କୁ ନେଇ ହୋଇଥିବା ବୈଠକରେ ଦେଶର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ସହ ତାଙ୍କୁ ମଧ୍ୟ ଡକାଯାଇଥିଲା । ହେଲେ ତାଙ୍କୁ ଗିରଫ ହେବାକୁ ପଡ଼ିଥିଲା ।

ସେନା ଶାସନଠାରୁ ଆରମ୍ଭ କରି ଗଣତାନ୍ତ୍ରିକ ସରକାର ଯାଏ ଯେଉଁଠାରେ ବ୍ୟବସ୍ଥାରେ ତ୍ରୁଟି ଦେଖିଛନ୍ତି, ସେହି ସମୟରେ ଫିଓ ନ୍ୟାୟ ପ୍ରତିଷ୍ଠା ପାଇଁ ନେତୃତ୍ୱ ନେଇଛନ୍ତି । ସେଥିପାଇଁ ୨୦୧୫ରେ ତାଙ୍କୁ ସିଟିଜେନ୍ ଅଫ୍ ବର୍ମା ସମ୍ମାନରେ ସମ୍ମାନିତ କରାଯାଇଛି । ମାନବ ଅଧିକାର କର୍ମୀ ଭାବେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ତାଙ୍କୁ 'ବିବେକର ବନ୍ଦୀ' ଭାବେ ଘୋଷଣା କରିଛି । ଯୁବାବସ୍ଥାରୁ ଜନକଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିଥିବାରୁ ଫିଓଙ୍କୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ. ଡବ୍ଲ୍ୟୁ ବୁଶ୍ ଉଚ୍ଚ ପ୍ରଶଂସା କରିଥିଲେ । ଏବର ବାଇଡେନ୍ ପ୍ରଶାସନ ତାଙ୍କ କାର୍ଯ୍ୟ ଓ ନେତୃତ୍ୱର ଗୁଣଗାନ କରି ଦେଇଥିବା ସମ୍ମାନ ଫିଓଙ୍କୁ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ସ୍ଥାନକୁ ନେଇଯାଇଛି ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରାଧ୍ୟାପକ ଗଣେଶନ୍ ଡି. ରହୁଛନ୍ତି ଚେନ୍ନାଇରେ । ସେ ୨୦୧୭ରେ କୋଡୁଗାଲ ଟ୍ରଷ୍ଟ ପ୍ରତିଷ୍ଠା କରି ତା' ମାଧ୍ୟମରେ ସ୍ପାରୋ ବା ଘରଚଟିଆଙ୍କ ସୁରକ୍ଷା ଲାଗି କାର୍ଯ୍ୟ କରୁଛନ୍ତି । ଟ୍ରଷ୍ଟ ଦ୍ୱାରା ତିଆରି କାଠବାକ୍ସ ଚେନ୍ନାଇରେ ଲୋକମାନଙ୍କୁ ବାଣ୍ଟି ଘରଚଟିଆଙ୍କ ବଂଶରକ୍ଷା ଲାଗି ଉତ୍ସାହିତ କରିଆସୁଛନ୍ତି । ଗଣେଶନ୍ ଚେନ୍ନାଇର ଏସ୍‌ଆରଏମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିରେ ପ୍ରଧାପକ ଭାବେ କାର୍ଯ୍ୟ କରୁଛନ୍ତି । ସ୍ପାରୋଙ୍କ ପାଇଁ କାର୍ଯ୍ୟ କରୁଥିବାରୁ ଲୋକେ ତାଙ୍କୁ 'ସ୍ପାରୋ ପ୍ରଫେସର' ବୋଲି ସମ୍ବୋଧନ କରନ୍ତି । ସେ ୪ର୍ଥରୁ ୮ମ ଶ୍ରେଣୀର ଛାତ୍ରମାନଙ୍କୁ ନେଇ ସ୍ପାରୋ ୱାରିୟର ବା ସ୍ପାରୋ ଯୋଦ୍ଧା ଟିମ୍ ଗଠନ କରିଛନ୍ତି । ସେମାନଙ୍କୁ ନେଇ ସ୍କୁଲ ଓ ଜନବସତି ଅଞ୍ଚଳରେ ଦୁଇଟି ଘରଚଟିଆ ଅଭୟାରଣ୍ୟ ସୃଷ୍ଟି କରିପାରିଛନ୍ତି । ପିଲାମାନଙ୍କୁ କାଠବାକ୍ସ ତିଆରି କରିବା ଲାଗି ପ୍ରଶିକ୍ଷଣ ଦେବା ପରେ ସେମାନେ ଏହା ନିର୍ମାଣ କରୁଛନ୍ତି । ଗଣେଶନ ଏବେ ସ୍କୁଲ ଓ ଘରୋଇ ଅଞ୍ଚଳରେ ବସାଇଥିବା ୧୨୫୦ଟି ବାକ୍ସ ମଧ୍ୟରୁ ୯୫୦ଟିରେ ଘରଚଟିଆ ରହିଲେଣି । ୨୦୨୨ ସୁଦ୍ଧା ଚେନ୍ନାଇର ବିଭିନ୍ନ ସ୍ଥାନରେ ୧୦,୦୦୦ କାଠବାକ୍ସ ବାଣ୍ଟିବାର ଯୋଜନା ରଖିଛନ୍ତି ଗଣେଶନ୍ ।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୯୬

- ଉତ୍ତର-ପଶ୍ଚିମ ଚାଇନାରେ ଏକ ଶକ୍ତିଶାଳୀ ଭୂମିକମ୍ପ ହେବା ଦ୍ୱାରା ୨୪ଜଣଙ୍କ ପ୍ରାଣହାନି ।
- ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ନେଲସନ ମାଣ୍ଡେଲାଙ୍କ ପତ୍ନୀ ୱିନୀ ମାଣ୍ଡେଲା ନିଜ ସ୍ୱାମୀଙ୍କଠାରୁ ଛାଡ଼ପତ୍ରଜନିତ ପ୍ରାପ୍ୟ ପାଇବା ପାଇଁ ଦାଖଲ କରିଥିବା ଆବେଦନ ସୁପ୍ରିମ କୋର୍ଟରେ ଖାରଜ ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍ କରିବା ମଣିଷର ସ୍ୱଭାବ

ମହାଶୟ,

ଆମେ ନିଜେ ନିଜର ସ୍ୱରୂପକୁ ଭୁଲିଯାଇଛୁ । ଭୁଲ୍ କରିବା ମଣିଷର ପ୍ରକୃତି । ଏ ଭୁଲ୍ ଆମ ଦ୍ୱାରା ମୃତ୍ୟୁ ହେବା ପର୍ଯ୍ୟନ୍ତ ହେଉଥାଏ । ମୁଁ ପ୍ରକୃତରେ କିଏ ? ଏ କ୍ଷଣସ୍ଥାୟୀ ସଂସାରକୁ ଚିରସ୍ଥାୟୀ ଭାବି ଭୁଲ୍ କରି ବସିଛୁ । ଯେତେବେଳେ ଆମେ ଅନୁଭବ କରୁ ଯେ ଆମେ କିଛି ଭୁଲ୍ କରିଦେଲୁ ସେତେବେଳେ ଆମେ ଶପଥ କରିବା ଉଚିତ ଯେ, ସେପରି ଭୁଲ୍ ଆଉ କେବେ କରିବା ନାହିଁ । ଆମେ ଏ କ୍ଷଣସ୍ଥାୟୀ ସଂସାରକୁ ଚିରସ୍ଥାୟୀ ଭାବି ଭୁଲ୍ କରି ବସିଛୁ । ମାତ୍ର ଦିନେ ଏହା ପରିତ୍ୟାଗ କରି ଆମକୁ ଚାଲିଯିବାକୁ ହେବ ; ଏକଥା ଗ୍ରହଣ କରିବାକୁ ହେବ । ସଂଗ୍ରାମ ଚାଲିଛି ତା'ର ଅନ୍ତ କେବେ ଘଟିବ, କିଏ କହିବ । ପରିଣାମତଃ ଆମକୁ ଦୁଃଖ ଭୋଗିବାକୁ ପଡୁଛି । ଖାଲି ସେତିକି ନୁହେଁ, ସ୍ମୃତିହୀନତାରେ କବଳିତ ହୋଇ ବାରମ୍ବାର ଭୁଲ୍ କରୁଛୁ । ଭଗବାନ ଗୀତାରେ କହିଛନ୍ତି- ''ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ'' । ଅର୍ଥାତ୍ ପ୍ରତ୍ୟେକ ମୁହୂର୍ତ୍ତରେ ଏବଂ ପ୍ରତିଶ୍ୱାସରେ ଭଗବତ୍ ସ୍ମରଣପୂର୍ବକ ସମର୍ପିତ ଭାବରେ କର୍ମ କଲେ ଜୀବନ ନିସ୍ତାର ମିଳିବ ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର ।
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



# ଆଇନଶୃଙ୍ଖଳାକୁ ନେଇ ଘେରିଲେ ବିରୋଧୀ

ଭୁବନେଶ୍ୱର,୨୦।୩(ବ୍ୟୁରୋ)


କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର


ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ

- ହତ୍ୟାକାରୀ ଖୋଲାରେ ବୁଲୁଛନ୍ତି: ଭାଜପା
- ସାରଦାଙ୍କ ନାଁରେ ବହୁ ଆପରାଧିକ ମାମଲା ରହିଛି: ବିଜେଡି

ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ିପଡ଼ିଛି। ନିଶା ବେପାରଠାରୁ ଆରମ୍ଭ କରି ମହିଳା ନିର୍ଯାତନା, ଶିଶୁ ନିଖୋଜ, ସାଇବର କ୍ରାଇମ୍ ଓ ରାଜନୈତିକ ହତ୍ୟା ଭଳି ଘଟଣା ବଢ଼ିଚାଲିଛି। ହତ୍ୟାକାରୀ ଖୋଲାଖୋଲି ବୁଲୁଛନ୍ତି। ଆଇନ ମନ୍ତ୍ରୀଙ୍କ ନାମରେ ଅଭିଯୋଗ ଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଶନିବାର ଶୂନ୍ୟକାଳରେ ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କୁ ଘେରିଥିଲେ। ମାହାଙ୍ଗା ଡବଲ ମର୍ଡର କେସ୍‌ରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଏଫ୍‌ଆଇଆରରେ ଥିଲେ ମଧ୍ୟ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ବିରୋଧୀ ଅଭିଯୋଗ କରିଥିଲେ। ଶନିବାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ନିଶା ବେପାରଠାରୁ ଆରମ୍ଭ କରି ମହିଳା ନିର୍ଯାତନା, ଶିଶୁ ନିଖୋଜ, ସାଇବର କ୍ରାଇମ୍ ଓ ରାଜନୈତିକ ହତ୍ୟା ଘଟୁଛି। ସମ୍ବଲପୁର ବିଧାୟକଙ୍କୁ ଟାଣି ଆଣି ଥାନାରେ ପୂରାଉଥିବାବେଳେ ହତ୍ୟା ଅପରାଧୀ ଖୁଲମଖୁଲା ବୁଲୁଛନ୍ତି। ମାହାଙ୍ଗା ଡବଲ ମର୍ଡର ନ୍ୟାୟ ପାଇଁ ସାରଦା ପ୍ରଧାନ ବିଧାନସଭା ଘେରାଉ କରିବାକୁ ରାଲି ନେଇ ଆସୁଛନ୍ତି। ସ୍ମିତାରାଣୀ କେସଠାରୁ ଆରମ୍ଭ କରି ଅନେକ ମାମଲାକୁ ଚାପି ଦିଆଯାଉଛି। ୨୦୧୮ରେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବାରୁ ବିକାଶ ଜେନା ନାମକ ଯୁବକଙ୍କୁ ହତ୍ୟା କରାଗଲା । ମାରିଥିବା ଲୋକ ପଦାରେ ବୁଲୁଛି। ମାରି ନ ଥିବା ଲୋକଙ୍କୁ ପୋଲିସ ସହାୟତାରେ ଜେଲରେ ଭର୍ତ୍ତିକରି ଦିଆଯାଇଛି। ଲୋକଙ୍କୁ ଡରେଇ ରଖିପାରିବେ ନାହିଁ। ଲୋକମାନେ ମାତିଲେ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ସେ ଅଞ୍ଚଳକୁ ପ୍ରବେଶ କରିପାରିବେ ନାହିଁ। ମାହାଙ୍ଗା ଡବଲ ମର୍ଡର କେସ୍ ଏଫ୍‌ଆଇଆର ୧୩ ନମ୍ବର ତାଲିକାରେ ନାଁ ଥିଲେ ମଧ୍ୟ ଆଇନ ମନ୍ତ୍ରୀଙ୍କୁ ଗିରଫ କରାଯାଉ ନାହିଁ। ଯେଉଁ ମନ୍ତ୍ରୀଙ୍କ ନାମରେ କେସ୍ ଚାଲିଛି ତାଙ୍କୁ ସୁରକ୍ଷା ଦିଆଯାଉଛି। ରାଜ୍ୟରେ ଲୋକେ ଶାନ୍ତିରେ ରହିପାରିବେ ନାହିଁ। ଲୋକେ ଭୟଭୀତ ହେଉଛନ୍ତି । ବାଚସ୍ପତି ଏନେଇ ରୁଲିଂ ଦେବା ଦରକାର ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ଯେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଜଣେ ମନ୍ତ୍ରୀଙ୍କ ବିରୋଧରେ ଏଫ୍‌ଆଇଆର ହେବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଆଇନ କହୁଛି ଯଦି ଜଣଙ୍କ ନାମରେ ଏଫ୍‌ଆଇଆର ହେବ ତେବେ ତାଙ୍କ ବିରୋଧରେ ତଦନ୍ତ କରାଯିବ। ତଦନ୍ତ କରି ମନ୍ତ୍ରୀ ନିଜର ନିର୍ଦ୍ଦୋଷତା ପ୍ରମାଣିତ କରିବା ଦରକାର। ନଚେତ ମୃତକଙ୍କ ପରିବାର ନ୍ୟାୟପାଇବେ ନାହିଁ। ଲୋକମାନେ ସରକାରଙ୍କ ଉପରେ ବିଶ୍ୱାସ ହରାଇ ବିଧାନସଭା ଆଗରେ ଆତ୍ମହତ୍ୟା କରିବାକୁ ଆସୁଛନ୍ତି। ଏହାକୁ ଗୁରୁତର ସହ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବିଜେଡି ସଭ୍ୟ ବ୍ୟୋମକେଶ ରାୟ ଶୂନ୍ୟକାଳରେ ଅଭିଯୋଗ କଲେ ଯେ ସାରଦା ପ୍ରଧାନ ୧୯୯୭ରେ ବିପିଏଲ ତାଲିକାରେ ଥିବାବେଳେ ଏବେ କୋଟିପତି। ଏତେ ଟଙ୍କା ସେ କେଉଁଠୁ ଆଣିଲେ। ତାଙ୍କ ନାମରେ ଶହ ଶହ କେସ୍ ରହିଛି। ତାହାର ତଦନ୍ତ ହେବା ଦରକାର। ଗତ କିଛିଦିନ ତଳେ ଜଣେ ମହିଳାଙ୍କ ଘରେ ପଶି ସେ ହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଲୋକଙ୍କ ନାଁ ନେଇ ଗୃହକୁ ଅପବିତ୍ର କରା ନ ଯାଉ। ସେ ଜଣେ କୋଇଲା ଓ ଖଣି ମାଫିଆ। ତାଙ୍କ ନାମ ନେଇ ବିରୋଧୀ ଦଳ ନେତା ତାଙ୍କୁ ହିରୋ ବନାଉଛନ୍ତି। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଟିଟୋଠାରୁ ଆରମ୍ଭ କରି ହାଇଦର ପର୍ଯ୍ୟନ୍ତ ସମସ୍ତେ ଜେଲରେ ଅଛନ୍ତି। ଟିଟୋକୁ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲ ଟାଙ୍କି ଦେଇଛନ୍ତି । ଯେଉଁ ଲୋକଙ୍କ ନାମରେ ଆପରାଧିକ ମାମଲା ରହିଛି ତାଙ୍କୁ ତୁରନ୍ତ ଗରିଫ କରାଯାଉଛି ବୋଲି ସେ କହିଥିଲେ।

ଭାଜପା ସଭ୍ୟ ମୋହନ ମାଝି କହିଲେ, ମାହାଙ୍ଗା କଥା ଯାହା କୁହାଯାଉଛି ଯଦି ସାରଦା ପ୍ରଧାନଙ୍କ ନାମରେ କିଛି ଅଭିଯୋଗ ଅଛି ତେବେ ତାଙ୍କୁ ଗିରଫ କାହିଁକି କରାଯାଉ ନାହିଁ। ୫-ଟି ସରକାରରେ ୫ଟି ମର୍ଡର ହୋଇଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ୧୩ ନମ୍ବର ସିରିଏଲରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଥିଲେ ମଧ୍ୟ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଆଇନ ଯଦି ତା' ବାଟରେ ଯିବ ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି ତାହାହେଲେ ଆଇନ କାହିଁକି ତା ବାଟରେ ଯାଉନାହିଁ। ମାହାଙ୍ଗାର କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ହେଉଛି। କହୁଛନ୍ତି ପାପ କରିଥିଲୁ ବୋଲି ନବୀନ ନିବାସ ଯାଇଥିଲୁ। କିଏ ପାପ କରିଛି, ଯିଏ ୫ଟି ହତ୍ୟାକାଣ୍ଡ କରିଛନ୍ତି ସେ ନବୀନ ନିବାସରେ ପାପ ଧୋଇବାକୁ ଯାଉଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମର୍ଡର ଅଭିଯୁକ୍ତଙ୍କର ବିଧାନସଭାରେ ରହିବାର ଅଧିକାର ନାହିଁ। ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ମୋହନ ଦାବି କରିଛନ୍ତି। ଭାଜପା ସଦସ୍ୟ ବିଷ୍ଣୁ ସେଠୀ କହିଲେ, ଓଡ଼ିଶାରେ ସାଧାରଣ ଲୋକଙ୍କ ଜୀବନର ମୂଲ୍ୟ ନାହିଁ। କୁଳମଣି ବରାଳ, ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଗଲା। ୫ ଜଣ ମରିଗଲେ। ସେମାନଙ୍କର ପରିବାର ଅଛି। ସେମାନଙ୍କର ପାଠପଢୁଥିବା ପିଲାମାନଙ୍କ ଭବିଷ୍ୟତ କ'ଣ ହେବ। ମୁଖ୍ୟମନ୍ତ୍ରୀ ଯଦି ପ୍ରକୃତରେ ଟ୍ରାନ୍ସପରେନ୍ସି ଚାହୁଁଛନ୍ତି ତାଙ୍କ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହନ୍ତୁ। ଲାଲକୃଷ୍ଣ ଆଡଭାନୀଙ୍କ ବିରୋଧରେ ଅଭିଯୋଗ ହେବା ପରେ ସେ ନିର୍ବାଚନ ଲଢ଼ି ନ ଥିଲେ। ମନ୍ତ୍ରୀ ଇସ୍ତଫା ଦେଇ ତଦନ୍ତରେ ସହଯୋଗ କରନ୍ତୁ। ରାଜଧାନୀ ରାଜରାସ୍ତାରେ ହତ୍ୟା କରାଯାଉଛି। ପ୍ରସଙ୍ଗକୁ ଏଡ଼ାଇ ଦେବାକୁ ଉଦ୍ୟମ ହେଉଛି ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଥାନା ଭିତରେ କଙ୍କାଳ ମିଳୁଛି। ମାହାଙ୍ଗା ଡବଲ ମର୍ଡରରେ ମନ୍ତ୍ରୀ ପ୍ରତାପ ଜେନା ମୁଦାଲା ଅଛନ୍ତି। ଏକ ନିର୍ଦ୍ଦିଷ୍ଟ ଦଳ ନବୀନବାବୁଙ୍କ ଘର ଭିତରକୁ ଯାଇଥିଲେ। ମନ୍ତ୍ରୀ କହିଲେ, ନବୀନ ନିବାସକୁ ପାପ ଧୋଇବା ଲାଗି ଭାଜପା ନେତା ଯାଇଛନ୍ତି। ଗୋଟିଏ ମର୍ଡର କରି ନବୀନ ନିବାସ ଯାଇ ପାପ ଧୋଉଛନ୍ତି। ଆଉ ଗୋଟିଏ ମର୍ଡର କରି ପୁଣି ନବୀନ ନିବାସ ଯାଇ ପାପ ଧୋଇବେ। ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆମେ ଯାଉଛୁ। ସମସ୍ତେ ଯାଉଛନ୍ତି। ଯିଏ ଯିବ କ'ଣ ପାପ ଧୋଇବ। ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଏଭଳି ମନ୍ତବ୍ୟ ଦିଅନ୍ତୁ ନାହିଁ ବୋଲି ସେ କହିଛନ୍ତି।

# ଡବ୍ଲ୍ୟୁଓଡିସିକୁ ମିଳିଛି ୧୬୮୨.୫୨ କୋଟି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

**ପରିଷଦ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ବଦ୍ଧପରିକର: ମନ୍ତ୍ରୀ**

୧୯୯୮ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଗଠନ ହୋଇଥିଲା। ସେବେଠୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୧୬୮୨.୫୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନିୟମ-୨୦୦୦ ଅନୁଯାୟୀ ରାଜ୍ୟ ସରକାର ପରିଷଦକୁ ବାର୍ଷିକ ଅନୁଦାନ ଯୋଗାଇ ଦେଉଛନ୍ତି। ଏହାଛଡ଼ା ୨୦୦୮-୦୯ ଆର୍ଥିକବର୍ଷରୁ ସ୍ୱତନ୍ତ୍ର ଅନୁଦାନ ରୂପେ ୫୦ କୋଟି ଟଙ୍କାର ଅତିରିକ୍ତ ଅନୁଦାନ ରାଶି ଦେଉଛନ୍ତି। ୨୦୨୧-୨୨ ଆର୍ଥିକବର୍ଷ ପାଇଁ ପରିଷଦର ମୋଟ ଅନୁଦାନ ରାଶି ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି। ବିରୋଧୀ ଦଳଙ୍କ ଦ୍ୱାରା ଆଗତ 'ବ୍ୟାପକ ଦୁର୍ନୀତି... ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱପ୍ନ ଧୂଳିସାତ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଉତ୍ତରରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଶନିବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏହି ପରିଷଦ ଅଞ୍ଚଳରେ ବୈଷମ୍ୟତା ଦୂରକରିବା ସହ ଅନ୍ୟାନ୍ୟ ଜିଲା ସହ ଅନୁନ୍ନତ ଅଞ୍ଚଳର ସମ ବିକାଶ କରିବା, ପରିଷଦ ଅଞ୍ଚଳର ବିକାଶରେ ଅସମାନତା ଦୂରୀକରଣ ପାଇଁ ବିଭିନ୍ନ ଉନ୍ନତିମୂଳକ ଯୋଜନାର ପ୍ରଭାବ ମୂଲ୍ୟାୟନ କରିବା, ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା, ଦୀର୍ଘ ତଥା କ୍ଷୁଦ୍ରମିଆଦୀ ଯୋଜନା ପ୍ରସ୍ତୁତ କରି ପରିଷଦ ଅଞ୍ଚଳର ବିକାଶ କରିବା ଦିଗରେ କାର୍ଯ୍ୟ କରିବା, ପରିଷଦର ବାର୍ଷିକ ଅଟକଳ ପ୍ରସ୍ତୁତ କରିବା, ପରିଷଦ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକଙ୍କୁ ବୈଷୟିକ ଓ ବୃତ୍ତିଗତ ତାଲିମ ଦେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଇତ୍ୟାଦି। ପରିଷଦ ୧୯୯୮-୯୯ରୁ ଏ ପର୍ଯ୍ୟନ୍ତ ସରକାରଙ୍କଠାରୁ ୧୬୮୨.୫୨ କୋଟି ଟଙ୍କା ଅନୁଦାନ ପାଇଛି। ସେଥିରୁ ୩୬୭୩୫ ପ୍ରକଳ୍ପ ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ୧୬୨୫.୨୪ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧ ଜାନୁୟାରୀ ଶେଷ ସୁଦ୍ଧା ୧୫୭୨.୬୭ କୋଟି ଟଙ୍କା ଖର୍ଚ୍ଚ ବିନିମୟରେ ୩୨୭୨୯ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ୨୭୫୮ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ସେହିପରି ପରିଷଦ ଦ୍ୱାରା କୃଷି ଓ ଜଳସେଚନ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତୀକରଣ, ଗମନାଗମନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଉଛି। ଏହାଛଡ଼ା ପରିଷଦର ପଦାଧିକାରୀମାନେ ନିୟମିତ ଭାବେ ପ୍ରକଳ୍ପର ସମୀକ୍ଷା ପାଇଁ କ୍ଷେତ୍ର ପରିଦର୍ଶନ କରିଥାଆନ୍ତି। ପରିଷଦକୁ ଆହୁରି ଅଧିକ ସକ୍ରିୟ କରିବାକୁ ରାଜ୍ୟ ସରକାର ଜିଲାର ସଦର ମହକୁମାରେ ଯୋଜନା ଓ ସଂଯୋଜନ ବିଭାଗ ଅଧୀନ ଜିଲା ଯୋଜନା ଓ ମନିଟରିଂ ୟୁନିଟ୍‌ର ଉପନିର୍ଦ୍ଦେଶକଙ୍କୁ ପଶ୍ଚିମ ଓଡ଼ିଶା ପରିଷଦର ଜିଲା ଅଫିସରସ୍ତରୀୟ କାର୍ଯ୍ୟାଳୟ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ଦେଇଛନ୍ତି। ଏହି ଅଫିସ ଜିଲାପାଳଙ୍କ ପ୍ରତ୍ୟକ୍ଷ ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ। ରାଜ୍ୟ ବଜେଟ ବ୍ୟତୀତ ଡିଏଫ୍‌ଏଫ୍, ଓଏମ୍‌ବିଡିସି ଓ ସିଏସ୍‌ଆର ସହ ସଂଯୋଜନ କରି ପ୍ରକଳ୍ପ ରୂପାୟନ କରିବାକୁ ପରିଷଦ ବଦ୍ଧପରିକର। ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିବାକୁ ମନ୍ତ୍ରୀ ବାଚସ୍ପତିଙ୍କୁ ନିବେଦନ କରିଥିଲେ।

# ଉଠିଲା ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ପ୍ରସଙ୍ଗ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

- ଖବର ପ୍ରସାରଣ ରୋକିବାକୁ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କଲେ ପ୍ରତାପ ଦେବ
- ବିରୋଧୀଙ୍କ ହଟ୍ଟଗୋଳ

ବିଜେଡି ସଭ୍ୟ ପ୍ରତାପ ଦେବ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ପ୍ରସଙ୍ଗକୁ ଶୂନ୍ୟକାଳରେ ଉଠାଇଥିଲେ। ସେ କହିଥିଲେ, ବିଗତ ୬/୭ ଦିନ ହେବ ଗଣମାଧ୍ୟମରେ ବିଶେଷକରି ଖବରକାଗଜରେ ଶ୍ରୀଜଗନ୍ନାଥଙ୍କର ୩୫ ହଜାର ଏକର ଜମି ସରକାରଙ୍କ ଦ୍ୱାରା ବିକ୍ରି କରାଯାଉଥିବା ଖବର ପ୍ରକାଶ ପାଉଛି। ଏ ନେଇ ବିରୋଧୀ ଦଳ ନେତା ଓ ଅନ୍ୟ ସଦସ୍ୟ ବିଧାନସଭାରେ ଉଠାଇଲେ। ବାରମ୍ବାର ଏ ପ୍ରସଙ୍ଗକୁ କାହିଁକି ଗଣମାଧ୍ୟମରେ ପ୍ରକାଶ କରାଯାଉଛି। ସରକାର ଏ ନେଇ ସ୍ପଷ୍ଟୀକରଣ ଦେବା ପରେ ମଧ୍ୟ ଏହି ଖବର ପ୍ରକାଶ ପାଉଛି। ଜମି ସରକାରଙ୍କର ନୁହେଁ, ତାହା ଶ୍ରୀମନ୍ଦିର ପ୍ରଶାସନର। ବିଗତ ୩୦ ବର୍ଷ ଭିତରେ ମାତ୍ର ୩୦୦ ଏକର ବିଭିନ୍ନ ସମୟରେ ବିକ୍ରି କରାଯାଇ ରାସ୍ତାଘାଟ ନିର୍ମାଣ ଓ ଅନ୍ୟାନ୍ୟ ଜନକଲ୍ୟାଣ କାର୍ଯ୍ୟରେ ଲଗାଯାଇଛି। କୌଣସି ଜମି ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇନାହିଁ। ଭାରତୀୟ ଜନତା ପାର୍ଟିରେ ଜଣେ ମନ୍ତ୍ରୀ ଥିବାବେଳେ ଆଇନ ଅନୁଯାୟୀ ତାହା କରାଯାଇଥିଲା। ଜମି ବିକ୍ରି କରିବା ନେଇ କେବଳ ଗୁଜବ ସୃଷ୍ଟି କରାଯାଉଛି। ଗଣମାଧ୍ୟମରେ ପ୍ରକାଶିତ ଅସତ୍ୟ ଖବରକୁ ଆଲୋଚନା କରାଯାଇ ଗୃହର ସମୟ ନଷ୍ଟ କରାଯାଉଛି। ଅସତ୍ୟ ତଥ୍ୟ ପ୍ରଚାର ବନ୍ଦ କରାଯାଉ। ଏଭଳି ଅସତ୍ୟ ପ୍ରଚାରକୁ ତୁରନ୍ତ ବନ୍ଦ କରିବାକୁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ସେ କହିଥିଲେ ଯେ ପୁରୀ ଟାଉନର ଅଧାରୁ ଅଧିକ ଜମି ଶ୍ରୀଜଗନ୍ନାଥଙ୍କର। ପ୍ରତ୍ୟେକ କଥାରେ ଭାଜପା ସଦସ୍ୟମାନେ ସେବାୟତଙ୍କ କଥା କହୁଛନ୍ତି। ସେମାନେ ସେବାୟତଙ୍କ ନିକଟରେ ଛିଡ଼ାହୋଇପାରିବେ କି। କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ।




# ବାୟୋଟେକ୍ ଷ୍ଟାର୍ଟଅପ୍ ପାଇଁ ୫୦ ଲକ୍ଷର ପ୍ରୋତ୍ସାହନ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ରାଜ୍ୟରେ ବାୟୋଟେକ୍ ଷ୍ଟାର୍ଟଅପ୍ ସୃଷ୍ଟି କରିବାକୁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କାର ବାୟୋଟେକ୍ ଇନୋଭେଶନ ଫେଲୋଶିପ୍ ଦେଉଛନ୍ତି। ଲାଇଫ ସାଇନ୍ସ, ଡାଇଗ୍ନୋଷ୍ଟିକ, ଖାଦ୍ୟ ଓ ପ୍ରକ୍ରିୟାକରଣ, କ୍ଲିନ୍ ଏନର୍ଜି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଇତ୍ୟାଦି ପାଇଁ ପ୍ରୋତ୍ସାହନ ରାଶି ଦିଆଯାଉଛି। ପ୍ରତ୍ୟେକ ମାସରେ ଏଥିପାଇଁ ୭୫ ହଜାର ଟଙ୍କା ଲେଖାଏ ଦିଆଯାଉଛି। ଏହା ୧୮ ମାସ ଯାଏ ଏହା ପ୍ରଦାନ କରାଯିବ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭା ପ୍ରଶ୍ନକାଳରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ସାଲୁଜା ପଚାରିଥିଲେ ରାଜ୍ୟ ସରକାର ଜୈବପ୍ରଯୁକ୍ତି ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି। କେତୋଟି ଜୈବପ୍ରଯୁକ୍ତି ଶିଳ୍ପକୁ କି କି ପ୍ରକାର ସାହାଯ୍ୟ କରାଯାଇଛି। ରାଜ୍ୟର ମୋଟ କେତେ ବୈଜ୍ଞାନିକଙ୍କୁ ଏ ବାବଦରେ ଗବେଷଣା କରିବାକୁ ବିଦେଶ ପଠାଇଛନ୍ତି। ମନ୍ତ୍ରୀ କହିଥିଲେ, ଜୈବବିଜ୍ଞାନରେ ସ୍ନାତକୋତ୍ତର କରୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ଛାତ୍ରବୃତ୍ତି ଯୋଜନାରେ ଆର୍ଥିକ ସହାୟତା ଦିଆଯାଉଛି। ଜୈବପ୍ରଯୁକ୍ତି ବିଜ୍ଞାନରେ ଅଧିକ ଗବେଷଣା ପାଇଁ ରାଜ୍ୟରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଜୁ ପଟ୍ଟନାୟକ ଗବେଷଣା ବୃତ୍ତି ଯୋଜନାରେ ଆର୍ଥିକ ସହାୟତା ଦିଆଯାଉଛି। କୃଷି, ସ୍ୱାସ୍ଥ୍ୟ ବିଜ୍ଞାନ, ପରିବେଶ, ପ୍ରାଣୀବିଜ୍ଞାନ ଆଦିରେ ଗବେଷଣା ପାଇଁ ବୈଜ୍ଞାନିକମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଯୁବ ଉଦ୍ୟୋଗୀମାନଙ୍କୁ ସହାୟତା କରିବା ପାଇଁ ବାୟୋଟେକ୍ନୋଲୋଜି ଇନ୍‌କ୍ୟୁବେଶନ ସେଣ୍ଟର ଭୁବନେଶ୍ୱରରେ ଅବସ୍ଥିତ ଲାଇଫ୍ ସାଇନ୍ସ ପ୍ରତିଷ୍ଠାନରେ ଖୋଲାଯାଇଛି। କେନ୍ଦ୍ର ସରକାରଙ୍କ ସହାୟତାରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ କୁଶଳୀ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଆବଶ୍ୟକ ତାଲିମ ପ୍ରଦାନ କରିବା ନିମନ୍ତେ ରାଜ୍ୟର ୫ଟି ଅଗ୍ରଣୀ ଶିକ୍ଷାନୁଷ୍ଠାନ ସହିତ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଅନ୍ତର୍ଜାତୀୟ ବ୍ୟବସାୟୀମାନଙ୍କୁ ଆକୃଷ୍ଟ କରିବା ଲାଗି ଓଡ଼ିଶା ଜୈବପ୍ରଯୁକ୍ତି ବିଜ୍ଞାନ ନୀତି-୨୦୧୮କୁ କାର୍ଯ୍ୟକ୍ଷମ କରିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୈଜ୍ଞାନିକମାନଙ୍କୁ ବିଦେଶ ପଠାଇବା ବ୍ୟବସ୍ଥା ବିଜ୍ଞାନ ଓ ବୈଷୟିକ ବିଭାଗରେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ୭ ସରକାରୀ ଉଦ୍ୟୋଗ କ୍ଷତିରେ ଚାଲୁଛି

**ଭୁବନେଶ୍ୱର,୨୦।୩(ବ୍ୟୁରୋ):** ରାଜ୍ୟରେ ୭ଟି ସରକାରୀ ଉଦ୍ୟୋଗ କ୍ଷତିରେ ଚାଲୁଛି। ୨୦୧୯-୨୦ରେ ଗ୍ରୀଡ୍‌କୋ ଲିମିଟେଡ ୧୩୫୨.୧୪ କୋଟି ଟଙ୍କା କ୍ଷତି କରିଥିବା ବେଳେ ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ୩୯.୧୦, ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ୨୦,୯୮,୧୨୩.୩୭ ଟଙ୍କା, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ୦.୬୭, ଓଡ଼ିଶା ରାଜ୍ୟ ଅର୍ଥ ନିଗମ ୨.୩୫, ଇଉ୍‌କଲ କଳିଙ୍ଗ ଆଇରନ ୱାର୍କ୍ସ ଲିମିଟେଡ ୩.୪୫ ଏବଂ ଇଉ୍‌କଲ କ୍ରୋମ୍ ଆଣ୍ଡ ଆଲଏଜ ଲିମିଟେଡ ୨୭.୭୬ କୋଟି ଟଙ୍କା କ୍ଷତି କରିଛି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ୪୬୨ ନମ୍ବର ମୂଳ ପ୍ରଶ୍ନର ଉତ୍ତରରେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ପ୍ରଶ୍ନକାଳରେ ସୂଚନା ଦେଇଛନ୍ତି।




# ଡବ୍ଲ୍ୟୁଓଡିସିରେ ହେଉଛି ପ୍ରିୟାପ୍ରୀତି ତୋଷଣ: ବିରୋଧୀ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

**ଅନେକ ବିକାଶ ହୋଇଛି: ଶାସକ**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ପ୍ରିୟାପ୍ରୀତିରେ ଚାଲିଛି। ସ୍ଥାନୀୟ ବିଧାୟକମାନେ ଦେଉଥିବା ପ୍ରସ୍ତାବକୁ ଗ୍ରହଣ କରାଯାଉ ନାହିଁ। ଅଫିସରମାନଙ୍କର ଥଇଥାନ କେନ୍ଦ୍ର ପାଲଟିଛି। ଯେଉଁ ଉଦ୍ଦେଶ୍ୟ ନେଇ ପରିଷଦ ଗଠନ ହୋଇଥିଲା ତାହା ଆଜି ବି ଅଧୁରା ରହିଛି। ପରିଷଦରେ ବ୍ୟାପକ ଦୁର୍ନୀତି ହେଉଛି। ରାସ୍ତା ଗାଏବ ହୋଇଯାଉଛି। କାଗଜପତ୍ରରେ ରାସ୍ତା ଦେଖାଇ ଟଙ୍କା ହଡ଼ପ କରାଯାଉଛି। ଫାଇଲରେ କାମ ହୋଇଥିବା ଦେଖାଯାଉଛି। ଗୋଟିଏ ଗୋଟିଏ ପଞ୍ଚାୟତକୁ ୧୩ କୋଟି ଟଙ୍କା ଦିଆଯାଇଛି। ଯେଉଁମାନେ ପରିଷଦର ସଦସ୍ୟ ନାହାନ୍ତି ସେମାନଙ୍କୁ ସଦସ୍ୟ ଭାବେ ଦର୍ଶାଯାଉଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅବ୍ୟବସ୍ଥାକୁ ନେଇ ବିରୋଧୀ ଦଳ ପକ୍ଷରୁ ଶନିବାର ବିଧାନସଭାରେ 'ବ୍ୟାପକ ଦୁର୍ନୀତି... ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱପ୍ନ ଧୂଳିସାତ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ସରକାରଙ୍କ ଉପରେ ବିରୋଧୀ ବର୍ଷିଛନ୍ତି।

ମୁଲତବୀ ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେ ଯେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରିୟାପ୍ରୀତିରେ ଚାଲିଛି। ବିଧାୟକମାନେ ଯାହା ପ୍ରସ୍ତାବ ଦେଉଛନ୍ତି ତାହା କାର୍ଯ୍ୟକାରୀ ହେଉନାହିଁ। ୧୦ ଜଣ ଏକ୍ସପର୍ଟଙ୍କ ମଧ୍ୟରୁ ଜଣେ ସଦସ୍ୟ ରହିଛନ୍ତି। ପରିଷଦରୁ ୧ ଟଙ୍କା ବି କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀକୁ ଦିଆଯାଇ ନାହିଁ। ଲୋକମାନେ କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପ୍ରଥମ ବୈଠକ ୧୯୯୯ ଅଗଷ୍ଟ ୧୩ ତାରିଖରେ ହୋଇଥିଲା। ସିଏଜି ତାଙ୍କ ରିପୋର୍ଟରେ କଟୁକଥା କହୁଛନ୍ତି। ପ୍ରକଳ୍ପ ଅନୁମୋଦନ ହେଉନାହିଁ। ୧୧ ଜଣ ସଦସ୍ୟ ପରିଷଦକୁ ମନୋନୀତ ହୋଇପାରୁ ନାହାନ୍ତି। କଂଗ୍ରେସ ସଦସ୍ୟ ଅଧିରାଜ ପାଣିଗ୍ରାହୀ କହିଲେ, ରାସ୍ତା ଫାଇଲରେ ହେଉଛି। ଏହା ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ଥଇଥାନ କେନ୍ଦ୍ର ପାଲଟିଛି। ସ୍ଥାନୀୟ ବିଧାୟକଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଉନାହିଁ। ଅଫିସରମାନେ ଦଲାଲଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ସଦସ୍ୟ ସୁବାସ ପାଣିଗ୍ରାହୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ ଏବଂ ରାଜେନ୍ଦ୍ର ଢୋଲକିଆ ପ୍ରମୁଖ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ଜିଲାରେ କିଭଳି ବିକାଶ ହୋଇଛି ତାହାର ଚିତ୍ର ଆଙ୍କିଥିଲେ। ଶେଷରେ ବାଚସ୍ପତି ବିରୋଧୀ ଦଳ ଆଣିଥିବା ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ।



## ବିଚାପତିଙ୍କ କ୍ୱାର୍ଟର୍ସ ପାଚେରି ଭାଙ୍ଗି ପଶିଲା ବସ୍

**ଭୁବନେଶ୍ୱର,ବ୍ୟୁରୋ):** ଖାରବେଳନଗର ଥାନା ଅନ୍ତର୍ଗତ ଲୋୟର ପିଏମ୍‌ଜିକୁ ଆନ୍ଦୋଳନକାରୀଙ୍କୁ ନେଇ ଆସିଥିବା ଶାରଳା ନାମକ ଏକ ବସ୍ (ନଂ.ଓଆର୍‌୦୨ଏଜେଡ୍‌ ୧୯୯) ନିୟନ୍ତ୍ରଣ ହରାଇ ଜଣେ ବିଚାରପତିଙ୍କ କ୍ୱାର୍ଟର୍ସ ପାଚେରି ଭାଙ୍ଗି ଭିତରକୁ ପଶି ଯାଇଥିଲା। ଦିନ ସାଢ଼େ ୨ଟାରେ ବସ୍‌ଟି ଆନ୍ଦୋଳନକାରୀଙ୍କୁ ନେଇ ଫେରିବାବେଳେ ଏହି ଘଟଣା ଘଟିଥିଲା। ଉପସ୍ଥିତ ପୋଲିସ ତୁରନ୍ତ ବସ୍‌ଟିକୁ ବିଚାରପତିଙ୍କ କ୍ୱାର୍ଟର୍ସରୁ ବାହାର କରିଥିଲା। ଏଥିସହ ଉକ୍ତ ବସ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଖାରବେଳନଗର ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୧୩ତମ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ନାରାୟଣ ସେବା ସଂସ୍ଥାନ ପକ୍ଷରୁ ଅନ୍ନ ସେବା କ୍ୟାମ୍ପ, ଓଡ଼ିଶା ବ୍ଲାଇଣ୍ଡ ଆସୋସିଏଶନ ପରିସର, ପୂର୍ବାହ୍ନ ୧୧ଟା।
- ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ, ଜୟଦେବ ବାଟିକା, ପୂର୍ବାହ୍ନ ୧୧ଟା ୩୦।
- ଦେବାଶିଷ ପାଣିଗ୍ରାହୀଙ୍କର ପୁସ୍ତକ ଉନ୍ମୋଚନ ସମାରୋହ, ଅକ୍ସଫୋର୍ଡ ବୁକ୍ ଷ୍ଟୋର, ହଂସପାଳ, ଅପରାହ୍ନ ୫ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ 'ସମର୍ପଣ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗସଙ୍ଗମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- କାଞ୍ଚନ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ କାଞ୍ଚନ କର୍ପୋରେଟ ଆୱାର୍ଡ ପ୍ରଦାନ ଉତ୍ସବ, ହୋଟେଲ ଏକ୍ସିଲେନ୍ସି, ମାଷ୍ଟର କ୍ୟାଣ୍ଟିନ ଛକ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ଡାଲଖାଇ ଓଡ଼ିଶୀ ସଂକୀର୍ତ୍ତନ ସମିତି ପକ୍ଷରୁ ରାମଧ୍ୱନୀ ଓ ଗାନ୍ଧୀ ଚର୍ଚ୍ଚା, ବାଲିଅନ୍ତାସ୍ଥିତ ଗାନ୍ଧୀ ପୀଠ, ସକାଳ ୮ଟା ୩୦।

**କଟକ**
- ପ୍ୟାରୀମୋହନ ଏକାଡେମୀର ୧୯୭୦ ବ୍ୟାଚ୍ ଶିକ୍ଷାର୍ଥୀଙ୍କ ବିଦ୍ୟାଳୟ ଶିକ୍ଷା ସମାପ୍ତିର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ଗାର୍ଡେନ ରିସର୍ଟ, ନୂଆପାଟଣା, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସେଲ୍‌ସ ଏକ୍‌ଜିକ୍ୟୁଟିଭସ୍ ଆସୋସିଏଶନର ୧୭ତମ ଦ୍ୱିବାର୍ଷିକ ସମ୍ମିଳନୀ, ଟାଉନ ହଲ୍, ମଧ୍ୟାହ୍ନ ୧୨ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦ ।

**ନିମାପଡ଼ା**
- ଶ୍ରୀଜଗନ୍ନାଥ କଳାକାର ମହାସଂଘ ପକ୍ଷରୁ ସଙ୍ଗୀତ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ, ଦୁର୍ଗାମଣ୍ଡପ ପଡ଼ିଆ, ଅପରାହ୍ନ ୪ଟା।

**କୋଣାର୍କ**
- କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ, କୋଣାର୍କ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।

# ଏ ବର୍ଷ ହେଲାନି ହାଣ୍ଡିଭଙ୍ଗା ଯାତ୍ରା

**ପୁରୁଣା ଭୁବନେଶ୍ୱର,୨୦।୩(ଡି.ଏନ୍.ଏ.)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବହୁ ବର୍ଷର ପରମ୍ପରା ପ୍ରସିଦ୍ଧ ହାଣ୍ଡିଭଙ୍ଗା ଯାତ୍ରା ଏବର୍ଷ ବି ହୋଇପାରିଲା ନାହିଁ। ୨୦୧୫ରୁ ବନ୍ଦ ରହିଥିବା ଏହି ଯାତ୍ରା ଚଳିତବର୍ଷ ହେବ ବୋଲି ପ୍ରଶାସନ କହିବା ସହ ଉଦ୍ୟମ ଆରମ୍ଭ କରିଥିଲା। ସର୍କିଟ ହାଉସରେ କପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ଅଧିକାରୀ ଏବଂ ସେବାୟତଙ୍କୁ ନେଇ ବୈଠକ ବସିଥିଲା। ହେଲେ ସେବାୟତଙ୍କ ମଧ୍ୟରେ ରହିଥିବା ସେହି ପୁରୁଣା ବିବାଦର ସମାଧାନ ନ ହେବାରୁ ଶେଷରେ ପ୍ରଶାସନର ସବୁ ଚେଷ୍ଟା ବିଫଳ ହୋଇଛି। ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ଯୋଗୁ ଶ୍ରୀଲିଙ୍ଗରାଜଙ୍କ ନୀତି ମଧ୍ୟ ବନ୍ଦ ରହିଥିଲା। ପ୍ରତ୍ୟେକ ବର୍ଷ ମହାଶିବରାତ୍ରି ପରେ ପ୍ରଥମ ଶନିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହିଦିନ ଶ୍ରୀଜୀଉମାନେ କପିଳେଶ୍ୱରସ୍ଥିତ ଶ୍ରୀକପିଳେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି। ମାତ୍ର କପିଳେଶ୍ୱର ମନ୍ଦିରରେ ମଲିଆ ଓ ଖୁଣ୍ଟିଆ ସେବାୟତଙ୍କ ବିବାଦ ଯୋଗୁ ଏହି ଯାତ୍ରାରେ ୬ବର୍ଷ ହେଲା ବିଭ୍ରାଟ ସୃଷ୍ଟି ହୋଇଛି।

### ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ



ଶନିବାର ପ୍ରାତଃରୁ ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ, ଦର୍ଶନ, ରୋଷହୋମ, ଛାମୁ ପରିଷ୍କାର, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀ ଖଇହଦି ବଲ୍ଲଭ, ସକାଳ ଧୂପ, ଠାକୁରାଣୀ ସକାଳ ଧୂପ ହେଇ ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ଭୋଗ ମଣ୍ଡପ ହୋଇଥିଲା। ଭକ୍ତମାନେ ମଧ୍ୟ ଆନନ୍ଦ ବଜାରରେ ଅବଢ଼ା ସେବନ କରିଥିଲେ। ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ଦୁର୍ଗା ଅନନ୍ତ ବାସୁଦେବ କପିଳେଶ୍ୱର ମନ୍ଦିର ଯିବା ବନ୍ଦ ହେବାରୁ ତଥା ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ହେବାରୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ବୀରକିଶୋରୀ ବଲ୍ଲଭଠାରୁ ବଡ଼ ସିଂହାର ନୀତି ପର୍ଯ୍ୟନ୍ତ ବନ୍ଦ ରହିଥିଲା। ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କୁହନ୍ତି, ପ୍ରଶାସନ ସହ ଶ୍ରୀକପିଳେଶ୍ୱର ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନ ହୋଇପାରିବାରୁ ଚଳିତବର୍ଷ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଛି।

# ବରିଷ୍ଠ ନାଗରିକଙ୍କ ପାଇଁ ଖୋଲିଲା ରିକ୍ରିଏଶନ ସେଣ୍ଟର

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ ୟୁନାଇଟେଡ୍ ନେଶନ୍ସ ପପୁଲେଶନ ଫଣ୍ଡ୍ (ୟୁଏନ୍‌ଏଫ୍‌ପିଏ) ପକ୍ଷରୁ ଶନିବାର ବରିଷ୍ଠ ନାଗରିକଙ୍କ ପାଇଁ ଶହୀଦନଗରସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସର୍ଭିସ ସେଣ୍ଟରଠାରେ ରିକ୍ରିଏଶନ ସେଣ୍ଟର ଖୋଲିଛି। ଶନିବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ବରିଷ୍ଠ ନାଗରିକଙ୍କ ଶରୀର ଓ ମନର ସୁସ୍ଥତା ପାଇଁ ସବୁକିଛି ସୁବିଧା ରହିଛି। ବନ୍ଧୁଙ୍କ ସହିତ ସମୟ ଅତିବାହିତ କରିବା ସହ ଇନ୍‌ଡୋର ଗେମ୍, ଯୋଗ, ବୈଠକ ସ୍ଥାନ ଆଦିର ବ୍ୟବସ୍ଥା ରହିଛି। ମହିଳା ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ବାପୁଜୀ ନଗରଠାରେ ଆଉଏକ ଆଇପିଏସ୍ ବିଲ୍ଡିଂ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ୪୦ଜଣ ବରିଷ୍ଠ ନାଗରିକଙ୍କ ସମେତ ଶହୀଦନଗର ବରିଷ୍ଠ ନାଗରିକ ସଂଘର ସଦସ୍ୟ, ପୂର୍ବତନ ବିଏମ୍‌ସି କାଉନସିଲର ଶାଶ୍ୱତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନ୍ୟାଶନାଲ ପାୱାର ଲିଫ୍ଟିଂ ଚାମ୍ପିୟନଶିପରେ ଓଡ଼ିଶା ତୃତୀୟ

**ପୁରୁଣା ଭୁବନେଶ୍ୱର,୨୦।୩(ଡି.ଏନ୍.ଏ.):** ଛତିଶଗଡ଼ର ସଂସ୍କୃତି ଭବନ ପରିସରରେ ଗତ ୧୭ ତାରିଖରୁ ଅନୁଷ୍ଠିତ ନ୍ୟାଶନାଲ ପାୱାର ଲିଫ୍ଟିଂ ଚାମ୍ପିୟନଶିପରେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଛି। ୱାର୍ଲ୍ଡ ପାୱାର ଲିଫ୍ଟିଂ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ୧୫ଟି ରାଜ୍ୟର ଟିମ୍ ଭାଗ ନେଇଥିଲେ। ଆୟୋଜକ ରାଜ୍ୟ ଛତିଶଗଡ଼ ଚାମ୍ପିୟନସିପ ହୋଇଥିବା ବେଳେ ୱେଷ୍ଟବେଙ୍ଗଲ ଦ୍ୱିତୀୟ ତଥା ରନର୍ସ ଅପ୍ ହୋଇଥିଲା। ଏଥିରେ ଓଡ଼ିଶା ୧୨ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପାଇଛି। ବିଚିତ୍ର ନାୟକ ସିନିୟର ବିଭାଗର ଷ୍ଟ୍ରଙ୍ଗ ମ୍ୟାନ ଅଫ ଇଣ୍ଡିଆ, ପ୍ରୀତି କୋଣ୍ଡଗୌରୀ ଜୁନିୟର ବିଭାଗରେ ଷ୍ଟ୍ରଙ୍ଗ ୱିମେନ ଟାଇଟଲ ବିଜେତା ହୋଇଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଏବଂ ୱାର୍ଲ୍ଡ ପାୱାର ଲିଫ୍ଟିଂ ସଂସ୍ଥା ପକ୍ଷରୁ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### 'ପ୍ରେମିକାର ସାନ ଭଉଣୀ' ଓ 'ଛୋଟ ଛୋଟ ଜୀବନ' ଉନ୍ମୋଚିତ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** ବହିର ନିୟମିତ ଛପା ଜାରି ରହୁ। ଡିଜିଟାଲ ବିପ୍ଳବ ବହିର ପ୍ରଚାର ପ୍ରସାରରେ ସହାୟକ ହୋଇପାରେ, ମାତ୍ର ଛପା ବହି ପଢ଼ିବାର ମଜା ତାହା ଦେଇପାରିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଜାତୀୟ ଅଭିଲେଖାଗାରରେ ଗାଳ୍ପିକ ଅମରେଶ ବିଶ୍ୱାଳଙ୍କ ଦୁଇଟି ପୁସ୍ତକ 'ପ୍ରେମିକାର ସାନ ଭଉଣୀ' ଓ 'ଛୋଟ ଛୋଟ ଜୀବନ' ଲୋକାର୍ପଣ ଉତ୍ସବରେ ଯୋଗଦେଇ ଅତିଥି ଏହା କହିଥିଲେ। 'ପ୍ରେମିକାର ସାନ ଭଉଣୀ' ପୁସ୍ତକର ପ୍ରକାଶକ ପଶ୍ଚିମା ପ୍ରକାଶନୀ ଏବଂ 'ଛୋଟ ଛୋଟ ଜୀବନ' ପ୍ରକାଶ ହେଉଛନ୍ତି ଆମେରିକାର ବ୍ଲାକ୍ ଇଗଲ୍ ବୁକ୍ ପ୍ରକାଶନୀ ସଂସ୍ଥା। ମୁଖ୍ୟ ଅତିଥି ଭାବେ ଗ୍ରନ୍ଥକାର ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ କହିଲେ, ବହିଟିଏ ସବୁବେଳେ ବର୍ତ୍ତମାନର ଘଟଣାକ୍ରମକୁ ଧରି ରଖେ, ଯାହା ପରବର୍ତ୍ତୀ ସମୟରେ ଇତିହାସ ହୋଇଯାଏ। ତେଣୁ ବର୍ତ୍ତମାନର ସମୟକୁ ନେଇ ଅଧିକରୁ ଅଧିକ ଗପ ଲେଖାଯିବା ସହ ଛପାଯିବା ଆବଶ୍ୟକ। ଅଭିଲେଖାକାର ଏସ୍.ଏନ୍. ମିଶ୍ର କହିଲେ, କଳ୍ପନା ମଧ୍ୟ ଏକ ବିଜ୍ଞାନ। ତେଣୁ ସାହିତ୍ୟ ବିଜ୍ଞାନଠାରୁ ଅଲଗା ନୁହେଁ ବୋଲି ମତ ଦେଇଥିଲେ। ଜୀବନରେ ଯେବେ ଆମେ ଏକୁଟିଆ ହୋଇଯାଉ ସେତେବେଳେ ବହି ହିଁ ଆମକୁ ସଙ୍ଗ ଦେଇଥାଏ ବୋଲି ଡ. ଅଜୟ ସ୍ୱାଇଁ କହିଥିଲେ। କବି ନିରାକାର ଦାସ ସଭାପତିତ୍ୱ କରିଥିବାବେଳେ କଥାକାର କୃପାସାଗର ସାହୁ, ଡ. ଗୌରହରି ଦାସ, ବହିର ପ୍ରଚ୍ଛଦ ଆଙ୍କିଥିବା କଥାକାର ତଥା ଚିତ୍ରକର ରମାକାନ୍ତ ସାମନ୍ତରାୟ, ବିଡିଏ ଅଧ୍ୟକ୍ଷ ହରିଶ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁଲିତା ପରିଡା ସ୍ୱାଗତ ଭାଷଣଓ ଗ୍ରନ୍ଥକାର ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

# ଜଗନ୍ନାଥ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ 'ପଖାଳ'

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ)**




ଉତ୍କଳ ରଙ୍ଗମଞ୍ଚଠାରେ ଆୟୋଜିତ ପଖାଳ ଦିବସରେ ଉପସ୍ଥିତ ଅତିଥିମାନେ।

ଭାବର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାରା ବ୍ରହ୍ମାଣ୍ଡର ଆଧ୍ୟାତ୍ମିକତା ଓ ଆସ୍ଥାର କେନ୍ଦ୍ର । ଜଗନ୍ନାଥ ସଂସ୍କୃତି ସାରା ବିଶ୍ୱ ପାଇଁ ମାନବବାଦର ଏକ ପ୍ରେରଣାର ଉତ୍ସ ଓ ଓଡ଼ିଆ ଜାତିର ମାନଦଣ୍ଡ। ଏହି ସଂସ୍କୃତିରେ ପଖାଳ ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ 'ଆସ ଅବଢା ପଖାଳ ଖାଇବା' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଶନିବାର ଉତ୍କଳ ରଙ୍ଗମଞ୍ଚଠାରେ ଆୟୋଜିତ ଏହି ଉତ୍ସବକୁ ସ୍ୱାମିଜୀ ଅଦ୍ୟାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି ଜଗନ୍ନାଥ ସଂସ୍କୃତିକୁ ସାରା ବିଶ୍ୱରେ ପରିବ୍ୟାପ୍ତ କରିବା ପାଇଁ ଜଗନ୍ନାଥ ପ୍ରେମୀଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବଶାରଦ ଦାଶରଥି ସାମନ୍ତରାୟ କହିଲେ, ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି, ସଂସ୍କୃତି ଓ ପରମ୍ପରା ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ତାଙ୍କ ସଂସ୍କୃତିରେ ପଖାଳ ବ୍ୟଞ୍ଜନର ପରମ୍ପରା ଆଦିମ କାଳରୁ ରହିଆସିଛି। ଏହା ହେଉଛି ଓଡିଆ ଘରର ପରିଚୟ। ମୁଖ୍ୟ ଅତିଥି ଭାବେ 'ସୋଆ ବିଶ୍ୱ ବିଦ୍ୟାଳୟ' କୁଳପତି ଡାକ୍ତର ଅଶୋକ ମହାପାତ୍ର ଯୋଗଦେଇ ଜଗନ୍ନାଥ ସଂସ୍କୃତିକୁ ନିକଟରୁ ନିରେଖି ଦେଖିଲେ ପ୍ରତ୍ୟେକ ଦିଗରେ ବିଶ୍ୱ କଲ୍ୟାଣ ଓ ବିଶ୍ୱ ଭ୍ରାତୃଭାବର ବାର୍ତ୍ତା ମିଳିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଓ ଗଣେଶ ଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ପରିଷଦ ଅଧ୍ୟକ୍ଷ ଗୋପୀନାଥ ମହାନ୍ତି ପୌରୋହିତ୍ୟ କରିଥିବାବେଳେ ସଭାପତି ପ୍ରଭାତ କୁମାର ନନ୍ଦ ପରିଚାଳନା ଓ ସମ୍ପାଦକ ନାରାୟଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମସ୍ତଙ୍କୁ ପଖାଳରେ ଆପ୍ୟାୟିତ କରାଯାଇଥିଲା।

## ପେଟ, ମନକୁ ଥଣ୍ଡା ରଖେ ପଖାଳ

**କଟକ ଅଫିସ,୨୦।୩**

କଟକ ଚହଟାସ୍ଥିତ ପ୍ରମୋଦ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟରେ ଡ୍ରିମିଙ୍ଗ ଆଉଲ ସଙ୍ଗଠନ ପକ୍ଷରୁ ଶନିବାର ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଏଏସ୍ ପ୍ରବୋଧ ରାଉତ ଯୋଗଦେଇ କହିଥିଲେ, ଓଡ଼ିଆ



ଖାଦ୍ୟ ଭିତରେ ପଖାଳ ଏକ ନିଆରା ଖାଦ୍ୟ। ଅମ୍ରିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୀରା ପରିଡ଼ା, ସୁକାନ୍ତ ମହାନ୍ତି ଏବଂ ଶିଶୁ କଳାକାର ସିତୁପ ସମିତା ଯୋଗଦେଇଥିଲେ। ପ୍ରତ୍ୟୁଷ କୁମାର ସାହୁ, ସନ୍ତୋଷ ଜେନା, ମୋନାଲି ସେଠୀ, ସୁରେଶ ସ୍ୱାଇଁ ଓ ବିକ୍ରମ କିଶୋର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କଟକ ଚୌଦ୍ୱାର ବିକାଶ ପରିଷଦ ସଙ୍ଗଠନ ପକ୍ଷରୁ ଶିଖରପୁରସ୍ଥିତ ସଙ୍ଗଠନ କାର୍ଯ୍ୟାଳୟରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା। ସଙ୍ଗଠନ ସଭାପତି ମାନସ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆଙ୍କ ସହ ପଖାଳର ସମ୍ପର୍କ ବିଷୟରେ ଆଲୋଚନା ହୋଇଥିଲା। ପଖାଳ ଖାଇଲେ ପେଟ ଓ ମନ ଥଣ୍ଡା ରୁହେ। ଥଣ୍ଡା ମନରେ ଯେକୌଣସି କାମ କଲେ ତାହା ଫଳପ୍ରଦ ହୁଏ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ସନାତନ ପୃଷ୍ଟି, ବରିଷ୍ଠ ନାଗରିମକ ଦୁର୍ଗାଶଙ୍କର ଦାଶ, ଅଭିନେତା ପଞ୍ଚାନନ ପାଣିଗ୍ରାହୀ, ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡା, ଜିତେନ୍ଦ୍ର ଶତପଥୀ ପ୍ରମୁଖ ସାମୂହିକ ପଖାଳ ଭୋଜନ କରିଥିଲେ।

# ରାଜଧାନୀରେ ଗଣବଳାତ୍କାର ଅଭିଯୋଗ

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

- ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା
- ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ
- ପୀଡ଼ିତାଙ୍କ ବୟାନ ରେକର୍ଡ

ରାଜଧାନୀରେ ଜଣେ ମହିଳା ଗଣବଳାତ୍କାରର ଶିକାର ହୋଇଛନ୍ତି। ଗତ ଫେବୃୟାରୀ ମାସରେ ଏହି ଘଟଣା ଘଟିଥିଲେ ମଧ୍ୟ ପୀଡିତା ଜଣକ ନ୍ୟାୟ ପାଇଁ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେବାପରେ ଘଟଣା ପଦାକୁ ଆସିଛି। ପୋଲିସ ଅଭିଯୋଗ ରଖୁ ନ ଥିବା ପୀଡିତା ଜଣକ ଜଣାଇବା ସହ ନ୍ୟାୟ ନିବେଦନ କରିଛନ୍ତି। କମିଶନରଙ୍କ ନିର୍ଦ୍ଦେଶ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ୧୦୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶନିବାର ପୋଲିସ ଥାନାରେ ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରିଛି।

ଅଭିଯୋଗ ମୁତାବକ, ପୀଡିତା ଜଣକ ଗତ ଫେବୃୟାରୀ ୨୬ରେ ବାପଘର ବୁଦ୍ଧେଶ୍ୱରୀ କଲୋନୀରୁ ଶାଶୁଘର ହଳଦୀପଡିଆ ବସ୍ତି ଅଞ୍ଚଳକୁ ରାତି ପ୍ରାୟ ୧୦ଟାରେ ଚାଲି ଚାଲି ଫେରୁଥିଲେ। ବାଟରେ ୪ଜଣ ବ୍ୟକ୍ତି ତାଙ୍କୁ ଘରେ ଛାଡିଦେବେ କହି ଅପହରଣ କରିନେଇ ବିଭିନ୍ନ ସ୍ଥାନରେ ବଳାତ୍କାର କରିଥିଲେ। ସେହି ରାତିରେ ପୀଡିତା ଜଣକ ଥାନାରେ ଅଭିଯୋଗ କରିଥିଲେ। ବିଳମ୍ବିତ ରାତି ହୋଇଯାଇଥିବାରୁ ଓ ଅଭିଯୁକ୍ତମାନେ ପୁଣି କିଛି ଘଟାଇବାର ଆଶଙ୍କା କରି ସେ ଥାନା ନିକଟ ଏକ ମନ୍ଦିରରେ ରାତ୍ରିଯାପନ କରିଥିଲେ। ପାହାନ୍ତାରୁ ନିଜ ଘରକୁ ଯାଉଥିବାବେଳେ ପୁଣି ୩ଜଣ ବ୍ୟକ୍ତି ପୁନର୍ବାର ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାରେ ପୁନର୍ବାର ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ପୀଡିତାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରି ନ ଥିଲା। ଏପଟେ ଅଭିଯୁକ୍ତମାନେ ନାନା ଭାବେ ତାଙ୍କୁ ଧମକ ବି ଦେଇ ଆସୁଥିଲେ। ଶେଷରେ ଗତ ୪ଦିନ ତଳେ ପୀଡିତା ଜଣକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏନେଇ ଅଭିଯୋଗ କରିଥିଲେ। ପୀଡିତା ଜଣକ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ।

ଲକ୍ଷ୍ମୀସାଗର ଥାନା ଅଧିକାରୀ ଭରତ ଚରଣ ସାହୁ କହିଛନ୍ତି, ପୀଡିତା ଜଣକ ଗତ ଫେବୃୟାରୀ ମାସରେ ଅଭିଯୋଗ କରିବାକୁ ଥାନାକୁ ଆସି ନ ଥିଲେ। ୪ଦିନ ତଳେ ସେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ସନ୍ତୋଷଜନକ ଉତ୍ତର ଦେଇପାରୁ ନ ଥିବାରୁ ସତ୍ୟତା ଉନ୍ମୋଚନ ଓ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଚେଷ୍ଟା ଚାଲିଛି। ପୂର୍ବ ଶତ୍ରୁତାରୁ ଏଭଳି ଅଭିଯୋଗ ହୋଇଥିବା ଜଣାପଡୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଦେଖିଲେ ଚିହ୍ନି ପାରିବେ ବୋଲି ପୀଡିତା କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ଗୋପୀନାଥ



@ ପ୍ରସନ୍ନ



@ ସନ୍ତୋଷ



@ କାହ୍ନୁ



@ ସର୍ବେଶ୍ୱର



@ ସନ୍ଦୀପ



@ ଲକ୍ଷ୍ମୀଧର

# ସବୁ ସହରରେ ହେବ 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ)**

ଖୁବ୍‌ଶୀଘ୍ର ରାଜ୍ୟର ସବୁ ସହରରେ 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମେ ବିଭିନ୍ନ ଜିଲ୍ଲାର ପ୍ରମୁଖ ସହରଗୁଡ଼ିକରେ ଏହାର ଆୟୋଜନ କରାଯିବ ବୋଲି ପର୍ଯ୍ୟଟନ ଓ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଶନିବାର ଉତ୍କଳ ମଣ୍ଡପଠାରେ ବିଭାଗ ପକ୍ଷରୁ ଆୟୋଜିତ 'ଆମ ଲୋକକଳା ଆମ ସଂସ୍କୃତି'କୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ମାସର ଗୋଟିଏ ଦିନ ଏହି କାର୍ଯ୍ୟକ୍ରମ କରାଯିବ। ଏହାଦ୍ୱାରା କେବଳ ରାଜଧାନୀବାସୀ ନୁହନ୍ତି, ବରଂ ଅନ୍ୟ ସହରର ଲୋକମାନେ ମଧ୍ୟ ରାଜ୍ୟର ସବୁ ଲୋକ କଳା ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ। ରାଜ୍ୟ ସଂସ୍କୃତି ବିଭାଗର ଲୋକକଳା ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମନ୍ତ୍ରୀ ଗ୍ରହଣ କରିବା ସହ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ।

### ମନ ମୋହିଲା 'ବଜ୍‌ନିଆ', 'ଢେମ୍‌ସା'ଓ 'ଡାଲ୍‌ଖାଇ' ନୃତ୍ୟ

ସନ୍ଧ୍ୟା କାର୍ଯ୍ୟକ୍ରମରେ ସମ୍ବଲପୁରର ନୃତ୍ୟଶିଳ୍ପୀମାନେ 'ବଜ୍‌ନିଆ' ନୃତ୍ୟ, ପରେ କୋରାପୁଟର 'ଢେମ୍‌ସା' ଓ ବରଗଡ଼ର ଡାଲ୍‌ଖାଇ ନୃତ୍ୟ ପରିବେଷିତ ହୋଇଥିଲା। ଲୋକଗୀତ ସାଙ୍ଗକୁ ପାରମ୍ପରିକ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଆତ୍ମବିଭୋର କରିଦେଇଥିଲା। କଳାକାରଙ୍କ କଳା ପରିବେଷଣ ଶୈଳୀ ବି ବେଶ୍ ଉଚ୍ଚକୋଟୀର ଓ ଚିତ୍ତାକର୍ଷକ ଥିଲା। କରୋନା କଟକଣା ଭିତରେ ଏହି ସୁନ୍ଦର ନୃତ୍ୟ, ସଙ୍ଗୀତ ଭିତ୍ତିକ ଲୋକକଳାକୁ ଉପଭୋଗ କରିଥିଲେ ଉପସ୍ଥିତ ଦର୍ଶକ। କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଅବନୀ ମିଶ୍ର ଓ ମଧୁମିତା ମହାନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୩୧,୪୫,୪୬୯ | ୨୭,୧୬,୮୮୨ | ୯,୯୨,୪୪,୯୩୬ |
| ଭାରତ | ୧,୧୫,୯୦,୩୭୩ | ୧,୫୯,୭୨୮ | ୧,୧୧,୨୪,୪୬୫ |
| ଓଡ଼ିଶା | ୩,୩୮,୭୧୯ | ୧୯୧୮(+୫୩) | ୩,୩୬,୦୬୬ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଭାଜପାର ବିଧାନସଭା ଘେରାଉ ଉଦ୍ୟମ




ଭାଜପା ପକ୍ଷରୁ ବାହାରିଥିବା ରାଲି।

## ମାହାଙ୍ଗା ଡବଲ ମର୍ଡର ଘଟଣା

### ■ମନ୍ତ୍ରୀଙ୍କ ଗିରଫ ଦାବି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ଭାଜପା ପକ୍ଷରୁ ଆନ୍ଦୋଳନ ଜୋର୍‌ଦାର କରାଯାଇଛି। ଏହି ଘଟଣାରେ ମନ୍ତ୍ରୀ ପ୍ରତାପ ଜେନା ଅଭିଯୁକ୍ତ ଥିବାବେଳେ ତାଙ୍କୁ କାହିଁକି ଏ ପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଏହା ବିରୋଧରେ ଶନିବାର ଭାଜପା ନେତା ପ୍ରକାଶ ବେହେରାଙ୍କ ନେତୃତ୍ୱରେ ରାମମନ୍ଦିର ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିଠାରେ ପହଞ୍ଚି ପ୍ରତିବାଦ କରାଯାଇଥିଲା । ଏହି ଅବସରରେ ଭାଜପା ନେତା ଓ କର୍ମୀମାନେ ବିଧାନସଭା ଘେରାଓ କରିବାକୁ ଯିବା ସମୟରେ ପୋଲିସ ଓ ମହିଳା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ଫଳରେ ଅନେକ ମହିଳା ଆହତ ହୋଇଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ରାଜ୍ୟରେ ସାଧାରଣ ଲୋକ ନ୍ୟାୟ ପାଉନାହାନ୍ତି । ଏଥିଲାଗି ଅସୁବିଧାରେ ଥିବା ଲୋକଟି ବିଧାନସଭା ଆଗରେ ଆତ୍ମାହୁତି ଦେବାକୁ ଏକ ଉପଯୁକ୍ତ ସ୍ଥାନ ଭାବେ ଗ୍ରହଣ କରୁଛି। ସାଧାରଣ ଜନତା ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ଉପରୁ ଆସ୍ଥା ହରାଇଛନ୍ତି ବୋଲି ପ୍ରମାଣିତ ହୋଇଛି। ନାଲିଆଖି ଦେଖାଇ ରାଜ୍ୟ ସରକାର ବିରୋଧୀଙ୍କୁ ଡରାଇବା ବନ୍ଦ କରନ୍ତୁ ବୋଲି ସେ କହିଛନ୍ତି । ମାହାଙ୍ଗା ଡବଲ ମର୍ଡର ଘଟଣା ଓ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ପ୍ରସଙ୍ଗରେ ବିଧାନସଭାରେ ଅନେକ ଥର ଆଲୋଚନା ହୋଇଛି। ପବିତ୍ର ବିଧାନସଭା ଗୃହକୁ ହତ୍ୟା ଅଭିଯୁକ୍ତ ମନ୍ତ୍ରୀ ଜେନା ଅପବିତ୍ର କରିଛନ୍ତି । ଆଗାମୀ ଦିନରେ ତାଙ୍କ ବିରୋଧରେ ଏହି ଲଢେଇ ବିଧାନସଭା ଭିତରେ ଏବଂ ବାହାରେ ଜାରି ରହିବ ବୋଲି ବିଷ୍ଣୁ ସେଠୀ କହିଛନ୍ତି । ପକ୍କାଘର ବଣ୍ଟନରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ଏବଂ ଡବଲ ମର୍ଡରରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଗିରଫ ନ ହେବା ପର୍ଯ୍ୟନ୍ତ ଭାଜପା ରାଜରାସ୍ତାରେ ଲଢେଇ କରିବ ବୋଲି ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ମୁଖ୍ୟମନ୍ତ୍ରୀ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ଦୁର୍ନୀତି ଓ ହତ୍ୟାକାଣ୍ଡ ପ୍ରସଙ୍ଗକୁ ଏଡ଼ାଇବାକୁ ଯାଇ ସାରଦା ପ୍ରଧାନଙ୍କୁ ମିଛ ମାମଲାରେ ଫସାଇଦେବାର ଷଡ଼ଯନ୍ତ୍ର କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ବିରୋଧରେ ଭାଜପା ଲଢେଇ ଜାରି ରଖିବ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀ ୨ ତାରିଖରେ ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ଷଡ଼ଯନ୍ତ୍ରରେ ଆଇନମନ୍ତ୍ରୀଙ୍କ ହାତ ଥିବା ସତ୍ତ୍ୱେ ପୋଲିସ ଗିରଫ କରିବା ତ ଦୂରର କଥା ତାଙ୍କୁ ଏଯାବତ୍ ତଦନ୍ତ ପରିସରଭୁକ୍ତ କରୁନାହିଁ ବୋଲି ଭାଜପା ଅଭିଯୋଗ କରୁଛି। ଏହାର ପ୍ରତିବାଦରେ ଗତ ୧୭ ତାରିଖରୁ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଏକ ପଦଯାତ୍ରା ମାହାଙ୍ଗାରୁ ବାହାରି ଶନିବାର ବିଧାନସଭା ଘେରାଓ କାର୍ଯ୍ୟକ୍ରମରେ ସାମିଲ ହୋଇଛି।

## ସାରଦାଙ୍କ ଗିରଫ ଦାବିରେ କମିଶନରଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ମାହାଙ୍ଗା ହେଉଛି ଏକ ସଂସ୍କୃତିସମ୍ପନ୍ନ ମାଟି। କିନ୍ତୁ ଜଣେ ଅଭ୍ୟାସଗତ, ମିଥ୍ୟାବାଦୀ ଓ ବୃତ୍ତିଗତ ଅପରାଧୀ ସାରଦା ପ୍ରଧାନ ସେଠାର ଗରିମାକୁ ଭୂଲୁଣ୍ଠିତ କରିବାକୁ ଉଦ୍ୟମ କରୁଛନ୍ତି । ମାହାଙ୍ଗାରୁ ବିଧାନସଭା ପାଇଁ ନିର୍ବାଚନ ଲଢ଼ିଥିବା ସାରଦା ପ୍ରଧାନ ଏବେ ଭୁବନେଶ୍ୱରରେ ଆତଙ୍କରାଜ ଚଳାଇଛନ୍ତି ବୋଲି ଶନିବାର ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଅଭିଯୋଗ ଆଣିଛନ୍ତି। ଲେନିନ୍ କହିଛନ୍ତି, ସାରଦା ଲୋକଙ୍କ ଘରେ ପଶି ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ନୟାପଲ୍ଲୀ ଥାନା ଆଇଆର୍‌ସି ଭିଲେଜର ଏକ ଘର ଭିତରକୁ ନିଜ ଆପରାଧିକ ସହଯୋଗୀଙ୍କୁ ଧରି ଜୋରଜବରଦସ୍ତ ପ୍ରବେଶକରି ଅଭଦ୍ରୋଚିତ ବ୍ୟବହାର, ଆକ୍ରମଣ, ସମ୍ପତ୍ତି ନଷ୍ଟ ଓ ଲୁଟ୍ ଭଳି ଜଘନ୍ୟ କାର୍ଯ୍ୟ କରିଥିବା ସମ୍ବନ୍ଧୀୟ ଅଭିଯୋଗ ସମ୍ପର୍କିତ ଏକ ମାମଲା ଥାନାରେ ପଞ୍ଜୀକୃତ ହୋଇଛି । ସାରଦାଙ୍କ ନାମରେ ଆପରାଧିକ କାର୍ଯ୍ୟ ପାଇଁ ମାହାଙ୍ଗା ଥାନାରେ ବହୁ ମାମଲା ରୁଜୁ ହୋଇଛି । ଏକଦା ଗିରଫ ହୋଇ ୨୨ ଦିନ ଚୌଦ୍ୱାର ଜେଲରେ ରହିଥିଲେ । ବିପିଏଲ୍ ତାଲିକାଭୁକ୍ତ ଥିବା ସାରଦା ଖୁବ୍ କମ୍ ଦିନରେ କିପରି କୋଟିପତି ହେଲେ ବୋଲି ଲେନିନ୍ ପ୍ରଶ୍ନ କରିବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଶନିବାର ନିର୍ବାଚନ ମଣ୍ଡଳୀରୁ ବିଜେଡିର ଶତାଧିକ କର୍ମୀ ଓ ନେତୃମଣ୍ଡଳୀ ଭୁବନେଶ୍ୱର/କଟକ ପୋଲିସ କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସାରଦା ପ୍ରଧାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଯେଉଁ ବ୍ୟକ୍ତି ୧୯୯୭ ମସିହାରେ ବିପିଏଲ୍ ତାଲିକାଭୁକ୍ତ ଥିଲେ ଏବେ ସେ କୋଟି କୋଟି ଟଙ୍କା ସମ୍ପତ୍ତିର ଅଧିକାରୀ । ତାଙ୍କ ନିର୍ବାଚନୀ ସତ୍ୟପାଠରେ ସେ ଏହାକୁ ଉଲ୍ଲେଖ କରିଛନ୍ତି । ଏହି ଧନ କେଉଁ ଉତ୍ସରୁ ଅର୍ଜନ କରିଛନ୍ତି ତାହା ତଦନ୍ତ ସାପେକ୍ଷ । ଭାଜପା ଏକ ରାଷ୍ଟ୍ରୀୟ ଦଳ ହିସାବରେ ସମାଜକୁ କଳଙ୍କିତ କରୁଥିବା ଜଣେ ଘୃଣ୍ୟ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ନ ଦେଉ ବୋଲି ଲେନିନ୍ ଅନୁରୋଧ କରିଛନ୍ତି ।

## ଶାବଳରେ ଭୁସି ଯୁବକଙ୍କୁ ହତ୍ୟା

ଲହୁଣୀପଡ଼ା, ୨୦।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ଅନୁଗୋଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ କଥାକୁ କେନ୍ଦ୍ରକରି ଶାବଳରେ ଭୁସି ଦେବାରୁ ଦେବରାଜ ନାଏକ (୪୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମହୁଲପଦା ଥାନା ପୋଲିସ ଶନିବାର ଅର୍ଜୁନ ଦେହୁରୀ (୨୪)ଙ୍କୁ ଅଟକରଖି ପଚରାଉଚରା କରୁଛି।

ଅନୁଗୋଳ ଗ୍ରାମରେ ନିର୍ମାଣାଧୀନ କଲଭର୍ଟ କାର୍ଯ୍ୟର ଜଗୁଆଳି ଭାବେ ବଡ଼ଜୋର ଗ୍ରାମର ଦେବରାଜ ନାଏକ (୪୫) କାମ କରୁଥିଲେ। ଦେବରାଜ ଏକୁଟିଆ ରହୁଥିବାରୁ ଦୁଇ ଦିନ ପୂର୍ବେ ବଡ଼ଜୋର ଗ୍ରାମରେ ନିଜ ସମ୍ପର୍କୀୟ ଘରେ ରହୁଥିବା ଅର୍ଜୁନଙ୍କୁ ଡାକିଥିଲେ। ଦୁଇ ଜଣ ଯାକ ଉକ୍ତ କ୍ୟାମ୍ପରେ ରହୁଥିଲେ। ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣ ଯୋଗୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗିଯାଇ ଅର୍ଜୁନ କ୍ୟାମ୍ପରୁ ଏକ ଶାବଳ ଆଣି ଦେବରାଜଙ୍କୁ ଆକ୍ରମଣ କରିବାରୁ ରକ୍ତାକ୍ତ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ସେହି ଶାବଳରେ ଭୁସି ଦେବାରୁ ଘଟଣାସ୍ଥଳରେ ଦେବରାଜଙ୍କ ମୃତ୍ୟୁ ଘଟିଥିଲା। କୌଣସି ସୂତ୍ରରୁ ଖବରପାଇ ମହୁଲପଦା ପୋଲିସ ଶନିବାର ସକାଳେ କ୍ୟାମ୍ପରେ ପହଞ୍ଚି ଦେବରାଜଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅର୍ଜୁନ ଲୁଚି ରହିଥିବା ଖବରପାଇ ପୋଲିସ ଚଢ଼ାଉ କରି ଥାନାକୁ ଆଣି ପଚରାଉଚରା କରିଥିଲା।

## ଦିଲ୍ଲୀରୁ ଫେରିଲେ ସୁହାନୀ

କେନ୍ଦ୍ରାପଡ଼ା ଅଫିସ, ୨୦।୩

ଜନ୍ମମାଟି କେନ୍ଦ୍ରାପଡ଼ାକୁ ଫେରିବା ୧୦ ବର୍ଷିୟା ସୁହାନୀଙ୍କ ପାଇଁ ଏକ ସ୍ୱପ୍ନ ଥିଲା । ତେବେ ଜିଲା ପ୍ରଶାସନ ଓ ଦିଲ୍ଲୀ ରେସିଡେଣ୍ଟ କମିଶନରଙ୍କ ହସ୍ତକ୍ଷେପ ପରେ ସୁହାନୀଙ୍କ ୩ ବର୍ଷର ସ୍ୱପ୍ନ ଶନିବାର ପୂରଣ ହୋଇଛି। ରାଜକନିକା ବ୍ଲକ ଦେଉଳତରା ଗ୍ରାମର ସନ୍ତୋଷ ଜେନାଙ୍କ ଝିଅ ସୁହାନୀଙ୍କୁ ଗରଦପୁର ବ୍ଲକ କୋରୁଆସ୍ଥିତ ମହିଳା ସମିତି କେନ୍ଦ୍ରରେ ରଖାଯାଇଛି । ୨୦୧୮ରେ ସୁହାନୀର ମା'ଙ୍କ ମୃତ୍ୟୁ ହୋଇଥିଲା। ପରେ ବାପା ଦ୍ୱିତୀୟ ବିବାହ କରି ଘର ଛାଡି ଚାଲି ଯାଇଥିଲେ । ଘରେ ଏକୁଟିଆ ସୁହାନୀ ରହୁଥିଲେ । ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ତାଙ୍କ ଦାଦା ସୁହାନୀଙ୍କୁ ଦିଲ୍ଲୀ ନେଇଯାଇଥିଲେ। ତେବେ ସେଠାରେ ତାଙ୍କୁ କେବଳ ନିର୍ଯାତନା ମିଳିଥିଲା। ଏହିଖବର ଦିଲ୍ଲୀ ଚାଇଲଡ ଲାଇନ ହେଲ୍ପ ସେଣ୍ଟରରେ ପହଞ୍ଚିବାରୁ ତାଙ୍କୁ ଉଦ୍ଧାର କରାଯାଇ ଏକ ସେଲଟର ହୋମରେ ରଖାଯାଇଥିଲା । ପରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନଙ୍କୁ ଏସମ୍ପର୍କରେ ଅବଗତ କରାଯିବା ପରେ ସେଠାରୁ ଫେରାଇ ଅଣାଯାଇଛି।

## 'ବିକାଶ ପାଇଁ ଦରକାର ଡବଲ ଇଞ୍ଜିନ ସରକାର'

ଭୁବନେଶ୍ୱର, ୨୦।୩(ବ୍ୟୁରୋ)



ଧର୍ମେନ୍ଦ୍ର ପ୍ରଧାନ

ବିକାଶ ପାଇଁ ଡବଲ ଇଞ୍ଜିନର ସରକାର ଦରକାର। ରାଜନୈତିକ ସ୍ୱାର୍ଥ ପାଇଁ ନୁହେଁ ବରଂ ଓଡ଼ିଶାର ସାଧାରଣ ନାଗରିକଙ୍କ କଲ୍ୟାଣ, ସମସ୍ତଙ୍କୁ ଟୀକା ଯୋଗାଇବା, ମୌଳିକ ସୁବିଧା ଦେବା, ଓବିସି ଓ ଏସଇବିସି ବର୍ଗଙ୍କୁ ସମ୍ବିଧାନ ଅନୁମୋଦିତ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବା ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଓଡିଆ ବୈଦ୍ୟୁତିକ ଗଣମାଧ୍ୟମ କନକ ନ୍ୟୁଜ ପକ୍ଷରୁ ଆୟୋଜିତ 'ଓଡିଶା ନିର୍ମାଣ କନକ୍ଲେଭର ୫ମ ସଂସ୍କରଣ' ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ନୂଆ ଓଡ଼ିଶା ନିର୍ମାଣ ପାଇଁ ଥିବା ସୁଯୋଗ, ଢ଼ାଞ୍ଚାଗତ ବିକାଶ, ପେଟ୍ରୋଲିୟମ, ଗ୍ୟାସ ଓ ଇସ୍ପାତ୍ କ୍ଷେତ୍ରରେ କ୍ରିୟାନ୍ୱୟନ ପ୍ରକଳ୍ପ ସହ ଭାରତବର୍ଷରେ ପ୍ରଗତିର ଶୀର୍ଷରେ ପହଞ୍ଚିବା ଲାଗି ଓଡ଼ିଶାରେ ସବୁ ଉପାଦାନ ଭରି ରହିଛି। ବିଶାଳ ବେଳାଭୂମି, ରତ୍ନଗର୍ଭା ସମୁଦ୍ର, ବିଶାଳ ଜଙ୍ଗଲ ସମ୍ପଦ, ଅମାପ ଖଣିଜ ସମ୍ପଦ, ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଓଡିଶାର ଅନନ୍ୟ ପରିଚୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର 'ପୂର୍ବୋଦୟ ମିଶନ'ରେ ପୂର୍ବ ଭାରତକୁ ପ୍ରାଥମିକତା ଦେଉଥିବା ବେଳେ ଏହାର ଅଗ୍ରଣୀ ସ୍ଥାନରେ ଓଡ଼ିଶା ରହିଛି। ଓଡ଼ିଶାରେ ଉପକୂଳ ରାଜପଥ, କେନ୍ଦ୍ରାପଡ଼ାରେ ସର୍ବବୃହତ ଇସ୍ପାତ୍ କାରଖାନା ପ୍ରତିଷ୍ଠା, ମହାନଦୀ ମୁହାଁଣରେ ନଦୀଭିତ୍ତିକ ବନ୍ଦର, ବିଭିନ୍ନ ବନ୍ଦର ସମୂହର ବିକାଶ, ରାଜ୍ୟରେ ପେଟ୍ରୋଲିୟମ ଶିଳ୍ପ, ଏଲଏନଜି ଟର୍ମିନାଲ ଓ ଏଲପିଜି କ୍ଷେତ୍ରର ସାମଗ୍ରିକ ଭିତିଭୂମିର ବିକାଶ ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗୀ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଦେଶବାସୀଙ୍କ ବିଶ୍ୱାସନୀୟତା ବଢ଼ିଛି। ପଶ୍ଚିମବଙ୍ଗରେ ବିକାଶର ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାର ନେଇଛନ୍ତି। ବର୍ତ୍ତମାନ ଆମେ ପଶ୍ଚିମବଙ୍ଗରେ ଶତପ୍ରତିଶତ ସରକାର କରିବୁ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ସେ କହିଛନ୍ତି।

## ଜେଏମ୍‌ଏମ୍‌ରେ ରାମଚନ୍ଦ୍ର ହାଁସଦା

ବାରିପଦା ଅଫିସ/ରାଇରଙ୍ଗପୁର, ୨୦।୩(ଡି.ଏନ.ଏ)

ମୟୂରଭଞ୍ଜର ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍)ରେ ସାମିଲ ହୋଇଛନ୍ତି। ଶନିବାର ରାଇରଙ୍ଗପୁର ବ୍ଲକ ପଡ଼ିଆରେ ଆୟୋଜିତ ମିଶ୍ରଣ ପର୍ବରେ ସେ ଶତାଧିକ ସମର୍ଥକଙ୍କ ସହ ଜେଏମ୍‌ଏମ୍‌ରେ ଯୋଗଦେଇଥିଲେ। ପୂର୍ବତନ ଏମ୍‌ପି ହାଁସଦା ଚିଟଫଣ୍ଡ ମାମଲାରେ ବିବାଦୀୟ ହୋଇ ସିବିଆଇ ଦ୍ୱାରା ଗିରଫ ହୋଇ ଦୀର୍ଘ ଦିନ ଧରି ଜେଲରେ ରହିଥିଲେ। ଫଳରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ବିଜେଡ଼ିରୁ ଇସ୍ତଫା ଦେଇଥିଲେ। ୨୦୦୯ରେ ସେ ଏନ୍‌ସିପି ଦଳ ପକ୍ଷରୁ ସାରସକଣା ନିର୍ବାଚନମଣ୍ଡଳୀ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଜେଡି ଟିକଟରେ ଏମ୍‌ପି ନିର୍ବାଚିତ ହୋଇଥିଲେ। ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଝାଡ଼ଖଣ୍ଡ ପରିବହନ ଓ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଚମ୍ପେର ସୋରେନ, ମୟୂରଭଞ୍ଜ ଜିଲା ଜେଏମ୍‌ଏମ୍‌ର ମହିଳା ମୋର୍ଚ୍ଚା ସଭାପତି ଅଞ୍ଜନି ସୋରେନ, ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଓ ଦଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୧୪୪ ଧାରା ଜାରି

### ■ ସ୍କୁଲ ପାଚେରି ନିର୍ମାଣକୁ କେନ୍ଦ୍ରକରି ଉତ୍ତେଜନା

ପଟ୍ଟାମୁଣ୍ଡାଇ,୨୦।୩(ସ୍ୱ.ପ୍ର.)

ଏକ ସ୍କୁଲ ପାଚେରି ନିର୍ମାଣକୁ କେନ୍ଦ୍ରକରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ନଂ. ୱାର୍ଡରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହାକୁ ନେଇ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ଗତ ୩ ଦିନ ତଳେ ଉଭୟ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ବିବାଦ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଥାନାରେ ପୃଥକ୍ ଭାବେ ୨ଟି ଏତଲା ଦିଆଯାଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ତାହା ଉଗ୍ରରୂପ ଧାରଣ କରିଥିଲା। ସେଦିନ ଅପରାହ୍ନରେ ପୁଣିଥରେ ୨ ଗୋଷ୍ଠୀ ମଧ୍ୟରେ ଢେଲାମାଡ଼ ଓ ମାରପିଟ୍ ଚାଲିଥିଲା। ଏଥିଯୋଗୁ ପଟ୍ଟାମୁଣ୍ଡାଇ ସହର ଅଶାନ୍ତ ହୋଇପଡିଥିଲା ।

ଏହି ଘଟଣା ପରେ ବି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରତିବାଦରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ସହରର ବଜାର କେନାଲ ପୋଲ, ନୂଆ ମେଡିକାଲ ଛକ ଓ ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇପଡିବାରୁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ ଦେ ମଧ୍ୟାହ୍ନରେ ପଟ୍ଟାମୁଣ୍ଡାଇ ଥାନାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଡାକି ଆଲୋଚନା କରିଥିଲେ । ଅପର ଗୋଷ୍ଠୀର ଯୁବକମାନେ ଏଥିରେ ଉତ୍ତେଜିତ ହୋଇ ଥାନାରେ ଆଲୋଚନା କରିଥିବା ଗୋଷ୍ଠୀର ଯୁବକମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଦିନ ସାଢ଼େ ୧୨ଟା ବେଳେ ସହରରେ ୧୪୪ ଧାରା ଜାରି କରିଥିଲା । ଏନେଇ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏସ୍‌ଡିପିଓ ଦେ ଦିନ ୧ଟା ବେଳେ ଧାରଣାରେ ବସିଥିବା ଯୁବକମାନଙ୍କୁ ବୁଝାଶୁଝା କରି ଧାରଣରୁ ଉଠିଯିବାକୁ ନିବେଦନ କରିଥିଲେ ।

ବିବାଦର ଆପୋସ ସମାଧାନ ପାଇଁ ଶନିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଥାନାରେ ଶାନ୍ତି କମିଟି ବୈଠକ ବସିଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନର ସୂତ୍ର ବାହାରି ନାହିଁ । ବିବାଦର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସମେତ ବରିଷ୍ଠ ନେତା ବିଜୟ କେତନ ସ୍ୱାଇଁ, କଂଗ୍ରେସ ନେତା ଗଣେଶ୍ୱର ବେହେରା, ବିଜେଡି ନେତା ଭୋଳାନାଥ ପାଢ଼ୀ, ପ୍ରଦୀପ ପ୍ରଧାନ, ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।


**Khemundi College, Digapahandi, Gm.**
**ADVERTISEMENT**

A Walk-in-Interview is going to be held on 27.03.2021 at 11 A.M. in the college premises for engagement of **Guest Faculty in Zoology and IRPM** subject. Candidates having requisite qualification (55% or above at PG Level) may appear the same alongwith testimonials and Demand Draft of Rupees 500/- (Inwords Five hundred only) in favour of Principal, Khemundi College, Digapahandi, Gm. Salary Rs.250/- per class limited to Rs.9000/- per month.
The principal has reserved the right to cancel any application/advertisement etc.
PRINCIPAL

**NATIONAL COUNCIL FOR COOPERATIVE TRAINING (NCCT)**
(An Autonomous Society Promoted by Ministry of Agriculture & Farmers Welfare, Govt. of India) 3rd Floor, NCUI Building, 3, Siri Institutional Area, August Kranti Marg, New Delhi-110016

**EMPANELMENT FOR APPOINTMENT AS AUDITORS**

NCCT wishes to empanel retired personnel from the Department of the C&AG, DAD (Defence Accounts Department), P&T Audit & Accounts, CGA and other such organizations to work as Auditors to conduct internal audit of various training institutes of NCCT, spread all over the country. Interested persons may visit website: www.ncct.ac.in for eligibility, remuneration, job description and application forms. Applications may be made within 15 days from the date of publication of this advertisement along with copies of the requisite documents. Candidates who had applied in our earlier advertisement dated 04.10.2020 need not apply again.
Director (F) I/C 9556881334

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
(Ministry of Social Justice & Empowerment, Department of Empowerment of Persons with Disabilities (DIVYANGJAN), Govt. of India)
Olatpur, P.O.-Bairoi, Dist-Cuttack-754010, Odisha
Email : stores.nirtar@nic.in, Website : www.nirtar@nic.in

Ref. AD-5/ET/Security/2020-2021 Dt. 19.03.2021

**E-TENDER NOTICE**

"E-Tender is invited for hiring of Security guards for our Institute and its branch office as per detail dates is given below.

**IMPORTANT DATES**

| | |
|---|---|
| Publication of bid documents | 19.03.2021 |
| Last date for bid submission | 12.04.2021 |
| Opening date of technical bid | 13.04.2021 |

For more details log on http://www.svnirtar.nic.in and CPP portal http://eprocure.gov.in/eprocure/app.
Sd/-
DIRECTOR (OFFG.)

GOVERNMETN OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH**
No.O-1275:-
**E-PROCUREMENT NOTICE**
**BID IDENTIFICATION NO. ONLINE-EESNG-17 of 2020-21**

1. Name of the work : Road work
2. Total No. of works : 01 No. Road
3. Estimated cost : Rs.78.76 lakhs
4. Class of contractor : 'B' & 'A'
5. Period of completion : 06 calendar months
6. Type of tender : Double cover
7. Other details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-17 of 2020-21 | 23.03.2021 10.00 A.M. | 30.03.2021 05.30 P.M. |

Further details can be seen from the website www.tendersorissa.gov.in
Sd./- Executive Engineer
Rural Works Division, Sundargarh
OIPR-25046/11/0021/2021

ଭାରତ ସରକାର
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
**ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ**
୩୩୨, ଏସ୍‌ଭିପି ରୋଡ, ଖେତୱାଡ଼ି, ଗିରଗାଉଁ, ମୁମ୍ବାଇ - ୪୦୦୦୦୪
सत्यमेव जयते

**ନାମଲେଖା ବିଜ୍ଞପ୍ତି (୨୦୨୧-୨୨)**

**ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ, ମୁମ୍ବାଇ,** ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ କେନ୍ଦ୍ରୀୟ ତାଲିମ ଅନୁଷ୍ଠାନ **ଶିକ୍ଷାବର୍ଷ ୨୦୨୧-୨୨ ନିମନ୍ତେ** ନିମ୍ନଲିଖିତ **ଶିକ୍ଷାଗତ ପାଠ୍ୟକ୍ରମଗୁଡ଼ିକ** ପାଇଁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ଆହ୍ୱାନ କରୁଛି ।

**କ. ନିୟମିତ ପାଠ୍ୟକ୍ରମ:**

| ନିୟମିତ ପାଠ୍ୟକ୍ରମ | ବୟସ (ବର୍ଷ) | ସିଟ୍ ସଂଖ୍ୟା | ଅବଧି |
|---|---|---|---|
| ୧. ମାଷ୍ଟର ଇନ୍ ପବ୍ଲିକ୍ ହେଲ୍‌ଥ (ଏମ୍‌ପିଏଚ୍) | ସର୍ବନିମ୍ନ ବୟସ ୨୧ ବର୍ଷ | ୧୦ | ଦୁଇ ବର୍ଷ |
| ୨. ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ହସ୍ପିଟାଲ ମ୍ୟାନେଜମେଣ୍ଟ (ପିଜିଡିଏଚ୍‌ଏମ୍) | ସର୍ବନିମ୍ନ ବୟସ ୨୧ ବର୍ଷ | ୩୦ | ଏକ ବର୍ଷ |
| ୩. ଡିପ୍ଲୋମା ଇନ୍ ହେଲ୍‌ଥ ପ୍ରମୋଶନ ଏଜୁକେଶନ୍ (ଡିଏଚ୍‌ପିଇ) | ୪୦ ବର୍ଷ ପର୍ଯ୍ୟନ୍ତ । ବୟସରେ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ପାଞ୍ଚବର୍ଷ ଏବଂ ଓବିସି ପ୍ରାର୍ଥୀମାନଙ୍କ ପାଇଁ ତିନିବର୍ଷ କୋହଳ କରାଯିବ | ୩୦ | ଏକ ବର୍ଷ |
| ୪. ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ କମ୍ୟୁନିଟି ହେଲ୍‌ଥ କେୟାର (ପିଜିଡିସିଏଚ୍‌ସି) | ୪୦ ବର୍ଷ ପର୍ଯ୍ୟନ୍ତ । ବୟସରେ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ପାଞ୍ଚବର୍ଷ ଏବଂ ଓବିସି ପ୍ରାର୍ଥୀମାନଙ୍କ ପାଇଁ ତିନିବର୍ଷ କୋହଳ କରାଯିବ | ୩୦ | ଏକ ବର୍ଷ |

**ଖ. ଦକ୍ଷତାଭିତ୍ତିକ ତାଲିକା କାର୍ଯ୍ୟକ୍ରମ: (ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ଜାରି ଗାଇଡଲାଇନ୍ ଅନୁଯାୟୀ)**

| ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ | ବୟସ (ବର୍ଷ) | ସିଟ୍ ସଂଖ୍ୟା | ଅବଧି |
|---|---|---|---|
| ୧. ସାନିଟାରୀ ହେଲ୍‌ଥ ଇନ୍ସପେକ୍ଟର | ୧୮-୩୦ | ୨୦ | ଏକ ବର୍ଷ |
| ୨. ଡାଇବେଟିସ୍ ଏଜୁକେଟର | ୨୨ ବର୍ଷରୁ ଉର୍ଦ୍ଧ୍ୱ | ୨୦ | କ୍ୟାମ୍ପସ୍‌ରେ - ୩ ମାସ<br>ଅନଲାଇନ/ଅଫ୍ କ୍ୟାମ୍ପସ୍- ୬ ମାସ |
| ୩. ହୋମ୍ ହେଲ୍‌ଥ ଏଡ୍ | ୧୮-୩୦ | ୨୦ | ୪ ମାସ |
| ୪. ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ | ୧୮-୩୦ | ୨୦ | ୬ ମାସ |
| ୫. ଫାର୍ଷ୍ଟ ରେସ୍‌ପଣ୍ଡର | ୧୮ ବର୍ଷ ଓ ତଦୂର୍ଦ୍ଧ୍ୱ | ୨୦ | ୪ ଦିନ |

ଏନ୍‌ଆଇପିଏଚ୍‌ଟିଆର୍, ମୁମ୍ବାଇ ଦ୍ୱାରା ସଞ୍ଚାଳିତ ବିଭିନ୍ନ ପାଠ୍ୟକ୍ରମଗୁଡ଼ିକରେ ନାମଲେଖା ପାଇଁ ସବିଶେଷ ଅଧିସୂଚନା www.fwtrc.gov.inରେ ଉପଲବ୍ଧ । ପୂରଣ ହୋଇଥିବା ଦରଖାସ୍ତ ଫର୍ମ ସହିତ ଦରଖାସ୍ତ ଦେୟ ବାବଦରେ ଟ.୨୦୦/- (ଦୁଇଶହ ଟଙ୍କା ମାତ୍ର)ର ଅନ୍‌ଲାଇନ୍ ପରିଶୋଧ କିମ୍ବା "**ଡାଇରେକ୍ଟର, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ**"ଙ୍କ ସପକ୍ଷରେ ମୁମ୍ବାଇଠାରେ ପୈଠଯୋଗ୍ୟ ଡିଡି/ବ୍ୟାଙ୍କର୍ସ ଚେକ୍ ଆକାରରେ ଏହି କାର୍ଯ୍ୟାଳୟରେ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ ଯୋଗେ **୧୯ ଏପ୍ରିଲ ୨୦୨୧ କିମ୍ବା ତାହା ପୂର୍ବ ସୁଦ୍ଧା** ପହଞ୍ଚିବା ଆବଶ୍ୟକ । ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ଦରଖାସ୍ତ ଦେୟ ଛାଡ଼ କରାଯାଇଛି । ପ୍ରାର୍ଥୀମାନଙ୍କର ଚୟନ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଟି) ଜରିଆରେ ମେଧାଭିତ୍ତିରେ କରାଯିବ ।

ସ୍ୱା./-
Director / ନିର୍ଦ୍ଦେଶକ
N.I.P.H.T.R., Mumbai / ଏନ୍.ଆଇ.ପି.ଏଚ୍.ଟି.ଆର୍., ମୁମ୍ବାଇ - ୪
Fulrani





# BUSINESS EMINENCE AWARDS









ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିବାବେଳେ ଉପସ୍ଥିତ ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ।



କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ।




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ଦେଉଛନ୍ତି।



ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉଦ୍‌ବୋଧନ ଦେଉଛନ୍ତି।



ଧନ୍ୟବାଦ ଜଣାଉଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ।









'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ସମ୍ମାନିତ ବ୍ୟକ୍ତିମାନେ।

## ନିରାଡ଼ମ୍ବର ପାଳନ ହେବ ଦୋଳମେଳଣ

କଟକ ଅଫିସ,୨୦।୩: ଦୋଳମେଳଣ ଉପଲକ୍ଷେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ କଟକ ଝୋଲାସାହିସ୍ଥିତ ମଣ୍ଡଳୀର ସଭାଗୃହରେ ନବମୀ ମହାସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଦିଗଭାଗର ସର୍ବାଧିକାରୀ ଚୌଧୁରୀ କାଶୀନାଥ ମଲ୍ଲିକ ଏଥିରେ ଅଧକ୍ଷତା କରିଥିଲେ। କରୋନା କଟକଣା ମଧ୍ୟରେ ସମସ୍ତ ଦୋଳମେଳଣକୁ ନିରାଡ଼ମ୍ବର ଭାବେ ପାଳନ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ମଣ୍ଡଳଧାରୀ, ଅଧିକାରୀ, ମହନ୍ତ ତଥା ସମସ୍ତ ସଦସ୍ୟଙ୍କ ଆଲୋଚନାପରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଦୋଳପୂର୍ଣ୍ଣମୀ ଦିନ ଠାକୁର ଓ ସଂକୀର୍ତ୍ତନ ମଣ୍ଡଳୀ ଦୋଳମୁଣ୍ଡାଇରୁ ବାହାରି ୭୨ମଠଠାରେ ମେଳଣ କରିବେ। ଏହି ମେଳଣରେ କମ୍ ସଂଖ୍ୟକ ସଭ୍ୟ ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ୧୮୦ କିଲୋ ଗଞ୍ଜେଇ ଜବତ : ୪ ଗିରଫ

କଟକ ଅଫିସ, ୨୦।୩: ଅବକାରୀ ବିଭାଗ ପକ୍ଷରୁ ଶନିବାର ସକାଳ ୬ଟାରେ ଚଢାଉ କରାଯାଇ କଟକ ଓଏମ୍‌ପି ଛକଠାରେ ଥିବା ଏକ ବସ୍‌ରୁ ୯ଟି ବସ୍ତାରେ ଥିବା ୧୮୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବ୍ରହ୍ମପୁରର ପ୍ରତାପ ସାହୁ, ଭବାନୀ ଶଙ୍କର ପାଢ଼ୀ, ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ସବଳ କୁମାର ସାମନ୍ତରାୟ ଓ ପୁରୀ ଜିଲାର ବସ୍ କଣ୍ଡକ୍ଟର ଅରିନ୍ଦମ୍ ଅଧିକାରୀ(୪୪)ଙ୍କୁ ଗିରଫ କରାଯାଇଛି। ବସ୍‌ଟି ବ୍ରହ୍ମପୁରରୁ କଲିକତା ଅଭିମୁଖେ ଯାଉଥିଲା। ତେବେ ଉକ୍ତ ବସ୍‌ରେ ଗଞ୍ଜେଇ ଥିବା ଜଣାପଡିବା ପରେ ଚଢାଉ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗୀୟ ଅଧୀକ୍ଷକ ଡ. ଶାନ୍ତନୁ ଦାସଙ୍କ ତତ୍ତ୍ୱାବଧାନରେ ଉପ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉରେ ସାମିଲ ହୋଇଥିଲା।

### କ୍ରିକେଟ ଟୁର୍ନାମେଣ୍ଟ: ଗୋଲ୍‌ଡେନ୍ ଚାର୍ଜର୍ସ ଚାମ୍ପିୟନ

ଚୌଦ୍ୱାର,୨୦।୩(ଡି.ଏନ୍.ଏ.): ଚୌଦ୍ୱାର ଆଜାଦ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ରୂପଯାତ୍ରା ପଡ଼ିଆରେ ଅନୁଷ୍ଠିତ ଦିନିକିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍ ଭାଣପୁର କ୍ରିକେଟ କ୍ଲବ୍ ଓ ଚୌଦ୍ୱାରର ଗୋଲଡେନ୍ ଚାର୍ଜର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଲଡେନ୍ ଟିମ୍ ୬ ଓଭରରେ ୭୦ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଭାଣପୁର ଟିମ୍ ୫୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ବିଧାୟକ ସୌଭିକ୍ ବିଶ୍ୱାଳ, ଆଇଆଇସି ବିରଞ୍ଚି ନାରାୟଣ ପତି, ପୂର୍ବତନ କାଉନ୍‌ସିଲର ବିଷ୍ଣୁ ଚରଣ ପରିଡ଼ା, ସୁବ୍ରତ ସାମଲ, ଅର୍ଜୁନ ପଣ୍ଡା, ରାଜ ରତନ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଟିମ୍‌କୁ ଟ୍ରଫି ଏବଂ ଅର୍ଥରାଶି ପ୍ରଦାନ କରିଥିଲେ। କ୍ଲବ ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ କେଶବ ସାହୁ, ଅଜିତ୍ କୁମାର ସ୍ୱାଇଁ ଓ ଲୋକନାଥ ବେହେରା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

### ଧବଳେଶ୍ୱର ପୂଜକ ସମାଜ ପୂର୍ବତନ ସଭାପତିଙ୍କ ପରଲୋକ

ଖୁଣ୍ଟୁଣୀ,୨୦।୩(ଡି.ଏନ.ଏ.): ଧବଳେଶ୍ୱର ପୂଜକ ସମାଜ ପୂର୍ବତନ ସଭାପତି କାଙ୍ଗାଳୀ ଚରଣ ପତ୍ରୀ(୯୬)ଙ୍କର ଶୁକ୍ରବାର ପରଲୋକ ଘଟିଛି। ସେ ସକାଳୁ ନିତ୍ୟକର୍ମ ସାରି ଘରେ ବସିଥିବାବେଳେ ହଠାତ୍ ଟଳି ପଡ଼ିଥିଲେ। ପରେ ତାଙ୍କ ମରଶରୀରକୁ ମଞ୍ଚେଶ୍ୱର ଗ୍ରାମ ପରିକ୍ରମା କରାଯିବା ପରେ ସ୍ଥାନୀୟ ବଡ଼ ପଣ୍ଡା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଓଡ଼ିଶା ପ୍ରତିଭା ବିକାଶ ମଞ୍ଚର ଗୁରୁପୂଜା ଉତ୍ସବ

କଟକ ଅଫିସ,୨୦।୩: କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ଗୁରୁପୂଜା ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖବରଦାତା ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଅଧକ୍ଷତା କରିଥିଲେ। ଓଡ଼ିଶା ପ୍ରତିଭା ବିକାଶ ମଞ୍ଚର ମହିଳା ଶାଖା ସଭାପତି ସାଗରିକା ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଶିକ୍ଷକନେତା ଡ. ଅର୍ଜୁନ କୁମାର ବିଶ୍ୱାଳ, ଅଶ୍ୱିନୀ କୁମାର ମହାପାତ୍ର, ପୃଷ୍ଠଭୂମିର ପ୍ରତିଷ୍ଠାତା ସମ୍ପାଦକ କୈଳାସ ଚନ୍ଦ୍ର ଜେନା, କବି ଉଦୟ କେଶରୀ ବର୍ମା ଓ ସାମାଜିକ କର୍ମୀ ତପନ ସାହୁ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲୀପ ବେହେରା, ଧନଞ୍ଜୟ ମହାପାତ୍ର, ଫକୀର ଚରଣ ନାୟକ, ମଦନ ମୋହନ ଜେନା, ବିପିନ ବେହେରାଙ୍କ ସମେତ ୨୪ଜଣ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପ୍ରଫେସର ଖଟୁଆଙ୍କ ରଚିତ ପୁସ୍ତକ ଷ୍ଟୁଡେଣ୍ଟସ ପଲିଟିକ୍ସ ଉନ୍ମୋଚିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗର ଉପ ସଚିବ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗଦେଇଥିବାବେଳେ ସଙ୍ଗଠନ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ।

# ୫୪ ହଜାର ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ତାଲିମ

## ୧୮ ହଜାର ନିଯୁକ୍ତ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ରାଜ୍ୟରେ ୨୦୧୧-୧୨ରେ ସରକାରୀ ଓ ଘରୋଇ ସଂସ୍ଥା ଦ୍ୱାରା ୫୪ ହଜାର ୩୨୫ ଜଣ ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ତାଲିମ ଦିଆଯାଇଛି। ସେଥିରୁ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ୧୮,୪୧୯ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନିଯୁକ୍ତିଜଡ଼ିତ ତାଲିମ କାର୍ଯ୍ୟକ୍ରମ ପରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୭୧୧ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ କଟକ ୧୯୩୯, ଝାରସୁଗୁଡ଼ା ୧୦୨୩, ଅନୁଗୋଳ ୫୨୧, ବାଲେଶ୍ୱର ୭୫୦, ବରଗଡ଼ ୧୨୩, ଭଦ୍ରକ ୩୧୯, ବଲାଙ୍ଗୀର ୧୦୯, ଦେବଗଡ଼ ୨୮୯, ଗଜପତି ୫୯୫, ଢେଙ୍କାନାଳ ୫୨୧, ଗଞ୍ଜାମ ୭୬୪, ଜଗତ୍‌ସିଂହପୁର ୫୧୧, କେନ୍ଦ୍ରାପଡ଼ା ୮୧୩, କେନ୍ଦୁଝର ୭୦୭, କୋରାପୁଟ ୫୦୬, ମୟୂରଭଞ୍ଜ ୭୫୯, ନୟାଗଡ଼ ୩୩୭, ସମ୍ବଲପୁର ଜିଲାରୁ ୪୬୯ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭ୍ୟ ଭୂପିନ୍ଦର ସିଂ, ଅମର ଶତପଥୀ, ରମେଶ ଚନ୍ଦ୍ର ବେହେରା, ପ୍ରଦୀପ ଦିଶାରି, ଭାସ୍କର ମଢ଼େଇ, କଂଗ୍ରେସ ସଭ୍ୟ ସୁରେଶ ରାଉତରାୟ, ଭାଜପା ସଭ୍ୟ କୁସୁମ ଟେଟେ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଦକ୍ଷତା ବିକାଶ ତାଲିମ ପରେ କେତେ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଦକ୍ଷତା ତାଲିମର ଅବଧି କେତେ। ଯେଉଁ ଅଫିସରମାନଙ୍କୁ ତାଲିମ ପାଇଁ ବିଦେଶକୁ ପଠାଯାଉଛି ସେମାନେ କେତେଜଣଙ୍କୁ ତାଲିମ ଦେଇଛନ୍ତି। ଇଡ୍‌କୋ ଜରିଆରେ ଆମ ଜମି ଦିଆଯାଉଛି। ବାହାର ରାଜ୍ୟରୁ ଆସି ସେଠାରେ ଚାକିରି କରୁଛନ୍ତି। ଆମ ପିଲାଙ୍କୁ କାହିଁକି ଚାକିରି ମିଳିବ ନାହିଁ। ଟ୍ରେନିଂ ପରେ ସ୍ଥାନୀୟ ପିଲାଙ୍କୁ କାହିଁକି ନିଯୁକ୍ତି ଦିଆଯିବ ନାହିଁ । ସରକାରୀ ଆଇଆଇଟି ଓ ପଲିଟେକ୍ନିକରେ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଖୋଲିବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂ ପରେ ଟ୍ରୋନିଂ ନାନେ ଜରିଆରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯାଉଛି।



୪ ଦଫା ଦାବି ନେଇ ସିପିଆଇଏମ୍ ପକ୍ଷରୁ ଶନିବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ଘେରାଉ କରାଯାଉଛି।

# ଅନ୍ଧାରରେ ୪୦ ପଞ୍ଚାୟତ

## ହାଇୱା ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା

କଟକ ସଦର,୨୦।୩(ଡି.ଏନ.ଏ.)

କନ୍ଦରପୁର ଥାନା ଅଧୀନ ବଗୁଲାପଡାଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାଇୱା ୩୩ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ତାର ଛିଣ୍ଡିଯିବାରୁ କଟକ ସଦର, ବିରିଡ଼ି ଓ ରଘୁନାଥପୁର ବ୍ଲକର ୪୦ଟି ପଞ୍ଚାୟତରେ ୧୦ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏପରି କି ସକାଳବେଳା କଟକ ଆକାଶବାଣୀ କେନ୍ଦ୍ରର ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସମିଟର ଅଚଳ ହୋଇପଡିବାରୁ କାର୍ଯ୍ୟକ୍ରମ ପ୍ରସାରଣରେ ବାଧା ସୃଷ୍ଟି ହୋଇଥିଲା। ପରେ ଜେନେରେଟର ଦ୍ୱାରା କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା। ଖବରପାଇ କନ୍ଦରପୁର ବିଦ୍ୟୁତ୍ ସେକ୍ସନର କନିଷ୍ଠ ପରିଚାଳକ ତୁଳସୀ ଦାସ, ସହକାରୀ ପରିଚାଳକ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ନୂଆ ବିଦ୍ୟୁତ୍‌ଖୁଣ୍ଟ ଲଗାଇବା ପରେ ପରିସ୍ଥିତି ସ୍ୱାଭାବିକ ହେବାକୁ ଶନିବାର ରାତି ପ୍ରାୟ ୧୦ଟା ହୋଇଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କାଠଯୋଡ଼ି ନଦୀଘାଟରୁ ବାଲି ଉଠାଇବା ପାଇଁ ଯାଇଥିବା ଉକ୍ତ ହାଇୱା ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ପରେ ଡ୍ରାଇଭର ଗାଡିର ନମ୍ବର ପ୍ଲେଟ୍ କାଢିନେଇ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।



## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ

ବାଙ୍କୀ,୨୦।୩(ସ୍ୱ.ପ୍ର./ବି.ପ୍ର.)

ବାଙ୍କୀ-ଡମପଡା ବ୍ଲକ ରଗଡ଼ି ଗ୍ରାମରେ ବିଭିନ୍ନ ପ୍ରକଳ୍ପକୁ ଶନିବାର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମିଶନ ଶକ୍ତିଗୃହ, ଅଙ୍ଗନୱାଡି କେନ୍ଦ୍ର, କୃଷି ପରାମର୍ଶ କେନ୍ଦ୍ର ଏବଂ ରଗଡି ସିଟି ସ୍କୁଲର ନୂତନ ଗୃହ ଆଦି ଉଦ୍‌ଘାଟନ କରାଯାଇଥିଲା। ବିଶ୍ୱନାଥ ଶ୍ରୀଚନ୍ଦନ ନୋଡାଲ ବିଦ୍ୟାଳୟ ପ୍ରାଙ୍ଗଣରେ ରାଜା ସାହେବ ବିଶ୍ୱନାଥ ଶ୍ରୀଚନ୍ଦନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ମା'ବ୍ରାହ୍ମଣୀଦେବୀ ପୀଠରେ ଏକ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ବ୍ରାହ୍ମଣୀଦେବୀ ପୀଠରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ବିଜୟ ମହାନ୍ତି ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ତ୍ରିପାଠୀ, ଅନ୍ୟ ଅତିଥି ଭାବେ ସରପଞ୍ଚ ଖଗେଶ୍ୱର ସେଠୀ,ସମିତିସଭ୍ୟା ପ୍ରତିମା ବେହେରା, ଜିଲା ପରିଷଦ ସଦସ୍ୟ ତ୍ରିଲୋଚନ ରାଉତ, ବ୍ଲକ ଉପାଧ୍ୟକ୍ଷା ରେବତୀ ଜେନା, ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ସୁବାସ ପାଢୀ,ଡମପଡା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ସମିତିସଭ୍ୟ ଅଜିତ ଜେନା ଉପସ୍ଥିତ ଥିଲେ।

# 'ହୋ' ଓ 'ମୁଣ୍ଡାରୀ' ଭାଷାକୁ ସମ୍ବିଧାନରେ ସାମିଲ କରାଯାଉ

## ଦାବିକଲା ବିଜେଡି

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ଆଦିବାସୀମାନଙ୍କ ଦ୍ୱାରା ବହୁଳ ବ୍ୟବହାର ହେଉଥିବା ଭାଷା 'ହୋ' ଏବଂ 'ମୁଣ୍ଡାରୀ'କୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏହି ଭାଷାଗୁଡିକୁ ସମ୍ବିଧାନରେ ସାମିଲ୍‌ର ବହୁଳ ଆବଶ୍ୟକତା ରହିଥିବା ବିଜେଡି କହିଛି।

ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟିକା ବାସନ୍ତି ହେମ୍ବ୍ରମ, ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଦଳର ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ଗୋଟିଏ ଜାତିର ପରିଚୟ ପାଇଁ ଭାଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଓଡିଶା ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅନୁସୂଚିତ ଜନଜାତି ହୋଇଥିବାବେଳେ ୧୩ ପ୍ରକାରର ବିଲୁପ୍ତପ୍ରାୟ ଜନଜାତିଙ୍କ ସହିତ ମୋଟ୍ ୬୨ ପ୍ରକାର ଜନଜାତି ଏଠାରେ ବସବାସ କରୁଛନ୍ତି । 'ହୋ' ଏବଂ ମୁଣ୍ଡାରୀ ଭାଷାକୁ ସମ୍ବିଧାନରେ ସାମିଲ ପାଇଁ ଦୀର୍ଘଦିନରୁ ରାଜ୍ୟର ଆଦିବାସୀମାନେ ଦାବିକରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ୨ଟି ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ କହିଛନ୍ତି । ଓଡିଶା ଓ ଝାଡଖଣ୍ଡରେ ବସବାସ କରୁଥିବା ପ୍ରାୟ ୧୦ ଲକ୍ଷ ବ୍ୟକ୍ତି 'ହୋ' ଭାଷା ବ୍ୟବହାର କରନ୍ତି। ସମ୍ବିଧାନରେ ସାମିଲ ହୋଇଥିବା ସାନ୍ତାଳି ପରେ 'ହୋ' ହେଉଛି ଓଡିଶାର ଆଦିବାସୀଙ୍କ ପ୍ରଚଳିତ ୨ୟ ବୃହତ୍ ଭାଷା । ସେହିଭଳି ମୁଣ୍ଡା ଏବଂ ମୁଣ୍ଡାରୀ ଆଦିବାସୀ ସମ୍ପ୍ରଦାୟର ୬ ଲକ୍ଷରୁ ଅଧିକ ଲୋକ ମୁଣ୍ଡାରୀ ଭାଷା ବ୍ୟବହାର କରନ୍ତି । ଓଡିଶାରେ ବ୍ୟବହୃତ କେତେକ ଆଦିବାସୀ ଭାଷା ରହିଛି ଯାହା ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ଯୋଗ୍ୟ । ତେଣୁ ଏହି ୨ ଭାଷା ହୋ ଏବଂ ମୁଣ୍ଡାରୀକୁ ସମ୍ବିଧାନରେ ସାମିଲ ପାଇଁ ବିଜେଡି ପକ୍ଷରୁ ଦୃଢ ଦାବି କରାଯାଇଛି । ଏଥିଲାଗି ସବୁ ସାମ୍ବିଧାନିକ ପ୍ରକ୍ରିୟା ସାରିଛୁ । ଏନେଇ ରାଷ୍ଟ୍ରପତିଙ୍କୁ ଭେଟିବୁ । ତାଙ୍କର ଏହି କ୍ଷମତା ଅଛି ବୋଲି ସେ କହିଛନ୍ତି । ସେହିପରି କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ନିୟମିତ ଭାବେ ଦାବି ହୋଇ ଆସୁଥିବା ବିଜେଡି ପକ୍ଷରୁ କୁହାଯାଇଛି ।

# ୪ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ



ବାଲିଅନ୍ତା,୨୦।୩(ଡି.ଏନ୍.ଏ.)

ଜୟଦେବ ବିଧାୟକ ଅରବିନ୍ଦ ଢାଲିଙ୍କ ଦ୍ୱାରା ଶନିବାର ୪ଟି ସ୍ଥାନରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିମନ୍ତେ ହାଇମାଷ୍ଟ ଲାଇଟ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ଗୋଳବିନ୍ଧା, ଇଚ୍ଛାଦେଇପାଟଣା, ବାଲିଅନ୍ତା ସାଇଫନ ଛକ ଓ ଭୁବନପୁର ମା' ଉତ୍ତରମୁଖୀଙ୍କ ପୀଠ ନିକଟରେ ଏହି ଲାଇଟ୍ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟଭାମାପୁର ସମିତିସଭ୍ୟ ସନତ ସ୍ୱାଇଁ, ଭିଙ୍ଗାରପୁର ସରପଞ୍ଚ ଜୟଶ୍ରୀ ନାୟକ, ଆମ୍ବାର ସଭାପତି ବିରଞ୍ଚି ନାରାୟଣ, ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ପୂର୍ବତନ ସମିତିସଭ୍ୟ ଦିଲୀପ ସାହୁ ଓ ସାମାଜିକ କର୍ମୀ ନିକୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲ, ଏଟିଏମ୍ କାର୍ଡ ଜବତ: ଯୁବକ ଗିରଫ

## ଥଣ୍ଡା ପାନୀୟରେ ନିଶା ଦେଇ ଲୁଟିଥିଲେ

ଚୌଦ୍ୱାର,୨୦।୩(ଡି.ଏନ୍.ଏ.)

ଥଣ୍ଡା ପାନୀୟରେ ନିଶା ଦେଇ ଲୁଟ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଟାଉନ୍‌ର ଦେବେନ୍ଦ୍ର ପରିଡା। ତାଙ୍କଠାରୁ ଚୋରି ମୋବାଇଲ,ମନିପର୍ସ, ଏଟିଏମ୍ କାର୍ଡ଼ ଆଦି ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବଡ଼ମ୍ବା ଖୁଣ୍ଟକଟା ଗ୍ରାମର ବିକ୍ରମ ପ୍ରଧାନ ଗତ ଅକ୍ଟୋବର ୧ରେ ମଙ୍ଗୁଳି ଛକରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି କୁଆଡ଼େ ଯିବେ ବୋଲି ତାଙ୍କୁ ପଚାରିଥିଲେ। ସେ ନିଜଘର ବଡ଼ମ୍ବାକୁ ଯିବେ ବୋଲି କହିଥିଲେ। ଆମେ ନରସିଂହପୁର ଯାଉଛୁ ବୋଲି କହି ତାଙ୍କୁ ସେମାନଙ୍କ ବାଇକ୍‌ରେ ବସାଇ ନେଇଯାଇଥିଲେ। ଚୌଦ୍ୱାର ଅଞ୍ଚଳର ଏକ ଦୋକାନରୁ ସେମାନେ ଥଣ୍ଡା ପାନୀୟ ପିଇବା ପରେ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଯାଇଥିଲେ। ପରବର୍ତ୍ତୀ ସମୟରେ ଚୌଦ୍ୱାର ଡିହସାହି ଗ୍ରାମ ନିକଟ ରାସ୍ତା କଡରୁ ସ୍ଥାନୀୟ ଲୋକେ ବିକ୍ରମଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଚେତା ଫେରିବା ପରେ ପାଖରେ ଥିବା ମୋବାଇଲ୍, ଏଟିଏମ୍ କାର୍ଡ ଓ ମନିପର୍ସକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ବିକ୍ରମ ଜାଣିବାକୁ ପାଇଥିଲେ। ଏ ନେଇ ଚୌଦ୍ୱାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୪୬୧/୨୦ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିକ୍ରମଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ୍ କରି ଯାଜପୁର ଟାଉନ୍‌ରୁ ଅଭିଯୁକ୍ତ ଦେବେନ୍ଦ୍ରଙ୍କୁ ଗିରଫ କରିଥିଲା।

## ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### କୃଷକ ନେତା ରାକେଶ ଟିକାଏତ୍‌ଙ୍କୁ ଆକ୍ରମଣ ଘଟଣା

କଟକ ଅଫିସ, ୨୦।୩

କୃଷକ ନେତା ରାକେଶ ଟିକାଏତ୍‌ଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଚାଷୀମୂଲିଆ ମିଳିତ ସାମ୍ମୁଖ୍ୟ ପକ୍ଷରୁ ଶନିବାର ଡିଜିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି, ଟିକାଏତ୍ ଓ ତାଙ୍କ ସାଥୀମାନଙ୍କୁ ଆକ୍ରମଣ କରିଥିବା ଆକ୍ରମଣକାରୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ଦାବି କରାଯାଇଛି। ଉକ୍ତ ସ୍ମାରକପତ୍ର ପ୍ରଦାନବେଳେ ଚିତ୍ତରଞ୍ଜନ ମହାନ୍ତି, ଯୁଗଳ କିଶୋର ନାୟକ, ବିଶ୍ୱାବସୁ ଦାସ, ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ଓ ଅକ୍ଷୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ଅଫିସ ୨୦।୩

ଉତ୍କଳ ସାହିତ୍ୟ ସମାଜର ୧୧୮ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଚାରପତି ଅରୁନ୍ ପରିଚ୍ଛା ଉଦ୍‌ଘାଟନ କରି କହିଥିଲେ, ଉତ୍ତର ପିଢିଙ୍କୁ ଓଡ଼ିଆ ଭାଗବତ, ରାମାୟଣ, ମହାଭାରତ ସମ୍ପର୍କରେ ଅବଗତ କରାଇପାରିଲେ ଆମ ସଂସ୍କୃତି ଓ ପରମ୍ପରା ବିକଶିତ ହୋଇପାରିବ। ସଂସ୍କୃତିର ସୁରକ୍ଷାରେ ସାରସ୍ୱତ ସାଧକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଦାଶ ବେନହୁର ଯୋଗଦେଇ କହିଥିଲେ, ଉନ୍ନତ ସମାଜ ଗଠନରେ ରାମାୟଣ ଭଳି ଗ୍ରନ୍ଥଗୁଡ଼ିକୁ ଆଦର୍ଶ ଭାବରେ ଗ୍ରହଣ କରିବା ଆବଶ୍ୟକତା ରହିଛି। ଏଥିରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ ଅଧକ୍ଷତା କରିଥିଲେ।

ଉପସଭାପତି ସୁସ୍ମିତା ରଥ ସ୍ୱାଗତ ଭାଷଣ, ସଞ୍ଜୀତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ଅଭିଯୋଗ ପରେ ତଦନ୍ତ ଆରମ୍ଭ

## ସାରଙ୍ଗା ଏମ୍.ଇ. ସ୍କୁଲ ବନ୍ଦ ପାଇଁ ଚକ୍ରାନ୍ତ

ଟାଙ୍ଗୀ, (କଟକ)୨୦।୩(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟ୍ଟିମୁଣ୍ଡା ପଞ୍ଚାୟତ ଅଧୀନ ସାରଙ୍ଗା ଗ୍ରାମସ୍ଥିତ ମଧ୍ୟ ଇଂରାଜୀ(ଏମ୍.ଇ.) ସ୍କୁଲ୍ ବନ୍ଦ କରିବା ଚକ୍ରାନ୍ତ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଶନିବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ପୌରପାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁରମା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଏହି ସ୍କୁଲଠାରୁ ମାତ୍ର ୩୦୦ ଫୁଟ ଦୂରରେ ଏକ ଘରୋଇ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଏଣୁ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। କମ୍ ଉପସ୍ଥାନ ଯୋଗୁ ସରକାର ଏହି ବିଦ୍ୟାଳୟକୁ ବନ୍ଦ କରିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ବିଦ୍ୟାଳୟଗୁଡିକର ସୁପରିଚାଳନା ଓ ଛାତ୍ରୀଛାତ୍ରଙ୍କ ପାଠର ମାନ ବୃଦ୍ଧି ନିମନ୍ତେ ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବାକୁ ସରକାର ଅନୁମତି ଦେଇଛନ୍ତି। ହେଲେ ଚାଲିଥିବା ଏକ ସରକାରୀ ବିଦ୍ୟାଳୟକୁ ବନ୍ଦ କରିବା ଚକ୍ରାନ୍ତରେ ଗତ ଫେବୃୟାରୀ ୨୨ ତାରିଖରେ ଗ୍ରାମବାସୀ ଜିଲାପାଳଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଲିଖିତ ଅଭିଯୋଗ ପତ୍ର ଦେଇଥିଲେ। ଏ ନେଇ ଡିଇଓ ନିର୍ଦ୍ଦେଶ ଦେବା ପରେ ତଦନ୍ତ ହୋଇଛି। ଦୁଇଟି ବିଦ୍ୟାଳୟର ଦୂରତା ଏବଂ ନୂତନ ଘରୋଇ ବିଦ୍ୟାଳୟଟି ଭୁଲ୍ ପ୍ଲଟରେ ନିର୍ମାଣ ହୋଇଥିବା ତଦନ୍ତବେଳେ ତଦନ୍ତକାରୀ ଅଧିକାରିଣୀ ହୃଦୟଙ୍ଗମ କରିଥିବା ପଞ୍ଚାୟତ ସମିତି ସଭ୍ୟା କବିତା ମଳିକ କହିଛନ୍ତି। ଏ ନେଇ ତଦନ୍ତକାରୀ ଅଧିକାରିଣୀ କହିଛନ୍ତି, ଯାହା ଦେଖିଲି ତାହା ରିପୋର୍ଟ କରିବି। ସାର୍ ଯାହା ନିଷ୍ପତ୍ତି ନେବେ।

इंडियन बैंक Indian Bank
इलाहाबाद ALLAHABAD

ବାପୁଜୀ ନଗର ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୭୦୫୮ / ୨୫୯୭୦୮୭

ଡ଼ିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ତା.୧୨.୦୩.୨୦୨୧ରିଖରେ ରେଜିଷ୍ଟ୍ରେଡ ପୋଷ୍ଟ ମାଧ୍ୟମରେ ପଠାଯାଇଥିବା ସଂସ୍ଥା / ବ୍ୟକ୍ତିମାନଙ୍କ ନିକଟକୁ :

**(୧) ଶ୍ରୀ ପଞ୍ଚାନନ ପଟ୍ଟନାୟକ (ଋଣଗ୍ରହୀତା / ବନ୍ଧକଦାତା)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ସ୍ଥାୟୀ ଠିକଣା: ବକ୍ସି ଷ୍ଟ୍ରିଟ୍, ଜୟପୁର, କୋରାପୁଟ, ଓଡିଶା-୭୬୪୦୦୧, **(୨) ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା)**, ସତ୍ତ୍ୱାଧିକାରୀ: ଶ୍ରୀ ପଞ୍ଚାନନ ପଟ୍ଟନାୟକ, ପିତା-ଲୋକନାଥ ପଟ୍ଟନାୟକ, ସଂସ୍ଥା ଠିକଣା: ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ **(୩)ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ (ଜାମିନ୍‌ଦାର)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଡି-୩/୧୨, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୨୨, ସ୍ଥାୟୀ ଠିକଣା: ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ ।

**ବିଷୟ: ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ବାପୁଜୀ ନଗର ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ଶ୍ରୀ ପଞ୍ଚାନନ ପଟ୍ଟନାୟକ, (ଗୃହ ଋଣ) ଏବଂ ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଇନ୍‌ଫୋସିଟି ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍, (କ୍ୟାସ କ୍ରେଡିଟ ଋଣ) ।**

ଆପଣମାନେ ଚୁକ୍ତିନାମା ଅନୁଯାୟୀ ବକେୟା ଋଣ ପରିମାଣ ତା.୦୯.୦୩.୨୦୨୧ ସୁଦ୍ଧା **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ କରିବା ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ।

ବକେୟା ଦେୟ **ଟ.୭୫,୬୯,୦୦୩/-** (ତା.୦୯.୦୩.୨୦୨୧ ସୁଦ୍ଧା) ସହିତ ତତ୍ ପରବର୍ତ୍ତି ସୁଧ ପରିଶୋଧ କରିବା ନିମନ୍ତେ ନିୟମ ଅନୁଯାୟୀ ବ୍ୟାଙ୍କ ତରଫରୁ ତା୧୦.୦୩.୨୦୨୧ରିଖରେ ଆପଣମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ଆପଣମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଥିଲା, ତାହା ପ୍ରାପ୍ତି ନହୋଇ ଫେରିଆସିଲା ।

ତେଣୁ ଆପଣମାନଙ୍କୁ ଜଣାଇଦିଆଯାଉଛିଯେ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରନ୍ତୁ ନଚେତ୍ ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ବନ୍ଧକଥିବା ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଉପରୋକ୍ତ ଜାରି ନୋଟିସ୍‌ଟି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ ।

**ସୂଚୀ**

ବନ୍ଧକଥିବା ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

**ବନ୍ଧକଥିବା ସମ୍ପତ୍ତି : ଶ୍ରୀ ପଞ୍ଚାନନ ପଟ୍ଟନାୟକ**, ପିତା-ଲୋକନାଥ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତି **(ନଥିପତ୍ର ସଂଖ୍ୟା-୧୧୦୮୧୩୧୬୭୩୮, ତାରିଖ-୧୬.୧୨.୨୦୧୩)** ଯାହା ର **ଫ୍ଲାଟ ନଂ. ୪୦୮, ୪ର୍ଥ ମହଲା, 'ବାସେରା ହାରମୋନୀ'**, ଉନ୍ନତ ନିର୍ମାଣ ଏରିଆ-୧୨୦୦ ବର୍ଗଫୁଟ ଏବଂ ଜମିର ଅଭିବାଜିତ ଅଂଶ ଏକର ୦.୦୧୦ ଡିସିମିଲି,ଯାହାକି **ପ୍ଲଟ ନଂ.୨୭୭, ଖାତା ନଂ.- ୧୦୮, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୪୦ (ଡମଣା)**, ଡିଏସ୍‌ଆରଓ / ତହସିଲି-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ, ହାଲ ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ, ଚଉହଦି: ଉତର-ଖାଲି ଯାଗା, ଦକ୍ଷିଣ-ସିଡି, ପୂର୍ବ- ଖାଲି ଯାଗା, ପଶ୍ଚିମ- ଖାଲି ଯାଗା ।

**ଆୟତାଧିନ ସମ୍ପତ୍ତି :** ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ଅବସ୍ଥିତ ଥିବା ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ ଫାର୍ମର ଷ୍ଟକ ଏବଂ ବୁକ୍ ଡେବ୍ଟ୍ସ ବ୍ୟାଙ୍କର ଆୟତାଧିନରେ ଅଛି ।

ସ୍ଥାନ-ଭୁବନେଶ୍ୱର
ତାରିଖ-୨୦.୦୩.୨୦୨୧

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)

**‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ଆୟୋଜିତ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଉଦ୍ୟୋଗ ଜଗତର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବାରେ ଓଡ଼ିଶାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମଠାରେ ଶନିବାର ଅନୁଷ୍ଠିତ ଉତ୍ସବରେ ଯୋଗଦେବା ଅବସରରେ ‘ଧରିତ୍ରୀ’ ସହ ନିଜର ଅଭିଜ୍ଞତା ଓ କାର୍ଯ୍ୟକ୍ରମକୁ ନେଇ ସମ୍ମାନିତ ବ୍ୟକ୍ତିମାନେ ଦେଇଥିବା ମତର କିୟଦଂଶ।**

## ମନୋବଳ ବଢ଼ାଇବ

“କରୋନାରେ ସମଗ୍ର ବ୍ୟବସାୟ ଜଗତ କ୍ଷତିଗ୍ରସ୍ତ ହୋଇଛି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଓଡ଼ିଶାର ପ୍ରମୁଖ ବିଜ୍‌ନେସ୍ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ ଆଣିବାରେ ଏଭଳି ପ୍ରୟାସକୁ ସ୍ୱାଗତ କରୁଛି। ଏଭଳି ଏକ କାର୍ଯ୍ୟକ୍ରମ ହେବା ଦ୍ୱାରା ବାଣିଜ୍ୟ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମନୋବଳ ବଢ଼ାଇବା ଦିଗରେ ସହାୟକ ହେବ।

– ଅବିନାଶ ସାମଲ, ଏମ୍ରିଓ ଗ୍ରୁପ

## ନିଜେ କିଛି କରନ୍ତୁ ଯୁବପୀଢ଼ି

“ଧରିତ୍ରୀ ପରିବାର ପକ୍ଷରୁ ଆୟୋଜିତ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ୟୋଗୀଙ୍କ ମନୋବଳ ବଢ଼ାଇଥିବାରୁ ଅତ୍ୟନ୍ତ ଖୁସି। ନିଜେ କିଛି କରିବା ଲକ୍ଷ୍ୟରେ ଯୁବପିଢ଼ି ଆଗେଇ ଆସିବାର ଆବଶ୍ୟକତା ରହିଛି। ଅର୍ଥ ବ୍ୟବସ୍ଥାକୁ ଯୋଗଦାନ ରଖିବା ସହ ନିଯୁକ୍ତି ସୃଷ୍ଟି ଦିଗରେ ଏହା ସହାୟକ ହୋଇପାରିବ।

–ବିଶାଲ ଧାୱନ, କନ୍‌ସୋର୍ଟିୟମ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ୍

## ଆଗକୁ ବଢ଼ିବାକୁ ପ୍ରେରଣା

“ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଦ୍ୱାରା ଆୟୋଜିତ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଲାଭ କରି ଅତ୍ୟନ୍ତ ଖୁସି। ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଦିଗରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଉଦ୍ୟୋଗୀ ଆଗକୁ ବଢ଼ିବାକୁ ପ୍ରେରଣା ପାଇବେ। କରୋନା ଚ୍ୟାଲେଞ୍ଜକୁ ସାମ୍ନା କରିଛୁ। ଖରାପ ସ୍ଥିତିକୁ ନ ଡରି ଆଗକୁ ବଢ଼ିବା ଦିଗରେ ଏଭଳି କାର୍ଯ୍ୟକ୍ରମ ପ୍ରେରଣାଦାୟକ ହେବ।

– ଡ. ସଞ୍ଜୀବ କୁମାର ପାତ୍ର, ସ୍ୟାଣ୍ଡିସ ଟାୱାର

## ଆଗାମୀ ଦିନରେ ଆୱାର୍ଡ ଜାରି ରହୁ

“ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଦ୍ୱାରା ଅନୁଷ୍ଠିତ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡରେ ସମ୍ମାନିତ ହେବା ମୋତେ ବହୁ ଆନନ୍ଦ ଦେଇଛି। ଏଭଳି ଆୱାର୍ଡ ଆଗାମୀ ଦିନରେ ମଧ୍ୟ ଜାରି ରହିବା ଆବଶ୍ୟକ। ଉଦ୍ୟୋଗୀଙ୍କୁ ସମ୍ମାନିତ କରିବା ଭଳି ଏକ ପଦକ୍ଷେପ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ହାତକୁ ନେଇଥିବାରୁ ମୁଁ ଶୁଭେଚ୍ଛା ଜଣାଉଛି।

– ରାଜୀବ ଦୁବେ, ରୋହନ ଅଟୋରାଇଡର୍ସ

## ଉଦ୍ୟୋଗୀଙ୍କ ପାଇଁ ଉତ୍ସାହ

“ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଓଡ଼ିଶା ପୋଷ୍ଟ ଏବଂ ଧରିତ୍ରୀକୁ ଅଶେଷ ଅଶେଷ ଧନ୍ୟବାଦ। କୋଭିଡ୍ ସ୍ଥିତିରେ ଏଣ୍ଟରପ୍ରେନ୍ୟୁୟରଙ୍କୁ ଉତ୍ସାହିତ କରିବା ଦିଗରେ ଏହା ଉଲ୍ଲେଖନୀୟ ପଦକ୍ଷେପ। କୋଭିଡ୍‌ରେ ଅଟୋଶିଳ୍ପ ପ୍ରଭାବିତ ହୋଇଛି। ଅନେକ ଚେଷ୍ଟା କରି ବାଣିଜ୍ୟ ସ୍ଥିତି ସମ୍ଭାଳିବା ସହ କର୍ମଚାରୀଙ୍କ ନିଯୁକ୍ତି ଏବଂ ନିରାପତ୍ତାକୁ ଧ୍ୟାନରେ ରଖିଛୁ।

– ରାଜନ ଗୁଗ୍‌ନାନୀ, ଗୁଗ୍‌ନାନୀ ଅଟୋଗ୍ରୁପ୍

## ସମ୍ମାନିତ ହୋଇ ଖୁସି

“ପ୍ରଥମେ ଓଡ଼ିଶା ପୋଷ୍ଟ ଏବଂ ଧରିତ୍ରୀକୁ ଧନ୍ୟବାଦ ଜଣାଉଛି। ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡରେ ସମ୍ମାନିତ ହୋଇ ଖୁସି। ବାଣିଜ୍ୟରେ ଏହା ମୋ ପାଇଁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ସଦୃଶ ହୋଇଛି। ବାଣିଜ୍ୟକ ବ୍ୟକ୍ତିବିଶେଷଙ୍କ ଅର୍ଥ ବ୍ୟବସ୍ଥାକୁ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଏଭଳି କାର୍ଯ୍ୟକ୍ରମ ବ୍ୟବସାୟୀଙ୍କ ମନୋବଳ ବଢ଼ାଇବ ବୋଲି ଆଶାବାଦୀ।

ଅର୍ଣ୍ଣଦୀପ ସିଂ, ସନି ମୋଟର୍ସ

## ଯୁବ ବର୍ଗଙ୍କ ଉପରେ ଭଲ ପ୍ରଭାବ

“ଓଡ଼ିଶା ପୋଷ୍ଟ ଏବଂ ଧରିତ୍ରୀ ପକ୍ଷରୁ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହି ସମ୍ମାନ ଲାଭକରି ବେଶ୍ ଖୁସି। ଏହା ଲୋକଙ୍କ ଉପରେ ଭଲ ପ୍ରଭାବ ପକାଇବ। ବିଶେଷ କରି ଯୁବବର୍ଗଙ୍କ ଉପରେ ଏହାର ପ୍ରଭାବ ଭଲ ଭାବେ ପଡ଼ିବ। ଯୁବବର୍ଗଙ୍କ ପାଇଁ ଅନେକ ସୁଯୋଗ ରହିଛି। ନିଜ ରୁଚିକୁ ନଜରରେ ରଖି ଆତ୍ମନିର୍ଭର ହେବାର ଆବଶ୍ୟକତା ରହିଛି।

– ଦେବଜ୍ୟୋତି ପଟ୍ଟନାୟକ, ଜ୍ୟୋତି ଗ୍ରୁପ୍

## ବହୁ ପୂର୍ବରୁ ଆସିବାର ଥିଲା

“ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଏଭଳି ଏକ ପଦକ୍ଷେପ ବହୁ ଆଗରୁ ଆସିବାର ଥିଲା। କ୍ଷୁଦ୍ର ବାଣିଜ୍ୟଗୁଡ଼ିକ ଏହାଦ୍ୱାରା ଆହୁରି ଉତ୍ସାହିତ ହେବାକୁ ଚେଷ୍ଟା କରିବେ। ଉନ୍ନତ ସ୍ତରରେ ରହିଥିବା ବିଜ୍‌ନେସ୍ ଆହୁରି ଆଗକୁ ଯିବାରେ ଉତ୍ସାହିତ ହେବେ। ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଲାଭକରି ବହୁତ ଭଲ ଲାଗୁଛି।

–ଶରତ କୁମାର ସାହୁ, ରୁଚି ମସଲା

## ବିଜ୍‌ନେସ୍ ମଧ୍ୟରେ ଶକ୍ତି ସଞ୍ଚାର କରିବ

“ଏଭଳି ଏକ ସ୍ୱତନ୍ତ୍ର ଆୱାର୍ଡ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଆୟୋଜନ କରିଥିବାରୁ ମୁଁ ଶୁଭେଚ୍ଛା ଜଣାଉଛି। ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡରେ ସମ୍ମାନିତ ହୋଇଥିବାରୁ କୃତଜ୍ଞତା ଜଣାଉଛି। ଆଶା କରୁଛି, ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଆୟୋଜନ ହେବ। ଏହା ଉଦ୍ୟୋଗୀଙ୍କ ମଧ୍ୟରେ ଉତ୍ସାହ ଭରିବା ସହ ଏକ ପରିଚୟ ଦେବ। ଏହାଦ୍ୱାରା ବିଜ୍‌ନେସ୍ ମଧ୍ୟରେ ନୂତନ ଆଶା ଏବଂ ଶକ୍ତି ସଞ୍ଚାର ହୋଇପାରିବ।

–ଦେବରାଜ ରଥ, ସ୍କେଚ୍ଚ ଭିଜନ

## ପ୍ରୟାସ ସ୍ୱାଗତଯୋଗ୍ୟ

“ବିଜ୍‌ନେସ୍ ଏମିନେନ୍ସ ସମ୍ମାନରେ ସମ୍ମାନିତ ହୋଇ ବହୁତ ଭଲ ଲାଗିଲା। ଏଥିପାଇଁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟକୁ ଧନ୍ୟବାଦ ଦେଉଛି। ପ୍ରଥମ ଥର ଏଣ୍ଟରପ୍ରେନ୍ୟୁୟରଙ୍କୁ ଲୋକଙ୍କ ସାମ୍ନାକୁ ଆଣିବା ଲାଗି ଏଭଳି ଏକ ପ୍ରୟାସ ନିଶ୍ଚିତ ପକ୍ଷେ ସ୍ୱାଗତଯୋଗ୍ୟ। ଆମକୁ ଏଣ୍ଟରପ୍ରେନ୍ୟୁୟରଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି।

–ନିଶୀଥ ରଞ୍ଜନ ନନ୍ଦ, ସମଷ୍ଟି ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍

## ନୂଆ କରିବାର ଚେଷ୍ଟା ରଖନ୍ତୁ ଯୁବବର୍ଗ

“ଏଭଳି ଏକ ପଦକ୍ଷେପ କ୍ଷୁଦ୍ର ଉଦ୍ୟୋଗୀଙ୍କ ମନୋବଳ ଦୃଢ଼ କରିବାରେ ସହାୟକ ହୋଇପାରିବ। କୋଭିଡ୍ ଯୋଗୁ ବାଣିଜ୍ୟ କ୍ଷେତ୍ର ପ୍ରଭାବିତ ହୋଇଛି। କୋଭିଡ୍ ଦ୍ୱାରା ପ୍ରଭାବିତ ବାଣିଜ୍ୟ କିଛି ମାତ୍ରାରେ ବାଉନ୍ସ ବ୍ୟାକ୍ କରିଛି। ସବୁ କିଛି ଟ୍ରାକ୍‌କୁ ଫେରିବା ଲାଗି ଗୋଟିଏ ବର୍ଷ ଲାଗିପାରେ। ବ୍ୟବସାୟୀଙ୍କ ଉତ୍ସାହ ବଢ଼ାଇବା ଦିଗରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ପଦକ୍ଷେପକୁ ସ୍ୱାଗତ କରୁଛି। ଯୁବବର୍ଗ କିଛି ନୂଆ କରିବା ଲାଗି ଚେଷ୍ଟା କରିବା ଆବଶ୍ୟକ।

–ଦୁର୍ଗାପ୍ରସାଦ ରଥ, ପଦ୍ମା ଆଣ୍ଡ୍ ଶ୍ରୀ ଦୁର୍ଗା ଗ୍ରୁପ ଅଫ୍ କମ୍ପାନୀଜ୍

## ଶୀଘ୍ର ଟ୍ରାକ୍‌କୁ ଫେରିବ ବିଜ୍‌ନେସ୍

“ଧରିତ୍ରୀ ପରିବାରକୁ ଶୁଭେଚ୍ଛା। ମହାମାରୀ ଯୋଗୁ ବିଜ୍‌ନେସ୍ ଗୁଡ଼ିକର ମନୋବଳ ପ୍ରଭାବିତ ହୋଇଥିବାରୁ ଏଭଳି ସମ୍ମାନ ନିଶ୍ଚିତ ପକ୍ଷେ ଉତ୍ସାହ ବଢ଼ାଇବ। ବାଣିଜ୍ୟ ଉପରେ ଭଲ ପ୍ରଭାବ ପଡିବ ବୋଲି ଆଶା। କରୋନା ଯୋଗୁ ପ୍ରଭାବିତ ହୋଇଥିବା ବିଜ୍‌ନେସ୍ ଏବେ ଲଗାତର ଭାବେ ଟ୍ରାକ୍‌କୁ ଫେରୁଛି।

–ବଦ୍ରିନାରାୟଣ ସାମନ୍ତରାୟ, ତୃପ୍ତି ଗ୍ରୁପ୍

## ଓଡ଼ିଶାରେ ଭଲ ସୁଯୋଗ

“ଜଣେ ଏଣ୍ଟରପ୍ରେନ୍ୟୁୟର ଭାବେ ଓଡ଼ିଶାରେ ଅନେକ ସୁଯୋଗ ରହିଛି। ଯୁବବର୍ଗ ଏ ଦିଗରେ କାର୍ଯ୍ୟ କରିବାର ଅଛି। ଜେଏମ୍‌ଜି ଲୋକଙ୍କର ଏକ ପ୍ରିୟ ଶୋ’ରୁମ୍ ହୋଇପାରିଛି। ଆମ ବାଣିଜ୍ୟକୁ ଆଉ ଗୋଟିଏ ସୋପାନକୁ ନେବା ଦିଗରେ ଉଦ୍ୟମ ଜାରି ରହିଛି। ଏଭଳି ଏକ ପଦକ୍ଷେପ ଓଡ଼ିଶା ପୋଷ୍ଟ ଏବଂ ଧରିତ୍ରୀ ନେଇ ଥିବାରୁ ଅତ୍ୟନ୍ତ ଖୁସି।

–ପ୍ରଦୀପ ଅଗ୍ରୱାଲ, ଜେଏମ୍‌ଜି ଅଟୋ ମୋବାଇଲ୍ସ

## ପ୍ରତିବର୍ଷ ଆୟୋଜନ ହେଉ

“ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ପ୍ରତିବର୍ଷ ଆୟୋଜନ ହେବାର ଆବଶ୍ୟକତା ରହିଛି। ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଣ୍ଟରପ୍ରେନ୍ୟୁୟରଙ୍କୁ ଉତ୍ସାହିତ କରିବା ଦିଗରେ ଏହା ବିଶେଷ ଯୋଗଦାନ ରଖିପାରିବ।

–ଅବିନାଶ ସିଂଘାନିଆ, ସ୍କାଏ ଅଟୋମୋବାଇଲ୍ସ

## ଆୱାର୍ଡ ଆନନ୍ଦ ଦେଇଛି

“ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଲାଭ କରି ଆନନ୍ଦିତ। ଏଥିଲାଗି ଧରିତ୍ରୀ ପରିବାରକୁ ଧନ୍ୟବାଦ ଦେବି। କରୋନା ସମୟରେ ବାଣିଜ୍ୟିକ ଅନୁଷ୍ଠାନଗୁଡ଼ିକର କାରବାର ପ୍ରଭାବିତ ହୋଇ ରହିଛି। ଏଭଳି ସମୟରେ ଏମିନେନ୍ସ ଆୱାର୍ଡ ପ୍ରଦାନ ମନୋବଳ ବଢ଼ାଇବ ବୋଲି ଆଶା।

– ରାଜୀନ୍ଦର ସିଂ,କଳାମନ୍ଦିର

## ଓଡ଼ିଶା ବଜାର ଅଭିବୃଦ୍ଧିଶୀଳ

“ଓଡ଼ିଶାରେ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ରହିଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାରୁ ଏହା ଆଗକୁ ବଢ଼ିବାରେ ସୁଯୋଗ ଦେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏଭଳି ଏକ ପ୍ଲାଟ୍‌ଫର୍ମରେ ବାଣିଜ୍ୟିକ ସଂସ୍ଥାଗୁଡ଼ିକର ମନୋବଳ ବଢ଼ାଇଛନ୍ତି। ଆମେ ବର୍ତ୍ତମାନ ଅଭିବୃଦ୍ଧି ପଥରେ ରହିଛେ।

–ମିତେଶ ଖ୍ୟମଜୀ, ଖ୍ୟମଜୀ ଜୁଏଲର୍ସ

## ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ

“ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଭଳି ଏକ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ କରାଯାଇଛି। ଧରିତ୍ରୀ ପରିବାରର ଏଭଳି ପ୍ରୟାସ ପ୍ରଶଂସାଯୋଗ୍ୟ। ନିଜ ଫିଲ୍ଡରେ ଭଲ କରି ଦେଖାଇବା ଲାଗି ଏହା ଉଦ୍ୟୋଗୀଙ୍କୁ ଅଧିକ ପ୍ରୋତ୍ସାହିତ କରିବ।

–ପ୍ରିୟବ୍ରତ ଧୀର, ସ୍ୱର୍ଣ୍ଣ ହସ୍ପିଟାଲ

## ଉଦ୍ୟୋଗୀଙ୍କ ପାଇଁ ସମ୍ମାନ ଓ ସ୍ୱୀକୃତି

“ଓଡ଼ିଶାରେ ଔଦ୍ୟୋଗିକ ବାତାବରଣ ଭଲ ରହିଛି। ରାଜ୍ୟର ଉଦ୍ୟୋଗୀଙ୍କୁ ସମ୍ମାନ ଏବଂ ସ୍ୱୀକୃତି ଦେବାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବେଶ୍ ସ୍ୱାଗତଯୋଗ୍ୟ। ରାଜ୍ୟରେ ଅଭିବୃଦ୍ଧିର ଭଲ ସୁଯୋଗ ରହିଛି। ଆଗାମୀ ୫ ବର୍ଷରେ ରାଜ୍ୟର ରିୟଲ ଇଷ୍ଟେଟ କ୍ଷେତ୍ରର ଯୋଗଦାନ ଉନ୍ନତ ରହିବ।

– ସରଦ ବୈଦ, ଉତ୍କଳ ବିଲ୍ଡର୍ସ

## ଅତ୍ୟନ୍ତ ଗୌରବର ବିଷୟ

“କେନ୍ଦ୍ରମନ୍ତ୍ରୀଙ୍କଠାରୁ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଲାଭ କରିବା ଅତ୍ୟନ୍ତ ଗୌରବର ବିଷୟ। ଅଟୋମୋବାଇଲ ଶିଳ୍ପରେ ଅଭିବୃଦ୍ଧି ରହିଛି। ଇ-ଯାନ ଚାହିଦା ଆଗାମୀ ଦିନରେ ବଜାୟ ରହିବ।

– ଜୟପ୍ରକାଶ ଦିଦ୍ୱାନିଆ, ଓମ୍‌ଜୟ ଇଭି ଲିମିଟେଡ୍

## ସୁଦୂର ପ୍ରସାରୀ

“ଧରିତ୍ରୀ ପରିବାର ପକ୍ଷରୁ ଏଭଳି ଏକ ସ୍ୱତନ୍ତ୍ର ପଦକ୍ଷେପର ପ୍ରଭାବ ସୁଦୂର ପ୍ରସାରି ହେବ ବୋଲି ଆଶା। ଏଣ୍ଟରପ୍ରେନ୍ୟୁୟରଙ୍କ ମଧ୍ୟରେ ଉତ୍ସାହ ଏବଂ ଉଦ୍ଦୀପନା ଆଣିବାରେ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଯୋଗଦାନ ରଖିବ। ଓଡ଼ିଶା ସବୁବେଳେ ଶିକ୍ଷାର ଏକ ହବ୍ ରହି ଆସିଛି। ଆଗାମୀ ଦିନରେ ଶିକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ରାଜ୍ୟ ଭଲ ପ୍ରଦର୍ଶନ କରିବ।

– ବିଶ୍ୱଜିତ ପଟ୍ଟନାୟକ, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ

## ବାଣିଜ୍ୟିକ ପରିବେଶ ଉନ୍ନତ ହେବା ଆଶା

“ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡରେ ସମ୍ମାନିତ ହୋଇଥିବାରୁ ଧରିତ୍ରୀ ପରିବାରକୁ ଧନ୍ୟବାଦ ଦେଉଛି। ବାଣିଜ୍ୟିକ ପରିବେଶକୁ ଏହା ଉନ୍ନତ କରିବା ଏବଂ ଉଦ୍ୟୋଗୀଙ୍କ ମଧ୍ୟରେ ଉତ୍ସାହ ଆଣିବାରେ ସହଯୋଗ କରିବ।

– ପ୍ରକାଶ ବିଶ୍ୱାଳ, ରାଜ୍ ଇଲେକ୍‌ଟ୍ରୋନିକ୍ସ

## ଇଣ୍ଟରନେଟ୍ ସେବାରେ ଅନେକ ସୁଯୋଗ

“ଇଣ୍ଟରନେଟ ସେବା କ୍ଷେତ୍ରରେ ରାଜ୍ୟରେ ଅନେକ ସୁଯୋଗ ରହିଛି। ବର୍ତ୍ତମାନ ଇଣ୍ଟରନେଟ ଦୈନନ୍ଦିନ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇଦେବାରେ ୱିଫି ସର୍ବଦା ଆଗୁଆ।

– ପ୍ରଶାନ୍ତ ଅଗ୍ରୱାଲ, ୱିଫି ଇଣ୍ଟରନେଟ୍

## ଚ୍ୟାଲେଞ୍ଜ ସତ୍ତ୍ୱେ ବଢ଼ିବାକୁ ହେବ

“ଧରିତ୍ରୀ ଏବଂ ଓଡ଼ିଶାର ପୋଷ୍ଟର ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଏକ ଭିନ୍ନ ପଦକ୍ଷେପ। ମହାମାରୀ ହୋଟେଲ ଏବଂ ଟୁରିଜମ୍ କ୍ଷେତ୍ରକୁ ପ୍ରଭାବିତ କରିଛି। ଚ୍ୟାଲେଞ୍ଜ ରହିଲେ ମଧ୍ୟ ଆଗକୁ ବଢ଼ିବାର ସାହସ ଜୁଟାଇଛୁ। କରୋନାର ଦ୍ୱିତୀୟ ଲହର ବେଶି ପ୍ରଭାବ ନ ପକାଇଲେ ଶୀଘ୍ର ଶିଳ୍ପ ଟ୍ରାକ୍‌କୁ ଫେରିପାରିବ।

– ଜେ.କେ. ମହାନ୍ତି, ସ୍ୱସ୍ତି ଗ୍ରୁପ୍

## ବିଶ୍ୱ ସହ ଯୋଡ଼ିଛି ଭର୍ଚୁଆଲ ଶିକ୍ଷା

“ଆମ କାମକୁ ସ୍ୱୀକୃତି ପ୍ରଦାନକରି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ପ୍ରଦାନ କରିଥିବାରୁ ମୁଁ ଧନ୍ୟ ମନେକରୁଛି। ମହାମାରୀ ଯୋଗୁ ଭର୍ଚୁଆଲ ଭାବେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରାଗଲା। ଭର୍ଚୁଆଲ ୱାର୍ଲଡ ବହୁତ ବଡ଼ ଏବଂ ସାରା ଦୁନିଆ ସହ ସଂଯୋଗ ସ୍ଥାପନ ଦିଗରେ ଏହା ସହାୟକ ହୋଇଛି।

– ପଲି ପଟ୍ଟନାୟକ, ମଦର୍ସ ପବ୍ଲିକ ସ୍କୁଲ

## ଗୌରବାନ୍ୱିତ ମନେକରୁଛି

“ଶିକ୍ଷା ଦ୍ୱାରା ରାଜ୍ୟର ବିକାଶ ଦିଗରେ ଉଦ୍ୟମ ଜାରି ରହିବ। ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଲାଭକରି ଗୌରବାନ୍ୱିତ ମନେକରୁଛି। ଶିକ୍ଷା ଦ୍ୱାରା ପ୍ରତି ଶିଶୁକୁ ସଶକ୍ତକରିବା ଦିଗରେ ଆମର ଯେଉଁ ମିଶନ ରହିଛି ସେ ଦିଗରେ କାର୍ଯ୍ୟକ୍ରମ ଜାରି ରହିବ। ଆମର କାମକୁ ଧରିତ୍ରୀ ସ୍ୱୀକୃତି ଦେଇଥିବାରୁ ଧନ୍ୟବାଦ।

– ବିଜୟ କୁମାର ସାହୁ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

## ଭଲ କାମ କରିବାକୁ ପ୍ରେରିତ କରିବ

“ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଅନେକ ଦିନ ହେଲା କାମ କରୁଛୁ। ବିଭିନ୍ନ ବର୍ଗଙ୍କୁ ଶସକ୍ତ କରାଇବା ଦିଗରେ ନିରନ୍ତର ଉଦ୍ୟମକୁ ଧରିତ୍ରୀ ପରିବାର ସମ୍ମାନିତ କରିଛି। ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ଆମକୁ ଆହୁରି ଭଲ କାମ କରିବା ଲାଗି ପ୍ରେରିତ କରିବ।

– ଅଜୟ ବାହାଦୁର ସିଂ, ଆକାଶ ଇନ୍‌ଷ୍ଟିଚ୍ୟୁଟ୍

## ଦାୟିତ୍ୱ ଆହୁରି ବଢ଼ିଗଲା

“ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱକୁ ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ସବୁବେଳେ ବୁଝିଛନ୍ତି। କ୍ଷୁଦ୍ର ଶିଳ୍ପର ସ୍ୱାର୍ଥ ରକ୍ଷା ଲାଗି ଓସମେର ଉଦ୍ୟମକୁ ସମ୍ମାନ ଜଣାଇ ଓଡିଶା ଏମିନେନ୍ସ ଆୱାର୍ଡରେ ସମ୍ମାନୀତ କରିଥିବାରୁ ଧରିତ୍ରୀ ପରିବାରକୁ ଧନ୍ୟବାଦ ଦେବି। ଏହି ଆୱାର୍ଡ ଭଲ କାମ କରିବା ଲାଗି ଉତ୍ସାହିତ କରିବ। ଆମର ଦାୟିତ୍ୱ ଆହୁରି ବଢିଗଲା।

–ସାତ୍ୱିକ ସ୍ୱାଇଁ, ଓଏଏସ୍‌ଏମ୍‌ଇ

## ଶିକ୍ଷା ବିକାଶ ଉଦ୍ୟମ ଜାରି ରହିବ

“ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ଏଭଳି ଏକ ଚିନ୍ତାଧାରା ଓ କାର୍ଯ୍ୟକ୍ରମକୁ ମୁଁ ଅଭିନନ୍ଦନ ଜଣାଉଛି। ଆଜିର ଦିନରେ ଓଡିଏମ୍ ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ସହ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପଦ୍ଧତିକୁ ଅବଲମ୍ବନକରି ଶିକ୍ଷା ପ୍ରଦାନ କରୁଛି। ଓଡ଼ିଶାର ଶିକ୍ଷାର ବିକାଶ ମଧ୍ୟ ଏହି ଧାରା ଅନୁସାରେ ଜାରି ରହିବ।

–ଡ. ସତ୍ୟବ୍ରତ ମିନକେତନ, ଓଡିଏମ ଏଜୁକେସନାଲ ଗ୍ରୁପ

## ପ୍ରେରଣାର ଉତ୍ସ ହେବ

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ସମ୍ମାନ ମୋ ପାଇଁ ପ୍ରେରଣାର ଉତ୍ସ ହେବ। ବର୍ତ୍ତମାନର ପରିସ୍ଥିତିକୁ ସାଙ୍ଗରେ ନେଇ କାରବାର କରିବା ଏବଂ ଗ୍ରାହକଙ୍କ ଚାହିଦା ପୂରଣ ଆମର ପ୍ରଥମ ପ୍ରାଥମିକତା ରହିବ।

–ଶିବ ପ୍ରସାଦ ପଣ୍ଡା, ପଣ୍ଡା ଟ୍ରାଭେଲ ମାର୍ଟ

## ଗ୍ରାହକଙ୍କ ମଧ୍ୟରେ ଆଗ୍ରହ ବଢୁଛି

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ଭଳି ଏକ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାଠାରୁ ଶ୍ରେଷ୍ଠ ବ୍ୟବସାୟୀର ପୁରସ୍କାର ପାଇବା ଗୌରବର ବିଷୟ । ବର୍ତ୍ତମାନ ଅଟୋଶିଳ୍ପ ବଜାର ମାନ୍ଦା ରହିଥିଲେ ମଧ୍ୟ ଗ୍ରାହକଙ୍କ ମଧ୍ୟରେ ଆଗ୍ରହ ରହିଛି। ଉପଭୋକ୍ତାଙ୍କ ଚାହିଦା ପୂରଣ ପାଇଁ ଆମେ ସର୍ବଦା କାର୍ଯ୍ୟରତ।

–ସୌନକ ରାଜ ପାରିଖ, ଉତ୍କଳ ଅଟୋମୋବାଇଲ ପ୍ରା.ଲି

## ଗ୍ରାହକଙ୍କ ଭଲ ପାଇବାରୁ ସଫଳତା

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ପୁରସ୍କୃତ କରାଯାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଗର୍ଗସନ ଗ୍ରୁପ୍ ଓଡ଼ିଶା ବଜାରର ଏକ ପରିଚିତ ନାମ। ଗ୍ରାହକଙ୍କ ଭଲ ପାଇବା ଓ ବଜାର ଚାହିଦା ପୂରଣ ଯୋଗୁ ସଂସ୍ଥା ଆଜି ସଫଳତା ହାସଲ କରିପାରିଛି।

–ସିଦ୍ଧାର୍ଥ ଗର୍ଗ, ଗର୍ଗସନ ଗ୍ରୁପ

## ଶିକ୍ଷା ସମାଜ ପରିବର୍ତ୍ତନର ବାହକ

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆମକୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ମୁଁ ଗର୍ବିତ ମନେକରୁଛି। ତକ୍ଷଶୀଳା ବିଶ୍ୱାସକରେ ଯେ, ଶିକ୍ଷା ଦ୍ୱାରା ସମାଜର ପରିବର୍ତ୍ତନ ସମ୍ଭବ। ଏହାକୁ ଆଖି ଆଗରେ ଆମେ ଗୁଣବତ୍ତା ଶିକ୍ଷା ଦୀର୍ଘ ବର୍ଷ ହେଲା ପ୍ରଦାନ କରି ଆସିଛୁ।

–ସିକତା ଦାସ, ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲ

## ଓଡ଼ିଶା ପ୍ରମୁଖ ରିଏଲ ଇଷ୍ଟେଟ୍ ବଜାର

“ଓଡ଼ିଶା ପୋଷ୍ଟ ଓ ଧରିତ୍ରୀ ପକ୍ଷରୁ ସମ୍ମାନ ମିଳିବା ମୋ ପାଇଁ ଗର୍ବର ବିଷୟ। ରିୟଲ ଇଷ୍ଟେଟ କ୍ଷେତ୍ରରେ ଓଡ଼ିଶା ହେଉଛି ଦେଶର ଏକ ପ୍ରମୁଖ ବଜାର। ଗ୍ରାହକଙ୍କ ଚାହିଦା ଅନୁସାରେ ଘର ଯୋଗାଇବା ଆମ ପାଇଁ ଏକ ବଡ ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ ସବୁ ବର୍ଗଙ୍କୁ ନେଇ କାରବାର କରିବା ହେଉଛି ଜଣେ ସଫଳ ବ୍ୟବସାୟୀର କୌଶଳ ।

–ସୋଫିଆ ଫିର୍‌ଦୋସ, ମେଟ୍ରୋ ଗ୍ରୁପ୍

## ଅଟୋ ଶିଳ୍ପ ଅଭିବୃଦ୍ଧି ଜାରି ରହିବ

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ଏଭଳି ଏକ ଉନ୍ନତ ଚିନ୍ତାଧାରା ଏବଂ ସମ୍ମାନ ଆମକୁ ଆହୁରୀ ଆଗକୁ ନେବ। ବର୍ତ୍ତମାନ କରୋନା ଯୋଗୁ ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ସମୟ ଲାଗୁଛି। ରାଜ୍ୟରେ ଅଟୋଶିଳ୍ପର ଚାହିଦା ଆହୁରି ଅଭିବୃଦ୍ଧି ହେବ ପଛେ ହ୍ରାସ ପାଇବ ନାହିଁ।

–ସୁନୀଲ ତନେଜା, ଫିଲ୍ଡ ଟୟୋଟା ମୋଟର୍ସ ପ୍ରା.ଲି

## ଓଡ଼ିଶା ବଜାର ମସଲାର ପେଣ୍ଠସ୍ଥଳୀ

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ମୋତେ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ କରିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଓଡ଼ିଶା ବଜାର ସବୁବେଳେ ମସଲା ଓ ଖାଦ୍ୟ ସାମଗ୍ରୀ ବ୍ୟବସାୟର ପେଣ୍ଠସ୍ଥଳୀ ରହିଆସିଛି। ବର୍ତ୍ତମାନ କାରବାର ପ୍ରଭାବିତ ରହିଛି। ଆଗାମୀ ଦିନରେ କାରବାର ବୃଦ୍ଧି ପାଇଁ ଯୋଜନା ରହିଛି।

–ସୁଶାନ୍ତ କୁମାର ପଣ୍ଡା, ଭାରତ ମସଲା

## ଗ୍ରାହକ ବିଶ୍ୱାସରେ ବ୍ୟବସାୟ ସଫଳତା

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ଭଳି ଏକ ଅଗ୍ରଣୀ ମିଡିଆ ଅନୁଷ୍ଠାନ ପକ୍ଷରୁ ଏଭଳି ଏକ ସମ୍ମାନ ଆମ ପାଇଁ ଗୌରବର ବିଷୟ। ଅରୁନ୍ଧତୀ ଖୁବ୍ କମ୍ ସମୟ ମଧ୍ୟରେ ଲୋକଙ୍କର ଏକ ପ୍ରିୟ ଓ ଭରସାଯୋଗ୍ୟ ଅଳଙ୍କାର ବ୍ରାଣ୍ଡ ହୋଇପାରିଛି। ଗ୍ରାହକ ବିଶ୍ୱାସ ଓ ଲୋକସମ୍ପର୍କ ହେଉଛି ଜଣେ ସଫଳ ବ୍ୟବସାୟୀର ସର୍ବଶ୍ରେଷ୍ଠ ସମ୍ପଦ।

–ବ୍ରହ୍ମାନନ୍ଦ ମେହେର, ଅରୁନ୍ଧତୀ ଜୁଏଲର୍ସ

## ଶିକ୍ଷା ଦ୍ୱାରା ଉନ୍ନତ ସମାଜ ଗଠନ

“ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ମୁଁ ଆନନ୍ଦିତ । ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ପରିବର୍ତ୍ତନ ହେବାର ଆବଶ୍ୟକ ରହିଛି। ଶିକ୍ଷା ଦ୍ୱାରା ଉନ୍ନତ ସମାଜ ଗଠନ କରାଯାଇପାରିବ। ଏହାକୁ ଆଖି ଆଗରେ ରଖି ଶିକ୍ଷା ପ୍ରଦାନ କଲେ ଶିକ୍ଷା ବ୍ୟବସ୍ଥାର ମାନ ବୃଦ୍ଧି ହେବ।

–ସଞ୍ଜୀବ କୁମାର ରାଉତ, ସିଭିରମଣ ଗ୍ଲୋବାଲ ୟୁନିଭରସିଟି



‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ଶନିବାର ଆୟୋଜିତ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ କାର୍ଯ୍ୟକ୍ରମର ଆସୋସିଏଟ୍ ସ୍ପନ୍‌ସରର ଏମ୍‌ଜିଏମ୍ ମିନେରାଲ୍ସ ଲିଃ.ର ବିଶ୍ୱନାରାୟଣ ମହାନ୍ତିଙ୍କୁ ମୁଖ୍ୟ ଅତିଥି ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ‘ଧରିତ୍ରୀ’ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ପର୍ଯ୍ୟଟନ, କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଏମ୍‌ଜିଏମ୍ ମିନେରାଲ୍ସର ନଳିନୀ ରଞ୍ଜନ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମର ଅନ୍ୟ ସ୍ପନ୍‌ସରର ହେଲେ (ବାମରୁ) ପିପିଏଲ୍‌ର ସୁଧୀ ରଞ୍ଜନ ମିଶ୍ର, ଇମ୍ପାର କିଶୋର ମହାନ୍ତି, ବ୍ୟାଙ୍କିଙ୍ଗ୍ ପାର୍ଟନର ଏଚ୍‌ଡିଏଫ୍‌ସିର ଅନିମେଶ ବିଶ୍ୱାଳ, ଚ୍ୟାନେଲ ପାର୍ଟନର ନ୍ୟୁଜ୍-୧୮ ଓଡ଼ିଆର ସୁଶୀଲ ପଟ୍ଟନାୟକ ଏବଂ ରେଡିଓ ପାର୍ଟନର ୯୧.୯ ସାର୍ଥକ ଏଫ୍‌ଏମ୍‌ର ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

# ହ୍ୟାପି ସମର

ଏବେଠୁ ଆରମ୍ଭ ହୋଇଗଲାଣି ଖରାର ପ୍ରକୋପ । ଦିନବେଳା ଖୁବ୍ ଅଧିକ ରହୁଛି ତାପମାତ୍ରା ; ଯାହା ଫଳରେ ଶରୀରରୁ ଜଳୀୟାଂଶ କମିଯିବାରୁ ଅଧିକାଂଶଙ୍କଠାରେ ମଧ ଉପୁଜୁଛି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ଆଗକୁ ଖରା ସହ ଏହି ସମସ୍ୟା ବି ଅଧିକ ବଢ଼ିବ। ତେଣୁ ସମସ୍ତଙ୍କୁ ବିଶେଷକରି କଲେଜ, କୋଚିଂ, ଜବ୍ ହେଉ ଅବା ଅନ୍ୟ କାରଣ ଲାଗି ବାହାରକୁ ଯାଉଥିବା ଯୁବପିଢ଼ି କେତେକ ଦିଗ ପ୍ରତି ସଜାଗ ରହିଲେ ଖରାଦିନେ ସୁସ୍ଥ ରହିବା ସହ ଏହାକୁ ଭରପୂର ଏନ୍‌ଜୟ ମଧ କରିପାରିବେ....



ଏଯାଏ ଆରମ୍ଭ ହୋଇନି ଗ୍ରୀଷ୍ମ। ତଥାପି ଏବେଠୁ ଅଧିକ ଖରା ଏବଂ ଗରମ ବଢିଯିବା ଯୋଗୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି ପ୍ରତିକୂଳ ପ୍ରଭାବ ; ଯାହାକୁ ଦୂର କରି ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ...

➔ ଏଦିନେ ଝାଳ ଅଧିକ ହେଉଥିବାରୁ ଶରୀରରେ ଜଳ ଶୁଷ୍କତା ଦେଖାଦିଏ। ଫଳରେ ସ୍ନେହସାର, ଖଣିଜ ଲବଣ ଓ ଜଳୀୟ ଅଂଶ ନଷ୍ଟହୋଇ ଅତିରିକ୍ତ ତାପ ହଜମ କ୍ରିୟାକୁ ମଧ ପ୍ରଭାବିତ କରିଥାଏ। ଫଳରେ ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ଅମ୍ଳ ହୋଇଥାଏ। ତେଣୁ ଏଦିନେ ଫାଷ୍ଟଫୁଡ୍, ତେଲମସଲାଯୁକ୍ତ ଖାଦ୍ୟ ଏବଂ ଅନ୍ୟ ଗରିଷ୍ଠ ଖାଦ୍ୟ ଖାଇବା ଅନୁଚିତ। ଏସବୁ ଖାଦ୍ୟ ବେଶି ସମୟ ରହୁଥିବାରୁ ଜୀବାଣୁ ସଂକ୍ରମଣ ହୋଇ



ଫୁଡ୍ ପଏଜନିଂ କରାଇଥାଏ। ଫଳରେ ଝାଡ଼ା, ବାନ୍ତିର ଆଶଙ୍କା ବଢିଯାଏ। ତେଣୁ ଏଦିନେ ଏସବୁ ଖାଦ୍ୟ ପରିବର୍ତ୍ତେ ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ। ପଖାଳ ଏଦିନେ ସବୁଠାରୁ ଭଲ।

➔ ସେହିପରି ଶରୀରରେ ଜଳୀୟ ଅଂଶ କମିଯାଇ ଡିହାଇଡ୍ରେଶନ୍ ବା ଶରୀର ଶୁଷ୍କ ହୋଇଯିବା ଦ୍ୱାରା ଅଂଶୁଘାତର ଆଶଙ୍କା ବୃଦ୍ଧି ପାଇଥାଏ। ଅତ୍ୟଧିକ ଖରାରେ ବାହାରକୁ ବାହାରିଲେ ଚର୍ମ ଗରମ ହୋଇଯାଇ ନାଲି ପଡ଼ିଯାଏ ଓ ଶୁଖିଲା ହୋଇଯାଏ। ଏଦିନେ ଆବଶ୍ୟକରୁ କମ୍ ପାଣି ପିଇଲେ ସୂର୍ଯ୍ୟକିରଣରେ ଥିବା ଅଲ୍‌ଟ୍ରା ଭାଓଲେଟ୍ ରଶ୍ମି ଶରୀରର ଉତ୍ତାପକୁ ବଢ଼ାଇ ଦେଇଥାଏ । ଫଳରେ ଅନେକଙ୍କଠାରେ ବାନ୍ତି, ମୁଣ୍ଡବିନ୍ଧା, ଝାଡ଼ା, ନିମ୍ନ ରକ୍ତଚାପ ଆଦି ସମସ୍ୟା ଦେଖାଦିଏ ଏବଂ ରୋଗୀ ଅଚେତ୍ ହୋଇ ପଡ଼ିଯାଏ। ମାନସିକ ଅସନ୍ତୁଳନ ସହ ମୁଣ୍ଡ ବୁଲାଇ ଦେଇଥାଏ। ଶରୀରରୁ ଜଳୀୟ ଅଂଶ କମିଯାଇ ପରିସ୍ରାପୋଡ଼ା ସହ ପରିସ୍ରା ସଂକ୍ରମଣ ବେଶି ହୋଇଥାଏ। ଏହାଦ୍ୱାରା କିଡ୍‌ନୀ ଉପରେ ଚାପ ପଡ଼ିଥାଏ ଏବଂ କିଡ୍‌ନୀ ଫେଲ୍ୟୁଅର ହେବା ଆଶଙ୍କା ବଢ଼ିଯାଏ। ଏସବୁ ସମସ୍ୟା ନ ଉପୁଜିବା ଲାଗି ଦିନକୁ ଅତି କମ୍‌ରେ ୪ ଲିଟରରୁ ଊର୍ଦ୍ଧ୍ୱ ପାଣି ପିଅନ୍ତୁ, ଲସି, ସର୍ବତ, ପଇଡ଼ପାଣି, ସୁରେଇ, ମାଠିଆ ପାଣି, ଲେମ୍ବୁ ସରବତ, ଘୋଳଦହି, ଲୁଣମିଶା ତୋରାଣି, ବେଲପଣା, ଜୁସ୍, ଆଖୁରସ ଆଦି ମଧ ପିଅନ୍ତୁ।

➔ ପ୍ରଖର ସୂର୍ଯ୍ୟକିରଣ ଯୋଗୁ ଏଦିନେ ଅନେକଙ୍କ ଶରୀର କଳା ପଡ଼ିଯାଏ । ସନ୍‌ଟ୍ୟାନ୍ ଏବଂ ସ୍କିନ୍ ଆଲର୍ଜି ଦେଖାଦିଏ। କେବଳ ଏତିକି ନୁହେଁ ଝାଳ ଲାଗି ଘିମିରି ଏବଂ ଅନ୍ୟାନ୍ୟ ଚର୍ମରୋଗ





ମଧ ଦେଖାଦେଇଥାଏ। ତେଣୁ ଏଦିନେ ସିନ୍ଥେଟିକ୍ ଲୁଗା ବ୍ୟବହାର ନ କରି ଶରୀରରେ ବାୟୁ ଚଳାଚଳ ପାଇଁ ସୂତାଲୁଗା ବ୍ୟବହାର କରନ୍ତୁ। ଟାଣ ଖରାରେ ପଦାକୁ ବାହାରନ୍ତୁ ନାହିଁ। ବାହାରକୁ ଯିବା ନିହାତି ଜରୁରୀ ହେଲେ ମୁଣ୍ଡକୁ ଓଦା କପଡ଼ାରେ ଗୁଡ଼ାଇ, ଛତା, ଜୋତା, ଗ୍ଲୋବ୍‌ସ ଓ କଳା ଚଷମା ବ୍ୟବହାର କରନ୍ତୁ ଏବଂ ସାଙ୍ଗରେ ପାଣି ନିଅନ୍ତୁ। ଟ୍ୟାନିଂ ନ ହେବା ଲାଗି ସନ୍‌ସ୍କ୍ରିନ୍ ଲୋଶନ୍ ବ୍ୟବହାର କରନ୍ତୁ।

➔ ଅଧିକାଂଶ ଯୁବତୀଯୁବକ ଏଦିନେ ଆଇସ୍‌କ୍ରିମ୍, କୁଲ୍‌ଫି, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ଖାଦ୍ୟ ଓ ପାନୀୟ ଅଧିକ ପରିମାଣରେ ଖାଉଥିବା ଦେଖିବାକୁ ମିଳେ। ହେଲେ ଏଦିନେ ଶରୀରର ତାପମାତ୍ରା ଅଧିକ ଥିବାରୁ ହଠାତ୍ ଏଭଳି ଥଣ୍ଡା ଖାଦ୍ୟ ଖାଇବା ଦ୍ୱାରା ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ।

## କ'ଣ କରନ୍ତି ଏମାନେ...

**ପ୍ରିୟଙ୍କା ବେହେରା** (ଭୁବନେଶ୍ୱର)– ଖରାଦିନ ଆସିଲେ ଗରମରେ ବାହାରକୁ ବାହାରିବା ଏକ ବଡ଼ ଟେନ୍‌ଶନ୍। ହେଲେ ପଢ଼ା ହେଉ କିମ୍ବା କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଯିବାକୁ ପଡ଼ିଲେ ପ୍ରଥମେ ସାଙ୍ଗରେ ପାଣି ରଖିବାକୁ ଆଦୌ ଭୁଲେନି। ଏହା ବ୍ୟତୀତ ଏଦିନେ ସିନ୍ଥେଟିକ୍ ପରିବର୍ତ୍ତେ କଟନ୍ ଡ୍ରେସ୍ ବ୍ୟବହାର କରେ। ଅଧିକ ସମୟ ଯେପରି ସିଧାସଳଖ ସୂର୍ଯ୍ୟ କିରଣରେ ରହିବାକୁ ନ ପଡ଼େ ସେଥିପ୍ରତି ସଜାଗ ରହିଥାଏ। ଆବଶ୍ୟକସ୍ଥଳେ ଛତା ବ୍ୟବହାର କରେ।

**କୀର୍ତ୍ତିମୟୀ ସାହୁ**(ଭୁବନେଶ୍ୱର)– ମାର୍କେଟ୍‌କୁ ଆସୁଥିବା ଲାଟେଷ୍ଟ ଟ୍ରେଣ୍ଡ ସହ ଅପ୍‌ଡେଟ୍ ରହିବାକୁ ମତେ ଭଲ ଲାଗେ। ହେଲେ ଖରାଦିନେ ପ୍ରଥମେ କମ୍ଫର୍ଟକୁ ଆଖିଆଗରେ ରଖେ। ଏଦିନ ପାଇଁ କେଉଁ ଡ୍ରେସ୍ ସ୍କିନ୍ ଫ୍ରେଣ୍ଡଲୀ ଦେଖିବା ପରେ କିଣେ। ବିଶେଷକରି ହାତ, ଗୋଡ଼ ଆଦି ସୂର୍ଯ୍ୟକିରଣକୁ ଅଧିକ ଏକ୍ସପୋଜ୍ ନ ହେଉଥିବା ଭଳି ଡ୍ରେସ୍ ବାଛେ। କମ୍ଫର୍ଟେବଲ୍ କାନ୍‌ଭାସ୍ ସୁଜ୍, ଫୁଲ୍ ଗ୍ଲୋଭ୍ସ ଏବଂ ସନ୍‌ଗ୍ଲାସ୍ ବ୍ୟବହାର କରେ। ସେହିପରି ନିଜକୁ ଫିଟ୍ ରଖିବା ଲାଗି ଖାଦ୍ୟପେୟକୁ ନେଇ ବିଶେଷ ଯତ୍ନଶୀଳ ରହିଥାଏ।

**ରୋଜାଲିନ୍ ପଣ୍ଡା**(ପୁରୀ)– ଖରାଦିନେ ଅନେକଙ୍କ ଠାରେ ଡିହାଇଡ୍ରେଶନ୍, ବଦହଜମୀ ଭଳି ସମସ୍ୟା ଦେଖାଦିଏ। ଏପରି ନ ହେବା ଲାଗି ଅଧିକ ପାଣି ପିଇବା ସହ ଦହି ଲସି, ଜୁସ୍, ଟଙ୍କତୋରାଣୀ, ଆଖୁ ରସ ଆଦି ଅଧିକ ପିଏ। ତେଲମସଲା, ଫାଷ୍ଟଫୁଡ୍ ଏବଂ ଜଙ୍କ୍‌ଫୁଡ୍ ପରିବର୍ତ୍ତେ, ସୁଷମ ଖାଦ୍ୟ ଖାଏ। ବିଶେଷକରି ଖରାଦିନେ ଦହି ପଖାଳ, ସିଜ୍‌ନାଲ୍ ପନିପରିବା ଏବଂ ଫଳ ଆଦି ଖାଏ। ବାହାରକୁ ଯିବା ବେଳେ ସନ୍‌ସ୍କ୍ରିନ୍ ଲୋଶନ୍ ବ୍ୟବହାର କରିବା ସହ କମ୍ଫର୍ଟେବଲ୍ ଆଉଟ୍‌ଫିଟ୍ ବାଛେ।



ରୋଜାଲିନ୍



ପ୍ରିୟଙ୍କା



କୀର୍ତ୍ତିମୟୀ

## ଏ ସପ୍ତାହର ପ୍ରଶ୍ନ

୧– ସାଟେଲାଇଟ୍ ଡାଟା ବ୍ୟବହାର କରି ବାୟୁର ଗୁଣବତ୍ତା ଯାଞ୍ଚ କରିବା ଲାଗି ଇସ୍ରୋ ସହ .......... ଦେଶର ସ୍ପେସ୍ ଏଜେନ୍ସି ପାର୍ଟନରଶିପ୍ କରିଛି ?

୨– ସିଏଆଇଟିର ଫୁଲ୍‌ଫର୍ମ......... ?

୩– ନିକଟରେ .............. ଙ୍କୁ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କୋ. ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟ ଭାବେ ନିଯୁକ୍ତି ମିଳିଛି ?

୪– ...... ପକ୍ଷରୁ ଏହାର କର୍ମଚାରୀମାନଙ୍କ ଲାଗି ୫ଜି ସାର୍ଟିଫିକେଶନ୍ କୋର୍ସ ଆରମ୍ଭ କରାଯାଇଛି ?

୫– ନ୍ୟାଶନାଲ୍ ମେଡିକାଲ୍ କମିଶନର ପ୍ରଥମ ଚେୟାରମ୍ୟାନ୍ ......... ?

## ଗତ ଥରର ଉତ୍ତର

୧ ନାଶନାଲ୍ ଏଗ୍ରିକଲ୍‌ଚର ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍

୨ ହରିୟାଣା

୩ ବୋଇଙ୍ଗ୍

୪ ଲନ୍ ଚାନୀ

୫ ଖ୍ରୀଷ୍ଟିନା କୋଚ୍

## ଉତ୍ତରଦାତା



ଅର୍ପିତା ମଲ୍ଲିକ୍, ଭୁବନେଶ୍ୱର



ନରେଶ କୁମାର ମେହେର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଛୋଟ କାର୍

(୧)........ ଦି ଇଲ୍‌ବିଲ୍ ନର୍ଜ ବଡି କ୍ୟାବ୍
(୨)........ ଦି ଲ୍ୟୁମେନିଓ ସ୍ମେରା
(୩)........ ଦି ଟ୍ୟାଙ୍ଗୋ ବାଲ କମ୍ୟୁଟର୍ସ କାର୍
(୪)........ ଦି ରିଭା ଜି–ୱିଜ୍
(୫)........ ଦି ସ୍ମାର୍ଟ ଫର୍‌ଟୁ
(୬)........ ଦି କାଣ୍ଡି କୋକୋ
(୭)........ ଦି ଡାଇହାସୁ କୋପେନ୍
(୮)........ ଦି ଥିଙ୍କ୍ ସିଟି
(୯)........ ଦି ବୋଲୋର୍ ବ୍ଲୁ କାର୍
(୧୦)........ ଦି ଫୋର୍ଡ କା



## ଜାଣନ୍ତୁ ଦୁନିଆ

# କବାଡ଼ି



କବାଡ଼ି ଆମ ଦେଶରେ ଏକ ବେଶ୍ ଲୋକପ୍ରିୟ ଖେଳ ; ଯାହାକୁ ନିଜେ ଖେଳିବା ହେଉ ଅବା ଦର୍ଶକ ସାଜି ଟିଭିରେ କିମ୍ବା ପ୍ରତ୍ୟକ୍ଷ ଦେଖିବାରେ ଅନେକଙ୍କୁ ଖୁବ୍ ମଜା ଆସିଥାଏ। ତେବେ ଏହି ଖେଳ ସମ୍ପର୍କରେ ଅନେକ ଏଭଳି କଥା ରହିଛି ; ଯାହାକି ସମସ୍ତେ ଅବଗତ ନ ଥିବେ। ଆସନ୍ତୁ ଜାଣିବା ଏଭଳି କିଛି ତଥ୍ୟ ସମ୍ପର୍କରେ...

▸ କବାଡ଼ି ଖେଳର ଉତ୍ପତ୍ତି କେଉଁଠି ତାହା ବର୍ତ୍ତମାନ ସୁଦ୍ଧା ଠିକ୍ ଭାବେ ଜଣା ନ ଥିଲେ ହେଁ ଏହା ତାମିଲନାଡୁରୁ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ। ତାମିଲ ଶବ୍ଦ 'କାଇ– ପିଡି'ରୁ ଏହାର ନାମ ଉଦ୍ଧୃତ କରାଯାଇଛି ବୋଲି କୁହାଯାଏ, ଯାହାର ଅର୍ଥ ହୋଲ୍ଡ ହ୍ୟାଣ୍ଡ୍ସ ବା ହାତଗୁଡ଼ିକୁ ଧରିବା।

▸ ତାମିଲନାଡୁ ବ୍ୟତୀତ ଏହି ଖେଳ ଆମ ଦେଶର ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା, ପଞ୍ଜାବ ଏବଂ ଓଡ଼ିଶା ଆଦି ରାଜ୍ୟରେ ବେଶ୍ ଲୋକପ୍ରିୟ।

▸ ଦେଶର ବିଭିନ୍ନ ପ୍ରାନ୍ତରେ କବାଡ଼ି ଖେଳର ଭିନ୍ନ ଭିନ୍ନ ନାମ ମଧ ରହିଛି। ଦକ୍ଷିଣ ଭାରତ ବିଭିନ୍ନ ସ୍ଥାନରେ ଏହାକୁ ଚେଡୁଗୁଡୁ, ଉତ୍ତରରେ କଉଁବାଡା, ପୂର୍ବ ଭାଗରେ ହାଡୁଡୁ ଏବଂ ପଶ୍ଚିମରେ ହାଡୁଡୁ ବୋଲି କୁହାଯାଇଥାଏ।

▸ ଭାରତ ବ୍ୟତୀତ ନେପାଳରେ ଏହା ବେଶ୍ ଲୋକପ୍ରିୟ ହୋଇଥିବା ବେଳେ ବାଂଲାଦେଶରେ ଏହାକୁ ଜାତୀୟ କ୍ରୀଡାର ମାନ୍ୟତା ମିଳିଛି। ସେହିପରି ବର୍ତ୍ତମାନ ମାଳଦ୍ୱୀପ, ସ୍ପେନ୍, ଆର୍ଜେଣ୍ଟିନା, ଇଟାଲୀ, ବେଲ୍‌ଜିୟମ୍ ଏବଂ ଆମେରିକାରେ ମଧ ଏହି ଖେଳର ଡିମାଣ୍ଡ ବଢୁଛି।

▸ କବାଡ଼ି ଖେଳରେ ଇଣ୍ଟରନାଶନାଲ୍ ରୁଲ୍ସ କବାଡ଼ି ଏବଂ ସର୍କଲ ଷ୍ଟାଇଲ୍ କବାଡ଼ି ଭଳି ଦୁଇ ପ୍ରକାରର ଫର୍ମାଟ ରହିଛି। ଆଉ ଉଭୟ ପାଇଁ ଭିନ୍ନ ଭିନ୍ନ ବିଶ୍ୱକପ୍ ଖେଳାଯାଇଥାଏ।

▸ ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ସମସ୍ତ ଏସିଆନ୍ ଗେମ୍ ଏବଂ ବିଶ୍ୱକପ୍ କବାଡ଼ିରେ ଭାରତୀୟ ଖେଳାଳି ବିଜେତା ହୋଇଛନ୍ତି।

▸ ପୁରୁଷ କବାଡ଼ି ଦଳଙ୍କ ଭଳି ଭାରତୀୟ ମହିଳା କବାଡ଼ି ଦଳ ମଧ ବିଶ୍ୱକପ ହାସଲ କରିଛନ୍ତି।

## ଫ୍ୟାଶନ

# ଅପ୍‌ଡେଟ୍ ଫ୍ୟାଶନ



ଧୀରେ ଧୀରେ ବଢୁଛି ଗରମ। ଆଉ ଗରମ ଓ ଝାଳରେ ବିଭିନ୍ନ ଷ୍ଟାଇଲିସ୍ ଆଉଟ୍‌ଫିଟ୍ ନ ପିନ୍ଧିପାରିବାକୁ ନେଇ ଅଧିକାଂଶ ଯୁବପିଢ଼ି ଚିନ୍ତିତ। ହେଲେ ଏହି ସମରରେ ଆପଣ ଏମିତି କିଛି ଆଉଟ୍‌ଫିଟ୍ ବାଛି ପାରିବେ ; ଯାହାକି ଆପଣଙ୍କୁ କମ୍ଫର୍ଟ ସହିତ ଫ୍ୟାଶନେବଲ୍ ଲୁକ୍ ମଧ ମିଳିବ...

➤ ବର୍ତ୍ତମାନ ମାର୍କେଟକୁ ବିଭିନ୍ନ ପ୍ରକାରର ନୂଆ ନୂଆ ସମର କଲେକ୍ସନ ଆସିଯାଇଛି। ଅଧିକ ଟାଇଟ୍ କିମ୍ବା ହେଭି ପୋଷାକ ପରିବର୍ତ୍ତେ ଲାଇଟ୍ କଟନ ୱେର୍ ଏବେ ଡିମାଣ୍ଡରେ ଅଛି।

➤ ଏଦିନେ ଡିପ୍ କଲର ପରିବର୍ତ୍ତେ ଲାଇଟ୍ କଲର ପୋଷାକ ବାଛନ୍ତୁ। ଆପଣ ଚାହିଁଲେ ବିଭିନ୍ନ ଲାଇଟ୍ କଲର ଡିଜିଟାଲ୍ ପ୍ରିଣ୍ଟ ଶାର୍ଟ ଏବଂ କୁର୍ତ୍ତୀ ପିନ୍ଧି ପାରିବେ। ଆରାମ ସହ ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଆପଣ ଚାହିଁଲେ ଏହାକୁ ଜିନ୍ସ, ପ୍ଲାଜୋ ଏବଂ ଲେଗିଂ ସହିତ ପେୟାର କରିପାରିବେ।

➤ ଯୁବତୀ ହୁଅନ୍ତୁ ଅବା ଯୁବକ ଯଦି ସମର ଗେଟ୍‌ଅପ୍‌ରେ ଷ୍ଟାଇଲିସ୍ ଲାଗିବାକୁ ଚାହୁଁଛନ୍ତି ଏବଂ ନୂଆ କିଣିବା ଲାଗି ବଜେଟ୍ କମ୍ ଅଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। କାରଣ ବର୍ତ୍ତମାନେ ଅନେକ ଛୋଟ ବଡ ଦୋକାନ ଏବଂ ଷ୍ଟ୍ରିଟ୍ ମାର୍କେଟ୍‌ଗୁଡିକରେ ଅଳ୍ପ ଟଙ୍କାରେ ଭଳିକି ଭଳି ସମର କଲେକ୍ସନ ଉପଲବ୍ଧ। ଆପଣ ସେଠାରୁ ପ୍ୟାଣ୍ଟ, ଶାର୍ଟ, ଟି–ଶାର୍ଟ, ଫ୍ରକ୍, ଟପ୍ସ, ସ୍କର୍ଟ, କୁର୍ତ୍ତୀ, ପ୍ଲାଜୋ, ସାଲୱାର୍ ସୁଟ୍ ଇତ୍ୟାଦି କିଣି ମିକ୍ସ ମ୍ୟାଚ୍ କରି ପିନ୍ଧିପାରିବେ ।

➤ ଲକ୍ଷ୍ନୌ ଷ୍ଟିଚ୍ କଟନ ଟପ୍ସ, କୁର୍ତ୍ତୀ ମଧ ଏବେ ଅଧିକାଂଶ ପସନ୍ଦ କରୁଥିବାରୁ ଏହାର ଭଳିକି ଭଳି କଲେକ୍ସନ ମାର୍କେଟରେ ଉପଲବ୍ଧ। ଏହାକୁ ବି ଆପଣ ନିଜ ସମର କଲେକ୍ସନରେ ସାମିଲ କରି ପାରିବେ।

➤ ବର୍ତ୍ତମାନ ଖଦିରେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଶାର୍ଟ, ଡିଜାଇନର୍ ଟପ୍ସ, ସ୍କର୍ଟ, ପଲାଜୋ, ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ ପିନ୍ଧିବାକୁ ମଧ ବେଶ୍ ଆରାମଦାୟକ ଲାଗୁଛି।

➤ କେବଳ ଡ୍ରେସ୍ ନୁହେଁ ବିଭିନ୍ନ ପ୍ରକାରର ସମର ସୁଜ୍, ସନ୍‌ଗ୍ଲାସେସ୍ ଆଦିକୁ ମଧ ନିଜ ଅପ୍‌ଡେଟ୍ ଫ୍ୟାଶନ୍‌ରେ ସାମିଲ୍ ପରିପାରିବେ।



## ସଂକ୍ଷେପରେ

ଝିଅକୁ ଗର୍ଭବତୀ କରିବା ମାମଲା

### ଅଭିଯୁକ୍ତ ବାପାଙ୍କୁ ଆଜୀବନ କାରାଦଣ୍ଡ

**କଟକ ଅଫିସ, ୨୦।୩:** ଲାଲ୍‌ବାଗ ଥାନା ଅଞ୍ଚଳରେ ଝିଅକୁ ବଳାତ୍କାର କରି ଗର୍ଭବତୀ କରିବା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଶନିବାର ଅଭିଯୁକ୍ତ ବାପାଙ୍କୁ ଆଜୀବନ କାରାଦଣ୍ଡ ସହ ୨୦,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାଇ, ପୀଡିତାଙ୍କ ମାଆ ଲାଲବାଗ ଥାନାରେ ୨୦୧୮ ଡିସେମ୍ବର ୨୫ରେ ଏକ ଅଭିଯୋଗ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ, ତାଙ୍କ ଝିଅକୁ ସ୍ୱାମୀ ବାରମ୍ବାର ବଳାତ୍କାର କରି ଗର୍ଭବତୀ କରିବା ପରେ ଏକ କନ୍ୟାସନ୍ତାନ ଜନ୍ମ ହୋଇଥିଲା। ଏ ନେଇ ଲାଲବାଗ୍ ଥାନାରେ ଏକ ମାମଲା(ନଂ.୧୨୦/୧୮) ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ମାମଲା ମହିଳା ଥାନାକୁ ହସ୍ତାନ୍ତର କରାଯାଇଥିଲା। ମହିଳା ଥାନା ଅଧିକାରୀ ଅନସ୍ୱୟା ନାୟକ ଏହି ମାମଲାର ତଦନ୍ତ କରିବା ପରେ ତଥ୍ୟ ଓ ପ୍ରମାଣ ଆଧାରରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ପୋକ୍ସୋ କୋର୍ଟରେ ଟ୍ରାଏଲ୍ ସମୟରେ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଉପଯୁକ୍ତ ଯୁକ୍ତି ଓ ମହିଳା ଥାନା ଅଧିକାରୀ ଦେଇଥିବା ଚାର୍ଜଶିଟ୍ ଆଧାରରେ ବିଚାରପତି ବନ୍ଦନା କର ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ କରିଥିବା ଡିସିପି ସିଂ କହିଛନ୍ତି।

### କୋଣାର୍କ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଏସ୍‌ପି

**କୋଣାର୍କ,୨୦।୩(ଡି.ଏନ୍.ଏ.):** ୨୨ତାରିଖରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଷ୍ଟ୍ରପତିଙ୍କ ସୁରକ୍ଷା ନିମନ୍ତେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଶନିବାର ଏସ୍‌ପି କେ. ବିଶାଲ ସିଂ କୋଣାର୍କରେ ପହଞ୍ଚି ହେଲିପ୍ୟାଡ, ବ୍ୟାଖ୍ୟାନ କେନ୍ଦ୍ର, ସୂର୍ଯ୍ୟମନ୍ଦିର ଓ ଯାତ୍ରୀନିବାସରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। କୋଣାର୍କ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କ ହେଲିକ୍ୟାପଟର ଅବତରଣ ଅଭ୍ୟାସ କରାଯାଇଥିଲା। ଭିନ୍ନ ଭିନ୍ନ ସମୟରେ ଦୁଇଟି ହେଲିକ୍ୟାପଟର ପଇଁତରା ମାରି ଅବତରଣ ଅଭ୍ୟାସ କରିଥିଲା। ହେଲିପ୍ୟାଡରେ ବ୍ୟାରିକେଡ୍, ଅସ୍ଥାୟୀ ବିଶ୍ରାମ କକ୍ଷ, ସୂର୍ଯ୍ୟମନ୍ଦିର ପରିସରରେ ଅସ୍ଥାୟୀ ସେଡ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଷ୍ଟ୍ରପତି ପୁରୀ ଶ୍ରୀମନ୍ଦିର ଦର୍ଶନ ସାରି କୋଣାର୍କରେ ପହଞ୍ଚିବେ। ଏଠାରେ ପହଞ୍ଚିବା ପରେ ସୂର୍ଯ୍ୟମନ୍ଦିର ଓ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଯାତ୍ରୀନିବାସରେ ରାଷ୍ଟ୍ରପତିଙ୍କ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଛି। ଯାତ୍ରୀନିବାସ ପରିସର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଛି। ରାଷ୍ଟ୍ରପତିଙ୍କ କୋଣାର୍କ ରହଣି ସମୟରେ ହେଲିପ୍ୟାଡ, ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ଓ ଯାତ୍ରୀନିବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

### ପୁଣିଥରେ ବଢ଼ିଲା ଲର୍ନର୍ସ ଲାଇସେନ୍ସ ଅବଧି

**ଭୁବନେଶ୍ୱର,୨୦।୩(ବ୍ୟୁରୋ):** କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଲର୍ନର୍ସ ଲାଇସେନ୍ସର ବୈଧତା ଅବଧି ଆଉ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେଉଁମାନଙ୍କର ଅବଧି ମାର୍ଚ୍ଚ ୩୧ରେ ସରୁଥିଲା ସେମାନେ ଏବେ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ପାଇପାରିବେ। ଏନେଇ ଶନିବାର ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କରୋନା କଟକଣା ଭିତରେ ସବୁ ଆର୍‌ଟିଓ ଅଫିସ୍‌ରେ ଲାଇସେନ୍ସ ପାଇଁ ସ୍ଲଟ୍ ବୁକିଂ କରାଯାଉଛି। ଏଥିଯୋଗୁ ଫାଇନାଲ୍ ଟେଷ୍ଟ୍ ପାଇଁ ସ୍ଲଟ୍ ବୁକିଂରେ ସମସ୍ୟା ହେଉଥିବାରୁ ଅନେକ ଏଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅବଧି ବୃଦ୍ଧି ଯୋଗୁ ପୂର୍ବରୁ ଲର୍ନର୍ସ ଆବେଦନ କରି ଡ୍ରାଇଭିଂ ଟେଷ୍ଟକୁ ଅପେକ୍ଷା କରିଥିବା ଲୋକମାନେ ଏଥିରେ ଉପକୃତ ହେବେ।

# ଲାଛିପେଟା ପୋଷ୍ଟ ଅଫିସରେ ସିବିଆଇ ଚଢ଼ାଉ

**୯୩ ଲକ୍ଷ ଟଙ୍କାର ପୋଷ୍ଟାଲ ଦୁର୍ନୀତି**

- ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ
- ନିଲମ୍ବିତ ସବ୍‌ପୋଷ୍ଟ ମାଷ୍ଟରଙ୍କ ସମେତ ୩ଜଣଙ୍କ ନାମରେ ମାମଲା




**ଭୁବନେଶ୍ୱର,(ବ୍ୟୁରୋ) ଏମ୍‌ଭି/୭୯, ୨୦।୩ (ଡି.ଏନ୍.ଏ.)**

ପୋଷ୍ଟାଲ ଦୁର୍ନୀତି ମାମଲାରେ ସିବିଆଇ ଖୋଳତାଡ଼ ଆରମ୍ଭ କରିଛି। କ୍ଷମତାର ଅପବ୍ୟବହାର କରି ପ୍ରାୟ ୯୩ ଲକ୍ଷ ଟଙ୍କା ହଡ଼ପ ନେଇ ମାମଲା ରୁଜୁ କରିବା ସହ ଶନିବାର ଟିମ୍ ମାଲକାନଗିରି ଏମ୍‌ଭି୭୯ ଲାଛିପେଟାସ୍ଥିତ ପୋଷ୍ଟ ଅଫିସରେ ଶନିବାର ଚଢାଉ କରିଛି। ଭୁବନଶ୍ୱରୁ ସିବିଆଇର ଏକ ୪ ଜଣିଆ ଟିମ୍ ସେଠାରେ ପହଞ୍ଚି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ଏଥିସହ ନିଲମ୍ବିତ ତତ୍କାଳୀନ ସବ୍ ପୋଷ୍ଟମାଷ୍ଟର ବିଶ୍ୱନାଥ ପଡ଼ିଆମି ଏବଂ ଅନ୍ୟଦୁଇଜଣ ବ୍ୟକ୍ତି ମାଲାକାନାଗିରି କୋରୁକୋଣ୍ଡା ଖ୍ରୀଷ୍ଟିଆନ ସାହିର ରଙ୍ଗାମା ରାଜୁ ଓ ଉଡକାତଣ୍ଡାପାଲିର ଘାସିରାମ ମାଡ଼କାମିଙ୍କ ବିରୋଧରେ ମାମଲା ରୁଜୁ କରିଛି ସିବିଆଇ। ଆଇପିସି ଦଫା ୧୨୦(ବି), ୪୨୦,୪୦୯ ଏବଂ ଦଫା ୧୩(୨), ୧୩(୧)(ଏ) ଲଗାଯାଇଛି। ୨୦୧୯ ଅଗଷ୍ଟ ୨୯ରୁ ୨୦୨୦ ଡିସେମ୍ବର ୩୧ ମଧ୍ୟରେ ଟଙ୍କା ହେରଫେର ହୋଇଥିବା ସିବିଆଇ ସୂଚନା ଦେଇଛି। ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କ ଘରେ ମଧ୍ୟ ସିବିଆଇ ରେଡ୍ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ୨୦୨୦ ଡିସେମ୍ବର ୩୧ରେ ଲାଛିପେଟାସ୍ଥିତ ପୋଷ୍ଟ ଅଫିସର କ୍ଲୋଜିଂ ବାଲାନ୍ସ ଯାଞ୍ଚ ବା ବାର୍ଷିକ ଯାଞ୍ଚ ସମୟରେ ଏହି ଜାଲିଆତି ଧରାପଡିଥିଲା। ମୋଟ ୯୪ ଲକ୍ଷ ୨ ହଜାର ୨୪୭ ଟଙ୍କା ରହିବା ବଦଳରେ ମାତ୍ର ୮୨ ହଜାର ୬୮୧ ଟଙ୍କା ଥିଲା। ୯୩ ଲକ୍ଷ ୧୯ ହଜାର ୫୯୩ ଟଙ୍କାର ହିସାବ ନ ମିଳିବାରୁ ବିଭାଗୀୟ ସ୍ତରରେ ଖୋଳତାଡ ଆରମ୍ଭ ହୋଇଥିଲା। ସବ୍‌ପୋଷ୍ଟମାଷ୍ଟର ବିଶ୍ୱନାଥଙ୍କ ସମେତ ରଙ୍ଗାମା ଓ ଘାସିରାମ ମିଳିମିଶି ଏହି ଘୋଟାଲା କରିଥିବା ଜଣାପଡ଼ିଥିଲା। ବିଶ୍ୱନାଥ କ୍ଷମତାକୁ ଅପବ୍ୟବହାର କରି ନିଜର ୟୁଜର୍ ଆଇଡି ଓ ପାସ୍ୱାର୍ଡ ବ୍ୟବହାର କରି ପୋଷ୍ଟ ଅଫିସ୍ ଆକାଉଣ୍ଟରୁ ଏହି ଟଙ୍କା କୋର୍ ବ୍ୟାଙ୍କିଙ୍ଗ୍ ଜରିଆରେ ନିଜ ସମେତ ୩ଜଣଙ୍କ ସେଭିଂ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଏହା ଜଣାପଡିବା ପରେ କୋରାପୁଟ ପୋଷ୍ଟାଲ ଡିଭିଜନର ସହକାରୀ ପୋଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ରାଜକିଶୋର ମହାରଣା ଭୁବନେଶ୍ୱର ସିବିଆଇରେ ଅଭିଯୋଗ କରିଥିଲେ। ଏହାପରେ ବିଶ୍ୱନାଥଙ୍କୁ ନିଲମ୍ବନ କରାଯାଇଥିଲା।



ନବବିବାହିତ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ଶନିବାର ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀମନ୍ଦିର ସମ୍ମୁଖରେ ଦୀପଜାଳି ଭକ୍ତି ନିବେଦନ କରୁଛନ୍ତି।

## ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସୁରକ୍ଷା ଯାଞ୍ଚ

**ପୁରୀ ଅଫିସ,୨୦।୩**

**୪୦ ପ୍ଲାଟୁନ୍ ଫୋର୍ସ, ୨୫୦ ଅଧିକାରୀ ମୁତୟନ**

ଆସନ୍ତା ୨୨ ତାରିଖ ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିସହ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବେ। ଏଥିପାଇଁ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଶନିବାର ହେଲିପ୍ୟାଡ୍‌ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପୂରା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଶ୍ରୀମନ୍ଦିର ଭିତରକୁ ସ୍ୱତନ୍ତ୍ର କରିଡର ମଧ୍ୟରେ ରାଷ୍ଟ୍ରପତିଙ୍କୁ ଅଣାଯିବାଠାରୁ ଆରମ୍ଭ କରି ଶ୍ରୀମନ୍ଦିରରେ ରହଣି ଓ ପ୍ରସ୍ଥାନ ପର୍ଯ୍ୟନ୍ତ ପୋଲିସ ପ୍ରଶାସନ କିଭଳି ଭାବେ କାର୍ଯ୍ୟ କରିବ ସେନେଇ ରିହର୍ସାଲ ହୋଇଛି। ରାଷ୍ଟ୍ରପତିଙ୍କ ପୁରୀ ଆଗମନ ପୂର୍ବରୁ ପୁଣିଥରେ ପୁରୀ ଓ କୋଣାର୍କରେ ଏଭଳି ରିହର୍ସାଲ ହେବ ବୋଲି ସ୍ଥିତି ଅନୁଧ୍ୟାନ ବେଳେ ଏସ୍‌ପି କନ୍‌ୱର ବିଶାଲ ସିଂ କହିଛନ୍ତି।

ସେ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୪୦ ପ୍ଲାଟୁନ୍ ଫୋର୍ସ, ୧୩ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀ ଓ ୨୫୦ ପୋଲିସ ଅଧିକାରୀଙ୍କୁ ମୁତୟନ ବ୍ୟବସ୍ଥା ହୋଇଛି। ଗସ୍ତକୁ ନେଇ ସବୁ ବିଭାଗ ସହ ଆଲୋଚନା ସରିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ସହ ୨ଥର ବୈଠକ ହୋଇସାରିଛି। ପୁରୀ ଓ କୋଣାର୍କରେ ପୋଲିସ ମୁତୟନ ହୋଇ ସାରିଛନ୍ତି। ସେବାୟତଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ଭିତରେ ସେବାୟତ ଓ ପୋଲିସ ମଧ୍ୟରେ ସମନ୍ୱୟ ରଖାଯିବା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। ତେବେ ପୋଲିସର ରିହର୍ସାଲ୍‌ବେଳେ ବମ୍ ସ୍କ୍ୱାଡ୍ ଓ ଡଗ୍ ସ୍କ୍ୱାଡ୍ ସାମିଲ ରହି ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲା।



ବଡଦାଣ୍ଡରେ ଏସ୍‌ପି କନ୍‌ୱର ବିଶାଲ ସିଂ ଓ ଅନ୍ୟ ପୋଲିସ ଅଧିକାରୀ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ହେଲିପ୍ୟାଡ୍‌ରେ ସନ୍ଧାନୀ କୁକୁରର ଯାଞ୍ଚ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିମାପଡ଼ା,୨୦।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ରତିଲୋ ସାମିଲ ବରୁଣିଛକ ଗ୍ରାମର ପ୍ରଭାସ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ପୋଲିସ ଶନିବାର ତାଙ୍କ ଘରପଛପଟେ ଥିବା ଏକ ଗଛରୁ ଜବତ କରିଛି। ଏ ନେଇ ମୃତ ପ୍ରଭାସଙ୍କ ଦାଦପୁଅ ଭାଇ ସୁବାସ ପ୍ରଧାନ ଏକ ଅଭିଯୋଗ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଥିବାବେଳେ ଏ ନେଇ ଏକ ମାମଲା(ନଂ.୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ପ୍ରଭାସ ଶୁକ୍ରବାର ରାତିରେ ଖାଇ ଘରେ ଶୋଇଥିଲେ। ଭୋରୁ ତାଙ୍କ ଘର କବାଟ ଖୋଲା ଥିବାବେଳେ ସେ ନ ଥିବାରୁ ଖୋଜାଖୋଜି କରିଥିଲେ। ପରେ ବାରିପଟେ ଏକ ଗଛରେ ବେକରେ ଗାମୁଛା ଲଗାଇ ଝୁଲୁ ଥିବାର ପରିବାର ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

### ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଅଟକ

**ଅସ୍ତରଙ୍ଗ,୨୦।୩(ଡି.ଏନ୍.ଏ.)**

ଅସ୍ତରଙ୍ଗ ଉପକୂଳ ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ଶନିବାର ଏକ ଟ୍ରଲରକୁ ଜବତ କରାଯାଇଛି। ବେଆଇନ ଭାବେ ମାଛ ମାରୁଥିବା ଏହି ଟ୍ରଲରକୁ ବନ ବିଭାଗ ଓ ମତ୍ସ୍ୟ ବିଭାଗର ମିଳିତ ପାଟ୍ରୋଲିଂ ଟିମ୍ ଜବତ କରି ଥିବାବେଳେ ୧୭ ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଜବତ ଟ୍ରଲରଟି ବାଲେଶ୍ୱର ଅଞ୍ଚଳର ଓ ଏହାର ନଂ ଆଇଏନ୍‌ଡିଓଆର୍‌ଆଇଏମଏମ୍ ୭୯୮ବୋଲି ଜଣାପଡ଼ିଛି। ଜବତ ଟ୍ରଲରଟିକୁ ନୂଆଗଡ ଜେଟୀକୁ ଅଣାଯାଇଥିବାବେଳେ, ଏଥିରେ ଲକ୍ଷାଧିକ ଟଙ୍କାର ବିଭିନ୍ନ ପ୍ରକାରର ମାଛ ଥିବାର ଜଣାପଡିଛି। ଏଠାରେ ଉଲ୍ଲେଖଯୋଗ୍ୟ କି, ଅଲିଭ ରିଡେଲ କଇଁଛଙ୍କ ସୁରକ୍ଷା ପାଇଁ ଅସ୍ତରଙ୍ଗ ଦେବୀ ନଦୀ ମୁହାଣକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି।

## ୪୮ ଜଣଙ୍କୁ ମରଣୋତ୍ତର ଡିଜିପି ଡିସ୍କ ପଦକ

**୧ରେ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ**

**କଟକ ଅଫିସ, ୨୦।୩**

ଆସନ୍ତା ଏପ୍ରିଲ ୧ ତାରିଖରେ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ଉପଲକ୍ଷେ ମାଓବାଦୀ ବିରୋଧରେ ଲଢି ଶହୀଦ ହୋଇଥିବା ୨ ଏସ୍‌ଓଜି କମାଣ୍ଡୋ ଦେବାଶିଷ ସେଠୀ ଓ ସୁଧୀର କୁମାର ଟୁଡୁଙ୍କୁ ମରଣୋତ୍ତର ଡିଜିପି ଡିସ୍କ ପଦକ ପ୍ରଦାନ କରାଯିବ ବୋଲି ଡିଜିପି ଅଭୟ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ମହାମାରୀ କରୋନାବେଳେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ଘଟିଥିବା ୪୬ ଜଣ କରୋନା ଯୋଦ୍ଧାଙ୍କୁ ମଧ୍ୟ ମରଣୋତ୍ତର ଡିଜିପି ଡିସ୍କ ପଦକ ପ୍ରଦାନ କରାଯିବ। ପ୍ରକାଶଥାଉ କି, ୨୦୨୦ ସେପ୍ଟେମ୍ବର ୯ରେ କଳାହାଣ୍ଡି ଜିଲା ମ. ରାମପୁର ଥାନା ଅଧୀନ ସିର୍କି ଗାଁ ନିକଟସ୍ଥ ବେଲଘର ଜଙ୍ଗଲରେ ମାଓବାଦୀମାନଙ୍କ ସହ ମୁକାବିଲା କରିବା ସମୟରେ ଉଭୟ ଶହୀଦ ହୋଇଥିଲେ।

## ଆରମ୍ଭ ହେଲା ସଙ୍ଗୀତ ମହୋତ୍ସବ 'ସମର୍ପଣ'




ମହୋତ୍ସବରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ ଭୁବନେଶ୍ୱରର ମ୍ୟୁଜିକ ସର୍କଲ ପକ୍ଷରୁ ୩ ଦିନିଆ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ ମହୋତ୍ସବ 'ସମର୍ପଣ' ଶନିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଡ. ସଙ୍ଗୀତା ଗୋସାଇଁଙ୍କ ବିଷ୍ଣୁ ବନ୍ଦନାରୁ ଆରମ୍ଭ ହୋଇଥିଲା ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା। 'ଜୀବନ ମୋର କର ଆହେ ନାଥ' ସଙ୍ଗୀତରୁ ଆରମ୍ଭ କରି 'ଜୟ ଜଗଦୀଶ ଜୟ ସମ୍ପଦୀଶ', 'ଦୟାମୟ ନାମ ବୋଲାଉଛ ତୁମେ ହୃଦୟରେ ଦୟା ନାହିଁ', 'ଶ୍ୟାମ ରଙ୍ଗେ ଆଖି ମୋ ଭରା' ଆଦି ସୁମଧୁର ଭକ୍ତି ରସାତ୍ମକ ଓ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରି ଭାବଗମ୍ଭୀର ପରିବେଶ ସୃଷ୍ଟି କରିଥିଲେ ସେ। ତାଙ୍କୁ ହାରମୋନିୟମରେ ଅଜୟ କୁମାର ଦାଶ, ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା ଓ ମଞ୍ଜିରାରେ ବୁଦ୍ଧନାଥ ସ୍ୱାଇଁ ସହଯୋଗ କରିଥିଲେ। ଦ୍ୱିତୀୟ ତଥା ଅନ୍ତିମ ପରିବେଷଣ ଥିଲା ଅନାଦି ମିଶ୍ର ଓ ସାଥୀଙ୍କ ଦ୍ୱାରା ସୁଫି ସଙ୍ଗୀତ। ଏଥିରେ ପଞ୍ଜାବୀ ଲୋକ ସଙ୍ଗୀତର ଝଲକ ଦେଖିବାକୁ ମିଳିଥିଲା। ନିଜର ସୁମଧୁର ସୁଫି ସଙ୍ଗୀତ ପରିବେଷଣ କରି ସେ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲେ। ତାଙ୍କୁ କିବୋର୍ଡରେ ଜୀବନ, ତବଲା ଓ ଢୋଲକରେ ହର, କି-ବୋର୍ଡରେ ଅଜୟ କୁମାର ଦାଶ, ଅକଟା ପ୍ୟାଡ଼ରେ ରାମକୃଷ୍ଣ ବୈଠାରୁ ସହଯୋଗ କରିଥିଲେ। ସେହିଭଳି ଗାୟନରେ ସୁମନ୍ତ ମହାରଣା ଓ ମିଳନ କୁମାର ପଣ୍ଡା ସହଯୋଗ କରିଥିଲେ। ଅତିଥି ଭାବେ ବିଶିଷ୍ଟ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରୀୟମ୍ବଦା ମହାନ୍ତି ହେଜମାଦୀ, ଭୁବନେଶ୍ୱର ମ୍ୟୁଜିକ ସର୍କଲ ସଭାପତି ଅରବିନ୍ଦ ବେହେରା ଓ ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।

## ୧ରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ)**

ଓଡ଼ିଆ ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସମ୍ପ୍ରସାରଣ ଉଦ୍ଦେଶ୍ୟରେ ସଂଭାବନା ପକ୍ଷରୁ 'ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା' ଆସନ୍ତା ଏପ୍ରିଲ ୧ରୁ ଆରମ୍ଭ ହେବ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗ ଢମାଳି, ପାରମ୍ପରିକ ସଙ୍ଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ହୁଳହୁଳି, ଓଡ଼ିଆ ଭାଷା ଜ୍ଞାନ ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଭବିଷ୍ୟତର ଓଡ଼ିଆଙ୍କୁ ଆମର ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ସହ ପରିଚିତ କରିବା ଉଦ୍ଦେଶ୍ୟରେ 'ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ୍ୟ ଆୟୋଜନ କରାଯିବ। ୫ରୁ ୧୦ ଓ ୧୧ରୁ ୧୭ ବୟସର ଶିଶୁ-କିଶୋରମାନେ ଚିତ୍ରାଙ୍କନ, ହସ୍ତାକ୍ଷର, ଶ୍ରୁତ ଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଙ୍ଗୀତରେ ଦକ୍ଷତା ପ୍ରଦର୍ଶନ କରିବେ ଅନୁଷ୍ଠାନ ପକ୍ଷରୁ ଶନିବାର ସାମ୍ବାଦିକ ସଂଘଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିପାଇଁ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସର ପ୍ରତିଯୋଗୀମାନେ ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୮ଟା ଯାଏ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ କିମ୍ବା ୯୪୩୭୧୬୪୪୬୧ ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ଓ ସମ୍ପାଦକ ଦେବ ପ୍ରସାଦ ପରିଜା ସୂଚନା ଦେଇଛନ୍ତି। ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ, କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷିଣପାର୍ଶ୍ୱ ମଠ ମହନ୍ତ ହେଲେ ଅୱଧେଶ ରାମାନୁଜ ଦାସ

**ପୁରୀ ଅଫିସ,୨୦।୩**

ଅୱଧେଶ ରାମାନୁଜ ଦାସଙ୍କୁ ଶନିବାର ଦକ୍ଷିଣପାର୍ଶ୍ୱ ମଠର ମହନ୍ତ ଭାବେ ଗାଦିସୀନ କରାଯାଇଛି। ପୂର୍ବତନ ମହନ୍ତ ଶ୍ରୀନିବାସ ରାମାନୁଜ ଦାସଙ୍କ ମୃତ୍ୟୁ ଗତ ମାର୍ଚ୍ଚ ୮ରେ ହୋଇଥିଲା। ଏହାପରେ ଦକ୍ଷିଣପାର୍ଶ୍ୱର ମଠର ନୂଆ ମଠମହନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି। ଦକ୍ଷିଣପାର୍ଶ୍ୱ ମଠର ଶ୍ରୀମନ୍ଦିରରେ ଅନେକ ନୀତିକାନ୍ତିରେ ପ୍ରମୁଖ ଭୂମିକା ଦାୟିତ୍ୱ ନେଇଥାଏ। ମହାଦେଇ ସେବା, ମକର ଚୂଳ, ଶଙ୍ଖଚକ୍ର ବେଶ, କରପଲ୍ଲବ ଓ ସମ୍ପୂର୍ଣ୍ଣ ପନ୍ତି ଭୋଗ ଆଦି ସେବା ଦକ୍ଷିଣପାର୍ଶ୍ୱ ମଠ ଦ୍ୱାରା ପରିଚାଳିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଠ ପକ୍ଷରୁ କୁହାଯାଇଛି ଯେ, ଆଇନ ଓ ସାମାଜିକ ଦୂରବସ୍ଥା ଯୋଗୁ କିଛି ସେବା ଏବେ ବନ୍ଦ ହୋଇପଡ଼ିଛି। ଏସବୁ ସେବା ପୁଣିଥରେ ଆରମ୍ଭ କରିବା ନେଇ ଉଦ୍ୟମ କରାଯିବ। ପରମ୍ପରା ଅନୁଯାୟୀ ବୈଷ୍ଣବ ସମ୍ପ୍ରଦାୟର ଅନ୍ୟ ମଠମାନଙ୍କର ଶାଢ଼ି ବାନ୍ଧିବା ଦାୟିତ୍ୱ ମଧ୍ୟ ଦକ୍ଷିଣପାର୍ଶ୍ୱ ମଠର ଅଟେ। ସେହିଭଳି ଦକ୍ଷିଣପାର୍ଶ୍ୱ ମଠ ଶନିବାର ହୋଇଥିବା ଶାଢ଼ିବନ୍ଧା କାର୍ଯ୍ୟକ୍ରମରେ ବୈଷ୍ଣବ ସମ୍ପ୍ରଦାୟର ସମସ୍ତ ମଠମହନ୍ତଙ୍କ ସମନ୍ୱୟ ଉପସ୍ଥିତିରେ ହୋଇଛି। ଏହାପରେ ନୂଆ ଦାୟିତ୍ୱ ନେଇ ଦକ୍ଷିଣପାର୍ଶ୍ୱ ମଠ ମହନ୍ତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିଛନ୍ତି। ଏହି ସମାରୋହରେ ଉତ୍ତରପାର୍ଶ୍ୱ ମଠ, କଟକୀ ମଠ, ତ୍ରିମାଳୀ ମଠ, ବଡ଼ଆଖେଡ଼ା, ଏମାର ମଠ, ରାଧାବଲ୍ଲଭ, ବଳରାମକୋଟ, ରାଧାକାନ୍ତ, ରାଧାଶ୍ୟାମ, ମଙ୍ଗୁ, ସିଦ୍ଧ, ସମାଧୀ, ନେବଳ ଦାସ, ବଡ଼ଓଡ଼ିଆ ଓ ହାତୀ ଆଖଡ଼ା ଆଦି ମଠର ମହନ୍ତ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଛନ୍ତି।

## ମଙ୍ଗଳାଯୋଡ଼ିରେ ଲିୟୁସିଷ୍ଟିକ କମନ୍ ମୁରହେନ୍ ପକ୍ଷୀ ଠାବ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**



ମୂଳ ପ୍ରଜାତିର କମନ୍ ମୁର୍‌ହେନ।



ଠାବ ହୋଇଥିବା ପାର୍ସିଆଲ ଲିୟୁସିଷ୍ଟିକ କମନ୍ ମୁର୍‌ହେନ୍।

ଚିଲିକା ମଙ୍ଗଳାଯୋଡ଼ିରେ ଠାବ ହୋଇଛି ବିରଳ ରଙ୍ଗର ନଳ କାମ ପ୍ରଜାତିର ପକ୍ଷୀ। ଇଂଲିଶରେ ଏହାକୁ କମନ୍ ମୁର୍‌ହେନ୍ କୁହାଯାଏ। ଏହାର ଜୁଲୋଜିକାଲ୍ ନାମ ଗାଲିନୁଲା କ୍ଲୋରୋପସ୍ (Gallinula chloropus)। ଏହାକୁ ଠାବ କରିଛନ୍ତି ମଙ୍ଗଳାଯୋଡ଼ି କଞ୍ଜରଭେଶନ ଟ୍ରଷ୍ଟର ଟ୍ରଷ୍ଟି ତଥା ବାର୍ଡ ଗାଇଡ୍ ମଧୁ ବେହେରା। ଶନିବାର ସକାଳେ ସେ ଡଙ୍ଗାରେ ପକ୍ଷୀଙ୍କ ପର୍ଯ୍ୟବେକ୍ଷଣ କରିବା ସମୟରେ ଏହି ବିରଳ କଳା-ଧଳା ରଙ୍ଗର କମନ୍ ମୁରହେନ୍‌କୁ ଦେଖି ତାହାର ଫଟୋ ସହ ଭିଡିଓ ନିଜ କ୍ୟାମେରାରେ ଉଠାଇଥିଲେ। ପରେ ଏସବୁକୁ ସେ ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ନିକଟକୁ ପଠାଇଥିଲେ। ଶୁଭେନ୍ଦୁ ଏହି ପକ୍ଷୀଟିକୁ ପାର୍ସିଆଲ ଲିୟୁସିଷ୍ଟିକ କମନ୍ ମୁର୍‌ହେନ୍ ବୋଲି ଚିହ୍ନଟ କରିଥିଲେ। ଏହି ପକ୍ଷୀର ମୁଣ୍ଡ, ବେକ, ଓ ଡେଣାର ଶେଷ ଭାଗ ସାଧାରଣ ପକ୍ଷୀଙ୍କ ପରି କଳା ରଙ୍ଗ ହୋଇଥିବାବେଳେ ପୂରା ଶରୀରର ଅଧାରୁ ଅଧିକ ଭାଗ ତୋଫା ଧଳା ରଙ୍ଗର ହୋଇଛି। ତେବେ ସାଧାରଣ ପକ୍ଷୀଙ୍କ ଭଳି ଏହାର ଲାଲ୍ ଥଣ୍ଟରେ ହଳଦିଆ ମୁନ ରହିଛି। କିନ୍ତୁ ଏକ ସାଧାରଣ ରଙ୍ଗର କମନ୍ ମୁର୍‌ହେନ୍ ଦେଖିବାକୁ କଳା ରଙ୍ଗର ହୋଇଥାଏ, ଲାଞ୍ଜ ତଳେ ବଡ଼ ଧଳା ଅଣ୍ଡାକାର ପ୍ୟାଚ୍ ଏବଂ ଦୁଇ ପାର୍ଶ୍ୱରେ ଧଳା ଧାଡ଼ି ଦେଖାଯାଏ। କମନ୍ ମୁର୍‌ହେନ୍ ପକ୍ଷୀଙ୍କ ମଧ୍ୟରେ ଲିୟୁସିଜିମ ମ୍ୟୁଟେଶନ ଓଡ଼ିଶାରେ ପ୍ରଥମ ଓ ଭାରତରେ ଏହା ଦ୍ୱିତୀୟ ଘଟଣା ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ୨୦୧୭ରେ କେରଳର ଥିରୁଭାନନ୍ତପୁରମ୍ ଜିଲାର ଭେଲାୟାନି-ପୁଞ୍ଚାକରୀ ଆର୍ଦ୍ରଭୂମିରେ ଏକ ଲିୟୁସିଷ୍ଟିକ କମନ୍ ମୁରହେନ୍ ଦେଖିବାକୁ ମିଳିଥିଲା। କିନ୍ତୁ ସେତେବେଳେ ପକ୍ଷୀଟିର ଫଟୋ ଭଲ ଭାବରେ ଉଠାଯାଇ ପାରି ନ ଥିଲା ବୋଲି ଶୁଭେନ୍ଦୁ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୧ ମାର୍ଚ୍ଚ, ୨୦୨୧

**୨୦୨୪ରେ ହୋଇପାରେ ରିମୋଟ୍ ଭୋଟିଂ ବ୍ୟବସ୍ଥା**

**ନୂଆଦିଲ୍ଲୀ:** ୨୦୨୪ ଲୋକ ସଭା ନିର୍ବାଚନ ବେଳକୁ ଦେଶରେ ରିମୋଟ ଭୋଟିଂ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରେ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନିଲ ଆରୋରା ଶନିବାର ଆଶାବ୍ୟକ୍ତ କରିଛନ୍ତି। ଆଗାମୀ ଦୁଇ ତିନି ମାସରେ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହୋଇପାରେ ବୋଲି ସେ କହିଛନ୍ତି। ରିମୋଟ ଭୋଟିଂ ବ୍ୟବସ୍ଥାରେ ଭୋଟର ଦେଶର ଯେକୌଣସି ସ୍ଥାନରେ ଥିଲେ ବି ନିଜ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କୁ ଭୋଟ ଦେଇପାରିବେ। ଏଥିପାଇଁ ଆଇଆଇଟି ମାଡ୍ରାସ ଏବଂ ଅନ୍ୟ ପ୍ରମୁଖ ଅନୁଷ୍ଠାନର ବିଶିଷ୍ଟ ପ୍ରଯୁକ୍ତିବିଦ୍‌ମାନଙ୍କ ସହ ପରାମର୍ଶ କରାଯାଉଛି। ଏକ ଟିମ୍ ଏ ଦିଗରେ କାର୍ଯ୍ୟ କରୁଛି।



## ସଂକ୍ଷେପରେ

### ୨ ମୃତ, ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ଭୋଜି ଖାଇ ବ୍ୟାପିଲା ଝାଡ଼ାବାନ୍ତି**

**କାମାକ୍ଷାନଗର,୨୦।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବେଡାପାଳ ଗ୍ରାମରେ ଭୋଜିଖାଇ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଆକ୍ରାନ୍ତ ହୋଇ ଗ୍ରାମର ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୁନ ୨୦ ଜଣ ଗୁରୁତର ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୁଧବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ଘରର ଛାତ ପଡ଼ିଥିଲା। ଏହି କାର୍ଯ୍ୟରେ ୫୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସେମାନଙ୍କ ଲାଗି ଗୃହକର୍ତ୍ତା ମଧ୍ୟାହ୍ନଭୋଜନର ଆୟୋଜନ କରିଥିଲେ। ଏହାକୁ ଖାଇଥିବା ଶ୍ରମିକ ଏବଂ ଅନ୍ୟ କେତେଜଣ ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ବାଙ୍କା ମଲ୍ଲିକ (୩୮)ଙ୍କ ଶନିବାର ସକାଳେ ମୃତ୍ୟୁ ହୋଇଯାଇଥିଲା। ସେହିପରି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଭଗବାନ ମଲ୍ଲିକ (୬୦)ଙ୍କ ମଧ୍ୟାହ୍ନରେ ମୃତ୍ୟୁ ଘଟିଥିଲା। ସନା ବେହେରା (୫୩), ପ୍ରଫୁଲ୍ଲ ଜେନା (୨୬), ଗୋବିନ୍ଦ ମଲ୍ଲିକ (୨୨), ବାଇଧର ମଲ୍ଲିକ (୫୦), ଜଗବନ୍ଧୁ ଲେଙ୍କା(୫୦), ପପୁନି ମଲ୍ଲିକ (୩୦), ନାହିଆ ମଲିକ (୨୭)ଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଦ୍ୟାବଧି ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ସାପ କାମୁଡ଼ାରେ ଧରାଳି ମୃତ

**ଟିଟିଲାଗଡ଼,୨୦।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଲୁଥୁରବନ୍ଧ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ଲିଙ୍ଗରାଜ ଝାଙ୍କର (୪୫)। ସେ ଜଣେ ସାପ ଧରାଳି ବୋଲି ଜଣାପଡିଛି। ଶୁକ୍ରବାର ସନ୍ଧ୍ୟାରେ ସେବତିପଡାର ଜଣକ ଘରେ ସାପ ବାହାରିଥିବା ଖବର ପାଇ ଲିଙ୍ଗରାଜ ସେଠାରେ ପହଞ୍ଚିଥିଲେ। ସାପ ଧରୁଥିବା ବେଳେ ଅଚାନକ ବିଷଧର ସାପଟି ତାଙ୍କୁ ଚୋଟ ମାରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ଟିଟିଲାଗଡ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବୃଦ୍ଧଙ୍କୁ ହତ୍ୟା କଲେ ନାବାଳକ

**ପୁରୁଷୋତ୍ତମପୁର,୨୦।୩(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅରଖପୁର ଗ୍ରାମରେ ଶନିବାର ଜଣେ ବୃଦ୍ଧଙ୍କୁ କାତିରେ ହାଣି ହତ୍ୟା କରାଯାଇଛି। ସେ ହେଲେ ପ୍ରସନ୍ନ ନାହାକ (୬୧)। ବୃଦ୍ଧଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ଏ ନେଇ ନଂ. ୧୦୦/୨୧ରେ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ହତ୍ୟାରେ ବ୍ୟବହୃତ କାତିକୁ ପୋଲିସ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ନାବାଳକଙ୍କ କହିବା ପ୍ରକାରେ, ତାଙ୍କ ପିଉସୀଙ୍କୁ ବୃଦ୍ଧ ଜଣକ ଅସଦ୍ ବ୍ୟବହାର କରିଥିଲେ। ଏହାଦେଖି ସେ ପ୍ରତିବାଦ କରିବାରୁ ନାବାଳକଙ୍କୁ ବୃଦ୍ଧ ଧମକ ଦେଇଥିଲେ। ଏଥିରେ ନାବାଳକ ରାଗି ଯାଇଥିଲେ। ବୃଦ୍ଧ ଗ୍ରାମ ନିକଟସ୍ଥ ବିଲକୁ ଯାଇଥିବା ବେଳେ ନାବାଳକ ଜଣକ ତାଙ୍କୁ ଏକ କାତିରେ ହାଣି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ନିଜ ସମ୍ପର୍କୀୟଙ୍କ ଘରୁ ନାବାଳକଙ୍କୁ ଧରିଥିଲା।

# ଅଶୋକା ବିଶ୍ୱବିଦ୍ୟାଳୟକୁ ଶିକ୍ଷାବିତ୍‌ଙ୍କ ଖୋଲାଚିଠି

**ନୂଆଦିଲ୍ଲୀ,୨୦।୩ (ପି.ଟି.)**

**ପ୍ରତାପଭାନୁ ମେହେଟ୍ଟା ଇସ୍ତଫା ପ୍ରସଙ୍ଗ**



ରାଜନୈତିକ ସମୀକ୍ଷକ ତଥା ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରତାପ ଭାନୁ ମେହେଟ୍ଟା ଇସ୍ତଫା ଦେବା ଘଟଣାରେ ବିଶ୍ୱର କେତେକ ଖ୍ୟାତନାମା ୟୁନିଭର୍ସିଟିର ଶିକ୍ଷାବିତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାର୍ଭାର୍ଡ, ୟାଲେ, କଲମ୍ବିଆ ୟୁନିଭର୍ସିଟି, ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସ ଏବଂ ଏମ୍‌ଆଇଟି ଭଳି ମର୍ଯ୍ୟାଦାସମ୍ପନ୍ନ ଶିକ୍ଷାନୁଷ୍ଠାନର ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟିମାନଙ୍କୁ ଖୋଲା ଚିଠି ଲେଖି ପ୍ରତିବାଦ ଜଣାଇଛନ୍ତି। ମେହେଟ୍ଟା ତାଙ୍କର ଲେଖା ପାଇଁ ଟାର୍ଗେଟ ହେଲେ। ତାଙ୍କୁ ଇସ୍ତଫା ଦେବାକୁ ବାଧ କରାଯାଇଥିବା ଶିକ୍ଷାବିତ୍‌ମାନେ ଅଭିଯୋଗ କରିଛନ୍ତି। ରାଜନୈତିକ ଜୀବନରେ ସ୍ୱାଧୀନ ଯୁକ୍ତି ଉପସ୍ଥାପନ, ସହିଷ୍ଣୁତା ଏବଂ ସମାନ ନାଗରିକତ୍ୱର ଗଣତାନ୍ତ୍ରିକ ଭାବନା ରହିଥାଏ। ବିଶ୍ୱବିଦ୍ୟାଳୟରେ ମୁକ୍ତ ଅନୁଧ୍ୟାନ, ସ୍ୱଷ୍ଟବାଦିତା ସାଙ୍ଗକୁ ବୌଦ୍ଧିକ ସଚ୍ଚୋଟତା ଦାବି ଏବଂ ରାଜନେତା ଓ ପାଣ୍ଠି ଯୋଗାଣକାରୀଙ୍କ ଚାପ କିମ୍ବା ଆଦର୍ଶଗତ ବିରୋଧାଭାସ ମଧ୍ୟରେ ଯଥେଷ୍ଟ ଅନ୍ତର ରହିଥାଏ। ସାଧାରଣରେ ଅଭିବ୍ୟକ୍ତି ପାଇଁ ଶିକ୍ଷାବିତ୍ ଦଣ୍ଡିତ ହେବା ଉପରୋକ୍ତ ମୂଲ୍ୟବୋଧ ଉପରେ ଆକ୍ରମଣ ବୋଲି ଖୋଲାଚିଠିରେ ଉଲ୍ଲେଖ କରାଯାଇଛି।

ରାଜନୈତିକ ଚାପ ଯୋଗୁ ହରିୟାଣାର ସୋନିପତ୍‌ରେ ଅବସ୍ଥିତ ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ପଦରୁ ମେହେଟ୍ଟା ଇସ୍ତଫା ଦେବା ଘଟଣା ବିବାଦ ସୃଷ୍ଟି କରିଛି। ଦୁଇବର୍ଷ ପୂର୍ବେ ସେ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପଦରୁ ଇସ୍ତଫା ଦେଇଥିବାବେଳେ ଏବେ ପ୍ରଫେସର ପଦରୁ ଓହରିଯାଇଛନ୍ତି। ମେହେଟ୍ଟାଙ୍କୁ ସମର୍ଥନ ଜଣାଇ ଦୁଇଦିନ ପରେ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟ ଛାଡ଼ିଥିଲେ।

ମେହେଟ୍ଟା ଏବଂ ସୁବ୍ରମଣ୍ୟନଙ୍କ ଇସ୍ତଫା ସ୍ୱାଧୀନ ମତବ୍ୟକ୍ତ ଅଧିକାର ପ୍ରତି ଶକ୍ତ ଧକ୍କା ବୋଲି ଶନିବାର ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ମେହେଟ୍ଟା ତାଙ୍କ ଲେଖା ମାଧ୍ୟମରେ ସରକାର ଏବଂ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କୁ ଆକ୍ରମଣ କରୁଥିଲେ, ଯେଉଁଥିପାଇଁ ସେ ଟାର୍ଗେଟ ହେଲେ ବୋଲି ରାଜନ କହିଛନ୍ତି। ସ୍ୱାଧୀନ ଅଭିବ୍ୟକ୍ତି ଏକ ମହାନ ବିଶ୍ୱବିଦ୍ୟାଳୟର ଆତ୍ମା। ଏଥିରେ ସାଲିସ କରି ଏହାର ପ୍ରତିଷ୍ଠାତାମାନେ ଆତ୍ମାକୁ ଦୂରେଇ ଦେଇଛନ୍ତି। ଏହାଦ୍ୱାରା ଚାପ ଦୂର ହୋଇଯିବ କି ବୋଲି ରାଜନ ପ୍ରଶ୍ନ କରିଛନ୍ତି।

# ଚାଷୀଙ୍କୁ ଦଳି ଦେଲା ହାତୀ

**ସୋନପୁର, ୨୦।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ତଥା ସୋନପୁର ବ୍ଲକ ଅନ୍ତର୍ଗତ ବାଙ୍କତେନ୍ତୁଳି ଗାଁରେ ଶନିବାର ଦନ୍ତା ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗାଁର ଉପେନ୍ଦ୍ର ଦୀପ(୫୨)। ଉପେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ହାତୀ ଏବେ ଅଙ୍ଗନଦୀକୂଳ ଫତ୍ସି-କୀର୍ତ୍ତିପୁର ଜଙ୍ଗଲରେ ଅଛି। ଡୁଙ୍ଗୁରିପାଲି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଉପେନ୍ଦ୍ର ସକାଳେ ରବିଧାନ କ୍ଷେତକୁ ପାଣି ମଡାଇବାକୁ ଯାଇଥିବାବେଳେ ଦନ୍ତାହାତୀ ହାବୁଡ଼ରେ ପଡି ଯାଇଥିଲେ। ଦନ୍ତା ଉପେନ୍ଦ୍ରଙ୍କ ଶରୀର ଓ ମୁଣ୍ଡକୁ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ସାଢେ ୩ ମାସ ହେବ ସମ୍ବଲପୁର ଜିଲା ରେଢାଖୋଲ ଜଙ୍ଗଲରୁ ଏହି ଦନ୍ତା ଚାଲି ଆସି ଉଲୁଣ୍ଡା ବନାଞ୍ଚଳରେ ଏକୁଟିଆ ବୁଲାବୁଲି କରୁଥିଲା। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ପଶି ବ୍ୟାପକ କ୍ଷତି ଘଟାଉଥିଲା। ଶୁକ୍ରବାର ରାତିରେ ହାତୀ ମହାନଦୀ ପାର ହୋଇ କର୍ଡଙ୍ଗ ଗାଁ ଦେଇ ବିନିକା ପଟକୁ ଯାଉଥିଲା। ବିନିକା ବନ ବିଭାଗ ହାତୀକୁ ଘଉଡାଇବା ପରେ ସେ ଅଙ୍ଗନଦୀ ପାର ହୋଇ ସୋନପୁର ବନାଞ୍ଚଳକୁ ପଶି ଆସିଥିଲା। ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ସୋନପୁର ରେଞ୍ଜର ମନୋରଞ୍ଜନ ବାଘ ଓ ଲଛିପୁର ବନପାଳ ବାବାଜି ଚରଣ ନାଏକ ପରିବାରବର୍ଗଙ୍କୁ ୪୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ମିଳିବା ପରେ ମୃତକଙ୍କ ପରିବାରକୁ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କାର କ୍ଷତିପୂରଣ ରାଶି ମିଳିବ ବୋଲି ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୪ ତାରିଖରେ ଏହି ଦନ୍ତାହାତୀ ଉଲୁଣ୍ଡା ଥାନା ପଣ୍ଡକିଟାଲ ଗାଁର ନାରାୟଣ ଭୋଇ(୭୮)ଙ୍କୁ ଦଳି ମାରି ଦେଇଥିଲା।

# ବାଇକ୍ ଚାଳକ, ଟ୍ରକ୍ ଡ୍ରାଇଭର ମୃତ



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

**ଦିଗପହଣ୍ଡି,୨୦।୩(ଡି.ଏନ.ଏ.)**

- **ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍**
- **ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଡେଙ୍ଗାଡି ଗାଁ ରଙ୍ଗୁଣି ଛକ ନିକଟରେ ଶନିବାର ବାଇକ୍ ଉପରେ ଏକ ମାଟି ବୋଝେଇ ଟ୍ରକ ମାଡିଯିବାରୁ ଆଡପଡ଼ାର ବାଇକ୍ ଚାଳକ କାହ୍ନୁ ଚରଣ ଜେନା (୨୩) ଙ୍କର ମୃତ୍ୟୁ ଘଟିଛି। ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟକ ଲୋକ ଘଟଣାସ୍ଥଳରେ ପହଞ୍ଚି ଦିଗପହଣ୍ଡି-ଶେରଗଡ଼, ଆଡପଡ଼ା-ହିଞ୍ଜିଳି, ଜଗନ୍ନାଥପୁର-ଆସିକା ୩ଟି ଜାଗାରେ ଟାୟାର ଜାଳି ଅବରୋଧ କରିଥିଲେ। ପାଟପୁର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ବେଳେ ଉତ୍ତେଜିତ ଲୋକେ ପୋଲିସ ଅଧିକାରୀଙ୍କୁ କଟୁ ମନ୍ତବ୍ୟ ଦେବା ସହ ଦୀର୍ଘ ସମୟ ନଜର ବନ୍ଦୀ କରି ରଖିଥିଲେ। ପୋଲିସ ଟିମ୍ ଉପସ୍ଥିତିରେ କିଛି ବ୍ୟକ୍ତି ନିଶାସକ୍ତ ଟ୍ରକ୍ ଚାଳକଙ୍କୁ ନିସ୍ତୁକ ମାଡ଼ମାରି ରକ୍ତାକ୍ତ କରି ପକାଇ ଦେଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ପୋଲିସ ଜିପରେ ରଖିଥିଲା। କିନ୍ତୁ କିଛି ବ୍ୟକ୍ତି ତାଙ୍କୁ ପୋଲିସ ଗାଡିରୁ ଜବରଦସ୍ତ ଟାଣି ନେଇ ଏକ ବାଇକ୍‌ରେ ନେଇ ନିକଟସ୍ଥ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଭାରପ୍ରାପ୍ତ ଚିକିତ୍ସାଧିକାରୀ ବାହନ ଦାସ କହିଛନ୍ତି। ମୃତକ ହେଲେ ଭଞ୍ଜନଗର ନିକଟ ତାରସିଂ ଥାନା ଅଧୀନ କୁପଟି ଗାଁର ଟ୍ରକ୍ ଚାଳକ ବସନ୍ତ ବାଘ (୩୦)। ଖବରପାଇ ୩ ପ୍ଲାଟୁନ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଆଡପଡ଼ା ସରପଞ୍ଚ ନୀଳମାଧବ ରାଉତ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାତି ପ୍ରାୟ ୮ ଟାରେ ରାସ୍ତା ଅବରୋଧ ହଟିଥିଲା। ପରେ ପାଟପୁର ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗଣ୍ଡଗୋଳ ଆଶଙ୍କାରେ ରାମଚନ୍ଦ୍ରପୁର-ଜଗନ୍ନାଥପୁର ଛକ, ଡେଙ୍ଗାଡି - ହିଞ୍ଜିଳି ଛକ ଏବଂ ଆଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଶସ୍ତ୍ର ଫୋର୍ସ ମୁତୟନ କରାଯାଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ କହିଛନ୍ତି।

## ଅସ୍ତ୍ରୋପଚାର ବେଳେ କଟିଲା ମହିଳାଙ୍କ ମୂତ୍ରନଳୀ

**ପାରଳାଖେମୁଣ୍ଡି,୨୦।୩**

ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପରିବାର କଲ୍ୟାଣ ଅସ୍ତ୍ରୋପଚାର ବେଳେ ମହିଳାଙ୍କ ମୂତ୍ରନାଳୀ କଟି ଯାଇଥିବା ଶନିବାର ଅଭିଯୋଗ ହୋଇଛି। ମୋହନା ବ୍ଲକ ଢେପାଗୁଡ଼ା ଗ୍ରାମର ମହିଳା ଭାଗ୍ୟଲକ୍ଷ୍ମୀ ଗୌଡ଼ ୪ ମାସ ତଳେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିବାର କଲ୍ୟାଣ ପାଇଁ ଅସ୍ତ୍ରୋପଚାର କରିବାକୁ ଗତ ୧୫ ତାରିଖରେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଶା ଦିଦି ତାଙ୍କୁ ଆଣିଥିଲେ। ଅସ୍ତ୍ରୋପଚାର କରାଯାଉଥିବା ବେଳେ ଭାଗ୍ୟଲକ୍ଷ୍ମୀଙ୍କର ମୂତ୍ରନଳୀଟି କଟି ଯାଇଥିବା ସମ୍ପୃକ୍ତା ମହିଳା ଅଭିଯୋଗ କରିଛନ୍ତି। ସେ ଏବେ ଚନ୍ଦ୍ରଗିରି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ମୋହନା/ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରିଣୀ ଡ. ନମିତା ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତ ଖର୍ଚ୍ଚ ଓ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପୃଥକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ



ବାଲିସାହି ଛକ ନିକଟରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍।

**ଧର୍ମଶାଳା/ଜେନାପୁର,୨୦।୩ (ଡି.ଏନ.ଏ.)**

ଯାଜପୁର ଜିଲାର ଜେନାପୁର ଓ ଧର୍ମଶାଳା ଥାନା ଅଞ୍ଚଳରେ ଶନିବାର ୨ଟି ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଜେନାପୁର ଥାନା ୫୩ନଂ ଜାତୀୟ ରାଜପଥର ବାଲିସାହି ଛକ ନିକଟରେ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଏହି ଥାନା ଅନ୍ତର୍ଗତ ସୋରେଇ ଗ୍ରାମର ସାଗର ଦଳେଇ (୩୦)ଙ୍କ ମୃତ୍ୟୁ ଘଟିଛି। ସେହି ଗ୍ରାମର ରାଜେନ୍ଦ୍ର ଦଳେଇ(୨୫) ଗୁରୁତର ହୋଇଛନ୍ତି। ଉଭୟ ବାଇକ୍ ଯୋଗେ ଚଣ୍ଡିଖୋଲ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟିପ୍ପର ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାଗରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜେନ୍ଦ୍ରଙ୍କ ପ୍ରାଥମିକ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତର କରାଯାଇଛି। ଜେନାପୁର ପୋଲିସ ମାମଲା (ନଂ.୭୭।୨୧) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ଧର୍ମଶାଳା ଥାନା ସୁଭଦ୍ରାପୁର ଗ୍ରାମ ନିକଟରେ ରାସ୍ତା ପାର ହେଉଥିବା ବେଳେ ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତବ୍ୟକ୍ତି ଆନ୍ଧ୍ରପ୍ରଦେଶର ଜଣେ ଗାଡ଼ି ହେଲପର ବୋଲି ଜଣାପଡ଼ିଛି।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ଅନୁଷ୍ଠିତ ବସନ୍ତ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଚିନଙ୍କ ମାଧ୍ୟମରେ ଅର୍ଥ ସଂଗ୍ରହ କରୁଥିଲେ ଦେଶମୁଖ

**ମୁହଁ ଖୋଲିଲେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର**

**ମୁମ୍ବାଇ,୨୦।୩**

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ନିଲମ୍ବିତ ହୋଇଥିବା ମୁମ୍ବାଇ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ମାଧ୍ୟମରେ ବିପୁଳ ଅର୍ଥ ସଂଗ୍ରହ କରୁଥିଲେ। ପ୍ରତି ମାସରେ ୧୦୦ କୋଟି ଟଙ୍କା ସଂଗ୍ରହ କରିବା ଲାଗି ଦେଶମୁଖ ସଚିନଙ୍କୁ ଦାୟିତ୍ୱ ଦେଇଥିଲେ। ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଲେଖିଥିବା ପତ୍ରରେ ଏଭଳି ଅଭିଯୋଗ ଆଣିଛନ୍ତି। ମୁମ୍ବାଇ ପୋଲିସ କ୍ରାଇମ୍ ବ୍ରାଞ୍ଚରେ ଅପରାଧ ଗୋଇନ୍ଦା ୟୁନିଟ୍ ମୁଖ୍ୟ ଥିଲେ ସଚିନ। ଗୃହମନ୍ତ୍ରୀ ଦେଶମୁଖ ତାଙ୍କୁ ଅନେକ ସମୟରେ ନିଜ ବାସଭବନକୁ ଡାକି ଅର୍ଥ ସଂଗ୍ରହରେ ସହାୟତା କରିବାକୁ କହୁଥିଲେ ବୋଲି ପରମବୀର ଅଭିଯୋଗ କରିଛନ୍ତି।

## ଅପରାଧ ଦୃଶ୍ୟ ପୁନଃପ୍ରସ୍ତୁତ କରାଇଲା ଏନ୍‌ଆଇଏ

**ମୁମ୍ବାଇ,୨୦।୩**

**ଆଣ୍ଟାଲିଆ ନିକଟରୁ ବିସ୍ଫୋରକ ମିଳିବା ଘଟଣା**



ସଚିନ ୱାଜେ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟାଲିଆ ନିକଟରୁ ବିସ୍ଫୋରକ ଭର୍ତ୍ତି କାର୍ ଜବତ ହେବା ଘଟଣାରେ ଗିରଫ ମୁମ୍ବାଇ ପୋଲିସ ଅଧିକାରୀ ସଚିନ ୱାଜେଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ଘଟଣାସ୍ଥଳକୁ ନେଇ ଅପରାଧ ଦୃଶ୍ୟର ପୁନଃପ୍ରସ୍ତୁତ କରାଇଥିଲା। ବିସ୍ଫୋରକ ଥିବା ସ୍କର୍ପିଓର ମାଲିକ ମନସୁଖ ହିରେନ୍ ମୃତ୍ୟୁ ଘଟଣାରେ ପୋଲିସ ଅଧିକାରୀ ସଚିନ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଏନ୍‌ଆଇଏ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ସ୍କର୍ପିଓର ନମ୍ବର ପ୍ଲେଟ ସଚିନ ବ୍ୟବହାର କରୁଥିବା କାର୍‌ରୁ ମିଳିଥିଲା। ଆଣ୍ଟାଲିଆ ନିକଟରେ ସେଦିନ ରାତିରେ ସଚିନ ଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ସେ ସ୍କର୍ପିଓକୁ ଆଣ୍ଟାଲିଆ ନିକଟରେ ଛାଡ଼ି ଏକ ଟୟୋଟା ଇନୋଭାରେ ପଳାଇଯାଇଥିଲେ ବୋଲି ଏନ୍‌ଆଇଏ କହିଛି। ସଚିନ ଏକଦା ଶିବସେନା ସଦସ୍ୟ ଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ତାଙ୍କୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଥିଲା।

## ନେତାଙ୍କ ସ୍ତ୍ରୀଙ୍କର ଆୟ ବଢ଼ିଛି

**ଥିରୁଭାନନ୍ତପୁରମ୍,୨୦।୩**

କେରଳରେ କେତେଜଣ ପ୍ରମୁଖ ନେତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତି ଗତ ୫ ବର୍ଷ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ବେପୋରରୁ ସିପିଏମ୍ ପ୍ରାର୍ଥୀ ହୋଇଥିବା ପି.ଏ. ମହମ୍ମଦ ରିୟାସ ଗତ ୫ ବର୍ଷ ହେଲା ଆୟକର ସ୍ଲାବ୍ ତଳେ ରହିଛନ୍ତି। ହେଲେ ତାଙ୍କ ସ୍ତ୍ରୀ ବୀଣା ଟିଙ୍କ ସମ୍ପତ୍ତି ଏହି ସମୟ ମଧ୍ୟରେ ୩ ଗୁଣରୁ ଅଧିକ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ବୀଣା ହେଉଛନ୍ତି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଝିଅ। ୨୦୧୬-୧୭ରେ ତାଙ୍କର ମୋଟ ଆୟ ୮.୨୫ ଲକ୍ଷ ଟଙ୍କା ଥିବାବେଳେ ୨୦୨୦-୨୧ରେ ଏହା ୨୯.୯ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ବିଜୟନଙ୍କ ଆୟ ଆୟକର ମୂଳ ସ୍ଲାବ୍‌ରେ ରହିଛି।

ସେହିପରି ବରିଷ୍ଠ କଂଗ୍ରେସ ନେତା କେ. ମୁରଲୀଧରନଙ୍କ ସ୍ତ୍ରୀ ଏସ୍. ଜ୍ୟୋତି ଜଣେ ଗୃହିଣୀ ହୋଇଥିବାବେଳେ ତାଙ୍କ ସମ୍ପତ୍ତି ପରିମାଣ ୫ ବର୍ଷରେ ୧୨.୭୮ ଲକ୍ଷରୁ ବୃଦ୍ଧି ପାଇ ୫.୩୯ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ବାମ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପି.ଭି. ଅନୱରଙ୍କ ସମ୍ପତ୍ତି ଗତ ୫ଟି ଆର୍ଥିକ ବର୍ଷରେ ୯୩ ପ୍ରତିଶତ ହ୍ରାସ ପାଇଥିବା ସେ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଅନ୍ୟ ଜଣେ ପ୍ରାର୍ଥୀ ଜୋଶ୍ କେ. ମଣିଙ୍କ ଆୟ ୫ ବର୍ଷରେ ୧୯ ପ୍ରତିଶତ ହ୍ରାସ ପାଇଥିବା ବେଳେ ତାଙ୍କ ସ୍ତ୍ରୀ ନିଶା ଜନ୍‌ଙ୍କ ସମ୍ପତ୍ତି ବୃଦ୍ଧି ପାଇଛି। ସେ ଏଚ୍‌ଆର୍ କନ୍‌ସଲ୍‌ଟାଣ୍ଟ ଭାବେ କାର୍ଯ୍ୟ କରୁଥିବାବେଳେ ବ୍ୟାଙ୍କ ସୁଧ, ଶେୟାର ଡିଭିଡେଣ୍ଡ ଇତ୍ୟାଦି ତାଙ୍କ ଆୟର ଉତ୍ସ ବୋଲି ସତ୍ୟପାଠରେ ଦର୍ଶାଯାଇଛି।

ଓମାନ ଚାଣ୍ଡିଙ୍କର ଆୟ ୨୦୧୪-୧୫ରେ ୩.୪୨ ଲକ୍ଷ ଥିବାବେଳେ ପରେ ଏହା ଆୟକର ସ୍ଲାବ୍ ତଳକୁ ଖସିଆସିଛି।

# ବୁଢୀ ଠାକୁରାଣୀ ଯାତ୍ରାକୁ ବିଏମ୍‌ସିର ଅନୁମତି

**ବ୍ରହ୍ମପୁର ଅଫିସ,୨୦।୩**

ବ୍ରହ୍ମପୁର ମା' ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାକୁ ନେଇ ଶନିବାର ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୭ଦିନ ଯାତ୍ରା ପାଇଁ ଅନୁମତି ଦିଆଯାଇଛି। ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରମଣ ସ୍ଥିତି ଓ ଗାଇଡ୍ ଲାଇନ୍‌କୁ ଭିତ୍ତିକରି ଯାତ୍ରା ଅବଧି ବୃଦ୍ଧି କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅନ୍ୟପଟେ ବିଏମ୍‌ସି ପକ୍ଷରୁ ଯାତ୍ରା ପାଳନ ନେଇ ଅନୁମତି ନେଇ ଟୁଇଟ୍ ଯୋଗେ ସୂଚନା ମିଳିବା ପରେ ଯାତ୍ରା ପରିଚାଳକ ଖୁସିବ୍ୟକ୍ତ କରିଛନ୍ତି। କିନ୍ତୁ ଏ ନେଇ ବିଏମ୍‌ସି ପକ୍ଷରୁ ଲିଖିତ ଭାବେ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିବା ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା କହିଛନ୍ତି। ଏଥିସହ ବିଏମ୍‌ସି ପକ୍ଷରୁ ପ୍ରଦାନ କରାଯାଇଥିବା ଗାଇଡ୍‌ଲାଇନ୍‌ରେ ପତ୍ର ସଂଖ୍ୟା ରହି ନ ଥିବା ସେ କହିଛନ୍ତି। ଯାହାକୁ ନେଇ ଯାତ୍ରା ପରିଚାଳନା କମିଟି ଦ୍ୱନ୍ଦ୍ୱରେ ରହିଛନ୍ତି। ଯଦି ବିଏମ୍‌ସି ପକ୍ଷରୁ ପୁନଃ ବୈଠକ ଡକାଯାଇ ସୂଚନା ପ୍ରଦାନ କରାଯାଏ ତେବେ ଯାତ୍ରା ପରିଚାଳିତ ହେବ ବୋଲି ସେ କହିଛନ୍ତି। ଏଥିସହ ପ୍ରଶାସନର ସମସ୍ତ ନିଷ୍ପତ୍ତିକୁ କମିଟି ପକ୍ଷରୁ ସମର୍ଥନ ଜଣାଉଛୁ। କିନ୍ତୁ ଯାତ୍ରା ୭ ଦିନ ପରିବର୍ତ୍ତେ ୨୧ ଦିନ ବୃଦ୍ଧି କରାଗଲେ ମା'ଙ୍କର ସମସ୍ତ ପୂଜା କାର୍ଯ୍ୟ ରୀତିନୀତି ଅନୁଯାୟୀ ହୋଇପାରିବ।



ମା' ବୁଢୀ ଠାକୁରାଣୀ।

ପ୍ରକାଶ ଯେ, ଗତ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଶୁଭଖୁଣ୍ଟି ସ୍ଥାପନ ପୂର୍ବରୁ ବିଏମ୍‌ସି କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଓ ଯାତ୍ରା ପରିଚାଳକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାରଣ ଶୁଭଖୁଣ୍ଟି ସ୍ଥାପନ ପରେ ହିଁ ଯାତ୍ରାର ଅବଧି ଧାର୍ଯ୍ୟ ହୋଇଥାଏ। ଯେଉଁଥିରେ ଜିଲା ପ୍ରଶାସନ ଓ ବିଏମ୍‌ସିର ଅନୁମତି ଆବଶ୍ୟକ ହୋଇଥାଏ। ଫଳରେ ବିଳମ୍ବିତ ରାତ୍ରିରେ ବିଏମ୍‌ସି ସମ୍ମିଳନୀ କକ୍ଷରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କ୍ରୀର୍ତ୍ତିଭାସନ୍ ଓ ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରାଙ୍କ ସମେତ ଅନ୍ୟ କମିଟି ବୃନ୍ଦଙ୍କୁ ନେଇ ଏକ ବୈଠକ ହୋଇଥିଲା। ଯେଉଁଥିରେ ଯାତ୍ରାରେ ମା' ନିଜ ବାପଘରକୁ ଆସିବେ କିନ୍ତୁ ରାଜା ବାଟିକାକୁ ଯିବେ ନାହିଁ। ରାଜା ନିଜେ ମା'ଙ୍କ ନିକଟକୁ ଆସିବେ। ଏଥିସହ ମା'ଙ୍କ ଘଟ ପରିକ୍ରମାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା। ଯଦି କୌଣସି ଅପ୍ରୀତିକରପରିସ୍ଥିତି ଉପୁଜେ ତେବେ ଯାତ୍ରା ପରିଚାଳକ ଦାୟୀ ରହିବେ ବୋଲି ଲିଖିତ ଭାବେ ଜଣାଇବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଯାତ୍ରା ପରିଚାଳକ ସହମତି ପ୍ରକାଶ କରି ନ ଥିଲେ।




କମିଶନରଙ୍କ ପକ୍ଷରୁ କରାଯାଇଥିବା ଟୁଇଟ୍।

ଫଳରେ ଚଳିତ ବର୍ଷ ଠାକୁରାଣୀ ଯାତ୍ରାକୁ ସ୍ଥଗିତ ରଖିବା ପାଇଁ ଦେଶୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ମା’ ହେବେ ଆକୃତି

ଆୟୁଷ୍ମାନ ଖୁରାନାଙ୍କ ଭାଇ ତଥା ଅଭିନେତା ଅପାରଶକ୍ତି ଖୁରାନାଙ୍କ ଘରକୁ ଖୁବ ଶୀଘ୍ର ନୂଆ ଅତିଥି ଆସୁଛନ୍ତି। ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଆକୃତି ଆହୁଜା ଗର୍ଭବତୀ ଅଛନ୍ତି। ତେବେ ଏ ନେଇ ଉଭୟେ ଆନୁଷ୍ଠାନିକ ଭାବେ ଘୋଷଣା କରିନାହାନ୍ତି। ସେପ୍ଟେମ୍ବର ୭, ୨୦୧୪ ରେ ଉଭୟେ ବିବାହ କରିଥିଲେ। ଏହା ସେମାନଙ୍କର ପ୍ରଥମ ସନ୍ତାନ ହେବ।

### ସଜାଉଛନ୍ତି ଘରଚଟିଆଙ୍କ ଘର

# ସ୍ପାରୋ ମ୍ୟାନ୍ ଜଗତ

**ପରିବେଶ ସନ୍ତୁଳନରେ ଘରଚଟିଆଙ୍କ ଅବଦାନକୁ ଅଣଦେଖା କରାଯାଇ ନ ପାରେ। ତେବେ ବଦଳୁଥିବା ପାଣିପାଗ, ବଢୁଥିବା କଂକ୍ରିଟ ଜଙ୍ଗଲ ଏହି କ୍ଷୁଦ୍ର ପକ୍ଷୀର ଅସ୍ତିତ୍ୱକୁ ସଙ୍କଟରେ ପକାଇଛି। ପ୍ରକୃତିର ଏହି ସୁନ୍ଦର ବିସ୍ମୟର ସୁରକ୍ଷା ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳନ କରାଯାଉଛି ବିଶ୍ୱ ଘରଚଟିଆ ଦିବସ। ଘରଚଟିଆ ବଂଶର ସଂରକ୍ଷଣ ଲାଗି ଗୁଜରାଟର ଜଗତ କିନ୍‌ଖାଓ୍ୱାଲାଙ୍କ ଉଦ୍ୟମକୁ ପ୍ରଶଂସା ନ କରି ରହିହେବନି। ‘ସ୍ପାରୋ ମ୍ୟାନ୍’ ଭାବେ ପରିଚିତ ଏହି ବ୍ୟକ୍ତିଜଣକ ଅଦ୍ୟାବଧି ଲକ୍ଷାଧିକ ଘରଚଟିଆ ବସା ତିଆରି କରି ଚର୍ଚ୍ଚାର ପରିଧିକୁ ଆସିଛନ୍ତି।**



**ନୂଆଦିଲ୍ଲୀ:** କୃଷକର ବନ୍ଧୁ ଭାବେ ପରିଚିତ ଘରଚଟିଆଙ୍କ କଳରବରେ ଏକଦା ମୁଖରିତ ହେଉଥିଲା ଗାଁ ଦାଣ୍ଡ। ଏବେ ଘରଚଟିଆ ଦେଖିବାକୁ ସାତସପନ। ଦିନକୁ ଦିନ ଏମାନଙ୍କ ସଂଖ୍ୟା କମିବାରେ ଲାଗିଥିବାବେଳେ ଘରଚଟିଆଙ୍କ ସୁରକ୍ଷା ଲାଗି ଅଣ୍ଟାଭିଡ଼ିଛନ୍ତି ଗୁଜରାଟର ୬୫ ବର୍ଷୀୟ ଜଗତ କିନ୍‌ଖାଓ୍ୱାଲା।

ନିଜ ଅନୁଭୂତି ବଖାଣି ଜଗତ କୁହନ୍ତି, ଏକଦା ସେ କୌଣସି କାମରେ ସପରିବାର କାର୍‌ରେ ବାହାରକୁ ଯାଉଥିଲେ। ହଠାତ୍ ତାଙ୍କ ମନ ଛଟପଟ ହେଲା। ସେ ତାଙ୍କ ଝିଅଙ୍କୁ ପଚାରିଲେ ‘ଘରର ଝରକା ବନ୍ଦ କରି ଦେଇନୁ ତ’? ଝିଅଙ୍କ ପାଟିରୁ ବାହାରିଥିବା ଛୋଟିଆ ଶବ୍ଦ ହଁ ତାଙ୍କ ମନକୁ ବ୍ୟତିବ୍ୟସ୍ତ କରିଦେଲା। ଅଧାରାସ୍ତାରୁ ସେ ଘରକୁ ଫେରି ଆସିଲେ। ସେତେବେଳେ ଏକ ଯୋଡ଼ା ଘରଚଟିଆ ଝରକା ପାଖରେ ବସିଥିଲେ। ସେଥିରୁ ଗୋଟିଏ ଝରକା କବାଟକୁ ଚଞ୍ଚୁରେ ଖୁମ୍ପି ଭିତରକୁ ଯିବାକୁ ଅସଫଳ ଉଦ୍ୟମ କରୁଥିଲା। ଜଗତ ଦୌଡ଼ି ଯାଇ ଘରର ସବୁ କବାଟ, ଝରକା ଖୋଲିଦେଲେ। ଏହାପରେ ଘରଚଟିଆଙ୍କ କଳରବରେ କମ୍ପିଗଲା ସମଗ୍ର ପରିବେଶ।

କର୍ପୋରେଟ ଜଗତର ବ୍ୟସ୍ତବହୁଳ ଜୀବନ ଭିତରେ ଘରଚଟିଆଙ୍କ ସେବାରେ କେବେ ଅବହେଳା କରିନାହାନ୍ତି ଜଗତ। ସେ କୁହନ୍ତି, ଘର ଚଟିଆଙ୍କୁ ବିଶେଷ କିଛି ଆବଶ୍ୟକ ନାହିଁ। ଖୋଲା ଝରକା, ପାଣି, ଦାନା, ଅଟା ଗୁଳା ସେମାନଙ୍କ ପାଇଁ ଯଥେଷ୍ଟ। ଘରଚଟିଆ ବଂଶ ବୃଦ୍ଧି ଲାଗି ସେ ମିଶନ ସ୍ପାରୋ ଅଭିଯାନ ଆରମ୍ଭ କରିଛନ୍ତି। ନିଜ ବଗିଚାରେ ସେ ପକ୍ଷୀଙ୍କ ଲାଗି ଘର ତିଆରି କରିଛନ୍ତି। ବିଭିନ୍ନ ଋତୁରେ ତାଙ୍କ ବଗିଚାକୁ ୨୬ ପ୍ରଜାତିର ପକ୍ଷୀ ଆସୁଛନ୍ତି। ଘରଚଟିଆଙ୍କୁ ଭଲ ଘର ତିଆରି କରିବା ଆସେନାହିଁ। କାଠିକୁଟା, ଘରକଣ, ଅନ୍ଧାରୁଆ ସ୍ଥାନକୁ ସେମାନେ ବସା ଭାବେ ବ୍ୟବହାର କରିଥାନ୍ତି। ଏବେ ଚାରିଆଡେ ଆପାର୍ଟମେଣ୍ଟ ଗଢ଼ି ଉଠିଲାଣି। ଘରଚଟିଆ କୁଟାକାଠି ସଂଗ୍ରହ କରି ବସା ତିଆରି କରିବାକୁ ଉଦ୍ୟମ କରିବା ବେଳେ ଏହାକୁ ଆବର୍ଜନା ଭାବି ଡଷ୍ଟବିନ୍‌ରେ ଅନେକେ ଫିଙ୍ଗି ଦେଉଛନ୍ତି। ଏହାକୁ ଦେଖି ତାଙ୍କ ମନ ବ୍ୟଥିତ ହୋଇଥିଲା। ଏହାପରେ ୨୦୦୮ରୁ ସେ ଘରଚଟିଆଙ୍କ ଲାଗି ସୁରକ୍ଷିତ ଆବାସଟିଏ ତିଆରି କରିବାକୁ ବିଭିନ୍ନ ସ୍କୁଲରେ ଓ୍ୱାର୍କଶପ ଆରମ୍ଭ କଲେ। ପରିତ୍ୟକ୍ତ ଡବାକୁ ନେଇ ସେଥିରେ ସୁରକ୍ଷିତ ଘର ତିଆରି କଲେ। ଏହି ଅଭିଯାନରେ ଏବେ ଶତାଧିକ ପରିବେଶପ୍ରେମୀ ଯୋଡ଼ି ହୋଇଛନ୍ତି। ଅଦ୍ୟାବଧି ୧ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଘର ତିଆରି କରିସାରିଥିବା ରଜତ କହିଛନ୍ତି। ଘରଚଟିଆ ମଣିଷ ସହ ବଞ୍ଚି ଆସିଥିବା ଏକ ଛୋଟ ପକ୍ଷୀ। ମଶା, ମାଛିଙ୍କ ଦୌରାତ୍ମ୍ୟ ତୁଳନାରେ ଘରଚଟିଆ ହଜାରେ ଗୁଣରେ ଭଲ ବୋଲି ଜଗତ କହିଛନ୍ତି। ଘରଚଟିଆଙ୍କ ପାଇଁ ଜଗତଙ୍କ ଏଭଳି ଉତ୍ସର୍ଗୀକୃତ ମନୋଭାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ପ୍ରଶଂସା କରିସାରିଛନ୍ତି। ସୂଚନାଯୋଗ୍ୟ, ପରିବେଶ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ନେଚର ଫର୍ ଏଭର ସୋସାଇଟ୍ ଫର୍ ଇଣ୍ଡିଆ (ଏନ୍‌ଏଫ୍‌ଏସ୍‌ଆଇ) ସର୍ବପ୍ରଥମେ ଘରଚଟିଆ ଦିବସ ପାଳନ ଆରମ୍ଭ କରିଥିଲା। ଏହାପରେ ୫୦ ଦେଶ ଏହାକୁ ପାଳୁଛନ୍ତି।




## ଆଖି ଖୋଲିଦେଲା ଶୋ

**ମୁମ୍ବାଇ:** ବିଗ୍ ବସ୍ ସିଜନ ୯ର ପ୍ରତିଯୋଗୀ ବଲିଉଡ ଅଭିନେତ୍ରୀ ରିମି ସେନ୍ ପୁଣି ଥରେ ଚର୍ଚ୍ଚାରେ। ଶୋ’ରେ ତାଙ୍କର ପ୍ରବେଶକୁ ନେଇ ଅନେକ ଖୁଲାସା କରିଛନ୍ତି। ୫୦ ଦିନ ଧରି ବିଗ ବସ୍ ଘରକୁ ଯାତ୍ରା କରିଥିବା ରିମି ଜଣାଇଛନ୍ତି ଯେ, ସେ ଶୋ’କୁ ଯିବାକୁ କାହିଁକି ରାଜି ହୋଇଥିଲେ। ସେ ସମୟରେ ହୋଷ୍ଟ ସଲମାନ ଖାନ ଅନେକ ଥର କହିଥିଲେ। ରିମିଙ୍କର ଏହି ଶୋ ଏବଂ ଗେମ୍ ପ୍ରତି କୌଣସି ବିଶେଷ ଆଗ୍ରହ ନ ଥିଲା। ତାଙ୍କର ପ୍ରଦର୍ଶନ ବିଶେଷ ଭଲ ନଥିଲା ଯେ ସେ ଟ୍ରଫି ପର୍ଯ୍ୟନ୍ତ ପହଞ୍ଚି ପାରିବେ। ଏଭଳି ପରିସ୍ଥିତିରେ ସେ ନିଜେ କହିଛନ୍ତି ଯେ, ସେ କାହିଁକି ବିଗ ବସ୍ ଯିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଶୋ ତାଙ୍କ ଆଖି ଖୋଲି ଦେଇଥିଲା। ଶୋ’ର ଅଂଶ ହେବା ପରେ ମୋର କୌଣସି ଦୁଃଖ ନାହିଁ, କାରଣ ନିର୍ମାତାମାନେ ମୋତେ ୫୦ ଦିନ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଶୋ’କୁ ଯିବାର ମୋର ପ୍ରଥମ ଉଦ୍ଦେଶ୍ୟ ଥିଲା ଟଙ୍କା। କେବଳ ଏଥିପାଇଁ ରାଜି ହେଲି କାରଣ ଶୋ’ ମୋତେ ପ୍ରଚୁର ପରିମାଣର ଟଙ୍କା ଦେଇଥିଲା। ଏତେ କମ୍ ସମୟ ମଧ୍ୟରେ କେହି ଏତେ ଟଙ୍କା ଦିଅନ୍ତି ନାହିଁ। ଆହୁରି ମଧ୍ୟ ସେ କହିଛନ୍ତି, ଏଥି ସହ ଅନେକ କାରଣ ଅଛି ଯେଉଁଥିପାଇଁ ଶୋ’କୁ ଯାଇଥିଲି। ମୁଁ ମଧ୍ୟ ନିଜକୁ ପରୀକ୍ଷା କରିବାକୁ ଚାହୁଁଥିଲି ଯେ, କିପରି ଏକ କଠିନ ପରିସ୍ଥିତିରେ ନିଜକୁ ପରିଚାଳନା କରିପାରୁଛି।

## ରୁମ୍ ନେମ୍‌ପ୍ଲେଟ୍‌ରେ ବିରୁଷ୍କାଙ୍କ ସହ ଭାମିକାଙ୍କ ନାଁ

**ଅହମ୍ମଦାବାଦ:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଏବଂ ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ବାପା’ମା ହେବା ପରେ ବହୁତ ଖୁସି ଅଛନ୍ତି। ଏହି ଦମ୍ପତି ନିଜ ଝିଅର ନାମ ରଖିଛନ୍ତି ଭାମିକା। କୋହଲିଙ୍କ ମ୍ୟାଚ ଦେଖିବା ପାଇଁ ନିକଟରେ ଅନୁଷ୍କା ପ୍ରଥମ ଥର ପାଇଁ ଝିଅକୁ ନେଇ ଅହମ୍ମଦାବାଦ ଯାଇଥିଲେ। ଅନୁଷ୍କା ସେଠାରେ ପହଞ୍ଚିବା ପୂର୍ବରୁ ଖେଳାଳିଙ୍କ ହୋଟେଲ ରୁମ ବାହାରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହୋଟେଲ କର୍ମଚାରୀମାନେ ଖେଳାଳିଙ୍କ ରୁମ ବାହାରେ ସ୍ୱତନ୍ତ୍ରଧରଣର ନେମ ପ୍ଲେଟ ଲଗାଇଛନ୍ତି। ତେବେ ବିରାଟ କୋହଲି ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ରୁମ ବାହାରେ ଲଗାଯାଇଥିବା ନେମ୍‌ପ୍ଲେଟ୍‌କୁ ନେଇ ଚର୍ଚ୍ଚା ହେଉଛି। କୋହଲିଙ୍କ ରୁମ୍ ବାହାରେ ଲଗାଯାଇଥିବା ନେମ ପ୍ଲେଟରେ ପ୍ରଥମେ ଝିଅର ନାମ ଭାମିକା ଲେଖାଯାଇଛି।




ଏହା ପରେ ଅନୁଷ୍କା ଏବଂ ଶେଷରେ ବିରାଟଙ୍କ ନାମ ଲେଖାହୋଇଛି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ରୁମ ବାହାରେ ପୁଅ ଅଗସ୍ତ୍ୟଙ୍କ ନାମ ଶେଷରେ ଲେଖାଯାଇଛି। ପ୍ରଥମେ ହାର୍ଦ୍ଦିକଙ୍କ ନାମ ଓ ମଝିରେ ନତାଶାଙ୍କ ନାମ ଲେଖାଯାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାହାଯ୍ୟ ମାଗିଲେ ଆହାନା

**ମୁମ୍ବାଇ:** ସମଗ୍ର ଦେଶରେ କରୋନା ଟିକାକରଣ ଜାରି ରହିଛି। କିଛି ବଲିଉଡ ଅଭିନେତ୍ରୀ କରୋନା ଟିକା ଲଗାଇ ସାରିଛନ୍ତି। ଏଥିମଧ୍ୟରୁ ଅଭିନେତ୍ରୀ ଆହାନା କୁମରାଙ୍କ ମା–ବାପା କରୋନା ଟିକା ନେଇଥିଲେ। ବର୍ତ୍ତମାନ ଏହି ଟିକାକରଣର ପ୍ରମାଣପତ୍ର ହାସଲ କରିବାକୁ ଅସୁବିଧା ଦେଖାଦେଇଛି। ଆହାନା ଏନେଇ ଟୁଇଟ୍ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ସହାୟତା ମାଗିଛନ୍ତି। ଆହାନା ଟୁଇଟ କରି କହିଛନ୍ତି, ବାପା ସୁଶୀଲ କୁମାର କୁମରା ଏବଂ ମା ବାଲ୍ୟାନ କୁମରା ୯ ମାର୍ଚ୍ଚରେ କରୋନା



ଟିକା ନେଇଥିଲେ। ମାତ୍ର ଟିକା ସମୟ ଭୁଲ ଦେଖାଉଛି। ଏହା ଟିକାକରଣର ସାର୍ଟିଫିକେଟ ଡାଉନଲୋଡ ହୋଇନାହିଁ। କେହି ସାହାଯ୍ୟ କରିବେ କି? ତାଙ୍କ ଟୁଇଟ ଉପରେ ଜଣେ ୟୁଜର ଲେଖିଛନ୍ତି, ସବୁଠୁ ଭଲ ହେବ ଆଉ ଥରେ ଯାଞ୍ଚ କରିନିଅନ୍ତୁ। ୟୁଜରଙ୍କ ଏହି ଟୁଇଟ ପରେ ଆହାନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତା ମାଗି ଲେଖିଛନ୍ତି, ମୁଁ କେନ୍ଦ୍ର ସରକାରଙ୍କୁ ପଚାରିସାରିଛି। ମାତ୍ର ଏଠାରୁ କୌଣସି ଉତ୍ତର ମିଳୁନାହିଁ। ଏଥିସହିତ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆହାନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ପରେ ଆହାନା ଜଣାଇବେ ବୋଲି ଟୁଇଟ କରି କହିଛନ୍ତି।

## ବେସିନ୍‌ରେ ପହଁରୁଛି ପେଚା

ଟୁଇଟରରେ ଏବେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ପକ୍ଷୀଙ୍କ ମଧ୍ୟରେ ହଂସକୁ ପହଁରୁଥିବା ପ୍ରାୟ ଦେଖିବାକୁ ମିଳିଥାଏ। ଅନବରତ ହଂସ ପାଣିରେ ଥାଏ। ମାତ୍ର ଏହି ଭିଡିଓରେ ପେଚା ପହଁରୁଥିବା ଦେଖିବାକୁ ମିଳୁଛି। ତାହାପୁଣି ଆଉ କେଉଁଠି ନୁହେଁ, ବେଶିନରେ। ଏକ ବେଶିନ ଟ୍ୟାପ ଖୋଲାଥିବା ବେଳେ ପେଚାଟି ସେଥିରେ ପହଁରୁଥିବା ଦେଖିବାକୁ ମିଳୁଛି। ଏହି ଭିଡିଓକୁ ଭାରତୀୟ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ତାଙ୍କ ଟୁଇଟରରେ ଶେୟାର କରିଛନ୍ତି। କ୍ୟାପଶନରେ ଲେଖାଯାଇଛି, ‘ଯଦି ଆପଣ ଏକ ପେଚାର ପହଁରା ଦେଖି ନାହାନ୍ତି।’ ଏହି ଭିଡିଓଟି ଭାଇରାଲ ହେବାରେ ଲାଗିଛି।

## କାଗଜରେ ଲେଖିଲେ ଅଧିକ ମନେରୁହେ

**ଟୋକିଓ:** ପାଠ ପଢ଼ିଲେ ମଧ୍ୟ କେତେକ ଛାତ୍ରୀଛାତ୍ରଙ୍କର ଏହା ମନେ ରହି ନ ଥାଏ। ତେବେ ସମ୍ପ୍ରତି ଜାପାନର ଟୋକିଓରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, କାଗଜରେ ପାଠ ଲେଖିଲେ ଅଧିକ ମନେ ରହିବ। ପାଠ ପଢ଼ା ସରିବାରୁ ବହୁ ଘଣ୍ଟା ପର୍ଯ୍ୟନ୍ତ ଏହା ମନେ ରହିଥାଏ। ଅପରପକ୍ଷରେ ପାଠ ପଢ଼ା ସମୟରେ ଏହାକୁ କେବଳ ଶୁଣିଲେ ଏହା କିଛି ସମୟ ପରେ ଭୁଲି ହୋଇଯାଇଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ୧୮ରୁ ୨୯ ବୟସ୍କଙ୍କ ମଧ୍ୟରେ ଏନେଇ ଏକ ସର୍ଭେ କରାଯାଇଥିଲା। ଲେଖି ପଢ଼ିଲେ ୨୫ ପ୍ରତିଶତ ଶୀଘ୍ର ପାଠ ମନେ ରହିଥାଏ ବୋଲି ପ୍ରଫେସର କୁନିୟୋଶି ଏଲ. ସାକାଇ ସୂଚନା ଦେଇଛନ୍ତି। ୪୮



ସ୍ୱେଚ୍ଛାସେବୀ ଏହି ସର୍ଭେରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କର ମ୍ୟାଗ୍ନେଟିକ ରିଜୋନାନ୍ସ ଇମେଜିଂ(ଏମଆର୍‌ଆଇ) କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଲେଖି ପାଠପଢ଼ିବା ଦ୍ୱାରା ମସ୍ତିଷ୍କର ସ୍ମୃତି ଶକ୍ତି ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ମାତ୍ର କେବଳ ମୋବାଇଲ ଅବା କମ୍ପ୍ୟୁଟର କିମ୍ବା ବହି ପଢ଼ିଲେ ଏହା ଅଧିକ ସମୟ ସ୍ମୃତିରେ ରହିପାରି ନ ଥାଏ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେଓଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଅନୁଗୋଳ, ଢେଙ୍କାନାଳ, ନୂଆପଡ଼ା, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଆଦି ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟାନ୍ୟ ସ୍ଥାନରେ ପାଗ ଶୁଖିଲା ରହିବ। ଦିନ ଓ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଘଟି ନ ପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୩.୬ |
| ଚାନ୍ଦବାଲି | ୩୫.୩ | ୨୨.୭ |
| କଟକ | ୩୭.୦ | ୨୨.୨ |
| ପାରାଦୀପ | ୩୫.୨ | ୨୫.୬ |
| ଭୁବନେଶ୍ୱର | ୩୮.୯ | ୨୨.୫ |
| ଗୋପାଳପୁର | ୩୭.୪ | ୨୨.୮ |
| ପୁରୀ | ୩୩.୬ | ୨୫.୪ |
| ଅନୁଗୋଳ | ୩୫.୭ | ୨୩.୦ |
| ବାରିପଦା | ୩୮.୮ | ୨୩.୦ |
| ଝାରସୁଗୁଡ଼ା | ୩୫.୪ | ୨୨.୬ |
| କେନ୍ଦୁଝର | ୩୫.୦ | ୨୦.୮ |
| ସମ୍ବଲପୁର | ୩୫.୦ | ୨୨.୪ |
| ସୁନ୍ଦରଗଡ଼ | ୩୫.୦ | ୧୭.୦ |
| ହୀରାକୁଦ | ୩୪.୮ | ୨୨.୫ |
| ତାଳଚେର | ୩୮.୫ | ୨୨.୦ |
| ଭବାନୀପାଟଣା | ୩୬.୮ | ୨୧.୪ |
| ବଲାଙ୍ଗୀର | ୩୫.୫ | ୨୦.୪ |
| କୋରାପୁଟ | ୩୩.୬ | ୧୯.୬ |
| ଫୁଲବାଣୀ | --- | ୧୮.୦ |
| ଟିଟିଲାଗଡ଼ | ୩୭.୦ | ୨୪.୬ |
| ମାଲକାନଗିରି | ୩୯.୦ | ୨୨.୦ |
| ସୋନପୁର | ୩୭.୮ | ୨୦.୮ |
| ଦାରିଙ୍ଗିବାଡ଼ି | ୩୨.୫ | ୧୯.୫ |
| ନୟାଗଡ଼ | ୩୫.୦ | ୨୨.୩ |
| ବୌଦ୍ଧ | ୩୮.୦ | ୧୮.୦ |
| ଛତ୍ରପୁର | ୩୪.୭ | ୨୩.୦ |
| ପାରଳାଖେମୁଣ୍ଡି | ୩୩.୦ | ୨୨.୫ |
| ରାୟଗଡ଼ା | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ବିବାହ କରିବେ ହରମନ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ପୂର୍ବତନ ପ୍ରେମିକ ହରମନ ବାବେଜା(୪୦) ମାର୍ଚ୍ଚ ୨୧ରେ ବିବାହ କରିବାକୁ ଯାଉଛନ୍ତି। ଏବେଠାରୁ ତାଙ୍କର ପ୍ରି ଓ୍ୱେଡିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଶୁକ୍ରବାର ରାତିରେ ସେ ବନ୍ଧୁମାନଙ୍କ ସହ କକ୍‌ଟେଲ ପାର୍ଟି କରିବା ସହ ଖୁବ ମସ୍ତି ମଧ୍ୟ କରିଥିଲେ। ଏହି ସମୟର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହରମନଙ୍କ ଏହି ପାର୍ଟିରେ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ, ରାଜ କୁନ୍ଦ୍ରା, ଆଶିଷ ଚୌଧୁରୀ, ଆମୀର ଅଲ୍ଲୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଛି। ରାଜ କୁନ୍ଦ୍ରା ହରମନଙ୍କ ପାର୍ଟିର କିଛି ଫଟୋ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଏଥିସହ ସେ ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ହରମନ ନୃତ୍ୟ କରୁଥିବାର ଦେଖିବାକୁ ମିଳୁଛି। ହରମନଙ୍କ ବିବାହ ସାଶା ରାମଚନ୍ଦାନୀଙ୍କ ସହ ହେଉଛି। ଯିଏକି ପେଶାରେ ଜଣେ ନ୍ୟୁଟ୍ରିଶନ କୋଚ। ଗତ ଡିସେମ୍ବରରେ ହରମନ ଏବଂ ସାଶାଙ୍କ ନିର୍ବନ୍ଧ ହୋଇଥିଲା।

ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦଶାହ ଉପଲକ୍ଷେ



ସ୍ୱ କାଳୀପ୍ରସନ୍ନ ମହାପାତ୍ର(ବାବୁଲି)
ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୯.୦୬.୧୯୫୮
ତିରୋଧାନ : ୧୨.୦୩.୨୦୨୧
ତୁମର ଅସମୟ ପ୍ରସ୍ଥାନ ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଗଲା। ତୁମର ନିସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ନିଷ୍ଠାପରତା, ପରୋପକାର ଆମ ପାଇଁ ଚିରପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୁତ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ :
ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୦୩୦୧

CLASSIFIED DISPLAY
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଛତୁ ବହି
“ମୋ ଛତୁ ଚାଷ”
ପାଳଛତୁ ଏବଂ ଧିଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି।
Book Cost only Rs 300/-
7477040026
Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

NOW IN BBSR!!!
30 Years Experience
TODAY & TOMORROW
Full Refund on Failure
PERMANENT SOLUTION WITHOUT STONE
BUSINESS? SERVICE? EDUCATION? MARRIAGE? Any problem in life / VASTU?
only one reliable name in Astrological World
SRABANI DEBNATH
Please Contact 9830040240
Bring this paper cutting & get spl. offer!

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାଓ୍ୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତର କ୍ରମାଗତ ଷଷ୍ଠ ସିରିଜ ବିଜୟ

ଅହମଦାବାଦ,୨୦।୩



ଟ୍ରଫି ସହ ସିରିଜ ବିଜୟୀ ଭାରତୀୟ ଦଳ।

ଟେଷ୍ଟ ପରେ ଟି୨୦ ସିରିଜରେ ମଧ ଭାରତ ତା'ର ଦମ୍ ଦେଖାଇଛି। ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଘରୋଇ ଭାରତ ବିଜୟ ହାସଲ କରିଛି। ପରାଜୟରୁ ଅଭିଯାନ ଆରମ୍ଭ କରିଥିଲେ ମଧ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଶେଷରେ ବାଜିମାରିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ୩୬ ରନରେ ଇଂଲଣ୍ଡକୁ ହରାଇଛି। ଭାରତ ୩-୨ ବ୍ୟବଧାନରେ ସିରିଜ ହାତେଇଛି। ଏଥିସହିତ ୨ ବର୍ଷ ହେବ ଅପରାଜେୟ ରହିଥିବା ଭାରତ କ୍ରମାଗତ ଷଷ୍ଠ ଟି୨୦ ସିରିଜ ଜିତିଛି। ଅପରପକ୍ଷରେ ଇଂଲଣ୍ଡ ଗତ ୯ ବର୍ଷ ମଧ୍ୟରେ ଭାରତ ମାଟିରେ କୌଣସି ଦ୍ୱିପାକ୍ଷିକ ସିରିଜ ଜିତିବାକୁ ସକ୍ଷମ ହୋଇନାହିଁ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୨ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନରେ ସୀମିତ ରହି ପରାସ୍ତ ହୋଇଛି। ପୁଣେରେ ୨୩ ତାରିଖରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ।

୨୨୫ ରନ କଷ୍ଟକର ଟାର୍ଗେଟର ପିଛା କରିଇଂଲଣ୍ଡ ବିନା ସ୍କୋରରେ ଜାସନ ରୟଙ୍କୁ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ରୟ ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଜୋଶ ବଟଲର ଓ ଡାଭିଡ ମଲାନ ୮୨ ବଲରୁ ଦ୍ରୁତ ୧୩୦ ରନକରି ସ୍ଥିତି ସମ୍ଭାଳିବା ସହ ଇଂଲଣ୍ଡକୁ ମଜଭୁତ ସ୍ଥିତି ପ୍ରଦାନ କରିଥିଲେ। ତେବେ ବଟଲର ୩୪ ବଲରୁ ୨ ଚୌକା ଓ ୪ ଛକା ସହ ୫୨ ରନକରି ଭୁବନେଶ୍ୱରଙ୍କ ବଲ୍‌ରେ ଲଙ୍ଗଅଫ୍ ବାଉଣ୍ଡରିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଜନି ବେୟାରଷ୍ଟୋ ୭ ରନ କରିଥିବା ବେଳେ ସାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ସୁଇପର କଭରରେ ସୂର୍ଯ୍ୟକୁମାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିବାର ଦୁଇଟି ବଲ୍ ପରେ ମଲାନ ୪୬ ବଲରୁ ୯ ଚୌକା ଓ ୨ ଛକା ସହ ୬୮ ରନକରି ଠାକୁରଙ୍କ ଦ୍ୱାରା କ୍ଲିନବୋଲ୍ଡ ହୋଇଥିଲେ। ଏହାପରେ ଅଧିନାୟକ ଇଅନ୍ ମୋର୍ଗାନ ୧, ବେନ୍ ଷ୍ଟୋକ୍ସ ୧୪, କ୍ରିସ୍ ଜୋର୍ଡାନ୍ ୧୧, ଜୋଫ୍ରା ଆର୍ଚର ୧ ରନ୍ କରି ଆଉଟ ହୋଇଥିବା ବେଳେ ସାମ୍ କୁରାନ୍ ୧୪ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଠାକୁର ୩, ଭୁବନେଶ୍ୱର ୨, ପାଣ୍ଡ୍ୟା ଓ ନଟରାଜନ୍ ଗୋଟିଏ ଲେଖାଏ ଉଇକେଟ୍ ହାସଲ କରିଥିଲେ।

### ଇଂଲଣ୍ଡ ବିପକ୍ଷରେ ଭାରତର ସର୍ବବୃହତ୍ ସ୍କୋର

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଦମ୍‌ଦାର ଆରମ୍ଭ କରିଥିଲା। ଅଭିଜ୍ଞ ଓପନର ରୋହିତ ଶର୍ମା ଓ ଓପନିଂ କରିବାକୁ ଆସିଥିବା ଅଧିନାୟକ ବିରାଟ କୋହଲି ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲେ। ପ୍ରଥମ ଉଇକେଟରେ ଏହି ଦୁଇ ତାରକା ବ୍ୟାଟ୍ସମ୍ୟାନ ୫୬ ବଲରୁ ଦ୍ରୁତ ୯୪ ରନ ସଂଗ୍ରହ କରି ଦଳକୁ ଫ୍ଲାଇଂ ଷ୍ଟାର୍ଟ ପ୍ରଦାନ କରିଥିଲେ। ମାତ୍ର ୩୦ଟି ବଲ୍ ଖେଳି ରୋହିତ ଅର୍ଦ୍ଧଶତକ ପୂରଣ କରିଥିଲେ ଓ କ୍ୟାରିୟରର ୨୨ତମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ୩୪ଟି ବଲରୁ ୪ ଚୌକା ଓ ୫ ଛକା ସହ ରୋହିତ ୬୪ ରନ କରିଥିବା ବେଳେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ବଲ୍‌କୁ ଶୀଘ୍ର ରୋହିତ ପୁଲ୍ କରିବାକୁ ଚେଷ୍ଟା କରିଥିଲେ। ତେବେ ବଲ୍ ବ୍ୟାଟ୍‌ର କଡ଼ ଛୁଇଁ ଷ୍ଟମ୍ପରେ ବାଜିଥିଲା। ୪୫ ରନ କରିଥିବା ବେଳେ ଇନିଂସର ଅଷ୍ଟମ ଓଭରର ପଞ୍ଚମ ବଲ୍‌ରେ ରୋହିତ ଏକ ଜୀବନଦାନ ପାଇଥିଲେ। ସାମ୍ କୁରାନଙ୍କ ବଲ୍‌ରେ ମାର୍କ ଉଡ୍ ବାଉଣ୍ଡାରିରେ ରୋହିତଙ୍କ କ୍ୟାଚ୍ ଛାଡ଼ିଥିଲେ ଓ ସେ ଏହାର ଫାଇଦା ଉଠାଇଥିଲେ। ସିରିଜରେ ପ୍ରଥମଥର ପାଇଁ ଭାରତ ପାୱାର ପ୍ଲେରେ ବିନା କ୍ଷତିରେ ୬୦ ରନ ସଂଗ୍ରହ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଏହା ପୂର୍ବରୁ ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଗୋଟିଏ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଉଇକେଟରେ କୋହଲି ଓ ସୂର୍ଯ୍ୟକୁମାର ଯାଦବ ଧୂଆଁଧାର ବ୍ୟାଟିଂ ଜାରି ରଖିବା ସହ ୨୬ ବଲରୁ ୪୯ ରନ ଯୋଗ କରିଥିଲେ। ତେବେ ସୂର୍ଯ୍ୟକୁମାର ମାତ୍ର ୧୭ ବଲରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୨ ରନ କରିଥିବା ବେଳେ ଲେଗ୍‌ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ତୃତୀୟ ଉଇକେଟରେ କୋହଲି ଓ ପାଣ୍ଡ୍ୟା ୪୦ ବଲରୁ ଧୂଆଁଧାର ୮୧ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ଓପନିଂ କରିବାକୁ ଆସି କୋହଲି ୫୨ ବଲରୁ ୭ ଚୌକା ଓ ୨ ଛକା ସହ ଦ୍ରୁତ ୮୦ ରନର ଧୂଆଁଧାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। କୋହଲି କ୍ୟାରିୟରର ୨୮ତମ ଟି୨୦ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ସେହିପରି ପାଣ୍ଡ୍ୟା ୧୭ ବଲରୁ ୪ ଚୌକା ଓ ୨ ଛକା ସହ ୩୯ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ବିପକ୍ଷରେ ଭାରତର ଏହି ସ୍କୋର (୨୨୪/୨) ସର୍ବବୃହତ୍ ଓ ମୋଟ ଉପରେ ଚତୁର୍ଥ ଶ୍ରେଷ୍ଠ ସ୍କୋର ସାବ୍ୟସ୍ତ ହୋଇଛି। ବୋଲିଂରେ ଇଂଲଣ୍ଡ ତରଫରୁ ବେନ୍ ଷ୍ଟୋକ୍ସ ଓ ଆଦିଲ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଇଂଲଣ୍ଡ ୩୬ ରନରେ ପରାସ୍ତ**
**କୋହଲି ପ୍ଲେୟାର ଅଫ୍ ଦି ସିରିଜ**
**ଭୁବନେଶ୍ୱର ପ୍ଲେୟର ଅଫ୍ ଦି ମ୍ୟାଚ୍**

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-ବୋ-ଷ୍ଟୋକ୍ସ-୬୪
କୋହଲି-ନଟ ଆଉଟ-୮୦
ସୂର୍ଯ୍ୟକୁମାର-କ-ରୟ-ବୋ-ରସିଦ୍-୩୨
ହାର୍ଦ୍ଦିକ-ନଟଆଉଟ-୩୯
ଅତିରିକ୍ତ-୯
ମୋଟ: (୨୦ ଓଭର,୨ ଉଇକେଟ) ୨୨୪।
ଉଇକେଟପତନ: ୧/୯୪, ୨/୧୪୩।
ବୋଲିଂ (ଇଂଲଣ୍ଡ)
ଆଦିଲ ରସିଦ ୪-୦-୩୧-୧
ଜୋଫ୍ରା ଆର୍ଚର ୪-୦-୪୩-୦
ମାର୍କ ଉଡ୍ ୪-୦-୫୩-୦
କ୍ରିସ୍ ଜୋର୍ଡାନ ୪-୦-୫୭-୦
ସାମ୍ କୁରାନ ୧-୦-୧୧-୦
ବେନ୍ ଷ୍ଟୋକ୍ସ ୩-୦-୨୬-୧

**ଇଂଲଣ୍ଡ ଇନିଂସ**
ଜାସନ ରୟ-ବୋ-ଭୁବନେଶ୍ୱର-୦
ବଟଲର-କ-ହାର୍ଦ୍ଦିକ-ବୋ-ଭୁବନେଶ୍ୱର-୫୨
ମଲାନ-ବୋ-ଶାର୍ଦ୍ଦୂଳ-୬୮
ବେୟାରଷ୍ଟୋ-କ-ସୂର୍ଯ୍ୟକୁମାର-ବୋ-ଶାର୍ଦ୍ଦୂଳ-୭
ମୋର୍ଗାନ-କ-ବଦଳ ଖେଳାଳି ରୋହୁଲ-ବୋ-ହାର୍ଦ୍ଦିକ-୧
ଷ୍ଟୋକ୍ସ-କ-ପନ୍ତ-ବୋ-ନଟରାଜନ-୧୪
ଜୋର୍ଡାନ-କ-ସୂର୍ଯ୍ୟକୁମାର-ବୋ-ଶାର୍ଦ୍ଦୂଳ-୧୧
ଆର୍ଚର-ରନ ଆଉଟ-୧
କୁରାନ- ନଟଆଉଟ-୧୪
ଆଦିଲ ରସିଦ- ନଟ ଆଉଟ-୦
ଅତିରିକ୍ତ-୨୦
ମୋଟ (୨୦ ଓଭର, ୮ ଉଇକେଟ) ୧୮୮।
ଉଇକେଟ ପତନ: ୧/୦, ୨/୧୩୦, ୩/୧୪୦, ୪/୧୪୨, ୫/୧୪୨, ୬/୧୬୫, ୭/୧୬୮,୮/୧୭୪।
ବୋଲିଂ (ଭାରତ)
ଭୁବନେଶ୍ୱର କୁମାର ୪-୦-୧୫-୨
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୪-୧
ୱାଶିଂଟନ ସୁନ୍ଦର ୧-୦-୧୩-୦
ଶାର୍ଦ୍ଦୂଳ ଠାକୁର ୪-୦-୪୫-୩
ଟି. ନଟରାଜନ ୪-୦-୩୯-୧
ରାହୁଲ ଚହର ୩-୦-୩୩-୦

### ଦ୍ୱିପାକ୍ଷିକ ଟି୨୦ ସିରିଜରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର

| ସ୍କୋର | ଖେଳାଳି | ବିପକ୍ଷ | କେବେ | ଇନିଂସ |
|---|---|---|---|---|
| ୨୩୧ | ବିରାଟ କୋହଲି | ଇଂଲଣ୍ଡ | ୨୦୨୧ | ୫ |
| ୨୨୪ | ଲୋକେଶ ରାହୁଲ | ନ୍ୟୁଜିଲାଣ୍ଡ | ୨୦୨୦ | ୫ |
| ୨୨୩ | କଲିନ ମୁନ୍‌ରୋ | ୱେଷ୍ଟଇଣ୍ଡିଜ | ୨୦୧୮ | ୩ |
| ୨୨୨ | ହାମିଲଟନ ମାସାକାଜା | ବାଂଲାଦେଶ | ..... | ୪ |

### ଟି୨୦ରେ ଭାରତ ଟପ୍- ୫ ସ୍କୋର

| ସ୍କୋର | ବିପକ୍ଷ | ଭେନ୍ୟୁ | କେବେ |
|---|---|---|---|
| ୨୬୦/୫ | ଶ୍ରୀଲଙ୍କା | ଇନ୍ଦୋର | ୨୦୧୭ |
| ୨୪୪/୪ | ୱେଷ୍ଟଇଣ୍ଡିଜ | ଲଣ୍ଡରହିଲ | ୨୦୧୬ |
| ୨୪୦/୩ | ୱେଷ୍ଟଇଣ୍ଡିଜ | ମୁମ୍ବାଇ | ୨୦୧୯ |
| ୨୨୪/୨ | ଇଂଲଣ୍ଡ | ଅହମଦାବାଦ | ୨୦୨୧ |
| ୨୧୮/୪ | ଇଂଲଣ୍ଡ | ଡର୍ବାନ | ୨୦୦୭ |

# ଗୁଜରାଟକୁ ହରାଇଲା ଓଡ଼ିଶା

**ମହିଳା ଦିନିକିଆ କ୍ରିକେଟ**
**ରାମେଶ୍ୱରୀଙ୍କୁ ୬ ଉଇକେଟ**

ଭୁବନେଶ୍ୱର,୨୦।୩(ସ୍ପୋର୍ଟ୍ସ ବ୍ୟୁରୋ)


ରାମେଶ୍ୱରୀ ନାୟକ

ସୁରଟରେ ଚାଲିଥିବା ମହିଳା ସିନିୟର ଦିନିକିଆ ଟ୍ରଫିରେ ଶନିବାର ଓଡ଼ିଶା ୬ ଉଇକେଟରେ ଘରୋଇ ଗୁଜରାଟକୁ ସହଜରେ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୯.୨ ଓଭରରେ ୭୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ବ୍ୟାଟିଂ କରି ୨୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିସହ ଓଡ଼ିଶା ଟୁର୍ନାମେଣ୍ଟର ଏଲିଟ୍ ଗ୍ରୁପ୍ ଏ'ରେ ୫ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇ ମୋଟ୍ ୧୬ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛି।

ଓଡ଼ିଶା ତରଫରୁ ବ୍ୟାଟିଂରେ ସୁଶ୍ରୀ ଦିବ୍ୟଦର୍ଶିନୀ ୩୫ଟି ବଲ୍ ଖେଳି ୩୪ ରନକରି ଅପରାଜିତ ରହିଥିଲେ। ସେହିପରି ସରିତା ମେହେର ୫୩ ବଲରୁ ୧୫, ଅଞ୍ଜଳି ସିଂ ୪୨ ବଲରୁ ୧୫ ରନ ସଂଗ୍ରହ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ତରଫରୁ ସିମରନ ୧୭, ଭାବନା ଗୋପ୍ଲାନି ୧୪, ମନାଲି ବାଘେଲା ୧୧ ରନ ସଂଗ୍ରହ କରିଥିଲେ। ଓଡ଼ିଶା ତରଫରୁ ବୋଲିଂରେ ରାମେଶ୍ୱରୀ ନାଏକ ସର୍ବାଧିକ ୬ ଉଇକେଟ ଅକ୍ତିଆର କରି ଗୁଜରାଟର ବିପର୍ଯ୍ୟୟ ଘଟାଇଥିଲେ। ସେହିପରି ସୁଜାତା ମଲିକ ୨ ଉଇକେଟ ଅକ୍ତିଆର କରିଥିବା ବେଳେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଗୁଜରାଟ ୨୯.୨ ଓଭରରେ ୭୦ ଅଲଆଉଟ, (ସିମରନ- ୧୭, ଭାବନା- ୧୪, ମନାଲି- ୧୧, ରାମେଶ୍ୱରୀ- ୬/୨୬, ସୁଜାତା- ୨/୨୩, ପ୍ରିୟଙ୍କା- ୧/୨, ସୁଶ୍ରୀ- ୧/୬)।
ଓଡ଼ିଶା ୨୩ ଓଭରରେ ୭୪/୪ (ସୁଶ୍ରୀ- ୩୪*, ସରିତା- ୧୫, ଅଞ୍ଜଳି- ୧୫, ମୁସ୍କାନ ୨/୭, ରେଣୁକା- ୨/୨୧)।

## ସେମିରେ ହାରିଲେ ସିନ୍ଧୁ

ବର୍ମିଂହାମ୍, ୨୦।୩ (ପି.ଟି.)

ବିଶ୍ୱଚାମ୍ପିୟନ ପି. ଭି. ସିନ୍ଧୁ ସମ୍ମାନଜନକ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟରେ ପୁଣି ଥରେ ପରାଜିତ ହୋଇଛନ୍ତି। ଶନିବାର ମହିଳା ସିଙ୍ଗଲ୍ସରେ ସେ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କଠାରୁ ସିଧାସଳଖ ଗେମ୍‌ରେ ହାରିଯାଇଛନ୍ତି। ଅଲିମ୍ପିକ ରୌପ୍ୟ ବିଜୟିନୀ ସିନ୍ଧୁ ତାଙ୍କଠାରୁ ବୟସରେ ସାନ ବିଶ୍ୱର ୧୧ ନମ୍ବର ମାନ୍ୟତାପ୍ରାପ୍ତ ଚୋଚୁଓଙ୍ଗଙ୍କ ପେସ୍, ପାୱାର ଓ ପ୍ରିସିସନରେ ପଛୁଆ ରହିଥିଲେ। ସେ ମାତ୍ର ୪୩ ମିନିଟ୍‌ରେ ୧୭-୨୧, ୯-୨୧ରେ ପରାଜିତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ଭାରତର ଏହି ବିଶ୍ୱର ୭ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ୨୦୧୮ ସଂସ୍କରଣରେ ମଧ ସେମିଫାଇନାଲରୁ ବିଦାୟ ନେଇଥିଲେ। ଶୁକ୍ରବାର ତୃତୀୟ ସିଡ୍ ତଥା ଜାପାନର ଆକାନେ ୟାମାଗୁଚିଙ୍କ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲେ।

## ନ୍ୟୁଜିଲାଣ୍ଡ ୮ ଉଇକେଟରେ ବିଜୟୀ

ଡୁନେଡିନ୍,୨୦।୩(ଏପି)

ଭ୍ରମଣକାରୀ ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏହି ବିଜୟ ଦ୍ୱାରା ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର:**
**ବାଂଲାଦେଶ ଇନିଂସ:** ୪୧.୫ ଓଭରରେ ୧୩୧/ଅଲଆଉଟ (ମହମୁଦୁଲ୍ଲା-୨୭, ମୁସ୍‌ଫିକର-୨୩; ବୋଲ୍ଟ-୪/୨୭, ସାଣ୍ଟନର-୨/୨୩, ନିଶାମ-୨/୨୭)।
**ନ୍ୟୁଜିଲାଣ୍ଡ ଇନିଂସ:** ୨୧.୨ ଓଭରରେ ୧୩୨/୨ (ହେନ୍‌ରୀ ନିକୋଲସ-୪୯, ଗୁପ୍‌ଟିଲ-୩୮, କନୱେ-୨୭; ଟସ୍କିନ ଅହମ୍ମଦ-୧/୨୩)।

## ଦକ୍ଷିଣ ଆଫ୍ରିକା ଜିତିଲା ପ୍ରଥମ ଟି୨୦

ଲକ୍ଷ୍ନୌ, ୨୦।୩ (ପି.ଟି.)

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟରେ ଦକ୍ଷିଣ ଆଫ୍ରିକା ୮ ଉଇକେଟରେ ବିଜୟୀ ହୋଇଛି।୧୩୧ ରନର ବିଜୟ ଲକ୍ଷ୍ୟକୁ ଭ୍ରମଣକାରୀ ଦଳ ୧୯.୧ ଓଭରରେ ୨ ଉଇକେଟ ବିନିମୟରେ ଅତିକ୍ରମ କରିଥିଲା। ଟପ୍ ସ୍କୋରର ଆନି ବୋସ୍କ ୬୬ରନ କରି ଅପରାଜିତ ରହିଥିବାବେଳେ ଅଧିନାୟିକା ସୁନେ ଲୁସ୍ ୪୩ ରନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୬ ଉଇକେଟ ବିନିମୟରେ ୧୩୦ ରନ କରିଥିଲା। ଟପ୍ ସ୍କୋରର ହର୍ଲିନ ଦେଓଲ ୫୨ ରନ କରିଥିଲେ। ଓପନର ସ୍ମୃତି ମନ୍ଧାନା ୧୧ ରନ କରିଥିଲେ। ଦେଓଲ ଓ ଜେମିମା ରୋଡ୍ରିଗୁଏଜ୍(୩୦) ତୃତୀୟ ଉଇକେଟରେ ୬୦ ରନ ଯୋଗ କରିଥିଲେ। ଶେଫାଳି ବର୍ମା ୨୩ ରନ କରିଥିଲେ। ବିପକ୍ଷ ଦଳର ସବନିମ୍ ଇସ୍‌ମାଇଲ ୩ଟି ଉଇକେଟ ଅକ୍ତିଆର କରିଥିଲେ।

## ମୁକ୍ତେଶ୍ୱର କ୍ରିକେଟ କ୍ଲବ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର,୨୦।୩ (ସ୍ପୋର୍ଟ୍ସ ବ୍ୟୁରୋ)

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ(ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ମ୍ୟାଚରେ ବିଜୟୀ ହୋଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ(ଏମ୍‌ସିସି) କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପ୍ଲେ ଗ୍ରାଉଣ୍ଡରେ ଏମ୍‌ସିସି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୩୦ଓଭରରେ ୪ଉଇକେଟ ବିନିମୟରେ ୧୭୭ରନ କରିଥିଲା। ଦଳ ପକ୍ଷରୁ ଚିରାଗ ପାତ୍ର ୩୮, କରନ ମହାପାତ୍ର ୩୬, ବିଭାଂଶୁ ରାୟ ୩୨ ଓ ଆଶିଷ ନାଥ ୩୦ରନ କରିଥିଲେ। ଶଶାଙ୍କ ରୁଙ୍ଗଟା ଓ ପ୍ରତ୍ୟୁଷ ଦାଶ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୨୯.୧ ଓଭରରେ ୧୬୬ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଦଳ ୧୧ ରନରେ ପରାଜିତ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ତରଫରୁ ଜେ. ସାହୁ ସର୍ବାଧିକ ୪୧ ଏବଂ ଶଶାଙ୍କ ରୁଙ୍ଗଟା ୩୭ ରନ କରିଥିଲେ। ଏମ୍‌ସିସି ପକ୍ଷରୁ ଆଶିଷ କୁମାର ନାଥ ୩, ଚିରାଗ ପାତ୍ର ଓ ସିରାଜ ପଟ୍ଟନାୟକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଆଶିଷ ନାଥ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଖେଳାଳି ଶୁଭ୍ରାଂଶୁ ସେନାପତି ଓ ଡାନିଏଲ ରାଉତ ଶନିବାର ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଆଶିଷ ନାଥ।

# ସ୍କୁଲ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରିବ କିସ୍

ଭୁବନେଶ୍ୱର,୨୦।୩(ସ୍ପୋର୍ଟ୍ସ ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଅତିଥିମାନେ।

ପ୍ରଥମଥର ପାଇଁ ଦେଶରେ କୌଣସି ଶିକ୍ଷାନୁଷ୍ଠାନରେ ଚେସ୍‌କୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଚେସ୍‌କୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବାରେ କିସ୍ ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସାବ୍ୟସ୍ତ ହୋଇଛି। ଫଳରେ ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯିବା ନେଇ ଅନ୍ତର୍ଜାତୀୟ ଚେସ୍ ସଂଘର ପରିକଳ୍ପନା ସତ ହେବାକୁ ଯାଉଛି। ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍) ଓ ନିଖିଳ ଉତ୍କଳ ଚେସ୍ ସଂଘ (ଏଓସିଏ) ଏ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛି। କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରିବା ନେଇ ସବୁପ୍ରକାର ବ୍ୟବସ୍ଥା କରାଯାଇଛି ଓ ଏହି ଦୁଇ ସଂଘ ମିଳିତ ଭାବେ ଏ ନେଇ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱରଠାରେ ଶନିବାର ଖବରଦାତା ସମ୍ମିଳନୀରେ ଏ ନେଇ ଘୋଷଣା କରାଯାଇଛି। ଏଥିରେ ଏଆଇସିଏଫ୍ ସଭାପତି ସଞ୍ଜୟ କପୁର, ସମ୍ପାଦକ ଭାରତ ସିଂ ଚୌହାନ, ଉପସଭାପତି ଭବେଶ ପଟେଲ, କୋଷାଧ୍ୟକ୍ଷ ନରେଶ ଶର୍ମା, ନିଖିଳ ଉତ୍କଳ ଚେସ୍ ସଂଘ ସଭାପତି ରଞ୍ଜନ ମହାନ୍ତି, ସମ୍ପାଦକ ଦେବବ୍ରତ ଭଞ୍ଜ ଓ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରାଯିବାରେ କିସ୍ ପ୍ରଥମ ଶିକ୍ଷାନୁଷ୍ଠାନ ବୋଲି ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ଏହାକୁ ପରିଚାଳନା କରିବ।

କିଟ୍ ବିଶ୍ୱବିଦ୍ୟାଳୟ ଓ କିସ୍ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଉଥିବା ବେଳେ ଫିଡେ ଓ ଏଆଇସିଏଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇବେ। ସବୁ ପ୍ରକାର କ୍ରୀଡ଼ାର ପ୍ରସାର ଓ ପ୍ରଚାର ପାଇଁ କିସ୍ ପ୍ରୟାସ ଜାରି ରଖିଛି। ଶିକ୍ଷା ସହ କ୍ରୀଡ଼ାକୁ କିଟ୍ ଓ କିସ୍ ସମାନ ଗୁରୁତ୍ୱ ଦେଉଛି। ଚେସ୍‌ର ପ୍ରସାର ପାଇଁ ଅଚ୍ୟୁତ ସାମନ୍ତ ଗତ ୧୦ ବର୍ଷ ଧରି ଚେଷ୍ଟା ଜାରି ରଖିଛନ୍ତି। ଫଳରେ କିଟ୍‌ରୁ ଏକାଧିକ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ଚେସ୍ ଖେଳାଳି ସୃଷ୍ଟି ହୋଇପାରିଛନ୍ତି। କିଟ୍ ଓ କିସ୍ ଆଞ୍ଚଳିକ ସ୍ତରର ଟୁର୍ନାମେଣ୍ଟଠାରୁ ଆରମ୍ଭ କରି ଜାତୀୟସ୍ତରର ଚାମ୍ପିୟନଶିପ ଆୟୋଜନ କରି ଚେସ୍ ଓ ଚେସ୍ ଖେଳାଳିଙ୍କ ଉନ୍ନତି ପାଇଁ ପ୍ରୟାସ କରିଆସୁଛି। କିସ୍‌ର ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରିବା ପାଇଁ ଦୀର୍ଘ ୧ ବର୍ଷ ଧରି ଯୋଗାଯୋଗ ରକ୍ଷା କରାଯାଇଆସୁଥିଲା। ଏଥିପାଇଁ କିଟ୍ ଓ କିସ୍‌ରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପ୍ରଶିକ୍ଷକ ରହିଛନ୍ତି। ଫଳରେ କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରିବାକୁ ଅଚ୍ୟୁତ ସାମନ୍ତଙ୍କ ସହ ଆଲୋଚନା କରାଯାଇଥିଲା। ଫଳରେ ୨୦୨୧-୨୨ ଶିକ୍ଷାବର୍ଷଠାରୁ କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରିବା ନେଇ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ସାମନ୍ତ ଖୁସି ଜାହିର କରିବା ସହ ଏହି ଗଠନମୂଳକ ପ୍ରୟାସ ଲାଗି ଏଆଇସିଏଫ୍ ଓ ଏଓସିଏକୁ କୃତଜ୍ଞତା ଜଣାଇଛନ୍ତି। ଏହାଦ୍ୱାରା ଭବିଷ୍ୟତରେ କିସ୍ ତଥା ରାଜ୍ୟରୁ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି ହେବା ସହ ଛାତ୍ରୀଛାତ୍ରଙ୍କର ମାନସିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କ ସମେତ ଏଆଇସିଏଫ୍ ଓ ଏଓସିଏର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଚେସ୍ ଏକାଡେମୀ ଖୋଲିବାକୁ ଏଆଇସିଏଫ୍ ସଭାପତି ସଞ୍ଜୟ କପୁର ପ୍ରସ୍ତାବ ଦେଇଥିଲେ। ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ଏଥିପାଇଁ କିସ୍ ଓ କିଟ୍‌କୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନ୍ୟ କର୍ମକର୍ତ୍ତାମାନେ ମଧ ଚେସ୍‌କୁ ପାଠ୍ୟକ୍ରମରେ ସାମିଲ କରାଯାଇଥିବାରୁ ଖୁସିବ୍ୟକ୍ତ କରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୧ ମାର୍ଚ୍ଚ, ୨୦୨୧ Bhubaneswar, Sunday, March 21/2021

# ଜାତୀୟ ଟେନିସରେ ସୋହିନୀ ରନର୍ସଅପ୍

ଭୁବନେଶ୍ୱର,୨୦।୩(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାର ୧୨ ବର୍ଷୀୟା ବାଳିକା ଟେନିସ୍ ଖେଳାଳି ସୋହିନୀ ମହାନ୍ତି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ପ୍ରଥମ ଓଡ଼ିଆ ଟେନିସ ଖେଳାଳି ଭାବେ ସେ ଜାତୀୟ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୪ ବର୍ଷରୁ କମ୍ ମୁମ୍ବାଇ ନ୍ୟାଶନାଲ୍ସ ବାଳିକା ଇଭେଣ୍ଟର ଡବଲ୍ସ ଫାଇନାଲ ମ୍ୟାଚ୍ ଖେଳିଛନ୍ତି। ୫୧ ର୍‍ୟାଙ୍କ୍‌ର ଖେଳାଳି ଭାବେ ସେ ଭାରତର ୨ ଓ ୬ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

ତେବେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ଫାଇନାଲରେ ପରାସ୍ତ ହୋଇ ରନର୍ସ ଅପ୍ ବିବେଚିତ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଲଢ଼େଇ କରିଥିଲେ ମଧ୍ୟ ମହାରାଷ୍ଟ୍ରର ଅସ୍ମି ଅଡକରଙ୍କଠାରୁ ୬-୧, ୪-୬, ୨-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ସେହିପରି ଡବଲ୍ସରେ ସୋହିନୀ ଓ ତାଙ୍କ ପାର୍ଟନର ଦିଲ୍ଲୀର ମାନ୍‌ସୀ ସିଂ ସଂଘର୍ଷ କରି ୭-୫, ୪-୬ ସେଟ୍‌ରେ ପ୍ରତିପକ୍ଷ ଯୋଡିଙ୍କଠାରୁ ପରାସ୍ତ ହୋଇ ରନର୍ସ ଅପ ହୋଇଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ଏ ପର୍ଯ୍ୟନ୍ତ ୫୯ଟି ଅଲ୍ ଇଣ୍ଡିଆ ଟାଇଟଲ୍ ହାସଲ କରିଛନ୍ତି। ଓଡ଼ିଶାରେ ସେ ଏହି କ୍ରମରେ ସର୍ବାଧିକ ଟାଇଟଲ ହାସଲକାରୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଗତବର୍ଷ ସେ ଜାତୀୟ ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ଟୁର୍ନାମେଣ୍ଟରେ ଦୁଇଥର ସେମିଫାଇନାଲରେ ପ୍ରବେଶ କରିଥିଲେ।



ସୋହିନୀ ମହାନ୍ତି

କୋଚ୍ ସୟଦ ଫାରହାନ ଅଲୀଙ୍କ ତତ୍ତ୍ୱାବଧାନରେ ସେ କ୍ରମାଗତ ଭାବେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସଫଳ ହୋଇଛନ୍ତି। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ୧୨ ବର୍ଷରୁ କମ୍ ଭାରତୀୟ ଡେଭିସ କପ୍ ଜୁନିୟର ଦଳରେ ସ୍ଥାନ ପାଇଥିଲେ। ଭାରତରେ ୧୨ ବର୍ଷରୁ କମ୍ ବର୍ଗରେ ସେ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ୨ ନମ୍ବର ସ୍ଥାନ ହାସଲ କରିଥିଲେ। ସୋହିନୀ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ପଢୁଛନ୍ତି। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୋହିନୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସ୍ଥାନୀୟ ଫରହାନ ଅଲୀ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଫାଇଲିନ ଗୃହ ବିବାଦ: ୭ଦିନ ସମୟ ନେଲା ପ୍ରଶାସନ**

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ଫାଇଲିନ ବାତ୍ୟାକୁ ୮ବର୍ଷ ବିତିଯାଇଥିଲେ ମଧ ଏବେବି ଗୃହ ଭାଙ୍ଗି ଯାଇଥିବା ହିତାଧିକାରୀମାନେ କ୍ଷତିପୂରଣ ପାଇନାହାନ୍ତି। ଏହାର ପ୍ରତିବାଦରେ ଗତ ୧୭ତାରିଖରୁ ସୁବାସ ଚନ୍ଦ୍ର ଜେନା, କାର୍ତ୍ତିକ ଦଳେଇ, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ଜଗଦେବଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ବ୍ଲକ ଆଗରେ ଧାରଣା ଜାରି ରହିଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଶନିବାର ହିତାଧିକାରୀ ଜିଲା କାର୍ଯ୍ୟାଳୟ ପୁରୀକୁ ଚିଲିକାରେ ପଶିଯିବା ପାଇଁ ପଦଯାତ୍ରାରେ ବାହାରିଥିଲେ। ତହସିଲଦାର ଉଲ୍ଲାସ କୁମାର ସେଠୀ, ବିଡିଓ ଅଭିମନ୍ୟୁ ମାଝୀ, ଆଇଆଇସି ଦିଲୀପ ସ୍ୱାଇଁ, କ୍ଷେମେନ୍ଦ୍ର ଷଡ଼ଙ୍ଗୀ ଜହ୍ନିକୁଦାଠାରେ ହିତାଧିକାରୀଙ୍କୁ ଅଟକାଇବା ସହ ଏହାର ସମାଧାନ ନିମନ୍ତେ ୭ଦିନ ସମୟ ନେଇଥିଲେ।

# ଦୁର୍ଦ୍ଦିନରେ ୫୦୦ ବୁଣାକାର ପରିବାର

ଖୋର୍ଦ୍ଧା ଅଫିସ,୨୦।୩

କରୋନା ମହାମାରୀ ଯୋଗୁ ଏକ ବର୍ଷ ହେବ ଖୋର୍ଦ୍ଧା ଜିଲା ବେଗୁନିଆ ଏବଂ ବୋଲଗଡ଼ ବ୍ଲକର ୫୦୦ରୁ ଉର୍ଦ୍ଧ୍ୱ ବୁଣାକାରଙ୍କ ପରିବାର ହାତ ବାନ୍ଧି ବସିଛନ୍ତି। କଞ୍ଚାମାଲ ଅଭାବ, ପ୍ରସ୍ତୁତ ସାମଗ୍ରୀ ବିକ୍ରି ନ ଥିବାରୁ ବୁଣାକାରଙ୍କ ସମସ୍ୟାକୁ ଏହା ଦ୍ୱିଗୁଣିତ କରିଛି। ବୁଣାକାରଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡିଛି। ସରକାର ସମସ୍ତଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ବୁଣାକାରଙ୍କ ଲାଗି କୌଣସି ଘୋଷଣା କରି ନ ଥିବା ଏକାଧିକ ବୁଣାକାର କହିଛନ୍ତି।

ବେଗୁନିଆ ବ୍ଲକର ରାଉତପଡ଼ାରେ ୨୫୦ରୁ ଉର୍ଦ୍ଧ୍ୱ ବୁଣାକାର ପରିବାର ରହିଛନ୍ତି। ବର୍ଷସାରା ଏମାନେ ତନ୍ତ ସାହାର୍ଯ୍ୟରେ ସୂତା ଲୁଗା, ପାଟବସ୍ତ୍ର, ଗାମୁଛା, ଶାଢ଼ି ପ୍ରସ୍ତୁତ କରି ପରିବାର ଚଳାଇଥାନ୍ତି। ତେବେ କରୋନା ଯୋଗୁ ଏମାନଙ୍କ କାମ ଠପ୍ ହୋଇଯାଇଛି। ଏହି ଗ୍ରାମର ବରିଷ୍ଠ ବୁଣାକାର ଗୋପୀନାଥ ଦାସ କୁହନ୍ତି, କରୋନା ସମୟରେ ଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ବେପାର ଠପ ହୋଇଗଲା। କଞ୍ଚାମାଲ ଆସିପାରିଲା ନାହିଁ। ଫଳରେ ବହୁ ବୁଣାକାର କାମଧନ୍ଦା ହରାଇଲେ। ପୂର୍ବରୁ ଯାହା ବୁଣା ଲୁଗା ଥିଲା, ତାହାର ବିକ୍ରି ହୋଇପାରିଲା ନାହିଁ। ଏବେ କଞ୍ଚାମାଲ ଦର ଉଚ୍ଚା ରହିଛି। ସରକାରୀ ସହାୟତା ନ ମିଳିଲେ, ବୁଣା କାରିଗରି ବନ୍ଦ ହୋଇଯିବ। ସେହିପରି ସାନପଦର, ସିମର, ଡାଳତୋଳା, ବାରବାଟି ଅଠରାଙ୍ଗ, ବୋଲଗଡ ବ୍ଲକ ଧଳାପଥର ଆଦି ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ବୁଣାକାର ପରିବାର ଜୀବନ ଦୁର୍ବିଷହ ହୋଇପଡିଛି। ବୁଣାକାର ନିମାଇ ଚରଣ କୁଣ୍ଡୁ କୁହନ୍ତି, ଫନୀ ପରେ କରୋନା ବୁଣାକାର ପରିବାରଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ପ୍ରସ୍ତୁତ ଲୁଗା ବିକ୍ରି ହୋଇପାରୁ ନ ଥିବା ବେଳେ ଆର୍ଥିକ ଅଭାବ ଯୋଗୁ କଞ୍ଚାମାଲ କିଣିପାରୁ ନାହିଁ। ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି।

**ସରକାରୀ ସହାୟତା ପାଇଁ ନିବେଦନ**



ଅନ୍ୟପଟେ ଗ୍ରାମରେ ଲବ୍ଧ ପ୍ରତିଷ୍ଠିତ ହସ୍ତ ତନ୍ତ ବୁଣାକାର ସମିତି ଥିଲେ ମଧ ବୁଣାକାରଙ୍କୁ ଉପଯୁକ୍ତ ମଜୁରି ଦେବାରେ ସକ୍ଷମ ନୁହଁ ବୋଲି କେତେଜଣ ବୁଣାକାର କହିଛନ୍ତି। କୈଳାସ ପାତ୍ର କୁହନ୍ତି, ପୂର୍ବରୁ ବିଭିନ୍ନ ଡିଜାଇନର ଶାଢ଼ି ଅର୍ଡର ମିଳିଥିଲା। କାମ ସରିବା ବେଳେ ଲକ୍‌ଡାଉନ, ଶଟ୍‌ଡାଉନ ହୋଇଗଲା। ଅର୍ଡର ଦେଇଥିବା ବେପାରି ଆସିପାରିଲେ ନାହିଁ। ଦୋକାନ ବଜାର ବନ୍ଦ ହୋଇଗଲା। ବିକ୍ରି ହେଲେ ଟଙ୍କା ମିଳିବ। ପୂର୍ବରୁ ବିକ୍ରିରୁ ଯାହା ମିଳିଥିଲା, ତାହା ପରିବାର ଚଳିବା କଷ୍ଟକର। ବୁଣାକାର ରବୀନ୍ଦ୍ର ଦାସ କୁହନ୍ତି, ବୁଣାଲୁଗା ବିକ୍ରି ନ ହେଲେ, ପରିବାର କିପରି ଚଳିବ ସେ ନେଇ ଚିନ୍ତା ବଢିଛି। ବର୍ତ୍ତମାନ ହାତରେ କାମଧନ୍ଦା ନାହିଁ। କଞ୍ଚାମାଲ ଆସିପାରୁ ନ ଥିବାରୁ ପୂର୍ବରୁ ଅର୍ଡର ଥିବା ସାମଗ୍ରୀ ମଧ ପ୍ରସ୍ତୁତ ହୋଇପାରୁନାହିଁ। ବୁଣାକାର ରମେଶ ଦାସ କୁହନ୍ତି, କଞ୍ଚାମାଲ ପୂର୍ବାପେକ୍ଷା ଦର ବୃଦ୍ଧି ଘଟିଛି। ପୂର୍ବରୁ ପ୍ରସ୍ତୁତ କରିଥିବା ସାମଗ୍ରୀ ସମିତିରେ ପଡି ରହିଛି। ମଜୁରି ମିଳିନାହିଁ। ସରକାରୀ ସହାୟତା ନ ମିଳିଲେ, ଆଗକୁ ବଢିବା କଷ୍ଟକର ହୋଇପଡିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଟଣୀ/ଯାଁଳା,୨୦।୩(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ଗୋବିନ୍ଦପୁର (ତଳଖେତା) ନିକଟରେ ଶନିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜଟଣୀ ରାଜାବଜାର ଅଞ୍ଚଳର ବିନାୟକ ରାମ। ଗୁରୁତର ଏନ୍.ଭବାନୀଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନ ୪ଟାରେ ବିନାୟକ ଓ ଭବାନୀ ଏକ ବାଇକ୍‌ରେ ଜଟଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। କୌଣସି କାରଣରୁ ଗୋବିନ୍ଦପୁର ନିକଟ ଏକ ବୁଲାଣିଠାରେ ଭାରସାମ୍ୟ ହରାଇ ମାଙ୍କଡ଼ା ପଥରରେ ପିଟି ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ବିନାୟକଙ୍କୁ ମୃତ ଘୋଷଣା କରିଥିଲେ। ଭବାନୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୪/୨୧) ରୁଜୁ ହୋଇଛି।

### ବିଜ୍ଞାନ ପ୍ରଦର୍ଶନୀରେ ୭୧ ପ୍ରକଳ୍ପ

ବାଲୁଗାଁ,୨୦।୩(ଡି.ଏନ୍.ଏ.): ଗଣପତି ସାବତ ଫାଉଣ୍ଡେଶନ ଆନୁକୂଲ୍ୟରେ ଶନିବାର ବାଲୁଗାଁ ମହାବିଦ୍ୟାଳୟ ପରିସରରେ ମେଗା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅଶୋକ କୁମାର ବେହୁରିଆ ଅତିଥିଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣପତି ସାବତ ଫାଉଣ୍ଡେଶନ ଅଧକ୍ଷ ବିନୋଦ ସାବତ, ବିଜୟ ବିଶ୍ୱାଳ, ବାଳକୃଷ୍ଣ ମହାରଣା, ପ୍ରଭାକର ନାୟକ, ବିଜୟ ରାଉତ ପ୍ରମୁଖ ଯୋଗଦେଇ 'ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସାମ୍ପ୍ରତିକ ପ୍ରଗତି' ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରଦର୍ଶନୀରେ ୧୨୦ ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏମ୍ ଏସ୍ ସିମ୍ରନ୍ସୀ, ଦୀପମିତ୍ରା ମହାରଣା, ସୋନାଲିକା ସାହୁ, ମୌସୁମୀ ଦାସ ଏବଂ ସୁମନ୍ତ ପ୍ରଧାନଙ୍କ ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ସେହିପରି ମନସ୍ୱିନୀ ଯୁଝାରସିଂ, ତେଜସ୍ୱିନୀ ପଣ୍ଡା, ସୋମନାଥ ଦାସ, ପୂଜା ପାଇକରାୟ, ଦୀପ୍ତିମୟୀ ସେଠୀ, ବିପ୍‌ସା ପ୍ରତିବିମ୍ବିତାଙ୍କୁ ପୁରସ୍କୃତ କରାଯାଇଥିଲା। ଡ.କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ବିଜୟ ରାଉତ ଧନ୍ୟବାଦ ଦେଇଥିଲେ।

### କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ବେଗୁନିଆ,୨୦।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକରେ ଥିବା ବୀଣାପାଣି ପାଠାଗାର ପକ୍ଷରୁ ଶନିବାର ମାଗଣା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଠାଗାର ସଭାପତି ପ୍ରଭାତ ପ୍ରହରାଜଙ୍କ ଅଧକ୍ଷତାରେ ଶିକ୍ଷା କେନ୍ଦ୍ର ପରିସରରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ, ଅଧାପକ ରମେଶ ଚନ୍ଦ୍ର ସାହୁ, ଅର୍ଜୁନ ପ୍ରଧାନ, ପୁଲକ ସାହୁ, ବସନ୍ତ ପ୍ରହରାଜ, ସୁଶାନ୍ତ ରାୟ, ବସନ୍ତ ସାହୁ ଯୋଗଦେଇଥିଲେ। ଏହି କେନ୍ଦ୍ରରେ ୩୦ଟି କମ୍ପ୍ୟୁଟର ଏବଂ ଶିକ୍ଷାଦାନ ପାଇଁ ୩ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଶୁଭାରମ୍ଭ ଦିବସରେ ୭୮ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିଥିଲେ।

# ତୃତୀୟ ଦିନରେ ଚାଷୀଙ୍କ ଅନଶନ

ବୋଲଗଡ଼,୨୦।୩(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ପିଚୁକୁଳି ସେବା ସମବାୟ ସମିତି ଆଗରେ ଚାଲିଥିବା ଚାଷୀଙ୍କ ଆମରଣ ଅନଶନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ପଞ୍ଜୀକୃତ ଚାଷୀ ଟୋକନ ପାଇଥିଲେ ମଧ ଟାର୍ଗେଟ ଆସୁ ନ ଥିବାରୁ ଧାନ ବିକ୍ରି କରିପାରୁ ନାହାନ୍ତି। ଫଳରେ ଟୋକନ ଅବଧି ମଧ ସରିଯାଉଛି। କୌଣସି ପ୍ରଶାସନିକ ଅଧିକାରୀ ଅନଶନସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଚାଷୀଙ୍କୁ ଦିଆଯାଇଥିବା ୮୫ଟି ଟୋକନର ଅବଧି ସରିବାକୁ ଯାଉଥିବା ବେଳେ ଏଥି ପାଇଁ ପ୍ରାୟ ଅଢ଼େଇ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆବଶ୍ୟକ। ଶୁକ୍ରବାର ସୁଦ୍ଧା ୧୩୦୦ କୁଇଣ୍ଟାଲ ଟାର୍ଗେଟ ଆସିଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ତ ଧାନ ମଣ୍ଡିରେ କିଣା ନ ଯିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚାଷୀମାନେ କହିଛନ୍ତି।



ପିଚୁକୁଳି ସେବା ସମବାୟ ସମିତି ଆଗରେ ଚାଷୀମାନେ ଅନଶନରେ ବସିଛନ୍ତି।

# ଜିଲାରେ ୧୪,୬୧,୧୮୧ କୁଇଣ୍ଟାଲ ଧାନ କିଣା ସରିଛି

ଖୋର୍ଦ୍ଧା ଅଫିସ,୨୦।୩

ଖୋର୍ଦ୍ଧା ଜିଲାରେ ଖରିଫ ଧାନକିଣା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାର୍ଚ୍ଚ ୩୧ ଶେଷ ଦିବସ ରହିଛି। ବର୍ତ୍ତମାନ ସୁଦ୍ଧା ୩୯,୧୧୨ ଚାଷୀଙ୍କ ଠାରୁ ୧୪,୬୧,୧୮୧ କୁଇଣ୍ଟାଲ ଧାନ କିଣା ସରିଛି। ଏଥି ବାବଦକୁ ଚାଷୀଙ୍କ ଆକାଉଣ୍ଟକୁ ୨୬୬.୧୪ କୋଟି ଟଙ୍କା ଦିଆଯାଇଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ଶୁକ୍ରବାର ସୁଦ୍ଧା ବାଲିଅନ୍ତା ବ୍ଲକରେ ୧,୯୩,୩୫୦ ଟାର୍ଗେଟ ମଧ୍ୟରୁ ୧,୯୦,୭୨୫ କୁଇଣ୍ଟାଲ ଧାନ କିଣାଯାଇଛି। ବାଲିପାଟଣା ବ୍ଲକରେ ୨,୨୭,୨୨୦ ଟାର୍ଗେଟ ମଧ୍ୟରୁ ୨,୨୩,୨୦୩, ଭୁବନେଶ୍ୱର ବ୍ଲକରେ ୮୩,୬୬୦ ଟାର୍ଗେଟ ମଧ୍ୟରୁ ୮୨,୯୨୭, ଜଟଣୀ ବ୍ଲକରେ ୬୯,୪୫୦ ଟାର୍ଗେଟ ମଧ୍ୟରୁ ୬୮,୮୬୩, ଖୋର୍ଦ୍ଧା ବ୍ଲକରେ ୧,୩୪,୯ଶହ ଟାର୍ଗେଟ ମଧ୍ୟରୁ ୧,୩୧,୬୧୧, ବେଗୁନିଆ ବ୍ଲକରେ ୧,୮୫,୯୯୦ ଟାର୍ଗେଟ ମଧ୍ୟରୁ ୧,୮୨,୬୪୯, ବୋଲଗଡ଼ ବ୍ଲକରେ ୧,୮୪,୭୫୦ ଟାର୍ଗେଟ ମଧ୍ୟରୁ ୧,୭୯,୯୩୪, ଟାଙ୍ଗୀ ବ୍ଲକରେ ୧,୩୬,୮୪୦ ଟାର୍ଗେଟ ମଧ୍ୟରୁ ୧,୩୧,୬୨୮, ଚିଲିକା ବ୍ଲକରେ ୧,୨୧,୮୫୦ ଟାର୍ଗେଟ ମଧ୍ୟରୁ ୧,୧୮,୬୮୭ ଏବଂ ବାଣପୁର ବ୍ଲକରେ ୧,୪୮,୧୮୦ ଟାର୍ଗେଟ ମଧ୍ୟରୁ ୧,୪୩,୧୪୧ କୁଇଣ୍ଟାଲ ଧାନ କିଣାଯାଇଛି।

# 'ବିଜ୍ଞାନ ଓ ବିଶ୍ୱାସ' ଶୀର୍ଷକ ଆଲୋଚନାଚକ୍ର

ବୋଲଗଡ଼,୨୦।୩(ଡି.ଏନ୍.ଏ.)

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ବିଜ୍ଞାନ ସଂସଦ ପକ୍ଷରୁ 'ବିଜ୍ଞାନ ଓ ବିଶ୍ୱାସ' ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ପ୍ରାଧାପିକା ବନଲତା ବାରିକଙ୍କ ସଂଯୋଜନା, ପ୍ରାଧାପିକା ଡ. ଏଲିଜାବେଥ୍ ଭଞ୍ଜ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ସଚେତନତାଧର୍ମୀ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଡ.ଶୁଭେନ୍ଦୁ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ହେଲେ କୁସଂସ୍କାର ମୁକ୍ତ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧାପକ ସୁନୀଲ୍ ରଥ, ହେମନ୍ତ ମହାପାତ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ଜୟନ୍ତ ବିଶ୍ୱାଳ, ପ୍ରାଧାପିକା ସୁଧାଂଶୁବାଳା ରଥ, ରମାମଣୀ ସିକ୍‌ଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧାପିକା ସୁପ୍ରଭା କୁମାରୀ ଦାସ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ଗୋପୀନାଥ



@ ପ୍ରସନ୍ନ



@ ସନ୍ତୋଷ



@ କାହ୍ନୁ



@ ସର୍ବେଶ୍ୱର



@ ସନ୍ଦୀପ



@ ଲକ୍ଷ୍ମୀଧର

# ଭୁବନେଶ୍ୱର, ନୟାଗଡ଼ ଯୁବ ଟିମ୍ ବିଜୟୀ



ଅତିଥିଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୦।୩

ଖୋର୍ଦ୍ଧା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଜେବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଦୁଇଟି ମ୍ୟାଚରେ ଭୁବନେଶ୍ୱର ଓ ନୟାଗଡ଼ ଯୁବ ବିଜେଡି ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଯୁବ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ନୟାଗଡ ଛାତ୍ର ବିଜେଡି ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୦୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଲରେନ୍ସ ସ୍ୱାଇଁ ୨୯ରନ ସହ ଗୋଟିଏ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ଛାତ୍ର ଟିମ୍ ନିର୍ଦ୍ଧାରିତ ଓଭରରେ ୧୦ ଉଇକେଟ ବିନିମୟରେ ୭୫ରନ ସଂଗ୍ରହ କରିଥିଲା। ଜବାବରେ ନୟାଗଡ଼ ଯୁବ ଟିମ୍ ୧୦.୩ ଓଭରରେ ୪ ଉଇକେଟ ବିନିମୟରେ ୭୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅସୀମ ନନ୍ଦ ୨୭ ରନ ସହ ୨ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପ୍ରକାଶ ପଟ୍ଟନାୟକ ଏବଂ ଅନିଲ ମହାପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ଅସିତ ପରିଡା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜେଶ ପରିଡା, ବିଶ୍ୱଦୀପ ପ୍ରଧାନ, ସୁଜିତ ପାଲଟାସିଂ, ରମେଶ ଚନ୍ଦ୍ର ସାହୁ, ସେକ ଅକତର ଅଲ୍ଲୀ ଉପସ୍ଥିତ ଥିଲେ। ଅଭିଷେକ ସିଂ ସାମନ୍ତ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ଦିଲୀପ ମହାପାତ୍ର, ପ୍ରମୁଖ ମ୍ୟାଚରେ ସହଯୋଗ କରିଥିଲେ।

# ଶଟର ତାଡ଼ି ନେଇଗଲେ ୧.୮୦ ଲକ୍ଷ

ଖୋର୍ଦ୍ଧା ଅଫିସ,୨୦।୩

କିଛିଦିନର ବ୍ୟବଧାନ ପରେ ଖୋର୍ଦ୍ଧା ତଥା ଜାତୀୟ ରାଜପଥରେ ପୁଣି ଲୁଟେରା ମାତିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୧୬ନଂ. ଜାତୀୟ ରାଜପଥ ବରୁଣେଇ ନିକଟ ପାଢୀବାର୍ ଆଣ୍ଡ ରେଷ୍ଟୁରାଣ୍ଟରୁ ବଡ଼ ଧରଣର ଚୋରି ହୋଇଛି। ଦୁଇଜଣ ଦୁର୍ବୃତ୍ତ ବାର୍ ପାଚେରି ଡେଇଁ ଘର ଶଟର୍ ତାଡ଼ି କ୍ୟାଶ କାଉଣ୍ଟରରୁ ୧ଲକ୍ଷ ୮୦ହଜାର ୫୬୦ଟଙ୍କା ଏବଂ ବିଦେଶୀ ମଦ ନେଇଯାଇଛନ୍ତି। ଏନେଇ ଶନିବାର ବାର୍ ମାଲିକ ସମ୍ବିତ ପାଢୀ ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଛନ୍ତି। ୨ଜଣ ଦୁର୍ବୃତ୍ତ ବାର୍‌ରେ ପଶିବାରେ ସମସ୍ତ ଘଟଣା ସିସିଟିଭି ଫୁଟେଜରେ କଏଦ ହୋଇଛି। ପାଢୀ ଏହି ଫୁଟେଜକୁ ଥାନାକୁ ହସ୍ତାନ୍ତରିତ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୧୬/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ସବୁଦିନ ପରି ରାତି ୧୦ଟାରେ ବାର୍ ବନ୍ଦ ହୋଇଥିଲା। ଭୋର ପ୍ରାୟ ୩ଟାରେ ଦୁର୍ବୃତ୍ତମାନେ ପଶି ଏହି ଚୋରି କରିଥିବା ପାଢୀ ଅଭିଯୋଗରେ ଦର୍ଶାଇଛନ୍ତି। ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ଜାତୀୟ ରାଜପଥରେ ସାଧାରଣ ଜନ ଜୀବନର ସୁରକ୍ଷା, ଲୁଟ୍ ରୋକିବା ଲାଗି ସରକାର ୧୬ନଂ. ଜାତୀୟ ରାଜପଥରେ ପିତାପଲ୍ଲୀଠାରୁ ଗଞ୍ଜାମ ସୀମା ପର୍ଯ୍ୟନ୍ତ ହାଇୱେ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରିଥିଲେ। ତେବେ ହାଇୱେ ପାଟ୍ରୋଲିଂ ସତ୍ତ୍ୱେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଫଳରେ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଦୟାନନ୍ଦ ଆଦର୍ଶ ଗୁରୁକୁଳର ଲୋକାର୍ପଣ ଉତ୍ସବ

ବେଗୁନିଆ,୨୦।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଶ୍ରମ ଗୁରୁକୁଳର ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଆଦର୍ଶ ଗୁରୁକୁଳର ପ୍ରତିଷ୍ଠାତା ବୀରେନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ ଉଦ୍‌ଘାଟକ, ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥି, ଇଂ. ପ୍ରିୟବ୍ରତ ଦାସ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ପ୍ରଫେସର ବିକାଶ ପଣ୍ଡା, ମାତା ଶନ୍ନୋ ଦେବୀ, ମହେନ୍ଦ୍ର ପାଲ ଆର୍ଯ୍ୟ, ଜିଲାପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ଭିକାରୀ ଚରଣ ସାହୁ, ଜାଗେଶ୍ୱର ମାଝୀ, ପ୍ରତିମା ଠାକୁର, ରାଇ ଚରଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଗୁରୁକୁଳରେ ସ୍ଥାନୀୟ ଅଞ୍ଚଳର ପିଲାମାନେ ବେଦ ଅଧ୍ୟୟନ କଲେ ଏକ ଉନ୍ନତ ରାଷ୍ଟ୍ର ଗଠନ କରିବାରେ ସହାୟକ ହୋଇପାରିବେ ବୋଲି କହିଥିଲେ। ବୀରେନ୍ଦ୍ର କର, ବ୍ରଜବନ୍ଧୁ ପଣ୍ଡା ଓ ଭଗବାନ ଆଚାର୍ଯ୍ୟ ଉପସ୍ଥିତ ରହି ମାର୍ଗଦର୍ଶନ ଦେଇଥିଲେ। ପ୍ରାତଃରେ ଆଚାର୍ଯ୍ୟ ଧର୍ମରାଜଜୀଙ୍କ ଦ୍ୱାରା ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସଭାରେ ରଶ୍ମି ରଞ୍ଜନ ମହାପାତ୍ର ଓ କାହ୍ନୁ ଚରଣ ଦାସ ଅତିଥିଭାବେ ଯୋଗଦେଇଥିଲେ। ଡ. ହରିଭାଇ ଆର୍ଯ୍ୟନ ସଂଯୋଜନା କରିଥିଲେ। ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଅଭୟ ଆର୍ଯ୍ୟ, ବିଜୟ ଆର୍ଯ୍ୟ, ଦୀପକ ଆର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଶ୍ମଶାନରେ ପାର୍କ ନିର୍ମାଣକୁ ବିରୋଧ

କୃଷ୍ଣପ୍ରସାଦ,୨୦।୩(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ମୋରଡ଼ା ଗ୍ରାମରେ ଥିବା ଏକ ଶ୍ମଶାନରେ ପଞ୍ଚାୟତ ପାର୍କ ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଗ୍ରାମର ଗଦାଧର ସେଠୀ, ମଙ୍ଗୁଳି ସେଠୀ, ଅନିଲ ସେଠୀ, ସଂଗ୍ରାମ ସେଠୀଙ୍କ କହିବା ଅନୁଯାୟୀ, ପୂର୍ବରୁ ଶ୍ମଶାନରେ ତାରିଣୀ ମନ୍ଦିର କରାଯାଇଥିବା ବେଳେ ଏହାର ପଛପଟେ ଥିବା ସ୍ଥାନ ଶ୍ମଶାନ ପାଇଁ ରଖାଯାଇଥିଲା। ଉକ୍ତ ସ୍ଥାନରେ ମୃତଦେହ ସତ୍କାର କରାଯାଉଥିଲା। ତେବେ ଶ୍ମଶାନ ପାଇଁ ଛଡା ଯାଇଥିବା ଉକ୍ତ ସ୍ଥାନରେ ପାର୍କ ନିର୍ମାଣ କରାଯାଉଛି। ବିରୋଧ ସତ୍ତ୍ୱେ ବି କାର୍ଯ୍ୟ ଜାରି ରହିଛି। ଏନେଇ ରାଜସ୍ୱ ନିରୀକ୍ଷକ, ତହସିଲଦାର, ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଶ୍ମଶାନ ସ୍ଥାନକୁ ପାର୍କ କରାଗଲେ ମୃତଦେହ ସତ୍କାର କେଉଁଠାରେ କରାଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲାପାଳଙ୍କୁ ଅବଗତ କରାଯିବ। ଜିଲାପାଳ କୌଣସି ପଦକ୍ଷେପ ନ ନିଅନ୍ତି ଆଗାମୀ ଦିନରେ ମୃତଦେହ ଜିଲାପାଳଙ୍କ ଅଫିସ ଆଗରେ ରଖି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଶ୍ମଶାନରେ ପାର୍କ ନିର୍ମାଣ କରାଯାଉଛି।

### ତୃଣମୂଳ ସ୍ତରରୁ ସଂଗଠନକୁ ଦୃଢ଼ କର

ଅସ୍ତରଙ୍ଗ,(ଡି.ଏନ୍.ଏ.)- ଅସ୍ତରଙ୍ଗ ବ୍ଲକର ନୂଆଗଡ଼ରେ କଂଗ୍ରେସ ନେତା ସିନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଦଳୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ସୁକାନ୍ତ ମହାନ୍ତି, ଜୋନ୍ ସଭାପତି ପ୍ରଶାନ୍ତ ଭୋଳ, ବିକାଶ ବାରିକ ପ୍ରମୁଖ ଯୋଗଦେଇ ଦେଇ ଆଗାମୀ ଦିନରେ କଂଗ୍ରେସ ଦଳର ସଂଗଠନକୁ ସମସ୍ତେ ମିଶି ଦୃଢ଼ କରି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତ ହେବା ପାଇଁ ପରାମର୍ଶ ଦେଇଥିଲେ। ଦଳ ପକ୍ଷରୁ ନୂଆଗଡ଼ ପଞ୍ଚାୟତର ନୂତନ କଂଗ୍ରେସ ସଭାପତି ଭାବେ କାଳୀ ଦାସଙ୍କୁ ନିର୍ବାଚିତ କରାଯାଇଛି। ଏହି ବୈଠକରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ନିମାପଡ଼ା**

- ଶ୍ରୀଜଗନ୍ନାଥ କଳାକାର ମହାସଂଘ ପକ୍ଷରୁ ସଙ୍ଗୀତ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ, ଦୁର୍ଗାମଣ୍ଡପ ପଡ଼ିଆ, ଅପରାହ୍ନ ୪ଟା।

**କୋଣାର୍କ**

- କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ, କୋଣାର୍କ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦.୦୩.୨୦୨୧

| ୪, ୨୭, ୨୩୯ ଟଙ୍କା | |
|---|---|
| ସୁନା | ୦.୨୧୦ ମିଲିଗ୍ରା. |
| ରୁପା | ୦.୬୦୦ ମିଲିଗ୍ରା. |

# ଅଙ୍ଗନୱାଡି ଗୃହ ନିର୍ମାଣରେ ଅହେତୁକ ବିଳମ୍ବ

- ଭଡ଼ା, କୋଠଘରେ ଚାଲିଛି ୮୦ କେନ୍ଦ୍ର
- ଜୁନ ଶେଷ ସୁଦ୍ଧା ସରିବ କାର୍ଯ୍ୟ

ନିମାପଡ଼ା,୨୦।୩ (ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ୩୭୯ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ପ୍ରାୟ ୬ହଜାର ଶିଶୁ ଅଧ୍ୟୟନ କରୁଛନ୍ତି। ହେଲେ ଏଥିମଧ୍ୟରେ ମାତ୍ର ୧୬୬ଟି ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ପକ୍କା ଗୃହ ରହିଥିବାବେଳେ ପ୍ରାୟ ୮୦ଟି କେନ୍ଦ୍ର କେଉଁଠି ଭଡ଼ା ଘରେ ତ କେଉଁଠି କୋଠଘରେ ଚାଲିଛି। ପକ୍କାଘର ନ ଥିବାରୁ ଶିଶୁମାନେ ବେଳେବେଳେ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରିକିଏଭଳିଭଡ଼ା ଓ କୋଠ ଘରେ ଚାଲୁଥିବାରୁ ଆସୁଥିବା ଛତୁଆ, ଅଣ୍ଡା, ଶିଶୁଖାଦ୍ୟ, କେନ୍ଦ୍ରର ବିଭିନ୍ନ ଉପକରଣ, ଆସବାବପତ୍ର ରଖିବାକୁ ଅଙ୍ଗନୱାଡ଼ି କର୍ମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଶୁମାନଙ୍କ ଏଭଳି ଦୁର୍ଦ୍ଦଶା ଦେଖି ଅଭିଭାବକମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସରକାରଙ୍କ ପକ୍ଷରୁ ଅନୁଦାନ ମଞ୍ଜୁର ହୋଇଥିବାରୁ ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ୬୬ଟି ନୂତନ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ବ୍ଲକ ପ୍ରଶାସନର ଚରମ ଅବହେଳା ଓ ବେପରୁଆ ମନୋଭାବ ପାଇଁ ଏହି କେନ୍ଦ୍ର ଗୃହ ନିର୍ମାଣରେ ଅହେତୁକ ବିଳମ୍ବ ଦେଖାଦେଇଛି। ଏହି ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ନିର୍ମାଣ କାର୍ଯ୍ୟ ବହୁ ପୂର୍ବରୁ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୭୫ପ୍ରତିଶତ ଶେଷ ହୋଇଛି। ଏହାବ୍ୟତୀତ କେତେକ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟ ନିମ୍ନମାନର ହେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏହି କେନ୍ଦ୍ର ଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ପାଇଁ ବିଭିନ୍ନ ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କ ନାମରେ କାର୍ଯ୍ୟାଦେଶ ରହିଥିବାବେଳେ ବାସ୍ତବରେ ଶାସକ ଦଳର କର୍ମୀ ଓ ଠିକାଦାରମାନେ ଏହି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି କାର୍ଯ୍ୟରେ ଅନିୟମିତତା, ଜାଲିଆତି କରାଯାଇ ବହୁ ଅର୍ଥ ହଡ଼ପ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ସିଡିପିଓ କୁମୁଦିନୀ ମିଶ୍ର କହିଛନ୍ତି, ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ବ୍ଲକ ଓ ଜିଲା ପ୍ରଶାସନର ଅଧିକାରୀଙ୍କୁ ଅବଗତ କରିଦେଇଛି। ସେହିଭଳି ବିଡିଓ ମନୋଜ କୁମାର ବେହେରା କୁହନ୍ତି, ଏହି ଅଙ୍ଗନୱାଡ଼ି ଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି କାର୍ଯ୍ୟକ୍ଷମ କରିବାକୁ ବ୍ଲକ ସହକାରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ କଡ଼ା ତାଗିଦ କରିଛି। ଏ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ସେନାପତିଙ୍କୁ ପଚାରିବାରେ କୋଭିଡ୍ କଟକଣା ଯୋଗୁ ଏହି କେନ୍ଦ୍ରଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଶାନୁରୂପ ଅଗ୍ରଗତି ହୋଇପାରି ନାହିଁ। ମାତ୍ର କଟକଣା କୋହଳ ହେବା ପରେ ଯୁଦ୍ଧକାଳୀନଭିତ୍ତିରେ ଏବେ କାମ ଚାଲିଛି। ଆସନ୍ତା ବର୍ଷା ଦିନ ପୂର୍ବରୁ ଜୁନ ଶେଷ ସୁଦ୍ଧା ସମସ୍ତ କେନ୍ଦ୍ର ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ଯନ୍ତ୍ରୀ ସେନାପତି କହିଛନ୍ତି।



ନିମାପଡ଼ାର ଏକ ଅସ୍ଥାୟୀ ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି।

# ପ୍ରିପେଡ୍ କାଉଣ୍ଟର ଦାବି କଲା ଇ-ରିକ୍ସା କାଉଣ୍ଟର

ପୁରୀ ଅଫିସ,୨୦।୩

ପୁରୀରେ ଚାଲିଥିବା ଇ-ରିକ୍ସା ଚାଳକମାନଙ୍କୁ ଅଟୋ ସଂଘ କାମ କରାଇ ଦେଉନାହାନ୍ତି। ପାସେଞ୍ଜର ଉଠାଇବା ବେଳେ ଇ-ରିକ୍ସା ଚାଳକମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସଂଘ ପକ୍ଷରୁ କିଛିଦିନ ତଳେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏନେଇ ଦୃଷ୍ଟି ଦେଇନାହିଁ ବୋଲି ଖବରଦାତା ସମ୍ମିଳନୀ କରି ଭାରତୀୟ ଇ-ରିକ୍ସା ମଜଦୁର ସଂଘ ପକ୍ଷରୁ କୁହାଯାଇଛି। ସମସ୍ୟା ସମ୍ପର୍କରେ ସଂଘର ଜିଲା ସମ୍ପାଦକ ଅକ୍ଷୟ କୁମାର ଦାସ କହିଛନ୍ତି, ସମୁଦ୍ରକୂଳ ଡିଜେଲ ଓ ପେଟ୍ରୋଲ ଅଟୋ ଚାଳକମାନେ ଇ-ରିକ୍ସା ଚାଳକମାନଙ୍କୁ ପାସେଞ୍ଜର ଉଠାଇ ଦେଉନାହାନ୍ତି। ଏହା ସହ କଟୁ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ମଧ୍ୟ ପଛାଉ ନାହାନ୍ତି। ଜଗନ୍ନାଥ ବଲ୍ଲଭଠାରୁ ଶ୍ରୀମନ୍ଦିର ଆଡ଼କୁ ଅଟୋ ଛଡ଼ାଯାଉଥିଲେ ମଧ୍ୟ ଇ-ରିକ୍ସାକୁ ଛଡ଼ାଯାଉ ନାହିଁ। ଏଭଳି ହେବା ଦ୍ୱାରା ବେପାର କରିବାରେ ସମସ୍ୟା ହେଉଛି ଓ ଆମେ ଅନୁଭବ କରୁଛୁ ଯେ ପ୍ରଶାସନ ଆମ ପ୍ରତି ଅବହେଳା କରୁଛନ୍ତି। ତେବେ ପାସେଞ୍ଜର ଉଠାଇବା ପାଇଁ ଇ-ରିକ୍ସାର ସ୍ୱତନ୍ତ୍ର ପ୍ରିପେଡ୍ କାଉଣ୍ଟରଟିଏ ମଧ୍ୟ ନାହିଁ। ଏଣୁ ଆମକୁ ପ୍ରାଥମିକତା ଦେଇ ଏକ ପ୍ରିପେଡ୍ କାଉଣ୍ଟର କରାଯାଉ। ପର୍ଯ୍ୟଟକମାନେ ଏଠାରେ ସହଜ ବୁକିଂ କରି ଇ-ରିକ୍ସା ବୁକ୍ କରିପାରିବେ। ଏହି ସମ୍ମିଳନୀରେ ଇରିକ୍ସା ସଙ୍ଗଠନର ସଭାପତି ବିଜୟ ପାତ୍ର ଓ ସମ୍ପାଦକ ବିଭୂଦତ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୩.୮୮୦ ଗ୍ରାମ୍ ବ୍ରାଉନ୍ସୁଗାର ଜବତ, ୫ ଗିରଫ

**ପୁରୀ ଅଫିସ,୨୦।୩:** ଖୋର୍ଦ୍ଧା ଜିଲାରୁ ପୁରୀକୁ ବ୍ରାଉନସୁଗାର ଚାଲାଣ ବେଳେ ତାଳବଣିଆ ଗ୍ରୀଡ୍ ଷ୍ଟେଶନଠାରେ ୫ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ଜ୍ୟୋତିରଞ୍ଜନ ଜେଠି, ରାଜନ ଦାସ, ବିଶ୍ୱନାଥ ସାହୁ ଓ ବିକ୍ରମ ପାତ୍ର। ସେମାନଙ୍କଠାରୁ ୧୩.୮୮୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏହାସହ ୬ଟି ମୋବାଇଲ ଫୋନ୍, ୨ଟି ଦୁଇଚକିଆ ଯାନ ଓ ୫୩୩୨ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ପୋଲିସ ନଂ. ୩୭/୨୧ରେ ମାମଲା ରୁଜୁ କରିଛି।

## ନୀଳାଦ୍ରି ବେଳାଭୂମିରେ ଶିଳ୍ପହାଟ

**ପୁରୀ ଅଫିସ,୨୦।୩:** ପୁରୀ ନୀଳାଦ୍ରି ବେଳାଭୂମିରେ ଶନିବାର ଶିଳ୍ପହାଟ ବସିଛି। ଶନିବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହସ୍ତଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଏହି ଶିଳ୍ପହାଟରେ ପହଞ୍ଚି କ୍ରୟ କରିଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାବ୍ୟତୀତ ଟେରାକୋଟା, ତାଳପତ୍ର ଖୋଦେଇ ଚିତ୍ର, କାଗଜ ନିର୍ମିତ ମୁଖା ଓ କଣ୍ଢେଇ, ଶାମୁକା, ମାଟିପଥର ଭଳି ବସ୍ତୁକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଚାହିଦା ଦେଖାଦେଇଥିଲା। ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାଟକୁ ନିଆଯାଇଛି।

## ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍‌ର ଜର୍ସି ଉନ୍ମୋଚିତ

**କାକଟପୁର,୨୦।୩ (ଡି.ଏନ୍.ଏ.)-** ପଦ୍ମଚରଣ ସାମନ୍ତ ସିଂହାର ଟ୍ରଷ୍ଟ ପରିସରରେ ହ୍ୟୁମାନିଟି ଫାଉଣ୍ଡେଶନ ଦ୍ୱାରା ଶନିବାର ମାର୍ଚ୍ଚ ୨୩ ଠାରୁ ଆରମ୍ଭ ହେଉଥିବା ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍ ପାଇଁ ଲୋଗୋ, ଜର୍ସି, ଖେଳ ସୂଚୀ ଉନ୍ମୋଚନ ହୋଇଯାଇଛି। ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ, ଅସ୍ତରଙ୍ଗ ବ୍ଲକ, ଗୋପ ବ୍ଲକ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନର ମୁଖ୍ୟ ବିଶ୍ୱଜିତ ଶତପଥୀ ପରିଚାଳନା କରିଥିଲେ।

# ବିଜେଡି ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଅପେକ୍ଷା

**ପିପିଲି ଉପନିର୍ବାଚନ**

ପିପିଲି,୨୦।୩ (ସ୍ୱ.ପ୍ର.)

ପିପିଲି ଉପନିର୍ବାଚନ ପାଇଁ ଦିନ ନିର୍ଦ୍ଧାରଣ ସହ ପ୍ରଶାସନିକ ସ୍ତରରେ ସମସ୍ତ ବ୍ୟବସ୍ଥା ସରିଥିବା ବେଳେ ପ୍ରମୁଖ ଦଳଗୁଡ଼ିକର ପ୍ରାର୍ଥୀ ଚୟନ ନେଇ ଏବେବି ମାନସ ମନ୍ଥନ ଚାଲିଛି। ଏ ନେଇ ବିଜେଡିର ଘନଘନ ବୈଠକ ବସୁଛି, ନିର୍ବାଚନ ମଣ୍ଡଳୀର ପଞ୍ଚାୟତ ସ୍ତରରେ ନେତାମାନଙ୍କୁ ବଛାଯାଇ ୱାର୍ଡ ସ୍ତରରୁ ଜନସମ୍ପର୍କ ପାଇଁ ବିଧିବଦ୍ଧ ଗ୍ରାଫିଂ ତିଆରି ଚାଲିଛି। ସେପଟେ ଉପନିର୍ବାଚନରେ କେଉଁ ଦଳରୁ କିଏ ପ୍ରାର୍ଥୀ ହେବ ସେଥିପାଇଁ ଜନମାନସରେ ଏବେ ବି ସସ୍‌ପେନ୍ସ ଅଛି। ପିପିଲି ବିଜେଡି ଦଳୀୟ କାର୍ଯ୍ୟାଳୟରେ ରାଜ୍ୟର ପ୍ରମୁଖ ହେଭିୱେଟ ନେତାମାନଙ୍କୁ ନେଇ ରୁଦ୍ଧଦ୍ୱାର ବୈଠକ ଚାଲୁଥିବା ବେଳେ ୱାର୍ଡ ସ୍ତରରୁ ନେତାମାନଙ୍କୁ ଏକାଠି କରି ଏହି ଉପନିର୍ବାଚନ ଲଢ଼ିବେ ବୋଲି ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ କହିଛନ୍ତି। ଦଳ ମଧ୍ୟରେ ପ୍ରାର୍ଥୀ ଚୟନକୁ ନେଇ ପ୍ରତିଦ୍ୱନ୍ଦ୍ୱ ଲାଗି ରହିଥାଏ। ତେବେ ନିର୍ବାଚନ ବୈତରଣି ପାରି ହୋଇ ଆଗକୁ ଯିବାକୁ ହେଲେ ପ୍ରଥମେ ଦଳର ଘର ସଜଡ଼ା ହେବା ନିହାତ ଆବଶ୍ୟକ ଓ ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସମସ୍ତଙ୍କ ନଜର ଥିବା ପର୍ଯ୍ୟବେକ୍ଷକ ଦେବ କହିଛନ୍ତି। ତେବେ ରୁଦ୍ଧଦ୍ୱାର ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜଟଣୀ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ପିପିଲି ବ୍ଲକ ପଞ୍ଚାୟତ ସ୍ତରରୁ ନେତାମାନେ ଯୋଗଦେଇଥିଲେ। ସୂଚନା ଥାଉ କି, ବିଜେଡି ଦଳର ପ୍ରାର୍ଥୀ ହେବା ପାଇଁ ଦିବଙ୍ଗତ ମହାରଥୀଙ୍କ ପରିବାର ମଧ୍ୟରେ କନ୍ଦଳ କମୁ ନ ଥିବାବେଳେ ଡେଲାଙ୍ଗ ଅଞ୍ଚଳରୁ ପ୍ରାର୍ଥୀ ପାଇଁ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ପ୍ରାର୍ଥୀତ୍ୱ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ।



ପୁରୀ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ ଅଶୋକ ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ସଫେଇ କରୁଛନ୍ତି।

## ଯୁଦ୍ଧକାଳୀନଭିତ୍ତିରେ ଶୁଣାଣି ହେଉ

ପୁରୀ ଅଫିସ,୨୦।୩

ଗୋପ ଥାନା ଅଞ୍ଚଳର ବଳାତ୍କାର ହୋଇଥିବା ନାବାଳିକା ପୀଡ଼ିତାଙ୍କୁ ଭେଟିଛନ୍ତି ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ। ପୀଡ଼ିତା ଏବେ ପୁରୀ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ପ୍ରଧାନ ତାଙ୍କୁ ଭେଟିଛନ୍ତି। ଆୟୋଗ ପକ୍ଷରୁ ସବୁପ୍ରକାର ସହଯୋଗର ପ୍ରତିଶ୍ରୁତି ପରିବାର ଲୋକଙ୍କୁ ଦିଆଯାଇଥିବା ବେଳେ ଦୋଷୀ ବିରୋଧରେ କଡ଼ା ଦଣ୍ଡବିଧାନ ହେଉ ବୋଲି କହିଛନ୍ତି। ଏ ନେଇ ସନ୍ଧ୍ୟାବତୀ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ। ପୋକ୍ସୋ ଆଇନ ଅନୁଯାୟୀ ପୀଡ଼ିତାଙ୍କୁ କିଭଳି ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଶିକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଅଗ୍ରାଧିକାର ଭିତ୍ତିରେ ସହଯୋଗ ମିଳିବା ପାଇଁ ଆମେ ଚେଷ୍ଟା କରୁଛୁ। ତେବେ ଦୋଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଦଣ୍ଡ ଦିଆଯାଇପାରିଲେ ହିଁ ସମାଜରେ ଏକ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି।

## ସଫା ହେଲା ପାନୀୟ ଜଳ ପ୍ରକଳ୍ପ

ସାକ୍ଷୀଗୋପାଳ,୨୦।୩(ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକର ଜୟପୁର ଗ୍ରାମ ପଞ୍ଚାୟତର ସେବକସାହି ଗ୍ରାମ ମୁଣ୍ଡରେ ଦେଢ଼ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ରହିଛି। ମାତ୍ର ଏଥିରେ ବିଶୁଦ୍ଧ ଜଳ ବଦଳରେ ଗୋଳିପାଣି ବାହାରୁଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ ସଫା କରିବା ପାଇଁ ଦାବି କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଯନ୍ତ୍ରୀ ସୁଜାତା ପରିଡାଙ୍କ ନିର୍ଦ୍ଦେଶରେ ଶନିବାର ଦୀର୍ଘଦିନର ଟାଙ୍କିର ଭିତରେ ବସିରହିଥିବା ମଇଳା ସଫା କରାଯାଇଛି।

# ପୁରୀ ଷ୍ଟେଶନରୁ ଗାନ୍ଧିଜୀଙ୍କ ବିଭ୍ରାନ୍ତକାରୀ ତଥ୍ୟ ସଂଶୋଧିତ ହେଉ



ପୁରୀ ରେଳଷ୍ଟେଶନ ସମ୍ମୁଖରେ ଏବିଭିପିର କର୍ମକର୍ତ୍ତାମାନେ ବିକ୍ଷୋଭ କରୁଛନ୍ତି।

ପୁରୀ ଅଫିସ,୨୦।୩

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ପୁରୀ ରେଳ ଷ୍ଟେଶନରେ ଗାନ୍ଧିଜୀଙ୍କ ସ୍ମୃତିସ୍ତମ୍ଭରେ ଲିଖିତ ବିଭ୍ରାନ୍ତକାରୀ ତଥ୍ୟକୁ ୭ଦିନ ମଧ୍ୟରେ ସଂଶୋଧନ କରିବା ନେଇ ଶନିବାର ଦାବି କରାଯାଇଛି। ଏବିଭିପି ପକ୍ଷରୁ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ କରାଯାଇ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ଦିଆଯାଇଛି। ଏ ନେଇ ନଗର ସମ୍ପାଦକ ଦେବାଶିଷ ପଣ୍ଡା କହିଛନ୍ତି, ପୂଜ୍ୟ ଗାନ୍ଧିଜୀ ଓଡ଼ିଶାକୁ ୮ଥର ଆସିଛନ୍ତି। ୧୯୨୧ରେ ପୁରୀ ଆସି ମହାପ୍ରଭୁଙ୍କ ଗର୍ଭଗୃହ ମଧ୍ୟରେ ଦର୍ଶନ କରିଛନ୍ତି। ଯାହାର ପ୍ରମାଣ ତାଙ୍କର ପୈତୃକ ସେବାୟତ ଓ ନବଜୀବନ ପତ୍ରିକାରେ ରହିଛି। ଏହାପରେ ୧୯୩୮ରେ ପୁଣିଥରେ ପୁରୀ ଆସି ସେ ଡେଲାଙ୍ଗଠାରେ ଅବସ୍ଥାନ କରିଥିଲେ। ମାତ୍ର ପୁରୀ ଷ୍ଟେଶନଠାରେ ଲାଗିଥିବା ଫଳକରେ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଦର୍ଶାଯାଇଛି। ସେଠାରେ ଲେଖା ଅଛି ଯେ ହରିଜନଙ୍କ ଲାଗି ଶ୍ରୀମନ୍ଦିର ପ୍ରବେଶ ନିଷେଧ ହୋଇଥିବା ହେତୁ ସେ ଶ୍ରୀମନ୍ଦିର ପ୍ରବେଶ ନ କରି ଫେରିଯାଇଥିଲେ।

ଗାନ୍ଧିଜୀଙ୍କ ଶତବାର୍ଷିକ ପାଳନ ନେଇ ପୁରୀ ପ୍ରସ୍ତୁତ ହେଉଥିବା ବେଳେ ରେଳବାଇ ପକ୍ଷରୁ ଏଭଳି ବିଭ୍ରାନ୍ତ ତଥ୍ୟ ପ୍ରଦାନ ତାଙ୍କ ପ୍ରତି ଅପମାନ ଅଟେ। ଏଣୁ ଏହାକୁ ତୁରନ୍ତ ସଂଶୋଧନ କରାଯାଉ ବୋଲି ଏବିଭିପି ଦାବି କରିଛି। ଏହି ବିକ୍ଷୋଭରେ ରାଜ୍ୟ ସହ ସମ୍ପାଦକ ଦେବାଶିଷ ଶତପଥୀ, ଜିଲା ସହ ସଂଯୋଜକ ତାରା ପ୍ରସାଦ ଦାସ ଓ ମୌସୁମୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପାଠାଗାର ପୁନରୁଦ୍ଧାର ନ ହେଲେ ଅନଶନ

ପୁରୀ ଅଫିସ,୨୦।୩

ପୁରୀ ବଡଦାଣ୍ଡରେ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଶହ ଶହ ସଂଖ୍ୟାରେ ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସଫେଇ ସହ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଦେଖିବାକୁ ମିଳିଛି। ରଙ୍ଗୋଲି ସମେତ ଛୋଟପିଲାଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଜିଲାପାଳ ସମର୍ଥ ବର୍ମା ପ୍ରତିଯୋଗୀମାନଙ୍କ ଗହଣରେ ରହି ସମସ୍ତଙ୍କୁ ଉତ୍ସାହିତ କରିଛନ୍ତି। ତେବେ ଏହି ଅବସରରେ ଆଚାର୍ଯ୍ୟ ହରିହର ପାଠଗାରାର ପୁନରୁଦ୍ଧାର ପାଇଁ ଅଭିନନ୍ଦନିକାର ପ୍ରତିଷ୍ଠାତା ଶ୍ୟାମପ୍ରସାଦ ସେନାପତି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମୁକ୍ତାକାଶ ରଙ୍ଗମଞ୍ଚର ଭୂତଳ ଗୃହରେ ଥିବା ଏହି ପାଠଗାରା ଏବେ ଦୟନୀୟ ଅବସ୍ଥାରେ ରହିଛି। ଏହାର ରକ୍ଷଣାବେକ୍ଷଣ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହି ଐତିହ୍ୟ ସମ୍ପନ୍ନ ପାଠଗାରର ଅର୍ଦ୍ଧେକ ପୁସ୍ତକ ନଷ୍ଟ ହୋଇସାରିଥିବା ବେଳେ ପ୍ରଶାସନର ଦୃଷ୍ଟି ନ ପଡିଲେ ବଳକା ପୁସ୍ତକର ଅବସ୍ଥା ମଧ୍ୟ ସମାନ ହୋଇଯିବ। ତେବେ ପାଠଗାରର ସୁରକ୍ଷାକୁ ନେଇ ଜିଲା ପ୍ରଶାସନ ସମୟ ନେବାକୁ ଚାହୁଁଥିଲେ ଆମେ ଏ ନେଇ ବିରୋଧ କରୁ ନାହୁଁ। ମାତ୍ର ଅତିକମ୍‌ରେ ସେଠାରେ ଥିବା ବହୁ ପୁରାତନ ଓ ମୂଲ୍ୟବାନ ପୁସ୍ତକର ରକ୍ଷଣାବେକ୍ଷଣ ଓ ସ୍ଥାନାନ୍ତରଣ ଦାୟିତ୍ୱ ସରକାର ନିଅନ୍ତୁ ବୋଲି ସେନାପତି କହିଛନ୍ତି। ଯଦି ରକ୍ଷଣାବେକ୍ଷଣ ନେଇ କୌଣସି ପଦକ୍ଷେପ ନିଆ ନ ଯାଏ ମାର୍ଚ୍ଚ ୨୫ ତାରିଖରେ ପୁରୀ ପୌରସଂସ୍ଥା ସାମ୍ନାରେ ଅନଶନରେ ବସିବା ନେଇ ଅଭିନନ୍ଦନିକା ପକ୍ଷରୁ ଚେତାବନୀ ଦିଆଯାଇଛି।

# ପ୍ରାଣୀ ଚିକିତ୍ସାଳୟରେ ଅଧିକାରୀ ନିଯୁକ୍ତି ଦାବି

ବଲଙ୍ଗା,୨୦।୩(ଡି.ଏନ୍.ଏ.)

ବଲଙ୍ଗା ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୫ଟି ପଶୁଧନ ନିରୀକ୍ଷକ କେନ୍ଦ୍ର ରହିଥିବାବେଳେ ୮ ପଞ୍ଚାୟତର ଗୋମହିଷାଦି ପ୍ରାଣୀମାନେ ଚିକିତ୍ସା ସୁବିଧା ପାଇଥାନ୍ତି। ଏଠାରେ ଥିବା ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ ପଦୋନ୍ନତି ପାଇ ଡିସେମ୍ବର ୧୫ ତାରିଖରୁ ଅନ୍ୟତ୍ର ଚାଲିଯାଇଛନ୍ତି। ସେ ଯିବାପରେ ଏବେ କେବଳ ଜଣେ ମାତ୍ର କର୍ମଚାରୀ ଅଳ୍ପ ସମୟ ଚିକିତ୍ସା କେନ୍ଦ୍ରରେ ରହି ଫେରୁଛନ୍ତି। ଗ୍ରାମାଞ୍ଚଳରେ ଥିବା ଅନଭିଜ୍ଞ ପଶୁ ଚିକିତ୍ସକଙ୍କ ଦ୍ୱାରା ଗୋଚାଷୀମାନେ ଗୋରୁଙ୍କୁ ଚିକିତ୍ସା କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଆବଶ୍ୟକୀୟ ଚିକିତ୍ସା ନ ପାଇ ଏବେ ସୁଦ୍ଧା ୨୦ରୁ ଊର୍ଦ୍ଧ୍ୱ ଗୃହ ପାଳିତ ପଶୁ ମୃତ୍ୟୁବରଣ କରିଛନ୍ତି। ତେଣୁ କେନ୍ଦ୍ରରେ ଯଥାଶୀଘ୍ର ପଶୁ ଚିକିତ୍ସା ଅଧିକାରୀ ନିଯୁକ୍ତି ନିମନ୍ତେ ବଲଙ୍ଗା ଅଞ୍ଚଳର ଜ୍ୟୋତିର୍ମୟୀ ହୋତା, ସୁଲୋଚନା ସାହୁ, ବୁଦ୍ଧନାଥ ବେହେରା ପ୍ରଭୃତି ଅନେକ ଗୋଚାଷୀ ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ପୃଷ୍ଟି ଅବଗତ ଥିବାବେଳେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ଗଡ଼ିଶାଗୋଡା ସୁସ୍ଥ ପଞ୍ଚାୟତ, ବିଜିପୁର ସୁସ୍ଥ ଗ୍ରାମ

**ଆଶା ଓ ଗାଁ କଲ୍ୟାଣ ସମିତିର ସମ୍ମିଳନୀ**

କଣାସ,୨୦।୩(ସ୍ୱ.ପ୍ର.)

କଣାସ ବ୍ଲକର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଶା ଓ ଗାଁ କଲ୍ୟାଣ ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣାସ ବିଡିଓ ଲୋଚନ ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟ, ଜିଲା ଆଶା ପରିଚାଳକ ଅଶୋକ ସାହୁ, ଡା. ସୌଭାଗ୍ୟରଞ୍ଜନ ଜେନା, ଡା. ବିଶ୍ୱରଞ୍ଜନ ଜେନା ଯୋଗଦେଇ କୋଭିଡ୍-୧୯ର ମୁକାବିଲା ପାଇଁ ବ୍ଲକର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତାମାନଙ୍କ ଅବଦାନ ଅତୁଳନୀୟ ବୋଲି ସୂଚନା ଦେଇଥିଲେ। ୯୫ଜଣଙ୍କୁ କରୋନା ଯୋଦ୍ଧା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ଓ ସହଯୋଗ ପାଇଁ ପିଏସ୍ କ୍ୟାରିୟର ଏକ୍ସପୋଲର କଣାସକୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିବାବେଳେ, ଗଡ଼ିଶାଗୋଡା ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ପୁରସ୍କାର ମିଳିଥିଲା। ସୁସ୍ଥ ଗ୍ରାମ ଭାବେ ପ୍ରଥମେ ବିଜିପୁର, ଦ୍ୱିତୀୟ ଯାମଳାଗୋଦା ଓ ତୃତୀୟ ଭାବେ ଦୋକନ୍ଦା ଗ୍ରାମକୁ ପୁରସ୍କୃତ କରାଯାଇଛି। ପଞ୍ଚାୟତ ନୋଡାଲ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ଆଶାକର୍ମୀ ପ୍ରଥମ ସ୍ଥାନ ଅଧିକାର କରିଥିବା ମାନସୀ ମହାପାତ୍ର, ଦ୍ୱିତୀୟ ଜୟନ୍ତୀ ବେହେରା, ତୃତୀୟ ଜୟନ୍ତୀ ପ୍ରଧାନଙ୍କୁ କରୋନା ଯୋଦ୍ଧା ଭାବେ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଆଶା ସାଥୀ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ମନ୍ଦାକିନୀ ସ୍ୱାଇଁ, ଦ୍ୱିତୀୟ ସସ୍ମିତା ପରିଡ଼ା, ତୃତୀୟ ଯଶୋଧାରା ବାରିକଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଉପକେନ୍ଦ୍ର ସ୍ତରୀୟ ୨୩ଜଣଙ୍କୁ ଶ୍ରେଷ୍ଠ ଆଶା କରୋନା ଯୋଦ୍ଧା ପୁରସ୍କାର ଦିଆଯାଇଥିଲା। ଶ୍ରେଷ୍ଠ ଉପକେନ୍ଦ୍ର ଭାବେ ପ୍ରଥମ ସ୍ଥାନ ସାହୁପଡ଼ା, ଦ୍ୱିତୀୟ କଣାସ, ତୃତୀୟ ଗଡିଶାଗୋଡା ଉପକେନ୍ଦ୍ରକୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଦେବାଶିଷ ପ୍ରଧାନଙ୍କୁ କରୋନା ଯୋଦ୍ଧା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଡା. ବିଶ୍ୱରଞ୍ଜନ ଜେନା ଧନ୍ୟବାଦ ଦେଇଥିବା ବେଳେ ବିପିଏମ୍ ଧନେଶ୍ୱର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସୁରେଶ ଚନ୍ଦ୍ର ଚୌଧରୀ, ରସ୍ମିତା ମହାନ୍ତି, ତପନ ଚୌଧରୀ, ଦୁର୍ଗା ପ୍ରସାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।


इंडियन बैंक Indian Bank
इलाहाबाद ALLAHABAD

**ବାପୁଜୀ ନଗର ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୭୦୫୮ / ୨୫୯୭୦୮୭

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ତା.୧୨.୦୩.୨୦୨୧ରିଖରେ** ରେଜିଷ୍ଟ୍ରେଡ ପୋଷ୍ଟ ମାଧ୍ୟମରେ ପଠାଯାଇଥିବା ସଂସ୍ଥା / ବ୍ୟକ୍ତିମାନଙ୍କ ନିକଟକୁ :

**(୧) ଶ୍ରୀ ପଞ୍ଚାନନ ପଟ୍ଟନାୟକ (ଋଣଗ୍ରହୀତା / ବନ୍ଧକଦାତା),** ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ସ୍ଥାୟୀ ଠିକଣା: ବକ୍ସି ଷ୍ଟ୍ରିଟ୍, ଜୟପୁର, କୋରାପୁଟ, ଓଡିଶା-୭୬୪୦୦୧, **(୨) ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା),** ସତ୍ତ୍ୱାଧିକାରୀ: ଶ୍ରୀ ପଞ୍ଚାନନ ପଟ୍ଟନାୟକ, ପିତା-ଲୋକନାଥ ପଟ୍ଟନାୟକ, ସଂସ୍ଥା ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ **(୩)ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ (ଜାମିନ୍‌ଦାର),** ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଡି-୩/୧୨, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୨୨, ସ୍ଥାୟୀ ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯।

**ବିଷୟ: ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ବାପୁଜୀ ନଗର ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ଶ୍ରୀ ପଞ୍ଚାନନ ପଟ୍ଟନାୟକ, (ଗୃହ ଋଣ) ଏବଂ ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଇନ୍‌ଫୋସିଟି ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍, (କ୍ୟାସ କ୍ରେଡିଟ ଋଣ) ।**

ଆପଣମାନେ ଚୁକ୍ତିନାମା ଅନୁଯାୟୀ ବକେୟା ଋଣ ପରିମାଣ ତା.୦୯.୦୩.୨୦୨୧ ସୁଦ୍ଧା **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ କରିବା ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ।

ବକେୟା ଦେୟ **ଟ.୭୫,୬୯,୦୦୩/-** (ତା.୦୯.୦୩.୨୦୨୧ ସୁଦ୍ଧା) ସହିତ ତତ୍ ପରବର୍ତ୍ତି ସୁଧ ପରିଶୋଧ କରିବା ନିମନ୍ତେ ନିୟମ ଅନୁଯାୟୀ ବ୍ୟାଙ୍କ ତରଫରୁ ତା୧୦.୦୩.୨୦୨୧ରିଖରେ ଆପଣମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ଆପଣମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଥିଲା, ତାହା ପ୍ରାପ୍ତି ନହୋଇ ଫେରିଆସିଲା ।

ତେଣୁ ଆପଣମାନଙ୍କୁ ଜଣାଇଦିଆଯାଉଛିଯେ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରନ୍ତୁ ନଚେତ୍ ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ବନ୍ଧକଥିବା ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଉପରୋକ୍ତ ଜାରି ନୋଟିସ୍‌ଟି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ ।

**ସୂଚୀ**

ବନ୍ଧକଥିବା ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

**ବନ୍ଧକଥିବା ସମ୍ପତ୍ତି : ଶ୍ରୀ ପଞ୍ଚାନନ ପଟ୍ଟନାୟକ,** ପିତା-ଲୋକନାଥ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତି **(ନଥିପତ୍ର ସଂଖ୍ୟା-୧୧୦୮୧୩୧୬୭୩୮, ତାରିଖ-୧୬.୧୨.୨୦୧୩)** ଯାହା ର **ଫ୍ଲାଟ ନଂ. ୪୦୮, ୪ର୍ଥ ମହଲା, 'ବାସେରା ହାରମୋନୀ',** ଉନ୍ନତ ନିର୍ମାଣ ଏରିଆ-୧୨୦୦ ବର୍ଗଫୁଟ ଏବଂ ଜମିର ଅଭିବାଜିତ ଅଂଶ ଏକର ୦.୦୧୦ ଡିସିମିଲି,ଯାହାକି **ପ୍ଲଟ ନଂ.୨୭୭, ଖାତା ନଂ.- ୧୦୮, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୪୦ (ଡମଣା),** ଡିଏସ୍‌ଆରଓ / ତହସିଲି-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ, ହାଲ ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ, ଚଉହଦି: ଉତର-ଖାଲି ଯାଗା, ଦକ୍ଷିଣ-ସିଡି, ପୂର୍ବ - ଖାଲି ଯାଗା, ପଶ୍ଚିମ- ଖାଲି ଯାଗା ।

**ଆୟତାଧିନ ସମ୍ପତ୍ତି :** ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ଅବସ୍ଥିତ ଥିବା ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ ଫାର୍ମର ଷ୍ଟକ ଏବଂ ବୁକ୍ ଡେବ୍‌ଟ୍ସ ବ୍ୟାଙ୍କର ଆୟତାଧିନରେ ଅଛି ।

ସ୍ଥାନ-ଭୁବନେଶ୍ୱର
ତାରିଖ-୨୦.୦୩.୨୦୨୧

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)